# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨୮/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 28/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 244 | ମୂଲ୍ୟ ₹୭/-




**ଓଟିଟିରେ 'ଖତ୍‌ରୋଁ କେ ଖିଲାଡି ୧୪'**
ଶନିବାରଠାରୁ ଆରମ୍ଭ ହୋଇଥିବା ରୋହିତ ଶେଟ୍ଟୀଙ୍କ ରିଏଲିଟି ଶୋ 'ଖତ୍‌ରୋଁ କେ ଖିଲାଡି ୧୪' ଓଟିଟି ପ୍ଲାଟ୍‌ଫର୍ମ ଜିଓ ସିନେମା ପ୍ରିମିୟମରେ ଷ୍ଟ୍ରିମିଂ ହେଉଛି। **୦୨**

**୧୫** **ଫାଇନାଲରେ ମନୁ ଭାକର**
ପ୍ୟାରିସ୍ ଅଲିମ୍ପିକ୍ସ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଶୁଟର ମନୁ ଭାକର।



# ନୀତୀଶ ଆସିଲେନି, ମମତା ଉଠିଗଲେ

**ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ୨୦୧୫ ଜାନୁଆରୀ ୧ରେ ପୂର୍ବର ଯୋଜନା କମିଶନକୁ ଭାଙ୍ଗିଦେଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ନାମରେ ଏକ ସଂସ୍ଥା ଗଢ଼ିଲେ। କେନ୍ଦ୍ର ସହ ସମନ୍ୱୟ ରକ୍ଷାକରି ରାଜ୍ୟଗୁଡ଼ିକର ବିକାଶ ସାଧନ ଉଦ୍ଦେଶ୍ୟରେ ଗଠିତ ଏହି ଥିଙ୍କ୍‌ଟ୍ୟାଙ୍କର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତି ଭବନର ସଂସ୍କୃତି କେନ୍ଦ୍ରରେ ଶନିବାର ନୀତି ଆୟୋଗର ନବମ ଗଭର୍ନିଂ ବଡି କାଉନ୍‌ସିଲ ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ବଜେଟ ୨୦୨୪-୨୫ରେ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ ଅଣଦେଖାର ପ୍ରତିବାଦରେ ବିରୋଧୀ ଦଳଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହାକୁ ବର୍ଜନ କରିଥିଲେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକମାତ୍ର ବିରୋଧୀ ନେତ୍ରୀ ଭାବେ ବୈଠକରେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। କିନ୍ତୁ ସେ ୫ ମିନିଟ୍ କହିବା ପରେ ତାଙ୍କ ମାଇକ୍‌କୁ ବନ୍ଦ କରିଦିଆଯାଇଥିଲା। ଫଳରେ ସେ ଅପମାନିତ ହୋଇ ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ଅନ୍ୟପକ୍ଷେ ବିହାରର ଶାସକ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଅଂଶୀଦାର ଦଳ ହୋଇ ମଧ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୀତି ଆୟୋଗ ବୈଠକରେ ସାମିଲ ନ ହେବା ଅନେକ ପ୍ରଶ୍ନ ଛିଡ଼ା କରାଇଛି।**


ନୀତୀଶ କୁମାର


ମମତା ବାନାର୍ଜୀ

**ନୂଆଦିଲ୍ଲୀ, ୨୭।୭**

ନୀତି ଆୟୋଗର ନବମ ଗଭର୍ନିଂ କାଉନସିଲ୍ ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ତେବେ କେନ୍ଦ୍ର ସରକାରଙ୍କ ୨୦୨୪-୨୫ ବର୍ଷର ବଜେଟରେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକୁ ଅବହେଳା କରାଯାଇଥିବାରୁ ଏହାର ପ୍ରତିବାଦରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ବୈଠକ ବର୍ଜନ କରିଛନ୍ତି। ବୈଠକରେ ଯୋଗଦେଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କଂଗ୍ରେସଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସମେତ ଡିଏମ୍‌କେ ଶାସିତ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ଆମ ଆଦ୍‌ମୀ ପାର୍ଟି (ଆପ୍) ଶାସିତ ରାଜ୍ୟ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ସେହିପରି ଦିଲ୍ଲୀ ସରକାରର କୌଣସି ମନ୍ତ୍ରୀ ବୈଠକକୁ ଆସିନାହାନ୍ତି।

ସୂଚନାଯୋଗ୍ୟ, ଗତ ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନରେ ସରକାର ଗଢ଼ିଛି। ତେଣୁ ଏଥର ବଜେଟରେ ଭାଜପା ଏହି ଦୁଇ ରାଜ୍ୟକୁ ସ୍ୱତନ୍ତ୍ର ସୁବିଧା ଅଜାଡ଼ି ଦେଇଥିବାବେଳେ ଅଣଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ ପାଇଁ କୌଣସି ସୁବିଧା ନ ଥିବା ଦେଖାଯାଇଥିଲା। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପାଇଁ ସରକାର ଗଢ଼ିବା ସୁଯୋଗ ଦେବା ନିମନ୍ତେ ନୀତୀଶ କୁମାର ଓ ଚନ୍ଦ୍ରବାବୁ ନାଇଡୁ ସମର୍ଥନ ବଦଳରେ ନିଜ ନିଜ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଆଶା କରିଥିଲେ। ସ୍ୱତନ୍ତ୍ର ପାହ୍ୟ ଦେବା ସମ୍ଭବ ନ ଥିବାରୁ କେନ୍ଦ୍ର ସରକାର ଉଭୟ ବିହାର ଓ ଆନ୍ଧ୍ର ପାଇଁ ବଜେଟରେ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ। ସେଠାରେ ନୂଆ ଏୟାରପୋର୍ଟଠୁ ଆରମ୍ଭ କରି ମେଡିକାଲ କଲେଜ, ପର୍ଯ୍ୟଟନର ବିକାଶ, ଆନ୍ଧ୍ରର ଅମରାବତୀରେ ନୂଆ ରାଜଧାନୀ ନିର୍ମାଣ, ପୋଲାଭରମ ପ୍ରକଳ୍ପ ଆଦି ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି। ବିହାରକୁ ବିଭିନ୍ନ ପ୍ରକଳ୍ପ ପାଇଁ ୨୬,୦୦୦ କୋଟି ଦିଆଯାଇଥିବାବେଳେ ଆନ୍ଧ୍ରକୁ ୧୫,୦୦୦ କୋଟି ଟଙ୍କା ଦିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରି ବିହାର ଓ ଆନ୍ଧ୍ରରେ ଅନେକ ଉନ୍ନତିମୂଳକ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହାବାଦ୍ ପୂର୍ବୋଦୟ ଯୋଜନାରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସାମିଲ କରାଯାଇଥିବାରୁ ଉକ୍ତ ରାଜ୍ୟଗୁଡ଼ିକ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। କିନ୍ତୁ ବିରୋଧୀ ଦଳ ଶାସିତ ରାଜ୍ୟ ପାଇଁ ବଜେଟରେ କୌଣସି ସୁବିଧା କରାଯାଇ ନାହିଁ। ଏହାକୁ ନେଇ ବିରୋଧୀ ଏମ୍‌ପିମାନେ ☞ପୃଷ୍ଠା-୪

**ନୀତି ଆୟୋଗ ବୈଠକରେ ବିକଶିତ ଓଡ଼ିଶା ପାଇଁ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**
ପୃଷ୍ଠା-୩









# ଦମ୍‌ରେ ଆଳୁ ନାହିଁ

**ରୋଷେଇ ଘରେ ସବୁ ପ୍ରକାର ବ୍ୟଞ୍ଜନ ପାଇଁ ଆଳୁ ଖୋଜା ପଡ଼ିଥାଏ। ଓଡ଼ିଶା ବଜାରରେ ଏହାର ଦର କିଛିଦିନ ହେଲା ଆକାଶଛୁଆଁ ହୋଇଛି। ରାଜ୍ୟ ସରକାର ଆଳୁ କେଜି ୩୨ ଟଙ୍କା ବୋଲି ଘୋଷଣା କରିଛନ୍ତି। କିନ୍ତୁ ଦର ଉପରେ ନିୟନ୍ତ୍ରଣ ନ ଥିବାରୁ କେଉଁଠି ୫୦ ତ ପୁଣି କେଉଁ ସ୍ଥାନରେ ୬୦ ଟଙ୍କାରେ ଆଳୁ ବିକ୍ରି ହେଉଛି। ଫଳରେ ଦହିବରା ଆଳୁଦମ୍‌ରୁ ମଧ୍ୟ ଆଳୁ ଉଭାନ ହୋଇଗଲାଣି। ବର୍ଦ୍ଧିତ ଦରକୁ ଦେଖି ଦହିବରା ଖାଉଥିବା ଲୋକେ ମଧ୍ୟ ବିକ୍ରେତାଙ୍କୁ ଆଳୁଦମ୍ ମାଗିବାକୁ କୁଣ୍ଠାବୋଧ କରୁଛନ୍ତି। ଏଭଳି ସ୍ଥିତିରେ ଅନ୍ୟ ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ଟ୍ରକ୍‌ରେ ଆଳୁ ପହଞ୍ଚିବାରେ ଲାଗିଛି ଏବଂ ଦର ସ୍ୱାଭାବିକ ହୋଇଗଲାଣି ବୋଲି କେତେକ ୱେବ୍ ପୋର୍ଟାଲ ଜରିଆରେ ବ୍ୟାପକ ପ୍ରଚାର କରାଯାଉଛି। କିନ୍ତୁ ପ୍ରକୃତ ସ୍ଥିତି କ'ଣ ତାହା ଖାଉଟି ଭଲ ଭାବେ ଜାଣିଛନ୍ତି।**


କଟକ ଦୋଳମୁଣ୍ଡାଇ ଛକ ଖାଦ୍ୟ ବଜାରରେ ମିଳୁଥିବା ଦହିବରାରେ ଆଳୁ ଦିଶୁନାହିଁ।

**ଆଳୁ ଦର କେଉଁଠି କେତେ (ଟଙ୍କାରେ)**

| | |
|---|---|
| କୋରାପୁଟ | ୫୦ରୁ ୬୦ |
| କେନ୍ଦୁଝର | ୫୦ |
| ନୟାଗଡ଼ | ୫୦ |
| ପୁରୀ | ୪୫ରୁ ୫୦ |
| କଟକ | ୪୦ |
| ସମ୍ବଲପୁର | ୪୦ |
| ଭଦ୍ରକ | ୩୪ |
| ବାରିପଦା | ୩୫ |
| ଢେଙ୍କାନାଳ | ୩୫ |

**କଟକ, ୨୭।୭ (କାର୍ତ୍ତିକ ସାହୁ)**

ଖାଉଟିଙ୍କୁ ଘାଇଲା କରିଛି ବର୍ଦ୍ଧିତ ଆଳୁ ଦର। ଓଡ଼ିଶା ବଜାରକୁ ପଶ୍ଚିମବଙ୍ଗ ଆଳୁ ପର୍ଯ୍ୟାପ୍ତ ଭାବେ ନ ଆସିବା କାରଣରୁ ପରିସ୍ଥିତି ସଙ୍ଗିନ ହୋଇଛି। ଗୃହିଣୀଙ୍କ ହାଣ୍ଡିଶାଳଠାରୁ ଆରମ୍ଭକରି ରାସ୍ତାକଡ଼ ବ୍ୟବସାୟୀଙ୍କ ଖାଦ୍ୟ ବେପାର ପ୍ରଭାବିତ ହୋଇଛି। ବିଶେଷକରି କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍‌ରୁ ଆଳୁ ଉଭାନ୍ ହୋଇଥିବା ପରିଲକ୍ଷିତ ହୋଇଛି। ଦହିବରା ସହ ମସଲାଦିଆ ଆଳୁଦମ୍‌ର ମଜା ଏବେ ମହଙ୍ଗା ହୋଇଛି। ଗୁପ୍‌ଚୁପ୍, ଚାର୍ଟ କାରବାରରେ ମଧ୍ୟ ତଦ୍ରୂପ ସ୍ଥିତି ଦେଖାଦେଇଛି। କଟକର ଦୋଳମୁଣ୍ଡାଇ ଛକ, ବାରବାଟୀ ଷ୍ଟାଡିୟମ ଛକ, କଲେଜ ଛକ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଗରାଖଙ୍କୁ ସନ୍ତୁଷ୍ଟ କରିବା ପାଇଁ ବ୍ୟବସାୟୀଙ୍କୁ ବେଶ୍ କସରତ କରିବାକୁ ପଡୁଛି।

ସନ୍ଧ୍ୟା ହେଲେ ଦୋଳମୁଣ୍ଡାଇର ଖାଦ୍ୟ ବଜାର ସରଗରମ ହୁଏ। ଦର ଯାହା ବି ହେଉ ଗରାଖ ଖାଇବାକୁ ପଛଘୁଞ୍ଚା ଦେବେନାହିଁ। ହେଲେ ଏବେ ଆଳୁ ଦର ପାଇଁ ଖାଦ୍ୟପ୍ରେମୀମାନେ ଟିକେ ନିରାଶ ହେଉଛନ୍ତି। ଅଧିକ ପଇସା ☞ପୃଷ୍ଠା-୪

# ଚାଇନାକୁ ପ୍ରଥମ ସ୍ୱର୍ଣ୍ଣ ପଦକ


ହ୍ୱାଙ୍ଗ ୟୁଟିଙ୍ଗ୍ ଓ ଶେଙ୍ଗ ଲିହାଓ

**ପ୍ୟାରିସ୍ ଅଲିମ୍ପିକ୍ସ**

**ପ୍ୟାରିସ୍, ୨୭।୭**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ପଦକ ଇଭେଣ୍ଟ ଶନିବାର ଆରମ୍ଭ ହୋଇଛି। ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛି ଚାଇନା। ଚାଟେଉରକ୍ସଠାରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଫାଇନାଲରେ ଦକ୍ଷିଣ କୋରିଆକୁ ୧୬-୧୨ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି ଚାଇନା ପ୍ରତିଯୋଗୀ। ଫାଇନାଲରେ ଚାଇନା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ହ୍ୱାଙ୍ଗ ୟୁଟିଙ୍ଗ୍ ଓ ଶେଙ୍ଗ ଲିହାଓ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ସମର୍ଥକ ନିରାଶ**




## ସଂକ୍ଷେପରେ

### ଖାଇରେ ଖସିଲା କାର୍, ୫ ଶିଶୁ ସମେତ ୮ ମୃତ

ଅନନ୍ତନାଗ, ୨୭।୭

ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲା ଡକ୍ସମ୍ ଅଞ୍ଚଳର ସିମଥାନ୍-କୋକେ୍ରନାଗ ରାସ୍ତାରେ ଶନିବାର ଗୋଟିଏ କାର୍ ଖାଇ ମଧ୍ୟରେ ଖସିପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ କାର୍‌ରେ ଥିବା ଯାତ୍ରୀମାନେ କିସ୍ତୱାଡ଼ ଜିଲାର ମଣ୍ଡୱା ଅଞ୍ଚଳକୁ ଯାଉଥିବାବେଳେ ଚାଳକ ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ନିୟନ୍ତ୍ରଣ ହରାଇଥିଲେ, ଫଳରେ କାର୍‌ଟି ଖାଇ ମଧ୍ୟରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ କିସ୍ତୱାଡ଼ ଜିଲାର ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ ଶିଶୁ ଓ ୨ ମହିଳା ଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ଅଗଷ୍ଟରେ ୟୁକ୍ରେନ୍ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ୟୁକ୍ରେନ୍ ଗସ୍ତ କରିବେ। ୟୁକ୍ରେନ-ରୁଷିଆ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ମୋଦିଙ୍କର ପ୍ରଥମ ୟୁକ୍ରେନ୍ ଗସ୍ତ ହେବ। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଅଗଷ୍ଟ ତୃତୀୟ ସପ୍ତାହରେ ମୋଦି ୟୁକ୍ରେନ ଯିବେ। ଗତ ମାସରେ ଇଟାଲିରେ ଅନୁଷ୍ଠିତ ହୋଇଥିବା ଜି-୭ ସମ୍ମିଳନୀରେ ମୋଦି ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପରସ୍ପରକୁ ଭେଟିଥିଲେ। କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ ଜେଲେନସ୍କି ଫୋନ୍ ଯୋଗେ ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତ ମାସ ପ୍ରାରମ୍ଭରେ ମୋଦିଙ୍କ ରୁଷ୍ ଗସ୍ତ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନାକୁ ଜେଲେନ୍‌ସ୍କି ସମାଲୋଚନା କରିଥିଲେ। ରିପୋର୍ଟ ଅନୁଯାୟୀ, ମୋଦିଙ୍କ ୟୁକ୍ରେନ୍ ଗସ୍ତକୁ ନେଇ ୨ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ସରିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୟୁକ୍ରେନ ପ୍ରତିପକ୍ଷ ଦିମିତ୍ରୋ କୁଲେବାଙ୍କ ସହ ଆଲୋଚନା କରିଛନ୍ତି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲ ୟୁକ୍ରେନ୍ ଏନ୍‌ଏସ୍‌ଏ ଆଣ୍ଡ୍ରି ୟର୍ମକଙ୍କ ସହ ଆଲୋଚନା କରିଛନ୍ତି।

### ବନ୍ୟାପ୍ରବଣ ଅଞ୍ଚଳରେ ଟେଲିମେଟ୍ରି ସିଷ୍ଟମ ଲଗାଇବାରେ ବିଳମ୍ବ

**ସଂସଦୀୟ କମିଟି ରିପୋର୍ଟ**

ନୂଆଦିଲ୍ଲୀ, ୨୭।୭

ବନ୍ୟା ପୂର୍ବାନୁମାନ ଏବଂ ଉପଯୁକ୍ତ ସମୟରେ ତଥ୍ୟ ସଂଗ୍ରହ ଲାଗି ଟେଲିମେଟ୍ରି ସିଷ୍ଟମ ଜରୁରୀ ହୋଇଥିବାବେଳେ କେତେକ ଅତ୍ୟନ୍ତ ବନ୍ୟାପ୍ରବଣ ଅଞ୍ଚଳରେ ଏହା ଲଗାଇବାରେ ଅହେତୁକ ବିଳମ୍ବ ହୋଇଥିବା ସଂସଦୀୟ କମିଟି ରିପୋର୍ଟରୁ ଜଣାପଡ଼ିଛି। ବନ୍ୟା ନିୟନ୍ତ୍ରଣ ଏବଂ ପୂର୍ବାନୁମାନ ପାଇଁ ଥିବା ଯୋଜନାର ପର୍ଫମାନ୍ସ ଅଡିଟ୍ ରିପୋର୍ଟ କମିଟି ଶୁକ୍ରବାର ଲୋକ ସଭାରେ ଉପସ୍ଥାପନ କରିଥିଲା। ଠିକ୍ ସମୟରେ ପ୍ରଭାବୀ ଢଙ୍ଗରେ ବନ୍ୟା ପରିଚାଳନା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କମିଟି କହିଛି।

# ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ


ନୀତି ଆୟୋଗ ବୈଠକରେ (ବାମରୁ) ରାଜନାଥ ସିଂ, ନରେନ୍ଦ୍ର ମୋଦି, ସୁମନ ବେରୀ ଓ ଅମିତ ଶାହା।

**ନୀତି ଆୟୋଗ ବୈଠକ**

ନୂଆଦିଲ୍ଲୀ, ୨୭।୭(ପି.ଟି.)

ନୀତି ଆୟୋଗର ୯ମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ସ୍ତରରୁ ଶୂନ ଦାରିଦ୍ର୍ୟ ଲକ୍ଷ୍ୟ ହାସଲ ଲାଗି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। କେବଳ କାର୍ଯ୍ୟକ୍ରମ ସ୍ତରରେ ନୁହେଁ, ବ୍ୟକ୍ତିଗତ ଭାବେ ଦାରିଦ୍ର୍ୟର ମୁକାବିଲା କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବିକଶିତ ଭାରତ ଲକ୍ଷ୍ୟ ହାସଲ ପୂର୍ବରୁ ଆମକୁ ଶୂନ ଦାରିଦ୍ର୍ୟ ଟାର୍ଗେଟ ପୂରଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

କେନ୍ଦ୍ର ବଜେଟରେ ଅଣଏନ୍‌ଡିଏ ଶାସିତ ରାଜ୍ୟ ପ୍ରତି ପାତରଅନ୍ତର ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେଇ ନ ଥିଲେ। କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଦିଲ୍ଲୀ, ପଞ୍ଜାବ, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ ଓ ପଣ୍ଡିଚେରୀରୁ କେହି ପ୍ରତିନିଧିତ୍ୱ କରି ନ ଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସ୍ଥାନରେ ୨ ଉପମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ ବୋଲି ନୀତି ଆୟୋଗ ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ କହିଛନ୍ତି। ରାଷ୍ଟ୍ରପତି ଭବନ କଲ୍‌ଚରାଲ ସେଣ୍ଟରରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଷଣ ମଝିରେ ମାଇକ୍ ବନ୍ଦ କରିଦିଆଗଲା ବୋଲି ଅଭିଯୋଗ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ବିରୋଧୀ ପକ୍ଷରୁ ମମତା ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ଯୋଗ ଦେଇଥିଲେ।

ବୈଠକରେ ଅଧ୍ୟକ୍ଷତା କରୁଥିବା ପ୍ରଧାନମନ୍ତ୍ରୀ ନିବେଶ ଅନୁକୂଳ ବାତାବରଣ ଯୋଗାଇଦେବା ନିମନ୍ତେ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ସେହିପରି ନିବେଶ ଅନୁକୂଳ ଚାର୍ଟର ପ୍ରସ୍ତୁତ ନିମନ୍ତେ ସେ ନୀତି ଆୟୋଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)ଆଣିବାରେ ରାଜ୍ୟଗୁଡ଼ିକ ପ୍ରତିଯୋଗିତା କରିବାକୁ ପ୍ରଧାନମନ୍ତ୍ରୀ ଚାହାନ୍ତି, ଯାହା ଦ୍ୱାରା ସବୁ ରାଜ୍ୟରେ ବିଦେଶୀ ପୁଞ୍ଜି ପହଞ୍ଚିପାରିବ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ କହିଥିଲେ। କେବଳ ପ୍ରୋତ୍ସାହନ ନୁହେଁ, ନିବେଶ ଆକର୍ଷଣ ନିମନ୍ତେ ଆଇନ ଶୃଙ୍ଖଳା, ଭଲ ଶାସନ ଏବଂ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସହଯୋଗ ଏବଂ ମିଳିତ ଉଦ୍ୟମ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ।

### ନୀତି ଆୟୋଗ ମୋଦିଙ୍କ ଗୁଣଗାନ କରୁଛି: କଂଗ୍ରେସ

ନୀତି ଆୟୋଗ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ଯେଭଳି ଆଚରଣ ପ୍ରଦର୍ଶନ କରାଗଲା ତାହା ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ କହିଛି। ମମତା ବୈଠକରୁ ଉଠିଯିବା ପରେ ବିରୋଧୀ ଦଳ ନୀତି ଆୟୋଗକୁ କଡ଼ା ସମାଲୋଚନା କରିଛି। ମମତା ଭାଷଣ ଦେଉଥିବା ବେଳେ ତାଙ୍କ ମାଇକ୍‌କୁ ବନ୍ଦ କରିଦିଆଯିବା ଅନୈତିକ କାର୍ଯ୍ୟ। ନୀତି ଆୟୋଗ ୧୦ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଣଗାନ କରିଆସୁଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। କେନ୍ଦ୍ର ବଜେଟରେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକ ପ୍ରତି ପାତରଅନ୍ତର କରାଯାଇଥିବା ଅଭିଯୋଗ କରି କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନୀତି ଆୟୋଗ ବୈଠକରେ ଯୋଗଦେଇ ନ ଥିଲେ। ନୀତି ଆୟୋଗ ଗଠନ ହେବାଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଜଡ଼ିତ ରହିଆସିଛି ଓ ଅଣଜୈବିକ ପ୍ରଧାନମନ୍ତ୍ରୀଙ୍କ ଗୁଣଗାନ କରୁଛି। ଏହାର କାର୍ଯ୍ୟରେ ସହଯୋଗଭିତ୍ତିକ ସଂଘବାଦର ଉଦ୍ଦେଶ୍ୟ ସାଧିତ ହୋଇ ନ ଥିବା କଂଗ୍ରେସ ନେତା କହିଛନ୍ତି।

### ବୋଲ୍‌ବମ୍ ଯାତ୍ରା: ମସ୍‌ଜିଦ ଢଙ୍କାଯିବା ନେଇ ବିବାଦ

ଡେରାଡୁନ୍, ୨୭।୭

ବୋଲ୍‌ବମ୍ ଯାତ୍ରା ପୂର୍ବରୁ ଉତ୍ତରାଖଣ୍ଡରେ କାଉଡ଼ିଆମାନଙ୍କ ରାସ୍ତା ପାର୍ଶ୍ୱରେ ରହିଥିବା କେତେକ ମସ୍‌ଜିଦ ଏବଂ ମଜାରକୁ କପଡ଼ା ଦ୍ୱାରା ଢାଙ୍କିଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। କାଉଡ଼ିଆମାନଙ୍କ ମାର୍ଗରେ ଯେପରି ସମସ୍ୟା ନ ହେବ ସେଥିପାଇଁ ଶୁକ୍ରବାର ଧଳା ପରଦା ଦ୍ୱାରା ଜ୍ୱାଳାପୁର ଅଞ୍ଚଳର ୨ଟି ମସ୍‌ଜିଦ ଓ ଗୋଟିଏ ମଜାରକୁ ଢଙ୍କାଯାଇଥିଲା। ଏନେଇ ମସ୍‌ଜିଦର ମୌଲାନା ଏବଂ ମଜାରର ତତ୍ତ୍ୱାବଧାରକଙ୍କୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନ ଥିଲା। ବୋଲ୍‌ବମ ଯାତ୍ରା ବେଳେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ଅନେକେ କାଉଡ଼ିଆ ମଧ୍ୟ ଏଭଳି ପଦକ୍ଷେପ ଅନାବଶ୍ୟକ ବୋଲି କହିଥିଲେ। ତେବେ ପ୍ରତିକାର ପଦକ୍ଷେପ ସ୍ୱରୂପ ପରଦା ଢଙ୍କାଯାଇଥିବା ମନ୍ତ୍ରୀ ସତ୍‌ପାଲ ମହାରାଜ କହିଥିଲେ। ତେବେ ବିବାଦ ଜୋର୍ ଧରିବାରୁ ଜିଲା ପ୍ରଶାସନ ଉକ୍ତ ପରଦାଗୁଡ଼ିକୁ ହଟାଇଦେଇଛି। ସ୍ଥାନୀୟ ଜନସାଧାରଣଙ୍କ ସମେତ ରାଜନେତାମାନେ ପ୍ରଶାସନର ପରଦା ଢାଙ୍କିବା ପଦକ୍ଷେପକୁ ନିନ୍ଦା କରିଥିଲେ।

## ହାରିସ୍ ଜିତିଲେ କଠୋରପନ୍ଥୀ ଉଦାରବାଦୀ ରାଷ୍ଟ୍ରପତି ହେବେ: ଟ୍ରମ୍ପ୍

ୱାଶିଂଟନ, ୨୭।୭


କମଳା ହାରିସ୍


ଡୋନାଲ୍ଡ ଟ୍ରମ୍ପ୍

କମଳା ହାରିସ୍ ଯଦି ନିର୍ବାଚନ ଜିତନ୍ତି, ତେବେ ସେ ଆମେରିକା ଇତିହାସରେ ଅତ୍ୟନ୍ତ କଠୋରପନ୍ଥୀ ଉଦାରବାଦୀ ରାଷ୍ଟ୍ରପତି ହେବେ ବୋଲି ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ପରେ ଉପରାଷ୍ଟ୍ରପତି ହାରିସ୍ ଡେମୋକ୍ରାଟିକ୍ ପାର୍ଟିରୁ ନୂଆ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ହାରିସ୍ ପ୍ରବାସୀ ଏବଂ ଗର୍ଭପାତ ପ୍ରସଙ୍ଗରେ ଉଦାର ବୋଲି ଟ୍ରମ୍ପ୍ କହିବା ସହ ତାଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଛନ୍ତି। ହଜାର ହଜାର ବିଦେଶୀ ବେଆଇନ ଭାବେ ସୀମା ଅତିକ୍ରମ କରି ଆମେରିକାରେ ପ୍ରବେଶ କରୁଥିବାବେଳେ ସେମାନଙ୍କୁ ରୋକିବାରେ ହାରିସ୍ ବିଫଳ ହୋଇଛନ୍ତି। ତେଣୁ ସେ ଆମେରିକା ଇତିହାସରେ ସବୁଠୁ ଅନୁପଯୁକ୍ତ, ଅଣଲୋକପ୍ରିୟ ଏବଂ ଅତ୍ୟନ୍ତ କଠୋରପନ୍ଥୀ ଉପରାଷ୍ଟ୍ରପତି। ସେ ଶତାଧିକ କଠୋରପନ୍ଥୀ ବିଚାରପତିଙ୍କୁ ନିଯୁକ୍ତି ଦେଇ ଆମେରିକାରେ ବଳପୂର୍ବକ ସାନ୍‌ଫ୍ରାନ୍ସିସ୍କୋ ଉଦାରବାଦ ମୂଲ୍ୟବୋଧ ଲାଗୁ କରିଥିବା ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ଏକ ରାଲିରେ ଧର୍ମୀୟ ସମର୍ଥନ ହାସଲ କରିବା ଲାଗି ଟ୍ରମ୍ପ୍ ହାରିସ୍‌ଙ୍କୁ ଇହୁଦୀ ବିରୋଧୀ କହିଛନ୍ତି। ହାରିସ୍ ଜଣେ ଇହୁଦୀଙ୍କୁ ବିବାହ କରିଥିବା ଟ୍ରମ୍ପ୍ ଅଭିଯୋଗ କରିଛନ୍ତି।

### ପୋଲିସ, ଆଦିବାସୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ: ୧୫ ଆହତ

ନୂଆଦିଲ୍ଲୀ, ୨୭।୭

ଝାଡ଼ଖଣ୍ଡର ପାକୁର ଜିଲାରେ ପୋଲିସ ଏବଂ ଆଦିବାସୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ୬ ପୋଲିସ କର୍ମଚାରୀଙ୍କ ସମେତ ୧୫ ଜଣ ଆହତ ହୋଇଛନ୍ତି। ଏକ ଅପହରଣ ମାମଲାର ତଦନ୍ତ ପାଇଁ ପୋଲିସ ଟିମ୍ ଶୁକ୍ରବାର ରାତିରେ କେକେଏମ୍ କଲେଜ କ୍ୟାମ୍ପସ୍‌ରେ ପହଞ୍ଚିଥିଲା। ଗୋଟିଏ ଗୋଷ୍ଠୀ ଛାତ୍ର ବିରୋଧ କରିଥିଲେ। ଏହାକୁ ନେଇ ବଚସାରୁ ସଂଘର୍ଷ ହୋଇଥିଲା। ଅନ୍ୟପକ୍ଷରେ ଜିଲାର ମହେଶପୁର ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ କରି ଆଦିବାସୀ ଛାତ୍ରମାନେ ଶନିବାର ବିକ୍ଷୋଭ କରିବାକୁ ଥିବାବେଳେ ପୋଲିସ କ୍ୟାମ୍ପସ୍‌ରେ ପ୍ରବେଶ କରି ସେମାନଙ୍କୁ ନିର୍ଦ୍ଧୂମ ପିଟିଥିଲା ବୋଲି ଭାଜପା କହିଛି। ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଛି।

### କୁପ୍‌ୱାଡ଼ାରେ ବ୍ୟାଟ୍ ଆକ୍ରମଣକୁ ପଣ୍ଡକଲା ସେନା: ଜଣେ ଯବାନ ମୃତ, ୪ ଆହତ

ନୂଆଦିଲ୍ଲୀ/ଶ୍ରୀନଗର, ୨୭।୭(ପି.ଟି.)

ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କାମାକାରୀ ସେକ୍ଟରରେ ଶନିବାର ପାକିସ୍ତାନର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ଆକ୍ରମଣକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିବା ସହ କ୍ୟାପ୍‌ଟେନଙ୍କ ସମେତ ୪ ଯବାନ ଆହତ ହୋଇଛନ୍ତି। ସେହିପରି ଏନ୍‌କାଉଣ୍ଟରରେ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଥିବାବେଳେ ଅନ୍ୟ ୨ ଜଣ ପାକ୍ ଅଧିକୃତ କଶ୍ମୀରକୁ ପଳାଇଛନ୍ତି। ପାକିସ୍ତାନର ବର୍ଡର ଆକ୍ସନ ଟିମ୍ ହେଉଛି ପାକ୍ ସେନା ଏବଂ ଆତଙ୍କବାଦୀଙ୍କ ମିଳିତ ସ୍ୱତନ୍ତ୍ର ବାହିନୀ। ସେମାନେ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ କାମାକାରୀ ସେକ୍ଟରରେ ଆକ୍ରମଣ ଉଦ୍ୟମ କରୁଥିବାବେଳେ ସେଠାରେ ସଜାଗ ଥିବା ଭାରତୀୟ ଯବାନମାନେ ଏହାକୁ ପଣ୍ଡ କରିଦେଇଛନ୍ତି।

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବଢୁଥିବାରୁ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଚିନ୍ତାବ୍ୟକ୍ତ କରିଛନ୍ତି। ଆତଙ୍କବାଦ ବିରୋଧରେ କଠୋର ତଥା ନିର୍ଣ୍ଣାୟକ ପଦକ୍ଷେପ ନେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଶନିବାର ପାକିସ୍ତାନର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ ଏବଂ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଯବାନଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଆହତ ହେବା ଦୁଃଖଦାୟକ। କେନ୍ଦ୍ରରେ ନୂଆ ସରକାର ଗଢ଼ାଯିବା ପରେ ୪୯ ଦିନ ମଧ୍ୟରେ କଶ୍ମୀରରେ ୧୪ ଥର ଆତଙ୍କବାଦୀ ଆକ୍ରମଣ ଘଟି ୧୫ ଯବାନଙ୍କ ଜୀବନ ଗଲାଣି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ପ୍ରିୟଙ୍କା ଏକ୍ସ'ରେ ଲେଖିଛନ୍ତି।

### ପର୍ନ ଭିଡିଓ ଦେଖି ଭଉଣୀଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ

ଭୋପାଳ, ୨୭।୭

**ଘଟଣାକୁ ଲୁଚାଇଥିଲେ ମା', ୨ ଭଉଣୀ**

ମଧ୍ୟପ୍ରଦେଶର ରେୱାରେ ଜଣେ ନାବାଳକ ମୋବାଇଲ ଫୋନ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ପରେ ନିଜ ସାନଭଉଣୀକୁ ବଳାତ୍କାରକରି ହତ୍ୟା କରିଥିଲା। ଗତ ଏପ୍ରିଲ ୨୪ରେ ଉକ୍ତ ୯ ବର୍ଷର ବାଳିକାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବାବେଳେ ନାବାଳକଙ୍କ ମାଆ ଓ ୨ ଭଉଣୀ ଏହାକୁ ଲୁଚାଇ ରଖିଥିଲେ ବୋଲି ପୋଲିସ କହିଛି। ପୋଲିସ ୫୦ ଜଣଙ୍କୁ ପଚରାଉଚରା କରିବା ପରେ ମୃତକଙ୍କ ୧୩ ବର୍ଷୀୟ ଭାଇ, ମାଆ ଓ ୨ ଭଉଣୀଙ୍କୁ ଅଟକ ରଖିଛି। ଖବରକୁ ଲୁଚାଇଥିବା ୨ ଭଉଣୀଙ୍କ ବୟସ ୧୭ ଓ ୧୮ ବର୍ଷ। ରେୱା ଏସ୍‌ପିଙ୍କ ସୂଚନା ଅନୁଯାୟୀ ଗତ ଏପ୍ରିଲ ୨୪ରେ ଜୱା ଥାନା ଅଧୀନରେ ଜଣେ ନାବାଳିକାଙ୍କୁ ତାଙ୍କ ନାବାଳକ ଭାଇ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରିଛନ୍ତି। ଘର ଅଗଣାରୁ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ପରିବାର ସଦସ୍ୟମାନଙ୍କୁ ଜେରା କରିବା ପରେ ଉକ୍ତ ରାତିରେ ପୀଡ଼ିତାଙ୍କ ସହ ତାଙ୍କର ୧୩ ବର୍ଷୀୟ ଭାଇ ଗୋଟିଏ କୋଠରିରେ ଶୋଇଥିବା ଜଣାପଡ଼ିଥିଲା। ନାବାଳିକା ଘଟଣା ସମ୍ପର୍କରେ ବାପାଙ୍କୁ କହିଦେବ ବୋଲି ଧମକ ଦେବାରୁ ନାବାଳକ ତା' ତଣ୍ଟି ଚିପିଦେଇଥିଲେ। ପରେ ସେ ମାଆଙ୍କୁ ନିଦରୁ ଉଠାଇ ସବୁକଥା କହିଥିଲେ। ସେତେବେଳେ ପୀଡ଼ିତା ବଞ୍ଚିଥିବା ଜାଣି ସେ ପୁଣିଥରେ ତଣ୍ଟିଚିପି ମାରିଦେଇଥିଲେ। ମାଆ ଓ ୨ ଭଉଣୀ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରିଥିଲେ ବୋଲି ଏସ୍‌ପି କହିଛନ୍ତି।

## ପୃଥିବୀ ନିକଟରେ କ୍ଷୁଦ୍ରଗ୍ରହର ସନ୍ଧାନ

ଲେହ, ୨୭।୭



**ଟ୍ରାକ୍ କରୁଛି ଭାରତର ପ୍ରଥମ ରୋବୋଟିକ୍ 'ଗ୍ରୋଥ୍-ଇଣ୍ଡିଆ' ଦୂରବୀକ୍ଷଣ ଯନ୍ତ୍ର**

ଲଦାଖର 'ଇଣ୍ଡିଆନ୍ ଆଷ୍ଟ୍ରୋନୋମିକାଲ ଅବ୍‌ଜରଭେଟୋରିଠାରେ'ରେ ଥିବା ପ୍ରଥମ ଭାରତୀୟ ରୋବୋଟିକ୍ ଦୂରବୀକ୍ଷଣ ଯନ୍ତ୍ର 'ଗ୍ରୋଥ-ଇଣ୍ଡିଆ' ପୃଥିବୀ ନିକଟରେ ଏକ ବିରାଟ କ୍ଷୁଦ୍ରଗ୍ରହର ସନ୍ଧାନ କରିଛି। ୧୧୬ ମିଟରର ଏକ ବିଲ୍ଡିଂ ଆକୃତିର କ୍ଷୁଦ୍ରଗ୍ରହ ପୃଥିବୀ ନିକଟରେ ଦ୍ରୁତବେଗରେ ଗତି କରୁଥିବା ନେଇ 'ଗ୍ରୋଥ-ଇଣ୍ଡିଆ' ଦୂରବିକ୍ଷଣ ଯନ୍ତ୍ର ଟ୍ରାକ୍ କରିଛି। ପୃଥିବୀଠାରୁ ଚନ୍ଦ୍ରର ହାରାହାରି ଦୂରତାଠାରୁ ୧୦ ଗୁଣା ଅଧିକ ଦୂରରେ ରହି ଉକ୍ତ କ୍ଷୁଦ୍ରଗ୍ରହ ଆକାଶରେ ଦ୍ରୁତବେଗରେ ଗତି କରୁଛି। ଆଇଆଇଟି ବମ୍ବେର ଷ୍ଟାର୍(ସ୍ପେସ୍ ଟେକ୍ନୋଲୋଜି ଆଣ୍ଡ୍ ଆଷ୍ଟ୍ରୋ ଫିଜିକ୍ସ ରିସର୍ଚ୍ଚ) ଲାବରେଟୋରିରେ କାର୍ଯ୍ୟରତ ଆଷ୍ଟ୍ରୋଫିଜିକ୍ସିଷ୍ଟ ବରୁଣ ଭାଲେରାଓ ଏନେଇ ସୂଚନା ଦେଇଛନ୍ତି। 'ଗ୍ରୋଥ୍-ଇଣ୍ଡିଆ' ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ନିଆଯାଇଥିବା ଫଟୋକୁ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି।

'ଗ୍ରୋଥ୍-ଇଣ୍ଡିଆ' ଭାରତର ପ୍ରଥମ ପୂର୍ଣ୍ଣକାଳୀନ ରୋବଟ୍ ଅପ୍ଟିକାଲ ରିସର୍ଚ୍ଚ ଟେଲିସ୍କୋପ ହୋଇଥିବାବେଳେ ଏହାକୁ ଆଇଆଇଏ(ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋ ଫିଜିକ୍ସ) ବେଙ୍ଗାଲୁରୁ ଏବଂ ଆଇଆଇଟି ବମ୍ବେର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି। ଏହି ଟେଲିସ୍କୋପର ପ୍ରାଥମିକ ଅନୁସନ୍ଧାନ ଫୋକସ୍ ଟାଇମ୍-ଡୋମେନ ଆଷ୍ଟ୍ରୋନୋମି ହୋଇଥିବାରୁ ଏହା ବ୍ରହ୍ମାଣ୍ଡରେ ବିଭିନ୍ନ ବିସ୍ଫୋରକ ପରିବହନକାରୀ ଓ ପରିବର୍ତ୍ତନଶୀଳ ଉତ୍ସଗୁଡ଼ିକର ଅଧ୍ୟୟନ କରିଥାଏ। ୦.୭ ମିଟରର ଚଉଡ଼ା ଏହି ଦୂରବୀକ୍ଷଣ ଯନ୍ତ୍ର ଲଦାଖର ହାନ୍‌ଲେସ୍ଥିତ ସମୁଦ୍ରପତ୍ତନଠାରୁ ୪,୫୦୦ ମିଟର ଉଚ୍ଚରେ ଇଣ୍ଡିଆନ୍ ଆଷ୍ଟ୍ରୋନୋମିକାଲ ଅବ୍‌ଜରଭେଟୋରିଠାରେ ଅବସ୍ଥିତ ରହିଛି।

## ମାତାପିତାଙ୍କ ସେବା କରିବା ପିଲାଙ୍କ କର୍ତ୍ତବ୍ୟ

**ଜାତୀୟ ମାତାପିତା ଦିବସ**



ମାତାପିତା ଏବଂ ପିଲାଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ସମ୍ପର୍କକୁ ଅଧିକ ସ୍ୱତନ୍ତ୍ର କରିବା ପାଇଁ ପ୍ରତିବର୍ଷ ଲୋକମାନେ ମାତାପିତା ଦିବସ ପାଳନ କରିଥାନ୍ତି। ମାତାପିତା ସେମାନଙ୍କ ପିଲାମାନଙ୍କୁ ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ପ୍ରତିପୋଷଣ କରନ୍ତି, ପ୍ରତ୍ୟେକ କ୍ଷେତ୍ରରେ ନିଜ ପିଲାଙ୍କ ପାଖରେ ଠିଆ ହୁଅନ୍ତି। ସେମାନଙ୍କୁ ଏହା ହୃଦୟଙ୍ଗମ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଜାତୀୟ ମାତାପିତା ଦିବସରେ ଆମେ ଆମର ମାତାପିତାଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବଳିଦାନ ଏବଂ ଭଲ ପାଇବାକୁ ମନେ ରଖିଥାଉ। ଏହି ଦିନରେ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଯଦି ଆମେ ଏହି ଦିବସର ଇତିହାସ ବିଷୟରେ କହିବା ତେବେ ଏହା ୧୯୭୩ରେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ଦକ୍ଷିଣ କୋରିଆରେ ପାଳନ କରାଯାଇଥିଲା। କିନ୍ତୁ ଏହା ପରେ ୧୯୯୪ରେ ଆମେରିକାରେ ପାଳନ କରାଯାଇଥିଲା।

ଯେଉଁଦିନ ଆମେରିକାରେ ଜାତୀୟ ମାତାପିତା ଦିବସ ପାଳନ କରାଯାଇଥିଲା ସେହିଦିନ ଜୁଲାଇର ଚତୁର୍ଥ ରବିବାର ଥିଲା। ତେଣୁ ଅନେକ ଦେଶରେ ଜୁଲାଇର ଚତୁର୍ଥ ରବିବାରରେ ଜାତୀୟ ମାତାପିତା ଦିବସ ପାଳନ କରାଯାଏ। ଆମ ଦେଶରେ ମଧ୍ୟ ଜୁଲାଇ ୪ର୍ଥ ରବିବାର ଆଜିର ଦିନରେ ପାଳନ କରାଯାଉଛି।

ମାତାପିତାମାନେ ନିଜ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି, କେବଳ ଏତିକି ନୁହେଁ, ସେମାନେ ନିଜ ପିଲାମାନଙ୍କ ପାଇଁ ବହୁତ ବଳିଦାନ ଦିଅନ୍ତି। ମାତାପିତାମାନେ ବହୁତ କଠିନ ପରିଶ୍ରମ କରନ୍ତି ଏବଂ ନିଜ ପିଲାମାନଙ୍କର ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରନ୍ତି, ତେଣୁ ଏହି ଦିନ ପିଲାମାନଙ୍କର କର୍ତ୍ତବ୍ୟ ହେଉଛି ମାତାପିତାଙ୍କ ସେବା କରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ପିଲାମାନେ ମାତାପିତା ବଞ୍ଚିଥିବା ଯାଏ ସେବା କରିବା ଉଚିତ୍। ତେବେ ଯାଇ ମାତାପିତାଙ୍କ ଜୀବନ ସାର୍ଥକ ହୋଇଥାଏ।

## ଫୁରସତ୍

### ବନ୍ୟାପାଣିରେ ଭଲିବଲ୍ ଖେଳ



**କୋଝିକୋଡ଼:** କେରଳର କୋଝିକୋଡ଼ ଜିଲା କୁଟ୍ଟିକ୍‌ଦାବୁ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବନ୍ୟାସ୍ଥିତି ଦେଖାଦେଇଛି। ଏଠାରେ ଥିବା ଏକ ଖେଳ ପଡ଼ିଆରେ କେତେଜଣ ଯୁବକ ବନ୍ୟାପାଣି ମଧ୍ୟରେ ଭଲିବଲ୍ ଖେଳୁଥିବା ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓକୁ ଦେଖିଲେ ଲାଗୁଛି ସତେ ଯେପରି ଏକ ନଦୀ ମଧ୍ୟରେ କେତେଜଣ ଯୁବକ ଭଲିବଲ୍ ଖେଳକୁ ଉପଭୋଗ କରୁଛନ୍ତି।

### ଓଟିଟିରେ 'ଖତରୋଁ କେ ଖିଲାଡ଼ି ୧୪'


ରୋହିତ ଶେଟ୍ଟୀ

**ମୁମ୍ବାଇ:** ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଷ୍ଟଣ୍ଟ ଆଧାରିତ ରିଏଲିଟି ଶୋ 'ଖତରୋଁ କେ ଖିଲାଡ଼ି ୧୪' ଶନିବାରଠାରୁ ଆରମ୍ଭ ହେଇଛି। ପ୍ରଶଂସକମାନେ ଦୀର୍ଘ ଦିନ ଧରି ଏହି ଶୋ'ର ୧୪ତମ ସିଜନଙ୍କୁ ଅପେକ୍ଷା କରି ରହିଥିଲେ। ସୋସିଆଲ ମିଡିଆରେ ଏହି ରିଏଲିଟି ଶୋ'ର ନିର୍ମାତାଙ୍କ ପକ୍ଷରୁ 'ଖତରୋଁ କେ ଖିଲାଡ଼ି ୧୪'ର ସବିଶେଷ ପ୍ରୋମୋ ଶେୟାର କରାଯାଇଛି। ଶନିବାର ରାତି ୯.୩୦ରେ ଏହି ଶୋ' କଲର୍ସ ଚ୍ୟାନେଲରେ ପ୍ରସାରିତ ହେବା ସହ ଓଟିଟି ପ୍ଲାଟ୍‌ଫର୍ମ ଜିଓ ସିନେମା ପ୍ରିମିୟମରେ ମଧ୍ୟ ଅନ୍‌ଲାଇନ୍ ଷ୍ଟ୍ରିମିଂ ହେବ ବୋଲି ଏହି ପ୍ରୋମୋରେ ସୂଚନା ଦିଆଯାଇଛି। ପ୍ରତ୍ୟେକ ଶନିବାର ଏବଂ ରବିବାର ରାତି ୯.୩୦ରେ ପ୍ରସାରିତ ହେବାକୁ ଥିବା ଏହି ଷ୍ଟଣ୍ଟ ଆଧାରିତ ଶୋ'ର ଶୁଟିଂ ରୋମାନିଆରେ କରାଯାଇଛି। ଚଳିତ ସିଜନରେ ଅଭିଷେକ କୁମାର, ଅସୀମ ରିଆଜ୍, କୃଷ୍ଣା ଶ୍ରଫ୍, ଶିଳ୍ପା ଶିନ୍ଦେ, ଶାଲିନ୍ ଭନୋଟ୍, ନିମ୍ରିତ କୌର ଆହଲୁୱାଲିଆ, ସୁମୋନା ଚକ୍ରବର୍ତ୍ତୀ, ନିୟତି ଫତ୍‌ନାନି, କରନ୍‌ବୀର ମେହେରା ଏବଂ ଆଶିଷ ମେହରୋତ୍ରା ପ୍ରମୁଖ ଛୋଟ ପରଦାର ତାରକା ଏହି ଶୋ'ରେ ଭାଗ ନେଉଛନ୍ତି। ସେମାନଙ୍କୁ ବିଭିନ୍ନ ପ୍ରକାରର ବିପଜ୍ଜନକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବାର ଦେଖିବା ନିମନ୍ତେ ପ୍ରଶଂସକମାନେ ଚାହିଁ ବସିଛନ୍ତି।




# ନୀତି ଆୟୋଗ ବୈଠକରେ ବିକଶିତ ଓଡ଼ିଶା ପାଇଁ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୭(ଅନିଲ ଦାସ)**

ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ କେନ୍ଦ୍ର ସରକାରଙ୍କ ନିକଟରେ ବିଭିନ୍ନ ଦାବି କରିଛନ୍ତି। ଶିଳ୍ପ ପାର୍କ ଓ କରିଡର, ବିଦ୍ୟୁତ୍ ଗ୍ରୀଡ୍ ଓ ରେଳବାଇ ଭିତ୍ତିଭୂମି ପାଇଁ ପାଣ୍ଠି ଯୋଗାଣ ସହିତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ଦେବାକୁ ଦାବି କରାଯାଇଛି।

ରାଜ୍ୟରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ଭଦ୍ରକ ଜିଲା ଧାମରା ଓ ଗଞ୍ଜାମ ଜିଲାର ଗୋପାଳପୁର ନିକଟରେ ଶିଳ୍ପାଞ୍ଚଳ ଗଠନ କରାଯିବ। ଗଞ୍ଜାମ ଜିଲାର ପ୍ରାୟ ୪ ହଜାର ୩ ଶହ ଏକର ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାର


ମୋହନ ଚରଣ ମାଝୀ

କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ବିପର୍ଯ୍ୟୟ ଓ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ଦେବା ଏବଂ ଆନ୍ତଃରାଜ୍ୟ ଅକ୍ଷୟ ଶକ୍ତି ପରିବହନ କରିଡର ପାଇଁ ପ୍ରସ୍ତାବ ଦିଆଯାଇଛି। ଟେଲିକମ୍, ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ପାଇଁ ମଧ୍ୟ ଦାବି କରିଛନ୍ତି। ବ୍ୟାଙ୍କ ନ ଥିବା ପଞ୍ଚାୟତରେ ବ୍ୟାଙ୍କ ଓ ଏଟିଏମ୍ ଖୋଲିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ସହାୟତା ମାଗିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରେଳ ସଂଯୋଗ କମ୍ ରହିଛି। ରେଳ ସଂଯୋଗ ବଢ଼ାଇବା ସହ କାର୍ବନ ନିର୍ଗମନ କିପରି କମ୍ କରାଯାଇପାରିବ, ସେଥିପାଇଁ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ମୋଟ ୩୩ %ରୁ ଅଧିକ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଓଡ଼ିଶାର ଅବଦାନ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହା ଅନେକ ସମୟରେ ବିକାଶମୂଳକ ପ୍ରକଳ୍ପରେ ବାଧା ସୃଷ୍ଟି କରୁଛି, ଯାହା କି ସିଧାସଳଖ ରାଜ୍ୟର ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜୁଛି। ଏହାର ସ୍ଥାୟୀ ସମାଧାନ ଏବଂ ପ୍ରତିକାର ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି।

ପିଏମ୍ ଜନଜାତି ଯୋଜନାରେ ଆଦିବାସୀଙ୍କ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟରେ ସେମିକଣ୍ଡକ୍ଟର ହବ୍ ପ୍ରତିଷ୍ଠା ପାଇଁ ବିଦେଶୀ ପୁଞ୍ଜି ନିବେଶ ଓ ଉନ୍ନତ ଜ୍ଞାନକୌଶଳ ଯୋଗାଇଦେବା ଏବଂ ଏରୋସ୍ପେସ ଓ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାକୁ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ ଓ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ୮୦୦ ସ୍କୁଲକୁ ପିଏମ୍ ଶ୍ରୀ ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନ କଲଚରାଲ୍ ସେଣ୍ଟରରେ ନୀତି ଆୟୋଗର ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ସାମିଲ ଥିଲେ।

# ସରିଲା ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର,୨୭।୭ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ଏହି ପର୍ଯ୍ୟାୟ ପାଇଁ ୪,୨୬,୪୭୨ ଛାତ୍ରୀଛାତ୍ର ଚୟନ ହୋଇଥିବାବେଳେ ସାଢ଼େ ୩ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। କଳା ବିଭାଗରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ବିଜ୍ଞାନରେ ୯୫ହଜାର, ବାଣିଜ୍ୟରେ ୧୯ହଜାର, ସଂସ୍କୃତରେ ୬ହଜାର ଏବଂ ଧନ୍ଦାମୂଳକ ଶିକ୍ଷାରେ ୪ହଜାରରୁ ଅଧିକ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ଏବେ ଆହୁରି ୧ଲକ୍ଷ ୯୦ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି। ସେହିପରି ଅଗଷ୍ଟ ୫ ତାରିଖରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୭ରୁ ୧୦ତାରିଖ ମଧ୍ୟରେ ନାମଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ରୁ ୨୮ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ହେଲେ ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୨,୩୪୨ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୮,୦୮୯ ସିଟ୍ ରହିଛି। କଳା ବିଭାଗରେ ୩,୧୦,୦୦୮, ବିଜ୍ଞାନରେ ୧,୭୩,୪୮୫, ବାଣିଜ୍ୟରେ ୪୧,୦୮୦, ସଂସ୍କୃତରେ ୧୩,୧୨୦ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୩୯୬ଟି ସିଟ୍ ରହିଛି।

# ୬ ମାଓବାଦୀ ଗିରଫ

**ମାଲକାନଗିରି,୨୭।୭ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍ମା ଜିଲା ଜଗରଗୁଣ୍ଡା ଥାନା ଅନ୍ତର୍ଗତ ତିମ୍ମାପୁରମ୍ ଅଞ୍ଚଳରୁ ୪ ଏବଂ ବିଜାପୁର ଜିଲା ତେରମ୍ ଥାନା ଅଞ୍ଚଳରୁ ୨ ମାଓବାଦୀଙ୍କୁ ଶନିବାର ପୋଲିସ ଗିରଫ କରିଛି। ତିମ୍ମାପୁରମ୍ ଜଙ୍ଗଲରେ ସନ୍ଦିଗ୍ଧ ଲୋକଙ୍କୁ ଦେଖିବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଡିଆରଜି, ସିଆରପିଏଫର ୧୫୦ ବାହିନୀ, ସିଆରପିଏଫର ୨୦୧ ବାହିନୀର ମିଳିତ ଦଳ ଜଙ୍ଗଲରୁ ୪ ଜଣକୁ ଧରିବା ପରେ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ପରେ ଗିରଫ କରିଥିଲେ। ଗିରଫ ମାଓବାଦୀମାନେ ହେଲେ ଡୋଡି ଦେବା, କରସା ମୋଟୁ, ମାଡ୍‌ବି ଯୋଗା ଓ ବେଞ୍ଜୀ ବାବୁ। ସେହିପରି ବିଜାପୁର ଜିଲା ତେରେମ ଥାନା ଅନ୍ତର୍ଗତ ପେଦାଗେଲେରୁ ଅଞ୍ଚଳରେ ୨୧୦ କୋବ୍ରାବାହିନୀ ତଲାସୀ ଅଭିଯାନ କରୁଥିବା ସମୟରେ ୨ ଜଣ ବ୍ୟକ୍ତି ଆଇଇଡି ଖଞ୍ଜିବା ପାଇଁ ଯୋଜନା କରିଥିବା ସମୟରେ ସୁରକ୍ଷାକର୍ମୀ ତାଙ୍କଠାରୁ ବିସ୍ଫୋରକ ସହ ସେମାନଙ୍କୁ ଗିରଫ କରିଥିଲେ। ଗିରଫ ଦ୍ୱୟ ହେଲେ ସୋଡି ମଙ୍ଗଡୁ, ମାଡକାମ ଲଚ୍ଛା। ଉପରୋକ୍ତ ୬ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।


## MITS SCHOOL OF BIOTECHNOLOGY

ESTD 2003

Affiliated with Utkal University, Bhubaneswar

ADMISSIONS OPEN FOR 2024-25

B.Sc I.T.M. Biotechnology | M.Sc Biotechnology Microbiology | BCA | BBA

SPOT ADMISSION AT YOUR TOWN

Date: 28th July 2024 (Sunday) Time: 10:00 AM to 5:00 PM

| Town | Hotel | Contact Person | |
|---|---|---|---|
| Cuttack | Grand Residency | Subham Beura | 7008275106 |
| Kendrapada | Hotel Gourishankar | C. Swain | 7606945793 |
| Jagatsinghpur | Anjana Residency | B.D. Tripathy | 9040134987 |
| Nayagarh | Hotel Trinath | G.B. Nayak | 7978532312 |
| Anugul | Hotel Ashraya | R.S. Panda | 7978940626 |
| Dhenkanal | Hotel Surya | S. Parida | 7978529971 |
| Jajpur Town | Hotel Pankaj | S.R. Pradhan | 9439478602 |
| Bhadrak | Hotel City Residency | S.K. Nayak | 8270619465 |
| Balasore | Hotel Saikrishna | R.R. Mishra | 7978528311 |
| Baripada | Hotel Ambika | P.K. Pradhan | 7978475190 |
| Kendujhar | Hotel Shreekrishna Int. | R.P. Behera | 8847808772 |
| Rourkela | Hotel Aasthaa Palace | Chhabi Sethi | 9861293070 |
| Sambalpur | Hotel Narmada Res. | S.N. Patel | 7735266465 |
| Bargarh | Hotel Ganapathi | H.C. Panda | 9437030550 |

90% Placement

Top MNCs who have visited MITS in 2024: Deloitte. Capgemini TATA Cognizant Infosys wipro

Patia, Bhubaneswar 8599885998 msb.ac.in


# ରାଜପଥ ପାରହେଲେ ୪୦ ହାତୀ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଳ ଠାରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ୪୦ହାତୀ ରାଜପଥ କଡ଼ ଜଙ୍ଗଲରୁ ବାହାରି ରାସ୍ତା ପାରହୋଇ ବ୍ରାହ୍ମଣୀ ନଦୀକୂଳ ଅଭିମୁଖେ ଯାଇଥିଲେ। ହାତୀପଲ ମଧ୍ୟରେ ବହୁ ଛୁଆ ହାତୀ ଓ ଦନ୍ତାହାତୀ ରହିଥିବା ଦେଖାଯାଇଥିଲା। ହାତୀ ପାରହେବା ସମ୍ପର୍କରେ ଜାଣିବା ପରେ ବନବିଭାଗ କର୍ମଚାରୀମାନେ ରାଜପଥର ଉଭୟ ପାର୍ଶ୍ୱରେ ଆସୁଥିବା ଯାନବାହନକୁ ଅଟକାଇ ରଖିଥିଲେ। ଫଳରେ କିଛି ସମୟ ଧରି ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ହାତୀପଲ ଜାତୀୟ ରାଜପଥ ପାରହେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କହିଛନ୍ତି, ଏହା ନିତିଦିନିଆ ଘଟଣା। ହଳଦିଆବାହାଳ ଠାରେ ଅଧିକାଂଶ ସମୟରେ ସକାଳେ ଓ ସନ୍ଧ୍ୟାରେ ହାତୀପଲ ରାଜପଥ ପାର ହେଉଛନ୍ତି। ହାତୀ ପଲଙ୍କ ଗତିବିଧି ଉପରେ ବନ କର୍ମଚାରୀ ସ୍ୱତନ୍ତ୍ର ନଜର ରଖିଛନ୍ତି। କେତେବେଳେ ହାତୀପଲ ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ଜାତୀୟ ରାଜପଥର ହଳଦିଆବାହାଳ ଅଞ୍ଚଳ ଜଙ୍ଗଲରେ ରହୁଥିବା ବେଳେ ସେଠାରୁ ପୁଣି ବ୍ରାହ୍ମଣୀ ନଦୀ ଆଡକୁ ଫେରୁଛନ୍ତି।


ହଳଦିଆବାହାଳ ଠାରେ ହାତୀପଲ ୫୫ନଂ. ଜାତୀୟ ରାଜପଥ ପାର ହେଉଛନ୍ତି।

# ଶିଳ୍ପ, ଖଣି ସଂସ୍ଥାରେ ୮,୦୬୦ କୋଟିର ଜଳକର ବାକି

**ଯାଜପୁର,୨୭।୭ (ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟରେ ୨୦୨୦-୨୧ରୁ ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ୨୨୩ଟି ଶିଳ୍ପସଂସ୍ଥାରେ ୭୨୬୨.୪୨୪ କୋଟି ଟଙ୍କା ଏବଂ ୫୫ଟି ଖଣିସଂସ୍ଥା ଉପରେ ୭୯୭.୭୨ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ଚଳିତ ବିଧାନସଭାର ତାରକା ପ୍ରଶ୍ନ ସଂଖ୍ୟା ୨୬୨କୁ ଆଧାର କରି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଗତ ୨୫ ତାରିଖରେ ଦେଇଥିବା ଉତ୍ତର ଅନୁଯାୟୀ ୨୦୨୪ ମାର୍ଚ୍ଚ ସୁଦ୍ଧା ମାତ୍ର ୮୫୯.୦୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ମୋଟ ୮,୦୬୦ କୋଟିର ଜଳକର ବାକି ରହିଛି। ଜଳକର ବକେୟା ସମସ୍ୟାର ଏକକାଳୀନ ସମାଧାନ କରିବାକୁ ଯାଇ ରାଜ୍ୟ ସରକାର କେତେକ ଶିଳ୍ପସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରି ଜଳକର ଛାଡ଼ କରିଥିଲେ। ୨୦୧୫ ନଭେମ୍ବରରେ ରାଜ୍ୟ ସରକାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ)କୁ ୫୬ କୋଟି ୪ ଲକ୍ଷ ଟଙ୍କା ଜଳକର ଛାଡ଼ କରିଥିଲେ। ଏହାସତ୍ତ୍ୱେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପସଂସ୍ଥାଗୁଡିକୁ ଜଳଯୋଗାଣ କରୁଥିବା ଇଡ୍‌କୋ ପାଖରେ ଏବେବି ୬୨ କୋଟି ୪୫ ଲକ୍ଷ ୧୫ ହଜାର ଟଙ୍କା ଜଳକର ବାକି ପଡ଼ିଛି। ୨୦୨୦ ସେପ୍ଟେମ୍ବରରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବକେୟା ଜଳକର ଆଦାୟ ଉଦ୍ୟମ କରାଯାଉଥିଲେ ହେଁ ସଫଳତା ମିଳୁପାରୁନାହିଁ।

ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ଅନେକ ହଜାର କ୍ୟୁସେକ ପାଣି ଶିଳ୍ପସଂସ୍ଥାଗୁଡ଼ିକୁ ବିକ୍ରି କରାଯାଉଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ପ୍ରାୟ ୨୫ ବର୍ଷ ହେଲା ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାଗୁଡ଼ିକୁ ଯୋଗାଇବା ସହ ମାସିକ ଭାବେ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସର୍ବୋଚ୍ଚ ଯନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ରାଜ୍ୟର ୪୦ରୁ ଊର୍ଦ୍ଧ୍ୱ ଶିଳ୍ପ ଓ ଖଣି ସଂସ୍ଥା ସର୍ବାଧିକ ପରିମାଣ ଜଳକର ବକେୟା ରଖିଛନ୍ତି। ସେଗୁଡ଼ିକ ମଧ୍ୟରେ ତାଳଚେର ବିଦ୍ୟାଳ ସ୍ପଞ୍ଜ ଆଇରନ ୧୧.୪୬ କୋଟି, ଟାଇଁପାଳ ଏନ୍‌ଟିପିସି ୧୩୮.୧୬ କୋଟି, ଯୋଡ଼ା ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ୧୯.୮୯ କୋଟି, ରାଠି ଷ୍ଟିଲ ଆଣ୍ଡ ପାୱାର ୭୮.୧୮ କୋଟି, ମାହେଶ୍ୱରୀ ଇସ୍ପାତ ଲିଃ ୧୩୦.୯୮ କୋଟି, ପାରାଦୀପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ୬୬.୬୨ କୋଟି, ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ୨୬୯.୨୪ କୋଟି, ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍ ୨୧୧.୮୯ କୋଟି, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ ୧୦.୭୦ କୋଟି, ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିଃ ୧୪୫.୯୧ କୋଟି, ଝୁଣ୍ଟୁଣି ବିଆର୍‌ଜି ଆଇରନ ଆଣ୍ଡ ଷ୍ଟିଲ ୩୨.୪୭ କୋଟି, ଢେଙ୍କାନାଳ ଉତ୍କଳ ଆଜବେଷ୍ଟସ ୧୧.୫୬ କୋଟି, କଳିଙ୍ଗନଗର ଟାଟା ଷ୍ଟିଲ ୫୦.୪୬ କୋଟି, ସୁନ୍ଦରଗଡ଼ ଆଧୁନିକ ମେଟାଲିକ୍ସ ୧୬୦.୨୪ କୋଟି, ଅନୁଗୋଳ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ୨୦୪.୭୭ କୋଟି, ଆସ୍କା କୋପରେଟିଭ ସୁଗର ଫ୍ୟାକ୍ଟ୍ରି ୩୭.୩୧ କୋଟି, ରାୟଗଡା ଜେ.କେ. କର୍ପୋରେଶନ ଲିଃ ୨୩୯.୦୮ କୋଟି, ଚୌଦ୍ୱାର ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ୍ ୧୧୪୯.୦୯ କୋଟି, ଓଡ଼ିଶା ପାୱାର କନ୍‌ସୋର୍ଟିୟମ ୭୦୨.୫୪ କୋଟି, ଘଣ୍ଟିଖାଲ ଆରତି ଷ୍ଟିଲ ୨୩୫.୧୬ କୋଟି, ସମ୍ବଲପୁର ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ୍ ଲିଃ ୧୯୨.୪୮ କୋଟି, ବେଲପାହାଡ଼ ଟାଟା ରେଫ୍ରାକ୍ଟୋରିଜ ଲିଃ ୧୬୭.୮୨ କୋଟି, ସମ୍ବଲପୁର ବିରାଜ ଷ୍ଟିଲ ଆଣ୍ଡ ଏନର୍ଜି ୭୭.୫୯ କୋଟି, ଢେଙ୍କାନାଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୨୮.୭୧ କୋଟି, ଜୟପୁର ସେବା ପେପର ମିଲ୍ ୨୧୯୮.୮୬ କୋଟି, ଓରିଏଣ୍ଟ ପେପର ମିଲ୍ ୨୧୧.୮୯ କୋଟି ଟଙ୍କା ଜଳକର ବକେୟା ରଖିଛନ୍ତି।

ଖଣି ସଂସ୍ଥାଗୁଡିକ ମଧ୍ୟରେ ତାଲଚେର ଲିଙ୍ଗରାଜ ଓସିପି ଏମ୍‌ସିଏଲ୍ ୧୩୬.୬୫ କୋଟି, ଭରତପୁର ଓସିପି ୭୮.୪୦ କୋଟି, ଭୁବନେଶ୍ୱରୀ ଓସିପି ୩୦.୦୧ କୋଟି, ଅନନ୍ତ ଓସିପି ୨୬.୫୭ କୋଟି, ଜଗନ୍ନାଥ କୋଲିଆରି ୩୨.୧୩ କୋଟି, ହିଙ୍ଗୁଳା ଓସିପି ୧୭.୨୮ କୋଟି, ବଳରାମପୁର ଓସିପି ୧୮.୪୬ କୋଟି, ତାଲଚେର କୋଲିଆରି ୨୧.୬୦ କୋଟି, ନନ୍ଦିରା କୋଲିଆରି ୩୭.୨୧ କୋଟି, ଓରିଏଣ୍ଟ ଓରିଅରି ୩୬.୦୫ କୋଟି, ଟିପିଏସଏଲ ଲିଃ ୨୭.୪୯ କୋଟି, ବନହରିପାଲ ଆଇଟିପିଏସ୍ ୨୮.୦୩ କୋଟି, ଯୋଡ଼ା ଟାଟା ଷ୍ଟିଲ୍ ମାଇନ୍ସ ଡିଭିଜନ ୨୨୩.୫୫ କୋଟି, ସୁନ୍ଦରଗଡ଼ ଏମସିଏଲ୍ ୧୪.୭୦ କୋଟି ଟଙ୍କା ଜଳକର ବକେୟା ରଖିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାଂସ୍କୃତିକ ଅନୁଷ୍ଠାନ 'ସ୍ୱାଗତିକା' ପକ୍ଷରୁ ୪୪ତମ ଜାତୀୟ ଶିଶୁ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଓ ଓଡ଼ିଆ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଟେକ୍ନୋସ୍କ୍ରାଇବ୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼େଶା ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଆଇକନିକ ସ୍ପୋର୍ଟ୍ସ ଆଇକନ ଆୱାର୍ଡ୍ସ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ର ଓ ଯୁବ ସଙ୍ଗଠନ(ଏମ୍ଏସ୍ୱାଇଏଫ୍)ର ଦଶମ ପ୍ରତିଷ୍ଠା ଦିବସ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ମଧ୍ୟାହ୍ନ ୧୨ଟା।
- ଦ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଇସିସି ଜବ୍ ମେଳା-୨୦୨୪, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନି କନଭେନଶନ, ଲୁମ୍ବିନି ବିହାର, ସମୟ: ଅପରାହ୍ନ ୫ଟା ୧୫।

## ପୁରୀ
- ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ତାଳଗଛ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ତାଳବଣିଆ ପଡ଼ିଆ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ପୁରୀ ମାରୁତି ନଗର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଶିକ୍ଷା ସପ୍ତାହର ଶେଷ ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ଓ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କା ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଲୱେ ଷ୍ଟେଶନ ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମ୍ମିଳନୀ, ସ୍ଥାନ: ଖଡ଼ିପଦା ବାତ୍ୟା ଆଶ୍ରୟସ୍ଥଳୀ, ସମୟ: ପୂର୍ବାହ୍ନ ୧୧ଟା।
- ଜନସାଧାରଣଙ୍କ ମୌଳିକ ସମସ୍ୟା ନେଇ ବୈଠକ, ସ୍ଥାନ: ନାରାୟଣ ମଣ୍ଡପ, ପୁରୀ ଅଠରନଳା, ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ବିଦ୍ୟା ମନ୍ଦିର ପକ୍ଷରୁ ଅଭିଭାବକଙ୍କ ବୈଠକ, ସ୍ଥାନ: ବିଦ୍ୟାଳୟ ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।

## କଟକ
- ପଞ୍ଚାୟତ ସମିତି ସାଧାରଣ ଅଧିବେଶନ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି ସଦ୍ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅଷ୍ଟମ ନବ ଗୁଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଦି ୟୁନିଭର୍ସରେ କେନ୍ଦ୍ର ବଜେଟ୍‌ରେ ସ୍ୱପ୍ନ ଓ ବାସ୍ତବତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅନୁଷ୍ଠାନ ସମ୍ମିଳନୀ କକ୍ଷ, ମୈତ୍ରୀସରଣୀ, ବକ୍ସିବଜାର, କଟକ,ସମୟ: ସନ୍ଧ୍ୟା ୬ଟା ୩୦।
- ରୋଟାରୀ କ୍ଲବ ଅଫ୍ କଟକ ଇଷ୍ଟର ୨୫ତମ ଅଧିଷ୍ଠାନ ଉତ୍ସବ, ସ୍ଥାନ: ହୋଟେଲ ଅଶୋକା, କଲେଜ ଛକ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ସଂସ୍କୃତି ସୁରକ୍ଷା ସମିତି, ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ସପ୍ତଦଶ ମେଧାବୀ ଅଭିନନ୍ଦନ ଉତ୍ସବ-୨୦୨୪, ସ୍ଥାନ: ଅଗ୍ରୱାଲ ଧର୍ମଶାଳା ପରିସର, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ପ୍ରେସ୍-ଇମ୍ପ୍ରେସ୍ ମିଡ଼ିଆ କ୍ଲବର ବାର୍ଷିକ ସମ୍ମିଳନୀ, 'ଶିଳ୍ପ ମାନ୍ୟତା ପରେ ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଭେନ୍ସା ପାରାଡାଇଜ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
-

## ମୟୂରଭଞ୍ଜ
- ବିଶ୍ୱ ହେପାଟାଇଟସ୍ ଦିବସ ପାଳନ, ସ୍ଥାନ: ଏଏନ୍ଏମ୍ ଟ୍ରେନିଂ ସେଣ୍ଟର, ବାରିପଦା ଜିଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭରତଚନ୍ଦ୍ରପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ତହସିଲ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ, ସ୍ଥାନ: ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଉଦଳା ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ସନ୍ଧାନୀ ସଭାଗୃହ, ଉଦଳା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ବିଜୟଶ୍ରୀ ରାଉତରାୟ ସ୍ମାରକୀ ମେଧାବୃତ୍ତି ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବସ୍ ସିଣ୍ଡିକେଟ୍‌ର ବନ୍ଧୁମିଳନ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ବୈଦ୍ୟନାଥ ମନ୍ଦିରରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଶଢା, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଶ୍ରୀ ରବି ଗ୍ରହଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଜଳବାୟୁ ପରିବର୍ତ୍ତନ ପାଇଁ ଚାରାରୋପଣ, ସ୍ଥାନ: ସଦର ବ୍ଲକ ଡିମିରି ମୁଣ୍ଡା ଗ୍ରାମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର, ସ୍ଥାନ:ଉତ୍କଳ ଆଶ୍ରମ ପାଠାଗାର, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।
- ରାମ ଚରିତ ମାନସ ଜ୍ଞାନ ଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ ଟା ।

## କୋରାପୁଟ
- ଜିଲା ପ୍ରଶାସନ ପକ୍ଷରୁ କୌଶଳ ରଥ ପରିକ୍ରମା, ସ୍ଥାନ: କୋରାପୁଟ ସଦର ମହକୁମା, ସମୟ: ସକାଳ ୮ ଟା।

## ନବରଙ୍ଗପୁର
- ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଆହାର କେନ୍ଦ୍ର ପରିଦର୍ଶନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ବନବିଭାଗ କର୍ମଚାରୀଙ୍କ ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ:ଭେଟନାରୀ ସଭାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ , ସ୍ଥାନ: ତପସ୍ୱିନୀ ହଲ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ନନୀ ପ୍ରତିଯୋଗିତା , ସ୍ଥାନ : ତପସ୍ୱିନୀ ହଲ, ସମୟ : ମଧ୍ୟାହ୍ନ ୧୨ଟା।
- ହୀରାକୁଦ କ୍ରୀଡା ସଂଘ ଓ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ. ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା୧୫।
- କଲମ ପରିବାର ପକ୍ଷରୁ ନୂଆଁଖାଇ ପର୍ବ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍‌ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।

## ସୁବର୍ଣ୍ଣପୁର
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ଲୁଡୁରପଙ୍କ ୟୁପି ସ୍କୁଲ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ଖଣ୍ଡହତା ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପପଙ୍ଗା ପାହାଡ଼, ଭେଡ଼େନ, ସମୟ: ସକାଳ ୮ଟା।
- ବରଗଡ଼ ବିକାଶ ମଞ୍ଚର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼, ସମୟ: ସକାଳ ୯ଟା।
- ଶିବ ପୁରାଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼। ସରକାରୀ ଉଚ୍ଚ ପ୍ରାଥମିକ ବୈତାଲୀ, ଝାରବନ୍ଧ। ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ। ଶାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲି। ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଚିଦା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନିଲେଶ୍ୱର, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଦି ଜୟ ଅଫ୍ ପ୍ୟାରେଣ୍ଟିଙ୍ଗ ପ୍ରୋଗ୍ରାମ, ସ୍ଥାନ: ଆନନ୍ଦ କଲ୍ୟାଣ ମଣ୍ଡପ, ଅତାବିରା, ସମୟ: ଅପରାହ୍ନ ୪ଟା।
- ମହାରୁଦ୍ର ପୂଜା, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ବିର୍ସାମୁଣ୍ଡା ସ୍କୁଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ: ସ୍ଥାନ: ଜଗଦା ପଡ଼ିଆ, ସମୟ: ସକାଳ ୯ଟା।
- ବୈଶାଖି ସାହତ୍ୟ ସଂସଦର ୩୪ତମ ବାର୍ଷିକ ଉତ୍ସବ: ସ୍ଥାନ: ଛେଣ୍ଡ ସ୍ଥିତ ଧାମରା ସଂଘ,ସମୟ: ପୂର୍ବାହ୍ନ ୧୦ଟା ।
- ଶକ୍ତି କ୍ଲବର ବାର୍ଷିକ ବୈଠକ ଓ ନିର୍ବାଚନ, ସ୍ଥାନ: ଶକ୍ତିନଗର,ରାଉରକେଲା, ସମୟ : ପୂର୍ବାହ୍ନ ୧୧ଟା।
- କୃଷ୍ଣକଥା ବିଷୟ ବସ୍ତୁ ଉପରେ ଆଲୋଚନା ସଭା ଉଦ୍‌ଯାପନ,ସ୍ଥନ: ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁରଡ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ ଜିନିୟସ ସିଜନ ୧୧ ପାଇଁ ଅଡିସନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ପାଇଁ ଅଡିସନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବୟନିକା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପବନ ଅଗ୍ରୱାଲ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପନ ସମାରୋହ, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ହେପାଟାଇଟିସ ଦିବସ ପାଳନ, ସ୍ଥାନ: ଜିଲା ସ୍ୱାସ୍ଥ୍ୟ ସମିତି ନୂଆପଡ଼ା କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ପୁରୁଣାକଟକ ଭୈରବୀ କ୍ଲବର ବାର୍ଷିକ ବୈଠକ, ସ୍ଥାନ: କ୍ଲବର ସଭାଗୃହ, ପୁରୁଣାକଟକ, ହରଭଙ୍ଗା, ସମୟ: ଅପରାହ୍ନ ୫ଟା ।

## ଝାରସୁଗୁଡ଼ା
- ଏସ୍ୟୁଜେର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଝାରସୁଗୁଡ଼ା ସହର ହୋଟେଲ ମେଫେୟାର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା ୩୦।

## ଢେଙ୍କାନାଳ
- ୩୦ ଶଯ୍ୟା ବିଶିଷ୍ଟ ରୋଗୀ ସହାୟକ ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ: ସକାଳ ୯ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ରାଜ୍ୟସ୍ତରୀୟ ସାମାଜିକ କର୍ମୀ ଓ ସାହିତ୍ୟିକ ସମାବେଶ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ,ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା , ସମୟ:ସକାଳ ୮ଟା।
- ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ନୋଡାଲ ବିଦ୍ୟାଳୟ । ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାଳୟ, ସମୟ: ସକାଳ ୮ଟା୩୦ ।
- ବନ ମହୋତ୍ସବ, ସ୍ଥାନ: ଦଶପଲ୍ଲା ବ୍ଲକର ଦୁଢୁକିପାଙ୍କୁ, ସମୟ:ଅପରାହ୍ନ ୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ:ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଶ୍ରୀଚନ୍ଦ୍ରଯୋଗ ପ୍ରଭାବରୁ ଅର୍ଥ, ସମ୍ମାନ ଓ ପ୍ରତିଷ୍ଠା ମଧ୍ୟରେ କାର୍ଯ୍ୟସିଦ୍ଧିଜନିତ ମନ ପ୍ରଫୁଲ୍ଲ ରହିବ। ଘର, ପରିବାର, ଯାନବାହନ, ଆନୁଷ୍ଠାନିକ କାମରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ପ୍ରତ୍ୟୁଷ ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ।

**ବୃଷ** ରାଶ୍ୟାଧିପତିଙ୍କ ସହିତ ବୃହସ୍ପତିଙ୍କ ଶୁଭ ସଂଯୋଗ ହେତୁ ଆପଣଙ୍କର ସୁଚିନ୍ତିତ ଯୁକ୍ତିସଙ୍ଗତ ନିଷ୍ପତ୍ତି ପ୍ରତ୍ୟେକ ସ୍ତରରେ ଗ୍ରହଣୀୟ ହେବ। ସନ୍ତାନଙ୍କ କୃତିତ୍ୱ ସାଙ୍ଗକୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ବନ୍ଧୁଙ୍କ ଅବଦାନ ହେତୁ ଦିନଟି ସ୍ମରଣୀୟ ରହିବ। କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳ ହେବେ।

**ମିଥୁନ** ବୁଧ ଅଷ୍ଟମାଧିପତିଙ୍କ ଦୃଷ୍ଟିରେ ରହିଥିବାରୁ ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇପାରନ୍ତି। ମୁଖ ଭାବରେ ରବି ଓ ଶୁକ୍ରଙ୍କ ପ୍ରଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ କୈଫିୟତ ଦେବାକୁ ପଡ଼ିପାରେ। ଭ୍ରମଣ, ରାଜନୀତି, ପ୍ରଶାସନ, ଲେଖାପଢ଼ା ଓ ପ୍ରେମପ୍ରଣୟ ପାଇଁ ଦିନଟି ବହୁତ ଭଲ।

**କର୍କଟ** ଚନ୍ଦ୍ରଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହ ଆତ୍ମୀୟତା ଓ ଭ୍ରମଣ ସୁଖ ଲଭିବେ। ଦୀର୍ଘଦିନ ହେଲା ଯାହା ମନେ ମନେ ଭାବୁଛନ୍ତି, ତାହାହିଁ ପାଇବାରେ ଅସୁବିଧା ହେବ ନାହିଁ। କିନ୍ତୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କଲେ ଓଲଟା ଫଳ ପାଇବେ। ଛୋଟ କଥାରେ ବିରକ୍ତି ପ୍ରକାଶ କରିବାରୁ କ୍ଷାନ୍ତ ରହନ୍ତୁ।

**ସିଂହ** ଦୁଃସ୍ଥାନସ୍ଥ ରାହୁଙ୍କ ଧନଭାବ ପ୍ରତି ଦୃଷ୍ଟିଜନିତ ଅର୍ଥହାନି ଓ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ମନ ଅଶାନ୍ତ ରହିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ପଡ଼ୋଶୀଙ୍କୁ ନେହୁରା ହେବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**କନ୍ୟା** ଗୁରୁ ଓ ଶୁକ୍ରଙ୍କ ଶୁଭତ୍ୱ କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ପ୍ରତିବେଶୀଙ୍କ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ସଦସ୍ୟମାନେ ଦୋଷାରୋପ କରିପାରନ୍ତି। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପିଲାଙ୍କ ଅସୌଜନ୍ୟ ଆଚରଣଜନିତ ବିଚଳିତ ବୋଧ କରିବେ।

**ତୁଳା** କର୍ମାଧିପ କେନ୍ଦ୍ର ସ୍ଥାନରେ ରହିଥିବାରୁ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବିଘ୍ନରେ ସମାପନ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ଆଗମନରେ ତତ୍ପରତା ବୃଦ୍ଧି ପାଇପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରକାଶନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି।

**ବିଛା** ଶନିଙ୍କ କୁପ୍ରଭାବରୁ ଆଳସ୍ୟ ଓ ଅବହେଳାଜନିତ ନିର୍ଦ୍ଦିଷ୍ଟ ସମୟରେ କୌଣସି କାମ ସାରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପ୍ରକଳ୍ପାରମ୍ଭ କ୍ଷେତ୍ରରେ ମନ ଖୁସି ରହିବ। ଭାବପ୍ରବଣବଶତଃ ଏଣୁତେଣୁ କହିବା ସମସ୍ୟାର କାରଣ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବନ୍ଧୁଙ୍କ ପ୍ରେରଣାରେ ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ, କିନ୍ତୁ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ଏକ ଭିନ୍ନ ପରିସ୍ଥିତିରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ, ଯାହାକି ଆପଣଙ୍କ କାମକୁ ଆସିବ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ଷଷ୍ଠସ୍ଥ ଗୁରୁ ହେତୁ ସତର୍କତା ଅଭାବରୁ ଜିନିଷ ହଜିବାର ଆଶଙ୍କା ରହିଛି।

**ମକର** ସପ୍ତମସ୍ଥ ଶୁକ୍ରଜନିତ ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ ପାଇଁ ଦିନଟି ଭଲ। ମାତ୍ର ରବିଙ୍କ ଉପସ୍ଥିତି କାରଣରୁ ବିବାଦର ସମ୍ମୁଖୀନ ହୋଇପାରନ୍ତି। ସବୁ ସମୟରେ ନିଜ ପାଖରେ ରହୁଥବା କୌଣସି ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ ହୋଇପାରିବ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଧନ ସ୍ଥାନରେ ରାହୁ ଥିବାରୁ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** ଆଜି ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ କାମରେ ସଫଳତା,ବନ୍ଧୁ ମିଳନ, ଅର୍ଥଲାଭ ସହ ମନ ଖୁସି ରହିବ। ଦିନ ଭିତରେ ଯାହା କରିବା ପାଇଁ ଯାଉଛନ୍ତି ଓ ଯେମିତି ଭାବୁଛନ୍ତି ସେପରି କରନ୍ତୁ କିଛି ଅସୁବିଧା ହେବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୧୧।୪୮ମି. ଗତେ ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫/୨୪ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୪୪ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ ।

## ହୋମଗାର୍ଡଙ୍କ ଉପରକୁ ଗୁଳି

**କନ୍ଧମାଳ,୨୭।୭(ଆଦିତେଶ୍ୱର ମିଶ୍ର )**

ଶନିବାର ବୌଦ୍ଧ ଜିଲା ମନମୁଣ୍ଡା ଥାନାର ପଲଶାଗୋରାଠାରେ ହୋମଗାର୍ଡ ଅବିନାଶ କରଙ୍କ ଉପରକୁ ଗୁଳିମାଡ଼ ହୋଇଛି। ପ୍ରକାଶ ଯେ, ପଲଶାଗୋରା ପଞ୍ଚାୟତ ଅଫିସ ଆଗରେ ଅପରାହ୍ନ ସମୟରେ ୨ ଜଣ ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ଲାଗିଥିଲା। ଖବରପାଇ ମନମୁଣ୍ଡା ଥାନାର ହୋମଗାର୍ଡ କର ସମାଧାନ କରିବାକୁ ଯାଇଥିଲେ। ଏହି ସମୟରେ ଗୁଳିମାଡ଼ ହୋଇଥିଲା । ଗୁଳି ତାଙ୍କ ଜଂଘରେ ବାଜିଛି। ସୋନପୁର ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଥିବା ବେଳେ ବିପଦମୁକ୍ତ ଥିବା ପୋଲିସ ସୂତ୍ରରୁ ପ୍ରକାଶ। କେଉଁ କାରଣରୁ କିଏ ଗୁଳି ମାରିଛି ଜଣାପଡିନାହିଁ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅଚ୍ୟୁତ ସାମନ୍ତଙ୍କୁ ୫୮ତମ ସମ୍ମାନସୂଚକ ଡକ୍ଟରେଟ

**ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)**

ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତଙ୍କୁ ଜାପାନର କୋୟାସାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ସାମନ୍ତଙ୍କର ୫୮ତମ ସମ୍ମାନସୂଚକ ଡକ୍ଟରେଟ। ପ୍ରଥମ ଭାରତୀୟ ଭାବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନ୍‌ବିସ୍‌ଙ୍କୁ କୋୟାସାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଡ. ସାମନ୍ତ ହେଉଛନ୍ତି ଦ୍ୱିତୀୟ ଭାରତୀୟ। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓସାକା-କୋବେଠାରେ ଅବସ୍ଥାପିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ନିଖିଳେଶ ଗିରି ଏବଂ କୋୟାସାନ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ ସଭାପତି ସୋଏ ରୟୁସୋ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଜାପାନର ୧୦୦ ବର୍ଷରୁ ଅଧିକ ବର୍ଷର ଏହି ପୁରାତନ ବିଦ୍ୟାଳୟ ୧୯୨୬ରେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା।



# ପ୍ରଥମ ପୃଷ୍ଠାରୁ...

## ଚାଇନାକୁ ପ୍ରଥମ...

ଏହି ଯୋଡ଼ି ଫାଇନାଲରେ କୋରିଆର କେଉମ ଜିହ୍ୟୁନ ଓ ପର୍କ ହାଜୁନଙ୍କୁ ପରାସ୍ତ କରିଥିଲେ। କେଉମ ଓ ପର୍କ ପ୍ରଥମ ରାଉଣ୍ଡରେ ୨୦.୬-୨୦.୩ ପଏଣ୍ଟ ସ୍କୋର କରି ଅଗ୍ରଣୀ ହାସଲ କରିଥିଲେ। ମାତ୍ର ହ୍ୱାଙ୍ଗ ଓ ଶେଙ୍ଗ ପରବର୍ତ୍ତୀ ୩ ରାଉଣ୍ଡ ଜିତି ୬-୨ରେ ଅଗ୍ରଣୀ ନେଇଥିଲେ। ତେବେ କୋରିଆ ଶୁଟରମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାରୁ ସ୍କୋର ଏକଦା ୮-୧୪ ହୋଇଯାଇଥିଲା। ତେବେ ଚାଇନିଜ୍ ଯୋଡ଼ି ଧୈର୍ଯ୍ୟର ସହ ଶୁଟ୍ କରି ୧୬-୧୨ରେ ବିଜୟ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଚାଇନିଜ୍ ଯୋଡ଼ି ୟାଙ୍ଗ କ୍ୱାନ ଓ ୟାଙ୍ଗ ହାଓରାନ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଅଲିମ୍ପିକ୍ସର ଏହି ଇଭେଣ୍ଟରେ ଚାଇନା ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଛି। ପ୍ୟାରିସ୍-୨୦୨୪ରେ ପ୍ରଥମ ପଦକ କିନ୍ତୁ ଜିତିଥିଲା କାଜାଖସ୍ତାନ। କାରଣ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଫାଇନାଲ ପୂର୍ବରୁ ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ କାଜାଖସ୍ତାନର ଆଲେକଜାଣ୍ଡ୍ରା ଲୀ ଓ ଇସ୍‌ଲାମ ସତପେଭ ଜର୍ମାନୀର ଆନା ଜାନସେନ ଓ ମାକ୍ସିମିଲିଆନ ଉଲବ୍ରିଚ୍‌ଙ୍କୁ ୧୭-୫ରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ନୀତୀଶ ଆସିଲେନି, ...

ପାର୍ଲାମେଣ୍ଟରେ ସରକାରଙ୍କୁ ଘେରିଥିବାବେଳେ ଅଣଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନେ ନୀତି ଆୟୋଗ ବୈଠକରେ ଯୋଗ ଦେଇନାହାନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକରେ ଯୋଗଦେଇଥିଲେ ମଧ୍ୟ ଅନୈତିକ ଭାବେ ତାଙ୍କ ଭାଷଣ ଅଧାରୁ ମାଇକ୍ ବନ୍ଦ କରିଦିଆଯିବାରୁ ଏହାର ପ୍ରତିବାଦରେ ସେ କକ୍ଷତ୍ୟାଗ କରିଥିଲେ। ୫ ମିନିଟ କହିବା ପରେ ତାଙ୍କ ମାଇକ ବନ୍ଦ କରିଦିଆଗଲା ବୋଲି ମମତା ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଖଣ୍ଡନ କରିଛନ୍ତି। ତାଙ୍କ ଭାଷଣ ଦେବା ସମୟ ଅତିକ୍ରମ କରିଥିଲା ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ମମତାଙ୍କ ଅଭିଯୋଗ ହେଲା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ନୀତି ଆୟୋଗ ବୈଠକରେ କହିବା ପାଇଁ ୨୦ ମିନିଟ ସମୟ ଦିଆଯାଇଥିବାବେଳେ ଆସାମ, ଗୋଆ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ୧୦ରୁ ୧୨ ମିନିଟ୍ ଲେଖାଏ ସମୟ ଦିଆଯାଇଥିଲା। ତେବେ ମାତ୍ର ୫ ମିନିଟ୍ ପରେ ତାଙ୍କ ମାଇକକୁ ବନ୍ଦ କରିଦିଆଗଲା ବୋଲି ମମତା ବାହାରେ ଖବରଦାତାମାନଙ୍କୁ କହିଛନ୍ତି। ବିରୋଧୀ ଦଳ ପକ୍ଷରୁ ସେ ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ନୀତି ଆୟୋଗ ବୈଠକରେ ସାମିଲ ହୋଇଥିଲେ। ସଂଘୀୟ ସହଯୋଗିତାର ବୃହତ୍ତର ସ୍ୱାର୍ଥକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେ ବୈଠକରେ ଯୋଗଦେଇଥିବା କହିଥିଲେ।

କେନ୍ଦ୍ରରେ ଏନ୍‌ଡିଏ ସରକାରର ସହଯୋଗୀ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ନୀତି ଆୟୋଗ ବୈଠକରେ ଯୋଗଦେଇ ନାହାନ୍ତି। ସେ ବୈଠକରେ ସାମିଲ ନ ହେବା ସମ୍ପର୍କରେ କୌଣସି କାରଣ ଦର୍ଶାଇ ନାହାନ୍ତି। ତେବେ ବୈଠକରେ ବିହାରରୁ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନା ସାମିଲ ହୋଇଥିଲେ। ପୂର୍ବରୁ ମଧ୍ୟ ନୀତୀଶ ନୀତି ଆୟୋଗ ବୈଠକରେ ଯୋଗ ନ ଦେଇ ଉପମୁଖ୍ୟମନ୍ତ୍ରୀଙ୍କୁ ପଠାଉଥିଲେ। ଏଥର କେନ୍ଦ୍ର ସରକାରର ସହଯୋଗୀ ହୋଇ ମଧ୍ୟ ନୀତୀଶ ବୈଠକକୁ ଯାଇନାହାନ୍ତି। ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପ୍ରତ୍ୟେକ ଭାରତୀୟଙ୍କ ଆଶା ଆକାଂକ୍ଷା ରହିଛି। ଏହି ଲକ୍ଷ୍ୟ ହାସଲ ଲାଗି ରାଜ୍ୟଗୁଡ଼ିକୁ ସକ୍ରିୟ ଭୂମିକା ନିଭାଇବାକୁ ପଡ଼ିବ ବୋଲି ମୋଦି କହିଥିଲେ।

## ଦମ୍‌ରେ ଆଳୁ ...

ଦେଲେ ବି ମନ ମୁତାବକ ଆଳୁଦମ୍ ମିଳିପାରୁନାହିଁ। ଠେଲାଗାଡ଼ିରେ ବେପାର କରୁଥିବା ବ୍ୟବସାୟୀ କୁଣ୍ଠିତ ହେଉଛନ୍ତି ଗ୍ରାହକର ଇଚ୍ଛା ପୂରଣ କରିବାକୁ। ଦୋଳମୁଣ୍ଡାଇରେ ଖାଦ୍ୟ ବ୍ୟବସାୟ କରୁଥିବା ଦୀପକ ପାତ୍ର କୁହନ୍ତି, ପୂର୍ବରୁ ଦହିବରା-ଆଳୁଦମ୍ ପ୍ଲେଟ୍ ୪୦ ଟଙ୍କା ନେଉଥିଲୁ। ମାତ୍ର ଆଳୁ ଦର ବଢ଼ିବା ଦିନଠାରୁ ପ୍ଲେଟ୍ ପିଛା ଦର ୧୦ ଟଙ୍କା ବଢ଼ାଇ ୫୦ ଟଙ୍କା କରିଛୁ। ଆଗରୁ ୪ ପିସ୍ ଆଳୁଦମ୍ ଦେଉଥିଲୁ। ମାତ୍ର ଏବେ ୨ରୁ ୩ ପିସ୍ ଆଳୁ ଦେଉଛୁ। ତଥାପି ଗ୍ରାହକ ଖାଇବା ପାଇଁ ଭିଡ଼ ଜମାଉଛନ୍ତି। ସେହିପରି ମଙ୍ଗଳାବାଗରେ ଆଳୁଦମ୍-ଦହିବରା ବ୍ୟବସାୟୀ ପ୍ରଶାନ୍ତ କୁମାର ଚୌଧୁରୀଙ୍କ କହିବାନୁସାରେ, ପ୍ରତି ୪ ଦିନରେ ଗୋଟିଏ ବସ୍ତା ଆଳୁ କିଣୁ। ପୂର୍ବରୁ ଆଳୁ ବସ୍ତା ୧୨୦୦ ଟଙ୍କାରେ କିଣୁଥିବା ବେଳେ ଏବେ ୧୯୦୦ ଟଙ୍କାରେ କିଣୁଛୁ। ଆମର ସବୁଦିନିଆ ଗରାଖଙ୍କଠାରୁ ଅଧିକ ଦାମ୍ ନେଇପାରୁ ନାହିଁ। ତେଣୁ ବାଧହୋଇ ଆଳୁ କମ୍ କରି ମଟର ପରିମାଣ ଅଧିକ କରିଛୁ। ପ୍ଲେଟ୍ ୩୦ ଟଙ୍କାରେ ଆଗରୁ ବିକୁଥିଲୁ ଏବେ ବି ସେତିକି ଦରରେ ବିକୁଛୁ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମାଳିକ ଦୀପ୍ତିମୟୀଙ୍କ କହିବାନୁସାରେ, କଲେଜ ଆସିଲେ ଦହିବରା-ଆଳୁଦମ୍ ନ ଖାଇଲେ ମନ ବୁଝେନି। ହଷ୍ଟେଲରୁ ଜଳଖିଆ ନଖାଇ କଲେଜ ପାଖ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟଲରୁ ସାଙ୍ଗମାନଙ୍କ ସହ ନିଶ୍ଚିତ ଭାବେ ଦହିବରା-ଆଳୁଦମ୍ ଖାଇଥାଏ। ହେଲେ ଏବେ ଦହିବରାରୁ ଆଳୁ କମିଯିବା କାରଣରୁ ଆଳୁ ଖାଇବାର ଇଚ୍ଛା ଟିକେ ବଢ଼ିଯାଇଛି।

## ଆଳୁ ସଙ୍କଟ: ମମତାଙ୍କ ସହ ଆଲୋଚନା କଲେ ମୋହନ

**ଭୁବନେଶ୍ୱର,୨୭।୭(ଅନିଲଦାସ)**-ଓଡ଼ିଶାରେ ଦେଖାଦେଇଥିବା ଆଳୁ ସଙ୍କଟର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗ ଲୋଡ଼ିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଯୋଗାଣ ବାଧାପ୍ରାପ୍ତ ହେବାରୁ ଦରଦାମ୍ ଅହେତୁକ ବୃଦ୍ଧି ପାଇଛି। ଦରବୃଦ୍ଧି ଯୋଗୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇଛି। ପଶ୍ଚିମବଙ୍ଗରୁ ଆଳୁ ଆସୁ ନ ଥିବାରୁ ଦର ବଢ଼ିଥିଲା। ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା ପରେ ଆଳୁ ଆସିବା ଆରମ୍ଭ ହୋଇଛି। ବଜାର ଦର ଧୀରେ ଧୀରେ ସ୍ୱାଭାବିକ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

> ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା– ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। –ଶ୍ରୀଅରବିନ୍ଦ



# ସମର୍ଥକ ନିରାଶ



**ଆକାର ପଟେଲ**

ବଜେଟକୁ ନେଇ ନିରାଶ ହୋଇ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ସ୍ୱର ଉତ୍ତୋଳନ କରିଛନ୍ତି। ବିଶେଷକରି ମଧ୍ୟବିତ୍ତ ଶ୍ରେଣୀ ସହିତ ଜଡ଼ିତ ବିଷୟ (ଏହି ବଜେଟରେ ଟିକସ ଏବଂ ସମ୍ପତ୍ତି ବିକ୍ରୟ) ଅସନ୍ତୋଷ ସୃଷ୍ଟି କରିଛି। ସେମାନଙ୍କ ଅଭିଯୋଗ ଅସ୍ୱାଭାବିକ ମନେହୁଏ, କାରଣ ସେମାନେ ଯାହା ହେଲେ ବି ପ୍ରଧାନମନ୍ତ୍ରୀଙ୍କୁ ଦୃଢ଼ ସମର୍ଥନ ଜାରି ରଖିଛନ୍ତି। ମଣିପୁର କିମ୍ବା ଲଦାଖ ଭଳି ପ୍ରସଙ୍ଗକୁ ବିରୋଧୀ କିମ୍ବା ଅସନ୍ତୁଷ୍ଟମାନେ ଉଠାଇ ପାରିଥାନ୍ତେ, କିନ୍ତୁ ସେମାନେ 'ଭକ୍ତ' ବୋଲି କୁହାଯାଉଥିବା ଗୋଷ୍ଠୀର ଲୋକଙ୍କୁ ଅସନ୍ତୁଷ୍ଟ କରୁଥିବା ଭଳି ଦେଖାଯାଉ ନାହିଁ। ସେମାନେ ସରକାରଙ୍କ ବିଚିତ୍ର ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବାକୁ ଚାହାନ୍ତି। 'ମୋଦିଜୀ ନେ କିୟା ହୈ ତୋ ସୋଚ୍ ସମଝକର ହି କିୟା ହୋଗା' ବାକ୍ୟ ଇଣ୍ଟରନେଟ୍‌ରେ ଦେଖିବାକୁ ମିଳୁଥିବାରୁ ସେମାନଙ୍କର ଅସନ୍ତୋଷ ଏକ କୌତୂହଳର ବିଷୟ ମନେହୁଏ। ପ୍ରଶ୍ନ ହେଉଛି, ସେମାନେ ଅସନ୍ତୋଷ ହେବାର କିଛି କାରଣ ଅଛି କି? ମୁଁ କେବଳ ବଜେଟ ନୁହେଁ ବରଂ ସେମାନଙ୍କର ଆକାଂକ୍ଷା ବିଷୟରେ କହୁଛି। ଯଦି କେହି ଭାବନ୍ତି ତାଙ୍କ ପାର୍ଟି କିଛି ନୂଆ ବିଚାରଧାରାକୁ ସମର୍ଥନ କରୁଛି ଏବଂ ତା'ପରେ କିଛି ଅଲଗା କରୁଛି, ତେବେ ଜଣେ ଅସନ୍ତୋଷ ହେବା ସ୍ୱାଭାବିକ। ଯେଉଁମାନେ ଭାଜପାକୁ ସମର୍ଥନ କରନ୍ତି ଏବଂ ଭୋଟ ଦିଅନ୍ତି ସେମାନେ ଦଳ ଅର୍ଥ ବ୍ୟବସ୍ଥାକୁ ସମର୍ଥନ କରିବା ବିଷୟ ଉପରେ କ'ଣ ଭାବନ୍ତି? ଏହାକୁ ବୁଝିବାର ଏକମାତ୍ର ଉପାୟ ହେଉଛି ବିଗତ ଦଶନ୍ଧିଗୁଡ଼ିକରେ ଦଳର ମେନିଫେଷ୍ଟୋ ବା ଘୋଷଣାପତ୍ରକୁ ଦେଖିବା। ପ୍ରକୃତ କଥା ହେଉଛି ୧୯୫୧ ମସିହାରେ ଜନସଂଘ ଗଠନ ହେବାଠାରୁ ଏହାର ମେନିଫେଷ୍ଟୋରେ ସ୍ଥିର ତଥା ସ୍ପଷ୍ଟ ଅର୍ଥନୈତିକ ବିଚାରଧାରା କିମ୍ବା ଦେଶ ଉପରେ ହିନ୍ଦୁତ୍ୱ ପ୍ରଭାବ ପକାଇବା ସମ୍ପର୍କିତ କୌଣସି ବିଚାର ନାହିଁ। ମେନିଫେଷ୍ଟୋ ହେଉଛି କେବଳ ଦ୍ୱନ୍ଦ୍ୱାତ୍ମକ ଓ ଅସମ୍ପୂର୍ଣ୍ଣ ଘୋଷଣାର ଏକ ସଂଗ୍ରହ।

ମୌଳିକସ୍ତରରେ ଅର୍ଥ ବ୍ୟବସ୍ଥାକୁ ଜନସଂଘ ସମର୍ଥନ କରିଥିବାର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନାହିଁ। ପାର୍ଟି ମେନିଫେଷ୍ଟୋ କହେ, ଏହା ଅର୍ଥନୈତିକ ବ୍ୟବସ୍ଥାର ବିକାଶ କରିବ, ଯାହା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ହଟାଇବ ନାହିଁ, କିନ୍ତୁ ଘରୋଇ ଉଦ୍ୟୋଗଗୁଡ଼ିକୁ ଉପଯୁକ୍ତ ସ୍ଥାନ ଦେବ। ମନେରଖିବା ଉଚିତ, ଦଳର ସମ୍ବିଧାନ (ଧାରା ୨) କହେ, ଭାଜପା ସମାଜବାଦର ଶପଥ ନେଇଛି। ସ୍ୱଦେଶୀ ଅର୍ଥ ହେଉଛି ସ୍ଥାନୀୟ ଶିଳ୍ପକୁ ସବ୍‌ସିଡି ଏବଂ ଶୁଳ୍କ ସୁରକ୍ଷା ଦେବା। ମେନିଫେଷ୍ଟୋରେ କୁହାଯାଇଥିଲା ଯେ, ଉପଭୋକ୍ତା ସାମଗ୍ରୀ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀକୁ ନିରୁତ୍ସାହିତ କରାଯିବ। ୧୯୫୭ରେ ପାର୍ଟି ଘୋଷଣା କରିଥିଲା ଆର୍ଥିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆରମ୍ଭ କରିବ, ଯାହା ଭାରତୀୟଙ୍କ ଜୀବନର ମୂଲ୍ୟବୋଧକୁ ଦେଖି କରାଯିବ। ଅବଶ୍ୟ ଏଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇ ନାହିଁ କିମ୍ବା ବୈପ୍ଳବିକ ପରିବର୍ତ୍ତନର ଏହି ବିଷୟକୁ ଭବିଷ୍ୟତର ମେନିଫେଷ୍ଟୋରେ ପୁନର୍ବାର ଉଠାଯାଇ ନାହିଁ। ୧୯୬୭ ମସିହାରେ ଦଳ ଏକ ଯୋଜନାବଦ୍ଧ ଅର୍ଥନୀତିର ଧାରଣାକୁ ସମର୍ଥନ କରିବା କଥା କହିଥିଲା। କିନ୍ତୁ ଏହି ଯୋଜନାର ମୋଡ଼ ବଦଳାଇ ଆଞ୍ଚଳିକଭିତ୍ତିରେ ଓ ପ୍ରୋଜେକ୍ଟ ଦ୍ୱାରି ମାଇକ୍ରୋ-ଇକୋନୋମିକ ଯୋଜନା ବ୍ୟବସ୍ଥା ଗ୍ରହଣ କରିଥିଲା। ଏହା ରାଜ୍ୟର ହସ୍ତକ୍ଷେପ ଲୋଡ଼ିଥିଲା, କିନ୍ତୁ ସବୁ ସ୍ଥାନରେ ନୁହେଁ। ଏହା ଘରୋଇ ନିବେଶକୁ ଉତ୍ସାହିତ କରିଥିଲା, ହେଲେ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ।

୧୯୫୪ରେ ଏବଂ ପୁନର୍ବାର ୧୯୭୧ରେ ଜନ ସଂଘ ଭାରତୀୟ ନାଗରିକଙ୍କ ସର୍ବାଧିକ ଆୟକୁ ମାସକୁ ୨୦୦୦ ଟଙ୍କା ଏବଂ ସର୍ବନିମ୍ନ ୧୦୦ ଟଙ୍କାରେ ୨୦:୧ ଅନୁପାତରେ ସୀମିତ ରଖିବାକୁ ସ୍ଥିର କରିଥିଲା। ଦଳ ମଧ୍ୟ କହିଥିଲା, ଏହା ୧୦:୧ରେ ପହଞ୍ଚିବା ପର୍ଯ୍ୟନ୍ତ ଏହି ବ୍ୟବଧାନକୁ ହ୍ରାସ କରିବା ଉପରେ କାର୍ଯ୍ୟ ଜାରି ରଖିବ ଏବଂ ସମସ୍ତ ଭାରତୀୟଙ୍କ ଆୟ କେବଳ ଏହି ସୀମା ମଧ୍ୟରେ ରହିପାରିବ। ପାର୍ଟି କହିଥିଲା, ସହରଗୁଡ଼ିକରେ ଆବାସିକ ଘରଗୁଡ଼ିକର ଆକାରକୁ ସୀମିତ ରଖିବ ଏବଂ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟ୍‌କୁ ଅନୁମତି ଦେବ ନାହିଁ। 'ସର୍ବନିମ୍ନ ସରକାର ସର୍ବାଧିକ ସରକାର' ଧ୍ୱନି ସହିତ ଏହାର କାର୍ଯ୍ୟକୁ ତୁଳନା କରନ୍ତୁ ଏବଂ ଦେଖନ୍ତୁ ଏଥିରେ କୌଣସି ସ୍ଥିରତା ନାହିଁ। ଏବଂ ଗୋଟିଏ ସ୍ଥିତିରୁ ଅନ୍ୟ ସ୍ଥିତିକୁ ଦଳ କାହିଁକି ପରିବର୍ତ୍ତନ କଲା ତାହାର କୌଣସି କାରଣ ପାଇବେ ନାହିଁ। ଜନ ସଂଘ ପ୍ରଥମେ କୃଷି ଯାନ୍ତ୍ରିକୀକରଣକୁ ସମର୍ଥନ କରିଥିଲା, କିନ୍ତୁ ପରେ ୧୯୫୪ରେ ଏହାକୁ ବିରୋଧ କଲା। ଏହା ଚାହୁଁଥିଲା ଯେ ଶିଳ୍ପ ଏହାର ଅଟୋମେଶନ ବା ସ୍ୱୟଂଚାଳିତ ପ୍ରକ୍ରିୟାକୁ ଦକ୍ଷତା ଆଧାରରେ ନୁହେଁ ବରଂ କେତେଜଣ ବ୍ୟକ୍ତି ନିଯୁକ୍ତି ଦେଇ ଠିକ୍ କରୁ। ଜଣେ ବ୍ୟବସାୟୀ ଖର୍ଚ୍ଚ ହ୍ରାସ କରିବା ପରିବର୍ତ୍ତେ ତାହାକୁ କାହିଁକି ବଢ଼ାଇବାକୁ ଚାହିଁବ, ସେ ବିଷୟରେ ଏହା ବ୍ୟାଖ୍ୟା କରିନାହିଁ।

୧୯୭୧ରେ ଦଳ କହିଥିଲା, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ବ୍ୟତୀତ ଅନ୍ୟ କୌଣସି ଶିଳ୍ପ ସ୍ୱୟଂଚାଳିତ ହେବାକୁ ଚାହେଁନାହିଁ। ଚଳିତ ସପ୍ତାହରେ ଯେତେବେଳେ ଅର୍ଥ ସଚିବଙ୍କ ସାକ୍ଷାତ୍କାରର ଏକ ଶୀର୍ଷକ ''କମ୍ ଅଟୋମେଶନ ଆପଣାଇ ଅଧିକ ଶ୍ରମିକ ବ୍ୟବହାର କରିବା ଶିଳ୍ପ ପାଇଁ ଅସୁବିଧା''କୁ ଦେଖିଲି ସେତେବେଳେ ମୋର ଏହି କଥା ମନେପଡ଼ିଗଲା। ୧୯୫୦, ୧୯୬୦, ୧୯୭୦ ଏବଂ ୧୯୮୦ ଦଶକ ମଧ୍ୟରେ ଦଳ କେବଳ ସେହି ସମୟର କଂଗ୍ରେସ ମେନିଫେଷ୍ଟୋକୁ ସ୍ୱୀକାର କରୁଥିଲା କିମ୍ବା ପ୍ରତିକ୍ରିୟା ରଖୁଥିଲା। ସେତେବେଳେ ପ୍ରକୃତରେ ସେମାନଙ୍କର ନିଜସ୍ୱ ପ୍ରସ୍ତାବ ଦେବାକୁ କିଛି ନ ଥିଲା କି ସେମାନେ ଏହା ଆବଶ୍ୟକ ବୋଲି ମଧ୍ୟ ଭାବି ନ ଥିଲେ। କାରଣ ୧୯୮୯ ପର୍ଯ୍ୟନ୍ତ ଏହାର ଭୋଟ ହାର ଏକକ ସଂଖ୍ୟା ରହିଥିଲା ଏବଂ ଭାଜପା ଜାଣିଥିଲା ଏହା କ୍ଷମତାକୁ ଆସିବ ନାହିଁ କି ଏକ ନୀତି ପ୍ରଣୟନ କରିବାର ଆବଶ୍ୟକତା ପଡ଼ିବ ନାହିଁ। ତେଣୁ ଯାହା ମୁଣ୍ଡକୁ ଆସିଲା ତାହା ମୁକ୍ତ କଣ୍ଠରେ କହିଗଲା। ବର୍ତ୍ତମାନ ଭାଜପା ଭାରତୀୟ ରାଜନୀତିରେ ପ୍ରଭାବୀ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଛି, ଲୋକମାନେ ଏହାକୁ ଅଧିକ ଗମ୍ଭୀରତା ସହ ନେଇଛନ୍ତି। ଏହାର ଭୋଟରମାନେ ଅନୁମାନ କରନ୍ତି ଯେ 'ମୋଦିନୋମିକ୍ସ' ପଛରେ କିଛି ବଡ଼ ରଣନୀତି ବା ଅନ୍ତତଃ ପକ୍ଷେ କିଛି ମୌଳିକ ବିଚାରଧାରା ଅଛି ଏବଂ ଏହା ବଜେଟରେ ଜଣାପଡ଼ିବ। କିନ୍ତୁ ଏହା ସେପରି ହୋଇ ନାହିଁ।

Email:aakar.patel@gmail.com

# ସ୍ୱାସ୍ଥ୍ୟସେବାରେ ପାତରଅନ୍ତର



**ବୃହସ୍ପତି ସାମଲ**

ଭାରତର ଜନସଂଖ୍ୟା ଅନୁପାତରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଚିକିତ୍ସାଳୟର ଅଭାବ ଯୋଗୁ ହାସ୍‌ପାତାଳଗୁଡ଼ିକ ଉତ୍କୃଷ୍ଟ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ବିଫଳ ହେଉଛନ୍ତି। ବିଭିନ୍ନ ଗୋଷ୍ଠୀ, ଜାତି, ଲିଙ୍ଗ, ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠା, ଭୌଗୋଳିକ ଅବସ୍ଥିତି ତଥା ସର୍ବୋପରି ସରକାରୀ ନୀତି ନିୟମର ପରିଧି ଭିତରେ ଉଭୟ ସରକାରୀ ଓ ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ଲୋକମାନେ ସ୍ୱାସ୍ଥ୍ୟସେବାରେ ଘୋର ପାତରଅନ୍ତରର ଶିକାର ହେବା ଆଜିକାଲି ଏକ ନିତିଦିନିଆ ସାଧାରଣ ଘଟଣା। ଗ୍ରାମାଞ୍ଚଳର ଚିକିତ୍ସା କ୍ଷେତ୍ରରେ ଥିବା ପାତରଅନ୍ତରକୁ ଦୂର କରିବା ପାଇଁ ୨୦୦୫ରେ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୃଢ଼ କରିବା ପାଇଁ ବଜେଟରେ ସମ୍ବଳ ବଣ୍ଟନର ପାତରଅନ୍ତର ନୀତି ଯୋଗୁ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟଠାରୁ ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକ ବହୁ ପଛରେ। ୨୦୨୩ର ଏକ ସର୍ବେକ୍ଷଣ ଅନୁଯାୟୀ, ପାଞ୍ଚ କିଲୋମିଟର ପରିଧି ଭିତରେ ଗ୍ରାମାଞ୍ଚଳର ମାତ୍ର ୩୫% ପରିବାରକୁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଥିବା ବେଳେ ସହରାଞ୍ଚଳରେ ତାହା ୮୫%। ସେହିପରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମାତ୍ର ୧୫% ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ବେଳେ ଉଚ୍ଚ ଆୟକାରୀ ବର୍ଗର ଲୋକମାନଙ୍କ କ୍ଷେତ୍ରରେ ତାହା ୭୦%। ଅଙ୍ଗପ୍ରତ୍ୟଙ୍ଗ ରୋପଣ ଓ କର୍କଟ ରୋଗ ଆଦି ଚିକିତ୍ସାରେ ତାମିଲନାଡୁ ଓ କର୍ଣ୍ଣାଟକ ଭଳି ଦକ୍ଷିଣ ଭାରତୀୟ ରାଜ୍ୟ ବିହାର ଓ ଉତ୍ତରପ୍ରଦେଶ ଭଳି ଉତ୍ତର ଭାରତୀୟ ରାଜ୍ୟଠାରୁ ବହୁ ଆଗରେ। ଭିତ୍ତିଭୂମି ସଂରଚନା ଏବଂ ସମ୍ବଳ ବଣ୍ଟନ ଓ ସାଧନରେ ପାତରଅନ୍ତର ଚିକିତ୍ସା କ୍ଷେତ୍ରରେ ଏକ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରି ଜନସାଧାରଣଙ୍କୁ ସମାନ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅନ୍ତରାୟ ହେଉଛି। ଅକ୍ସଫାମ୍ ଇଣ୍ଡିଆର ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରତି ତିନିଜଣରେ ଜଣେ ମୁସଲମାନ, ୨୦%ରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଅନ୍ୟୂନ ୩୦% ଚିକିତ୍ସା କ୍ଷେତ୍ରରେ ଜାତି ଓ ଧର୍ମକୁ ନେଇ ଭେଦଭାବର ଶିକାର ହୋଇଥାନ୍ତି। ଭାରତରେ ପ୍ରାୟ ୪୦% ମହିଳା ଜନ୍ମ ସମୟରେ ଯୋଗ୍ୟ ଚିକିତ୍ସା ନ ପାଇବା ଏବଂ ମୁସ୍‌ଲିମ ସମ୍ପ୍ରଦାୟରେ ପ୍ରାୟ ୧୫% ଲୋକ ଉଚ୍ଚମାନର ଚିକିତ୍ସାରୁ ବଞ୍ଚିତ ହେବା ଚିକିତ୍ସା କ୍ଷେତ୍ରରେ ଲିଙ୍ଗ ଓ ସମ୍ପ୍ରଦାୟଗତ ଭେଦଭାବକୁ ପ୍ରତିପାଦିତ କରେ।

ଗରିବ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅନ୍ୟୂନ ୫୦ କୋଟି ପରିବାରକୁ ପରିବାର ପିଛା ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଦେବା ପାଇଁ ଭାରତ ସରକାର ୨୦୧୮ରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ୍ ଭାରତ) ଯଦିଓ ଆରମ୍ଭ କଲେ। ତଥ୍ୟ ଅନୁଯାୟୀ, ୨୦୨୩ ସୁଦ୍ଧା ମାତ୍ର ୧୦ କୋଟି ପରିବାର ଆୟୁଷ୍ମାନ୍ ଭାରତ ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି। ଏହି ଯୋଜନାରେ କେରଳରେ ୭୦% ପରିବାର ଓ ବିହାରରେ ମାତ୍ର ୨୫% ଉପକୃତ ହୋଇଛନ୍ତି। ଆୟୁଷ୍ମାନ୍ ଭାରତରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ପ୍ରାୟ ୨ କୋଟି ଲୋକ ୨୦୨୩ ସୁଦ୍ଧା ଲାଭ ପାଇଛନ୍ତି, ଯାହା ଯୋଜନାର ମୋଟ ଲାଭାର୍ଥୀଙ୍କର ମାତ୍ର ୨୦%। ଚିକିତ୍ସା ଖର୍ଚ୍ଚ ନିର୍ଦ୍ଧାରିତ ପାଞ୍ଚ ବା ଦଶ ଲକ୍ଷ ଅତିକ୍ରମ କଲେ, ରୋଗୀମାନେ ଅଯଥା ଅବହେଳାର ଶିକାର ହେଉଥିବାବେଳେ କାର୍ଡ ଜରିଆରେ ଚିକିତ୍ସା ବାବଦ ଖର୍ଚ୍ଚକୁ ସରକାର ଠିକ୍ ସମୟରେ ନିର୍ଦ୍ଦିଷ୍ଟ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଭରଣା କରୁ ନ ଥିବାରୁ, ଅନେକ ହାସ୍‌ପାତାଳ ଏସବୁ କାର୍ଡ ଗ୍ରହଣ କରିବାକୁ ଅନିଚ୍ଛୁକ ହେଉଛନ୍ତି। ଏହା ବାଦ୍, ଅନେକ ସରକାରୀ ଡାକ୍ତରଖାନାଗୁଡ଼ିକରେ ସବୁ ପ୍ରକାରର ଚିକିତ୍ସା ଉପଲବ୍ଧ ନଥିଲା ବେଳେ ସରକାର ଅନେକ ସୁପରସ୍ପେଶାଲିଟି ଓ ମଲ୍ଟିସ୍ପେଶାଲିଟି ଘରୋଇ ହାସ୍‌ପାତାଳକୁ ଏଭଳି ଯୋଜନା କାର୍ଡ ପରିସରଭୁକ୍ତ କରିନାହାନ୍ତି, ଯେଉଁଥିପାଇଁ ସାଧାରଣ ରୋଗୀମାନେ ଉତ୍ତମ ଓ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି।

ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ କ୍ଷେତ୍ରରେ ପାତରଅନ୍ତର ଆହୁରି ଅଧିକ। ସପ୍ତମ ବେତନ ଆୟୋଗ ଆଧାରରେ ପେ'ମାଟ୍ରିକ୍ସ ସ୍ତର ୧ରୁ ୫, ସ୍ତର ୬, ସ୍ତର ୭ରୁ ୧୧ ଏବଂ ସ୍ତର ୧୨ରୁ ତଦୂର୍ଦ୍ଧ୍ୱରେ ଥିବା କେନ୍ଦ୍ର ସରକାରୀ କର୍ମଚାରୀମାନେ ମାସିକ ଦରମାରୁ ଯଥାକ୍ରମେ ୨୫୦, ୪୫୦, ୬୫୦ ଓ ୧୦୦୦ ଟଙ୍କା ଉତ୍ସର୍ଗ କରି ଏବଂ ପେନ୍‌ସନଭୋଗୀମାନେ ଯଥାକ୍ରମେ ଏକକାଳୀନ ୩୦,୦୦୦, ୫୪,୦୦୦, ୭୮,୦୦୦ ଓ ୧,୨୦,୦୦୦ ଟଙ୍କା ଦାଖଲ କରି ଆଜୀବନ ସିଜିଏଚ୍‌ଏସ୍ ଅଧୀନରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥା'ନ୍ତି। କିନ୍ତୁ ସମସ୍ତଙ୍କ ପାଇଁ ସମାନ ପ୍ରକାରର ସୁବିଧା ଉପଲବ୍ଧ ନ ହୋଇ ସପ୍ତମ ବେତନ ଆୟୋଗର ମୂଳ ଦରମା ଆଧାରରେ ଅଲଗା ଅଲଗା ଭାବରେ ସ୍ୱାସ୍ଥ୍ୟସେବା ନିର୍ଦ୍ଧାରିତ ହୁଏ। ମୂଳ ମାସିକ ଦରମା ୩୬,୫୦୦, ୩୬,୫୦୧ରୁ ୫୦,୫୦୦ ଏବଂ ୫୦,୫୦୦ରୁ ତଦୂର୍ଦ୍ଧ୍ୱ



ଥିବା ସିଜିଏଚ୍‌ଏସ୍ ଉପଭୋକ୍ତାମାନେ ଯଥାକ୍ରମେ ସାଧାରଣ ୱାର୍ଡ଼, ସେମି ପ୍ରାଇଭେଟ ୱାର୍ଡ଼ ଓ ପ୍ରାଇଭେଟ ୱାର୍ଡ଼ରେ ଚିକିତ୍ସିତ ହେବାର ସୁବିଧା ପାଇଥା'ନ୍ତି, ଯାହା ଚିକିତ୍ସା କ୍ଷେତ୍ରରେ ଆର୍ଥିକ ପାତରଅନ୍ତରକୁ ସ୍ପଷ୍ଟ କରେ। ଅଧିକନ୍ତୁ; ବିଭିନ୍ନ ବ୍ୟାଧିର ଚିକିତ୍ସା ପାଇଁ ସିଜିଏଚ୍‌ଏସ୍‌ରେ ଯେଉଁ ପ୍ୟାକେଜ ନିର୍ଦ୍ଧାରିତ ହୋଇଛି, ତାହା ପ୍ରକୃତ ଖର୍ଚ୍ଚଠାରୁ ଅଧିକାଂଶ କ୍ଷେତ୍ରରେ ଯଥେଷ୍ଟ କମ୍ ରହୁଥିବାରୁ ଉପଭୋକ୍ତାମାନେ ଆର୍ଥିକ ଅସୁବିଧାର ମଧ୍ୟ ସମ୍ମୁଖୀନ ହୋଇଥା'ନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଭାରତୀୟ ଡାକ ବିଭାଗର ଅନ୍ୟୂନ ତିନି ଲକ୍ଷ ଗ୍ରାମୀଣ ଡାକସେବକ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୌଣସି ସ୍ୱାସ୍ଥ୍ୟସେବା ଯୋଜନାରେ ଅନ୍ତର୍ଭୁକ୍ତ ନାହାନ୍ତି।

ଅଧିକନ୍ତୁ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ୍ରମାଗତ ବଜେଟ ହ୍ରାସ ନିମ୍ନମାନର ସ୍ୱାସ୍ଥ୍ୟସେବା ପାଇଁ ବହୁ ପରିମାଣରେ ଦାୟୀ। ୨୦୧୮-୧୯ରୁ ୨୦୨୩-୨୪ ଭିତରେ ବିଗତ ପାଞ୍ଚ ବର୍ଷର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନ କଥାରୁ ସ୍ପଷ୍ଟ ହୁଏ ଯେ, ୨୦୧୮-୧୯ ବଜେଟରେ ମୋଟ ୫୬,୨୩୬ କୋଟି ଟଙ୍କା (ଯାହା ମୋଟ ବଜେଟର ୨.୪% ଓ ମୋଟ ଘରୋଇ ଉତ୍ପାଦ ବା ଜିଡିପିର ୦.୩%)ର ବ୍ୟୟ ବରାଦ କରାଯାଇଥିବା ବେଳେ, ୨୦୨୩-୨୪ରେ (ସଂଶୋଧିତ) ୮୩,୪୧୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି, ଯାହା ମୋଟ ବଜେଟର ୧.୯% ଓ ଜିଡିପିର ୦.୨୮%। ଏଠି ଯଦି ସରକାରଙ୍କ ସ୍ୱାସ୍ଥ୍ୟ ଉପକର(ସେସ୍)ରୁ ସଂଗୃହୀତ ଆୟକୁ ବିଚାର କରାଯାଏ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନ ଆହୁରି କମିଯିବ। ଉଦାହରଣ ସ୍ୱରୂପ ୨୦୨୨-୨୩ରେ ୭୮,୧୭୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କେବଳ ଉପକରରୁ ଆୟ ଥିଲା ୧୮,୩୦୦ କୋଟି ଟଙ୍କା। ଅର୍ଥାତ୍ ଏହି ଆୟକୁ ବାଦ୍‌ଦେଲେ ୨୦୨୨-୨୩ର ପ୍ରକୃତ ଆବଣ୍ଟନ ମାତ୍ର ୫୯,୮୭୯ ; ଯାହା ୨୦୧୯-୨୦ର ଆବଣ୍ଟନ (୬୬,୦୪୨ କୋଟି)ଠାରୁ ବି କମ୍। ଗ୍ରାମାଞ୍ଚଳର ଗରିବ ଜନତାଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ୨୦୧୮ରେ ସ୍ୱାସ୍ଥ୍ୟ ଉପକର ଲାଗୁ କଲାବେଳେ ବ୍ୟୟବରାଦ ମୋଟ ବଜେଟର ୨.୪% ଥିଲା। ଅନ୍ତତଃ ଯଦି ସେହି ଅନୁପାତରେ ବ୍ୟୟ ଅଟକଳ କରାଯାଉଥା'ନ୍ତା, ତେବେ ୨୦୨୩-୨୪ର ବଜେଟ ଆବଣ୍ଟନ ୮୩,୪୧୮ କୋଟି ଟଙ୍କା ପରିବର୍ତ୍ତେ ୧.୦୭ ଲକ୍ଷ କୋଟି ଟଙ୍କା ହୋଇଥାନ୍ତା। ୨୩ ଜୁଲାଇ ୨୦୨୪ରେ ଆଗତ ୨୦୨୪-୨୫ର ବଜେଟରେ ୯୦୯୫୮.୬୩ କୋଟିର ବ୍ୟୟ ବରାଦ ମଧ୍ୟ ଉତ୍ସାହପ୍ରଦ ନୁହେଁ। ମେଡିକାଲ ସରଞ୍ଜାମ ଓ ଔଷଧପତ୍ରର କ୍ରମାଗତ ଦରବୃଦ୍ଧିକୁ ବିଚାର କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନକୁ ସମାନୁପାତିକ ହାରରେ ବୃଦ୍ଧି ନ କରିବା, ଉଚ୍ଚମାନର ସେବା ପ୍ରଦାନରେ ଘୋର ଅନ୍ତରାୟ ସୃଷ୍ଟି କରିବା ଅତ୍ୟନ୍ତ ସ୍ୱାଭାବିକ।

ଚିକିତ୍ସା କ୍ଷେତ୍ରରେ ପାତରଅନ୍ତର ଏକ ପ୍ରମୁଖ ସମସ୍ୟା, ଯାହା ବିକାଶର ପରିପନ୍ଥୀ ଏବଂ ଭାରତୀୟ ସମ୍ବିଧାନର ଧାରା ୧୪, ୨୧ ଓ ୪୭ର ଖୋଲା ଉଲ୍ଲଂଘନ। ସ୍ୱାସ୍ଥ୍ୟ ଏବଂ ଚିକିତ୍ସାର ଅଧିକାର, ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ବଞ୍ଚିବାର ଅଧିକାରର ପରିସରଭୁକ୍ତ। ଉଚ୍ଚତମ ନ୍ୟାୟାଳୟଙ୍କ ମତରେ ଜୀବନ ସଂରକ୍ଷଣ ସର୍ବୋପରି। ଏଣୁ ଏକ ଭେଦଭାବହୀନ ସୁସ୍ଥ ସମାଜ ଗଠନ ପାଇଁ ସବୁ ଲୋକ ସମାନ ପ୍ରକାରର ଚିକିତ୍ସା ସୁବିଧା ପାଇବା ଆବଶ୍ୟକ।

ସାଧାରଣ ସମ୍ପାଦକ
କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ
ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୨୨୬୬୯

# କାର୍ଯ୍ୟ କରିବାର ସମୟ ଆସିଛି



**ଡା. ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତବର୍ଷର ବାର୍ତ୍ତା ରହିଛି 'କାର୍ଯ୍ୟ କରିବାର ସମୟ ଆସିଛି' ('It's time for action')। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି।

ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ୍-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ, ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍‌ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ।

ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନତାଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ-ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ ମେ'କୁ ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲମ୍ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।



**ବିଶ୍ୱ ହେପାଟାଇଟିସ୍ ଦିବସ ଉପଲକ୍ଷେ**

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଣ୍ଟ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି। ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ- ପାଞ୍ଚ ପ୍ରକାରର। ଯେଉଁ କେସ୍‌ରେ ଏକମାସ ମଧ୍ୟରେ ଲକ୍ଷଣ ପ୍ରକାଶପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ୬ ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୂରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ, ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଲିଭର ସଙ୍କୁଚିତ ହେବାକୁ ଲାଗେ, ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ହିଁ ହେଉଛି ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ପରିଶ୍ରମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମୋଟାପା ୭୦% ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ୩୦-୪୦% ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷଣ କରାଇ ନେବା ଜରୁରୀ। ଏହାକୁ ଅଟୋଇମ୍ୟୁନ୍ ହେପାଟାଇଟିସ୍ କୁହାଯାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ସମ୍ବନ୍ଧରେ ଜଣାନପଡ଼ିଲେ ବିଶେଷଜ୍ଞମାନେ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟରିକୁ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ୪୦ ବର୍ଷ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ବଡ଼ କଥା ମଦ୍ୟପାନରୁ ବିରତ ରୁହନ୍ତୁ।

ପ୍ରଫେସର, ହେପାଟୋଲଜି ବିଭାଗ,
ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଗୋଷ୍ଠୀଗତ ଏକତାର ସବୁବେଳେ ବିଜୟ ହୁଏ। ଏହି ବିଜୟ କେବଳ ଯୁଦ୍ଧ କିମ୍ବା ପ୍ରତିଯୋଗିତାରେ ନୁହେଁ, ବରଂ ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟ ଘଟିଥାଏ। ଏଭଳି ଏକତାର ପରିଚୟ ଦେଇଛନ୍ତି ଚେନ୍ନାଇର ଚିଟଲାପକମ ବାସିନ୍ଦା। ସେମାନେ '#ସେଭିଂ ଚିଟଲାପକମ ଲେକ୍' ଅଭିଯାନ ଆରମ୍ଭ କରି ୫୦ ଏକର ପରିମିତ ୧୦୦ ବର୍ଷର ହ୍ରଦକୁ ପୁନରୁଦ୍ଧାର କରିବା ସହ ପରିବେଶକୁ ସ୍ୱଚ୍ଛ କରିପାରିଛନ୍ତି। ଏହି କାମ ପାଇଁ ସେମାନେ ୭ ବର୍ଷ ନିରବଚ୍ଛିନ୍ନ ଭାବେ ଚେଷ୍ଟା କରିଆସିଛନ୍ତି। ସେମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଉତ୍ସରୁ ଆର୍ଥିକ ଅନୁଦାନ ସଂଗ୍ରହ କର ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ପ୍ରଥମେ ଚିଟଲାପକମର ପ୍ରତ୍ୟେକ ପରିବାର ୧୦୦ ଟଙ୍କା ଲେଖା ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅଭିଯାନରେ ପିଲାଠାରୁ ଆରମ୍ଭ କରି ୯୦ ବର୍ଷ ବୟସର ଲୋକ ଜଡ଼ିତ ରହିଛନ୍ତି। ସେମାନେ ତାଙ୍କ ଟିମ୍‌ର ନାମ ଦେଇଛନ୍ତି ଚିଟଲାପକମ ରାଇଜିଂ। ସେମାନେ ୨୦୧୭ରେ ପୋଷ୍ଟକାର୍ଡ କ୍ୟାମ୍ପେନ, ପଥପ୍ରାନ୍ତ ନାଟକ ଓ ଗୀତ ମାଧ୍ୟମରେ ଏହି ହ୍ରଦର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ୨୦୧୯ ବେଳକୁ ସେମାନଙ୍କ ସହିତ ୨୦୦୦ ଲୋକ ସାମିଲ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୭୫

- ରୁଷିଆ ପ୍ରେରିତ ମହାକାଶ କେନ୍ଦ୍ର ସାଲ୍ୟୁତ-୪ର ଦୁଇ ମହାକାଶଚାରୀ ଦୁଇମାସକାଳ ପୃଥିବୀର କକ୍ଷ ପରିକ୍ରମା କରିବା ପରେ ଭୂପୃଷ୍ଠକୁ ଫେରିଆସିଛନ୍ତି।
- ଇସ୍‌ଲାମାବାଦରେ ୩୮ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ଟ୍ରକ୍ ପୋଲ ଉପରୁ ସିନ୍ଧୁନଦୀକୁ ଖସିପଡ଼ିବା ଫଳରେ ୩୪ଜଣଙ୍କ ମୃତ୍ୟୁ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | 3 | | | | 6 | | | |
| | | 8 | | | 4 | | | 6 |
| | | | | | | 1 | 5 | |
| | 5 | | 4 | | | | 3 | |
| | 9 | | 1 | | 3 | | | |
| | | | | | | | | 7 |
| | | 9 | | | | | | |
| | | 5 | | | 8 | | 7 | |
| | 4 | | | 9 | 2 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 7 | 6 | 2 | 3 | 8 | 4 |
| 8 | 6 | 2 | 4 | 3 | 5 | 7 | 9 | 1 |
| 3 | 4 | 7 | 1 | 8 | 9 | 2 | 6 | 5 |
| 9 | 7 | 4 | 8 | 2 | 6 | 5 | 1 | 3 |
| 2 | 8 | 3 | 9 | 5 | 1 | 6 | 4 | 7 |
| 6 | 1 | 5 | 3 | 7 | 4 | 8 | 2 | 9 |
| 4 | 3 | 8 | 2 | 1 | 7 | 9 | 5 | 6 |
| 5 | 2 | 1 | 6 | 9 | 3 | 4 | 7 | 8 |
| 7 | 9 | 6 | 5 | 4 | 8 | 1 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରକାଳୀନ ଚିକିତ୍ସା ଭତ୍ତା ଦିଆଯାଉ

ମହାଶୟ,

ଅବସରକାଳୀନ ଚିକିତ୍ସା ଭତ୍ତା ପାଇଁ ପୂର୍ବ ସରକାରଙ୍କୁ ଅନେକ ଥର ଅନୁରୋଧ କରାଯାଇଥିଲା। ସେ ତାହା ପ୍ରତି କର୍ଣ୍ଣପାତ କଲେ ନାହିଁ। ଅବସର ପରେ ମିଳୁଥିବା ପେନ୍‌ସନରେ ଘର ଚଳାଇବା ସହିତ ଗୁଡ଼ାଏ ଔଷଧ ଖାଇ ବଞ୍ଚିବାଟା କଷ୍ଟସାଧ୍ୟ ହୋଇ ପଡ଼େ। ହସ୍ପିଟାଲରେ ଆଡ୍‌ମିଟ ହେଲେ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ବୋହିଯାଏ। ପୁଅବୋହୂଙ୍କ ଉପରେ ନିର୍ଭର କରି ଚଳିବାଟା ମଧ୍ୟ କଷ୍ଟଦାୟକ। ବରଂ ସେମାନେ ଚାକିରି ନ ପାଇ ବାପାମାଆଙ୍କ ଉପରେ ନିର୍ଭର କରିଥାନ୍ତି। ଚାକିରି ପାଇଲେ ବାପାମାଆଙ୍କଠାରୁ ଦୂରେଇ ଯାଆନ୍ତି। ଏଭଳି ପରିପ୍ରେକ୍ଷୀରେ ପେନ୍‌ସନ ହୋଲ୍ଡରମାନଙ୍କୁ ଅବସରକାଳୀନ ଚିକିତ୍ସା ଭତ୍ତା ଦିଆଯାଉ। ତୃତୀୟ ଓ ଚତୁର୍ଥ ଶ୍ରେଣୀର ପେନ୍‌ସନରମାନେ ସ୍ୱଳ୍ପ ପେନ୍‌ସନ ପାଇ ଦୁଃଖରେ ରହିଥାନ୍ତି। ତେଣୁ ସତୁରି ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଆୟୁଷ୍ମାନ୍ ଯୋଜନାରେ ଅନ୍ତର୍ଭୁକ୍ତ କଲେ ଭଲ ହୁଅନ୍ତା।

**– ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି-ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜନତା ବାଛିବେ, କାଉନସିଲର କାଢ଼ିବେ

ଭବାନୀପାଟଣା,୨୭।୭
(ଉତ୍ତମ କୁମାର ଦାଶ)

## ସଂଶୋଧନ ହୋଇଛି ୧୯୯୪ ନିୟମ, ହେଲାନି ୫୪ (ଏ)

## ଭବାନୀପାଟଣା ପୌରାଧ୍ୟକ୍ଷା, ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା

ବିଗତ ବର୍ଷରେ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି), ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟରଙ୍କୁ କାଉନସିଲର ଓ କର୍ପୋରେଟର ପରୋକ୍ଷ ଭାବେ ଚୟନ କରୁଥିଲେ। ହେଲେ ପୂର୍ବ ରାଜ୍ୟ ସରକାର ୨୦୨୨ ପୌର ନିର୍ବାଚନ ପୂର୍ବରୁ ଓଡ଼ିଶା ପୌରପାଳିକା ନିୟମାବଳୀ ୧୯୯୪ରେ ସଂଶୋଧନ କରିଥିଲେ। ଏଥିରେ ଏନ୍ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟର ପ୍ରତ୍ୟକ୍ଷ ନିର୍ବାଚନ ଜରିଆରେ ନିର୍ବାଚିତ ହେବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନୂଆ ନିୟମାବଳୀ କାର୍ଯ୍ୟକାରୀ ହୋଇ ୨୦୨୨ ପୌର ନିର୍ବାଚନରେ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କଠାରୁ ଭୋଟ ପାଇ ଏନ୍ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମେୟର ନିର୍ବାଚିତ ହୋଇଥିଲେ। ପ୍ରତ୍ୟକ୍ଷ ନିର୍ବାଚନ ଯୋଗୁ ଲୋକମାନେ ମଧ୍ୟ ନିଜ ମନପସନ୍ଦର ନେତାଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲେ।

ପୂର୍ବରୁ କାଉନସିଲରମାନେ ସେକ୍ସନ ୫୪ (ଏ) ପୌରପାଳିକା ନିୟମ ୧୯୫୦ ଅନୁଯାୟୀ ୨ବର୍ଷ ପରେ ଏନ୍ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ତଥା ମହାନଗର ନିଗମ ମେୟରଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣି ନିଜ ପଦବୀରୁ ହଟାଇ ଦେଉଥିଲେ। କାଉନସିଲରମାନେ ପରୋକ୍ଷ ଭାବେ ଅଧ୍ୟକ୍ଷ, ମେୟରଙ୍କୁ ଚୟନ କରୁଥିବାରୁ ଟିକିଏ କ'ଣ ହେଲେ ସେମାନେ ଅନାସ୍ଥା ପ୍ରସ୍ତାବ ଜରିଆରେ ତାଙ୍କୁ ହଟାଇ ଦେଉଥିଲେ। ପୂର୍ବତନ ରାଜ୍ୟ ସରକାର ପୌରପାଳିକା ନିୟମାବଳୀ ୧୯୯୪ର ସଂଶୋଧନ କରିଥିବାବେଳେ ୧୯୫୦, ସେକ୍ସନ ୫୪ (ଏ) ନିୟମ କିନ୍ତୁ ସଂଶୋଧନ କରି ନ ଥିଲେ। ଫଳରେ ବିଗତ ବର୍ଷରେ ଯେମିତି କାଉନସିଲର ଅନାସ୍ଥା ପ୍ରସ୍ତାବ ଜରିଆରେ ଏନ୍ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟରଙ୍କୁ କାଢୁଥିଲେ ଏବେ ମଧ୍ୟ ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏହାର ଉଦାହରଣ ଚଳିତ ପୌର ନିର୍ବାଚନରେ ସିଧାସଳଖ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଅଧ୍ୟକ୍ଷଙ୍କ କ୍ଷେତ୍ରରେ ଘଟୁଥିବା ନଜରକୁ ଆସିଛି।

କିଛିଦିନ ତଳେ ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷାଙ୍କୁ ଏପରି ଅନାସ୍ଥା ପ୍ରସ୍ତାବ ଜରିଆରେ କାଉନସିଲରମାନେ କାଢ଼ିଥିବାବେଳେ କଳାହାଣ୍ଡି ଜିଲାର ଭବାନୀପାଟଣା ପୌରାଧ୍ୟକ୍ଷା ଓ ଜୁନାଗଡ ଏନ୍ଏସି ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି କାଉନସିଲର। ବିଶେଷକରି ଯେଉଁଠି ଭାଜପା ଅଧ୍ୟକ୍ଷ ଅଛନ୍ତି ଓ ସଂଖ୍ୟାଗରିଷ୍ଠତା ଥିବା ବିଜେଡି କାଉନସିଲର ରହିଛନ୍ତି, ସେଭଳି କ୍ଷେତ୍ରରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି। ଜନତା ଭୋଟଦେଇ ବାଛିଥିବା ଅଧ୍ୟକ୍ଷଙ୍କୁ ଯଦି କେତେଜଣ କାଉନସିଲର କାଢ଼ିପାରିବେ ତା'ହେଲେ ପ୍ରତ୍ୟକ୍ଷ ନିର୍ବାଚନର କିଛି ଆବଶ୍ୟକତା ନ ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଅନାସ୍ଥା ପ୍ରସ୍ତାବ ଆସିଥିବା ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ କହନ୍ତି, ପୂର୍ବତନ ରାଜ୍ୟ ସରକାରଙ୍କ ଭୁଲ୍ ନୀତି ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ହେବାର ସମ୍ଭାବନା ରହିଛି। ପୂର୍ବରୁ କାଉନସିଲରମାନେ ପରୋକ୍ଷ ଭାବେ ଅଧ୍ୟକ୍ଷଙ୍କୁ ବାଛୁଥିଲେ। ହେଲେ ୨୦୨୨ରେ ଅଧ୍ୟକ୍ଷମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି। ପୂର୍ବତନ ରାଜ୍ୟ ସରକାର ଏପରି ଗଳାବାଟ ଛାଡ଼ିଦେଇଥିବାରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇ ମଧ୍ୟ ଅଧ୍ୟକ୍ଷମାନେ କାଉନସିଲରଙ୍କ ଦ୍ୱାରା ଏପରି ଅନାସ୍ଥା ପ୍ରସ୍ତାବର ଶିକାର ହୋଇ ନିଜ ଗାଦି ଛାଡ଼ିବା ସହ ଏହାଦ୍ୱାରା ସ୍ଥାନୀୟ ଏନ୍ଏସି, ମ୍ୟୁନିସିପାଲିଟିରେ ଉନ୍ନୟନ କାମ ବ୍ୟାହତ ହେଉଯାଉଛି ବୋଲି କହୁଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ୫୪(ଏ) ନିୟମ ଉଚ୍ଛେଦ କରିବାକୁ ସେ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ହିମାଂଶୁ ଖେଖର ବରାଡଙ୍କୁ ପଚାରିବାରୁ ଯେହେତୁ ସିଧାସଳଖ ଅଧ୍ୟକ୍ଷ ନିର୍ବାଚିତ ହେଉଛନ୍ତି ସେ ଅନୁସାରେ ୫୪ (ଏ) ସଂଶୋଧନ ହେବା ଆବଶ୍ୟକ ବୋଲି କହିଛନ୍ତି।

# କେନ୍ଦ୍ର ବଜେଟରେ ରାଜ୍ୟକୁ ଉପେକ୍ଷା ଉଦ୍‌ବେଗର ବିଷୟ: ଡି. ରାଜା



(ବାମରୁ) ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଓ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ।

ଭୁବନେଶ୍ୱର, ୨୭।୭
(ବନ୍ଦନା ସେଠୀ)

## 'ଇଣ୍ଡିଆ' ମେଣ୍ଟକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ୟମ ହେବ

୨୦୨୪-୨୫ କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ବିପର୍ଯ୍ୟୟକର ଓ ଏଥିରେ ରାଜ୍ୟକୁ ଉପେକ୍ଷା କରାଯିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି। ଶନିବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜା କହିଛନ୍ତି, ଏହି ବଜେଟକୁ ଦେଶର ଶ୍ରମିକ, କୃଷକ, କ୍ଷେତମଜଦୁର, ଯୁବକ, ମହିଳା, ଦଳିତ, ଆଦିବାସୀ ଏବଂ ଅନ୍ୟ ଅନୁନ୍ନତ ବର୍ଗର ଲୋକେ ପ୍ରତ୍ୟାଖ୍ୟାନ କରିଥିବାବେଳେ ଦେଶର କର୍ପୋରେଟ୍ ପୁଞ୍ଜିପତି ଓ ବଡ଼ ବ୍ୟବସାୟୀ ଗୋଷ୍ଠୀ ସ୍ୱାଗତ କରିଛନ୍ତି। କର୍ପୋରେଟ୍ ସଦନକୁ ଟିକସ ରିହାତି ଦିଆଯାଇ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ନାମକୁ ମାତ୍ର ଅନୁଦାନ ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରାଯାଇ ନ ଥିବାବେଳେ ଅନ୍ୟ ଅନେକ ରାଜ୍ୟକୁ ମଧ୍ୟ ଉପେକ୍ଷା କରାଯାଇଛି। ଗୁରୁତର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ତାମିଲନାଡୁ, କେରଳ ଏବଂ ଓଡ଼ିଶା ପାଇଁ କିଛି ଆର୍ଥିକ ଅନୁଦାନ ଦିଆଯାଇ ନାହିଁ। କେବଳ ବିହାର ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରାଯାଇଛି। ଭାରତ ଭଳି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତ ରାଜ୍ୟକୁ ସମାନ ଅନୁଦାନ ପ୍ରଦାନ ନ କରି ଉପେକ୍ଷା କରାଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ରାଜା କହିଛନ୍ତି।

ରାଜା କହିଛନ୍ତି, କୃଷକମାନଙ୍କୁ ପ୍ରତାରିତ କରାଯାଇଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନ ବୃଦ୍ଧି ନ କରିବା ଏବଂ ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ଅନୁନ୍ନତ ବର୍ଗର ଲୋକଙ୍କ ପାଇଁ ବିଶେଷକରି ଯୁବ ଓ ମହିଳାମାନଙ୍କୁ ମୋଦି ସରକାରଙ୍କ କେନ୍ଦ୍ରୀୟ ବଜେଟ୍‌ରେ ଉପେକ୍ଷିତ କରାଯାଇଛି। ତେଣୁ ସମସ୍ତେ ଆଗାମୀ ଦିନରେ ରାସ୍ତା ଉପରକୁ ଆସି ଆନ୍ଦୋଳନ କରିବା ସୁନିଶ୍ଚିତ ହୋଇପଡିଛି। ସିପିଆଇ ଏହି ସମସ୍ତ ଜନଆନ୍ଦୋଳନର ଅଗ୍ରଭାଗରେ ରହିବା ସହିତ କର୍ପୋରେଟ୍ ପକ୍ଷପାତି ମୋଦି ସରକାର ବିରୋଧରେ 'ଇଣ୍ଡିଆ' ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ଲାଗି ଉଦ୍ୟମ ଚଳାଯିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେହିପରି ୩ ନୂତନ ଫୌଜଦାରୀ ଆଇନକୁ ବିନା ବିସ୍ତୃତ ଆଲୋଚନାରେ ପାରିତ କରାଯାଇଥିବାରୁ ଏହାକୁ ସ୍ଥଗିତ ରଖି ଏହାର ପୁନର୍ବିଚାର ପାଇଁ ସଂସଦୀୟ କମିଟିକୁ ପଠାଇବାକୁ ସିପିଆଇ ପକ୍ଷରୁ ଦାବି ହୋଇଛି।

ସମ୍ମିଳନୀରେ ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା କହିଲେ, ଓଡ଼ିଶାରେ ସାମ୍ପ୍ରଦାୟିକ ଭାଜପାର ଅଭ୍ୟୁତ୍ଥାନ ପାଇଁ ବିଜେଡ଼ି ଦାୟୀ। ଏହାର ଦୀର୍ଘ ୨୪ବର୍ଷର କୁଶାସନ ଓ ସ୍ଥାଣୁତା ଯୋଗୁ ଜନାଦେଶ ଭାଜପା ସପକ୍ଷରେ ଯାଇଛି। ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ସରକାର କାହିଁକି ନୀରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ବଜେଟରେ ବେକାରି, ଦରବୃଦ୍ଧି ପ୍ରଭୃତି ଜନସମସ୍ୟା ସମାଧାନର କୌଣସି ଦିଶା ନାହିଁ ବୋଲି ସେ କହିଛନ୍ତି। ଏଥିସହ ସିପିଆଇର ରାଜ୍ୟ ପରିଷଦ ଅଧିବେଶନରେ ଆଶିଷ କାନୁନ୍‌ଗୋ ନୂତନ ରାଜ୍ୟ ସମ୍ପାଦକ, କ୍ଷୀରୋଦ ସିଂହଦେଓ ଓ ପ୍ରକାଶ ପାତ୍ର ଦୁଇ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଡି. ରାଜା ସୂଚନା ଦେଇଥିଲେ।

# ବୁଥ୍‌କୁ ଯାଇ ଲୋକଙ୍କ ସମସ୍ୟା ବୁଝ

ବଇଣ୍ଡା, ୨୭।୭ (ପରିକ୍ଷିତ ସାହୁ)



ସମୀକ୍ଷା ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ଭାଜପା କର୍ମୀମାନେ ବୁଥ୍‌ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ କିଭଳି ଠିକ୍ ଭାବରେ ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ତଦାରଖ କରିବା ଆବଶ୍ୟକ। ଯେଉଁ ଅଞ୍ଚଳରେ ସରକାରୀ ଯୋଜନା ବାଟ ମାରଣା ହେଉଛି ସେ ନେଇ ଅଭିଯୋଗ ମାଧ୍ୟମରେ ସରକାରଙ୍କୁ ଅବଗତ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ଠାରେ ଶୁକ୍ରବାର ଅନୁଷ୍ଠିତ ଭାଜପାର ବିଧାନସଭା ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ଭାଜପା ଉପ ସଭାପତି ଗୋଲକ ମହାପାତ୍ର ଏହା କହିଛନ୍ତି। ସଂଯୋଜକ ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ଭାଜପା ସଭାପତି ଦିଲେଶର ପ୍ରଧାନ, ଉପସଭାପତି ଅର୍ଜୁନ ସାହୁ, ବିଶ୍ୱଜିତ ମିଶ୍ର, ଭବାନୀ ଜୋତିଷରାୟ, ବିଜୟ ସିଂ, ପ୍ରକାଶ ସାହୁ, ସଞ୍ଜୟ ବେହେରା, ପ୍ରକାଶ ସେଠୀ, ଯୋଗୀନ୍ଦ୍ର ନାୟକଙ୍କ ସମେତ ଭାଜପା କର୍ମୀମାନେ ଯୋଗ ଦେଇଥିଲେ। ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ ପରାଜୟର ସମ୍ମୁଖୀନ ହୋଇଥିବା ବେଳେ କିଭଳି ଆଗାମୀ ଦିନରେ ଏଠାରେ ଭଲ ପ୍ରଦର୍ଶନ କରିବ ସେ ନେଇ କର୍ମୀମାନେ ଏକଜୁଟ ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶୃଙ୍ଖଳା ନ କରି ଦଳ ପାଇଁ କାମ କରିବାକୁ ଉପସ୍ଥିତ ନେତାମାନେ ପରାମର୍ଶ ଦେଇଥିଲେ।


**कार्यपालक अभियंता का कार्यालय**
**लघु सिंचाई प्रमण्डल, धनबाद**

**शुद्धि पत्र**

इस कार्यालय के पत्रांक 207 दिनांक 11.03.2024 एवं पी0 आर0 संख्या 322415 Irrigation (2023-24) D द्वारा प्रकाशित निविदा संख्या DMFT/MIR/DHANBAD/F2-36/2023-24,Dated 11-03-2024, Construction of Black Top Road Widening And Strengthening, Construction Of Drain And Culvert From Shasanbediya More to Nilkhuti More of Birshigpur Panchayat को अपरिहार्य कारणवश रद्द किया जाता है।

कार्यपालक अभियंता
लघु सिंचाई प्रमण्डल, धनबाद

PR 330929 Irrigation(24-25).D


# ବାରବାଟୀ ଷ୍ଟାଡିୟମ ନବୀକରଣକୁ ସରକାର ନା କହିବା ଦୁର୍ଭାଗ୍ୟଜନକ: କଟକ ମେୟର

କଟକ,୨୭।୭(ଶିଲ୍ପା ପ୍ରିୟଦର୍ଶିନୀ)



ସୁବାସ ସିଂ

ବିଜେଡି ସରକାର କଟକ ବାରବାଟୀ ଷ୍ଟାଡିୟମର ନବୀକରଣ କରିବା ସହ ଏହାକୁ ବିଶ୍ୱସ୍ତରୀୟ ରୂପ ଦେବାକୁ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ତତ୍କାଳୀନ ସରକାରଙ୍କ ଦ୍ୱାରା ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ବିଧାନସଭାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ବାରବାଟୀ ଷ୍ଟାଡିୟମର ନବୀକରଣ ନିମନ୍ତେ କୌଣସି ଯୋଜନା ନାହିଁ। ତାଙ୍କର ଏଭଳି ମନ୍ତବ୍ୟକୁ ସମାଲୋଚନା କରିଛନ୍ତି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ। ଏନେଇ କଟକ ଗଡ଼ଖାଇ ନିକଟ ରେସିଡେଣ୍ଟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସିଂ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଶାସନ କାଳ ଆରମ୍ଭରୁ କଟକିଆଙ୍କ ଭାବାବେଗକୁ ଶକ୍ତ ଧକ୍କା ଦେଇଛନ୍ତି। କ୍ରୀଡ଼ା ରାଜଧାନୀ ଭାବେ ପରିଚିତ କଟକ ସହରକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି। ନୂଆ ବାରବାଟୀ କ୍ରିକେଟ୍ ଗ୍ରାଉଣ୍ଡ୍ ପ୍ରକଳ୍ପ ପାଇଁ ଚଳିତ ରାଜ୍ୟ ବଜେଟ୍‌ରେ କୌଣସି ବ୍ୟବସ୍ଥା ହୋଇନାହିଁ। କ୍ରୀଡ଼ାପ୍ରେମୀଙ୍କୁ ଏହା କଠୋର ଆଘାତ ଦେଇଛି। ଯୋଜନାର ନାମ ବଦଳାଇବା ଗ୍ରହଣୀୟ, କିନ୍ତୁ ଯୋଜନା ବଦଳାଇବା ଗ୍ରହଣୀୟ ହୋଇପାରିବ ନାହିଁ। ଏହି କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି କାର୍ଯ୍ୟ ପାଇଁ ଅନୁମତି ଦେଇଛି। ଏପରି କି ଏହାର କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହାକୁ ଏପରି ଖଣ୍ଡନ କରିବା ଦୁର୍ଭାଗ୍ୟଜନକ। ଭାଜପା ଶାସିତ ରାଜ୍ୟ ସରକାର କଟକବାସୀଙ୍କୁ ଅଣଦେଖା କରୁଛନ୍ତି। ଭାଜପା ସରକାର କଟକର କୌଣସି ଯୋଜନାକୁ ବନ୍ଦ ନ କରି ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ତୁରନ୍ତ ବାରବାଟୀ ସମ୍ପର୍କିତ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରନ୍ତୁ। ବାରବାଟୀ ନବୀକରଣ କାର୍ଯ୍ୟର ପୁନଃ ବିଚାର କରି ସମସ୍ତ କାର୍ଯ୍ୟ ଯେପରି ଶୀଘ୍ର ଆରମ୍ଭ ହେବ ସେନେଇ ପଦକ୍ଷେପ ନିଅନ୍ତୁ। ନଚେତ୍ ଏହି କାର୍ଯ୍ୟ ପାଇଁ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ମେୟର କହିଛନ୍ତି।

ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମ୍‌ର ନବକଳେବର ପାଇଁ ବିଜେଡି ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୪୪ ହଜାର ଦର୍ଶକ କ୍ଷମତା ଥିବା ଏହି ଷ୍ଟାଡିୟମର ନବକଳେବର ହେବା ପରେ ୬୦ ହଜାର ଦର୍ଶକ ଏକ ସଙ୍ଗରେ ମ୍ୟାଚ୍ ଦେଖିପାରିବା ଭଳି ବ୍ୟବସ୍ଥା ସହ ଖେଳାଳିଙ୍କ ଅତ୍ୟାଧୁନିକ ଡ୍ରେସିଂରୁମ୍, ନୂତନ ଜ୍ଞାନକୌଶଳରେ ଜିମ୍, ଷ୍ଟାଡିୟମ୍ ପରିସରରେ ପଞ୍ଚ ତାରକା ହୋଟେଲ ଆଦି ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥାନ୍ତା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାରବାଟୀ ଷ୍ଟାଡିୟମର ନବୀକରଣ ସହ ଏହାର ଆଖପାଖ ଅଞ୍ଚଳର ମଧ୍ୟ ଉନ୍ନତୀକରଣ କରାଯିବାର ବ୍ୟବସ୍ଥା କରାଯାଇଥିଲା।


**''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी**

**काष्ठागार नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, बल्ली एवं बांस का घोष विक्रय द्वारा निर्वर्तन निम्मानुसार किया जावेगा। इच्छुक बोलीदारों से अनुरोध है, कि वे घोष विक्रय में भाग लेवें। घोष विक्रय की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है। कृपया बोली लगाने से पूर्व वनोपज का स्वत: स्थल निरीक्षण कर लेवे।

नीलाम स्थल का नाम - धमतरी काष्ठागार परिसर
नीलाम दिनांक - 08 अगस्त 2024
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | - | - | 117.838 | 3531 | 117.838 | 3531 |
| साल | - | - | 9.524 | - | 9.524 | - |
| बीजा | 18.642 | - | 30.727 | - | 49.369 | - |
| शीशम | 0.593 | - | 2.594 | - | 3.187 | - |
| खम्हार | 0.196 | 4 | 0.671 | - | 0.867 | 4 |
| हल्दु / मुण्डी | 4.512 | 20 | 19.382 | - | 23.894 | 20 |
| साजा | 25.103 | 14 | 0.600 | - | 25.703 | 14 |
| धावड़ा | 10.867 | - | - | - | 10.867 | - |
| पापड़ा | 2.848 | 44 | 5.626 | - | 8.474 | 44 |
| नीलगिरी | - | - | 15.985 | - | 15.985 | - |
| अन्य | 160.343 | 118 | 35.066 | - | 195.409 | 118 |
| योग | **223.104** | **200** | **238.013** | **3531** | **461.117** | **3731** |

**बांस**

| केन्द्रीय उपभोक्ता डिपो स्यामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|
| 1923 नग | 1000 नग |

टीप: बांस के पश्चात ईमारती काष्ठ एवं बल्ली का नीलाम किया जावेगा।

टीप: (1) प्रत्येक क्रेता को नीलाम में बोली लगाने के पूर्व नीलाम की शर्तो का पालन करने के करार के प्रतीक स्वरूप विक्रय सूचना पर अपना हस्ताक्षर करना होगा तथा प्रत्येक लाट के संबंध में बोली लगाने के पूर्व जिस सीमा तक वह बोली लगाना चाहता हो उसके 10% के बराबर राशि या 1000/- (एक हजार) रूपये इसमें से जो भी अधिक हो की बयाने की राशि जमा करना होगा।
(2) घोष विक्रय हेतु निर्धारित शर्तों के तहत सत्यंकार जमा करने वाला व्यक्ति / संस्थान, छत्तीसगढ़ काष्ठ नियम 7 के अन्तर्गत प्रदेश के अधीन किसी क्षत्रीय वनमण्डल में विनिर्माता, व्यवसायी वा उपभोक्ता के रूप में पंजीकृत हों। जिसकी छायाप्रति सत्यंकार राशि जमा करते समय अनिवार्य रूप से जमा करावें, शर्त के पालन होने की स्थिति में ही इच्छुक व्यक्ति / संस्थान ही घोष विक्रय में भाग ले पायोंग। पंजीकृत नही होने पर उन्हें पंजीयन कार्यवाही बनमण्डल कार्यालय से अनिवर्य रूप से कराना होगा।
(3) क्रेता द्वारा नीलाम में बोली लगाने के पूर्व सबंधित फर्म का पूर्ण पता, पेन नम्बर, जी.एस.टी. नम्बर एवं मोबाईल नम्बर, ई.एम.डी. कक्ष में सुचारू रूप से कार्य संचालन हेतु अंकित कराना अनिवार्य है।
(4) नीलाम में क्रय किये गये लाटें का विक्रय मूल्य सहति विवरण ई.एम.डी. जमा पर्ची के पीछे अनिवार्य रूप से दर्ज करना होगा।

**फोन: 07722-238371, फैक्स: 07722-236137**

G-242501402/3

**स्वा. / - वनमण्डलाधिकारी, धमतरी वनमंडल, धमतरी**




ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କ ଛକରୁ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଯାଉଥିବା ତ୍ରିରଙ୍ଗା ଯାତ୍ରା।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସୋରୋ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଦେବୀ ଢାବା, ସ୍ୱତ୍ୱାଧିକାରୀ: ସୁଶାନ୍ତ ଶେଖର ବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଂଯୁକ୍ତା କର,** ଉଭୟଙ୍କ ଠିକଣା ସା: ଅଇଁରି, ପୋ: ଅନନ୍ତପୁର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୬ | ୦୮.୦୫.୨୦୨୪ ସୁଦ୍ଧା ଟ.୧୦,୧୩,୩୭୬.୪୨ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୫.୨୦୨୪ / ୨୪.୦୭.୨୦୨୪ | **ସୁଶାନ୍ତ ଶେଖର ବେହେରା,** ପିତା: ରବି ନାରାୟଣ ବେହେରାଙ୍କ ନାମରେ ବନ୍ଧକ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୪୫୨/୨୯୦୩ ଏବଂ ୧୪୫୫/୨୯୦୪, ଖାତା ନଂ.: ୮୬୬/୫୩୮, କ୍ଷେତ୍ର: ଏକର ୦.୦୧ ଡିସିମିଲି+ଏକର୦.୦୫ଡିସିମିଲି=ଏକର୦.୦୬ଡିସିମିଲି, ମୌଜା: ଅଇଁରି, ତହସିଲ: ସୋରୋ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ, ସବ୍ ରେଜିଷ୍ଟ୍ରେସନ ଅଫିସ୍: ସୋରୋ, ଏହାର ଚାରିପାର୍ଶ୍ୱରେ ଉତ୍ତର: ତ୍ରିଲୋଚନ ବେହେରା ଏବଂ ଅନ୍ୟମାନଙ୍କ ସମ୍ପତ୍ତି (ନିଜସ୍ୱ ଜମି), ଦକ୍ଷିଣ: ପ୍ଲଟ୍ ନଂ.: ୧୪୫୩ ଏବା ୧୪୫୪(ଅନାବାଦି ରାସ୍ତା), ପୂବ: ପ୍ଲଟ୍ ନଂ.: ୧୪୫୫ ଏବଂ ୧୪୭୩, ୧୪୭୨, ପଶ୍ଚିମ: ପ୍ଲଟ୍ ନଂ.: ୧୪୫୨ |
| **ଋଣଗ୍ରହୀତା: ସେଖ୍ ଅଜଗର ଅଲ୍ଲୀ,** ପିତା: ସେଖ୍ ଅଜିଜ୍ ଅଲ୍ଲୀ / **ଗ୍ୟାରେଣ୍ଟିଦାତା: ଅଫସାନା ବିବି,** ସ୍ୱାମୀ: ଅଜଗର ଅଲ୍ଲୀ, ଉଭୟଙ୍କ ଠିକଣା ସା: ଛତ୍ରପୁର, ଅଡଙ୍ଗ ବଜାର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ୦୮.୦୫.୨୦୨୪ ସୁଦ୍ଧା ଟ.୨,୬୮,୦୪୩.୯୨ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୫.୨୦୨୪ / ୨୪.୦୭.୨୦୨୪ | **ସେଖ୍ ଅଜଗର ଅଲ୍ଲୀ,** ପିତା: ୰ ସେଖ୍ ଅଜିଜ୍ ଅଲ୍ଲୀଙ୍କ ନାମରେ ବନ୍ଧକ ଥିବା ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୩୩୯, ଖାତା ନଂ.: ୫୪୭/୨୩, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, ମୌଜା: ଛତ୍ରପୁର ୟୁନିଟ୍ ନଂ.:୧୩, ତହସିଲ: ସୋରୋ, ଥାନା: ସୋରୋ-୧୧୩, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ |

ସ୍ଥାନ: ବାଲେଶ୍ୱର
ତାରିଖ : ୨୬.୦୭.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ନାଗଫେଣା ସ୍କୁଲ ଚୌକିରେ ବିଷାକ୍ତ ସାପ



କଣ୍ଟାବାଞ୍ଜି,୨୭।୭(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ଉପାନ୍ତ ତୁରେକେଲା ବ୍ଲକ ବଡଡକଲା ପଞ୍ଚାୟତର ନାଗଫେନା ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀ ଗୃହରେ ଶନିବାର ଶିକ୍ଷକଙ୍କ ଚୌକିରେ ଏକ ବିଷାକ୍ତ ସାପ ଦେଖିବାକୁ ମିଳିଥିଲା। ସକାଳେ ବିଦ୍ୟାଳୟ ଖୋଲିବା ପରେ ଶ୍ରେଣୀ ଗୃହକୁ ଯିବା ବେଳେ ଜଣେ ଶିକ୍ଷକ ଏହା ଦେଖିଥିଲେ। ପରେ ସାପକୁ କୌଶଳ କ୍ରମେ ଧରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିଲା। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ଦେଓଗାଁ,୨୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତ ଅଧୀନ ସାରସବାହାଲ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଯୁଗଲାଲ ଜାଲ (୭୦)ଙ୍କ ପରଲୋକ ହୋଇଯାଇଛି। ସେ କଂଗ୍ରେସ ଦଳର ଜଣେ ସକ୍ରିୟ ସଦସ୍ୟ ଥିବା ବେଳେ ପଞ୍ଚାୟତସ୍ତରୀୟ ଦଳ ଉପସଭାପତି ରହିଥିଲେ। ସେ ଅସୁସ୍ଥ ଥିବାରୁ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବଡ ପୁଅ ସୁରେନ୍ଦ୍ର ଜାଲ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, କୁତୁର୍ଲା ପାକ୍ସ ନିର୍ଦ୍ଦେଶକ ବୁଦ୍ଧଦେବ ପରୁଆ, ସାମାଜିକ କର୍ମୀ ଉମ୍ବରୁଧର ହରପାଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ସଙ୍ଗୀତ କାର୍ଯ୍ୟଶାଳା ଉଦ୍‌ଯାପିତ

ଲୋଇସିଂହା,୨୭।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିରରେ ଦୁଇଦିନ ଧରି ଚାଲିଥିବା ବିଭାଗସ୍ତରୀୟ ସଙ୍ଗୀତ କାର୍ଯ୍ୟଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ଟି ସଙ୍କୁଳରୁ ୧୫୪ ଜଣ ଛାତ୍ରୀଛାତ୍ର ,୪୦ ଜଣ ଗୁରୁମା ଗୁରୁଜୀ, ୩ ଜଣ ପ୍ରଶିକ୍ଷକ,୩ ଜଣ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶୁକ୍ରବାର ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ଅଚାର୍ଯ୍ୟ ଶିବ ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଳାକାର ଶଙ୍କର ବେହେରା, ସମ୍ଭାଗ ସଭାପତି ବେଲାରସେନ ଭୋଇ, ଜିଲା ପ୍ରମୁଖ ଶ୍ୟାମସୁନ୍ଦର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ସଙ୍କୁଳ ପ୍ରମୁଖ କମଳଲୋଚନ ତ୍ରିପାଠୀ, ବିଭାଗ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

### ସଚେତନତା ସଭା

ଟିଟିଲାଗଡ଼,୨୭।୭(ଶରତ ମିଶ୍ର)

ତାଲୁକ ଆଇନ ସେବା ସମିତି, ଟିଟିଲାଗଡ଼ ପକ୍ଷରୁ ସ୍ଥାନୀୟ ମହେଶ୍ୱର ହିନ୍ଦୀ ହାଇସ୍କୁଲ ପରିସରରେ ଶିଶୁ ସୁରକ୍ଷା ଯତ୍ନ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ସନ୍ଦୀପ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଟିପକାରୀ ବେହେରା, ସନ୍ଧ୍ୟା ଥାପା ଯୋଗଦେଇ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ନେଇ ଆଇନଗତ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଶିଶୁଙ୍କ ଅଧିକାର କ୍ଷୁର୍ଣ୍ଣ ହେଲେ ଆଇନରେ ରହିଥିବା ଦଣ୍ଡ ସମ୍ପର୍କରେ ଆଲୋଚନା କରିଥିଲେ। ମହେଶ୍ୱର ହିନ୍ଦୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୀନା ନନ୍ଦ, ସୀମନ୍ତିନୀ ମିଶ୍ର, କବିତା ମିଶ୍ର , ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଉତ୍କର୍ଷକୁ ଛୁଇଁବାର ଇଚ୍ଛା ଜାଗ୍ରତ କର'

ବଲାଙ୍ଗୀର,୨୭।୭(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସିଏନ୍‌ସି କଲେଜର ଗ୍ରାଜୁଏଶନ୍ ସେରିମନିରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବି. କମ୍ ଡିଗ୍ରୀ ପ୍ରଦାନ କରୁଛନ୍ତି।

**ସିଏନ୍‌ସି କଲେଜର ଗ୍ରାଜୁଏଶନ୍ ସେରିମନି**

ବଲାଙ୍ଗୀର ସିଏନ୍‌ସି କଲେଜରେ ଶନିବାର ଗ୍ରାଜୁଏଶନ୍ ସେରିମନି ଅନୁଷ୍ଠିତ ହୋଇଛି। କଲେଜ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବପ୍ରସାଦ ନନ୍ଦ, ସିଏ ଦୀପକ ଛାପଡିଆ ଓ ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ମଞ୍ଚାସୀନ ହୋଇଥିଲେ। ସଭା ପ୍ରାରମ୍ଭରେ କଲେଜର ସହନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ପୃଷେଠ୍ ତାଙ୍କ ବକ୍ତବ୍ୟରେ ଦ୍ରୁତ ଗତିରେ ବଦଳୁ ଥିବା ସମୟ ସହ ତାଳ ମିଳାଇବାକୁ ହେଲେ ଛାତୀଛାତ୍ରଙ୍କୁ ନୂଆ ବୈଷୟିକ ଉଦ୍‌ଭାବନ ଏବଂ ନୂଆ ଜ୍ଞାନକୌଶଳକୁ ବୁଦ୍ଧିମତ୍ତାର ସହ ଗ୍ରହଣ କରି ନିଜକୁ ପ୍ରତିପାଦିତ କରିବାକୁ ହେବ ବୋଲି କହିଥିଲେ। ଯେଉଁ କ୍ଷେତ୍ରରେ ବି ରୁଚି ଅଛି ସେଇ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରି ଉତ୍କର୍ଷତାକୁ ଛୁଇଁବାକୁ ହେବ ବୋଲି କହିଥିଲେ। ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଗ୍ରାଜୁଏଶନ୍ ସେରିମନିର ଶୁଭକାମନା ଜଣାଇଥିଲେ। ଏହି ଅବସରରେ ଅତିଥିମାନେ ବାଣିଜ୍ୟ ସ୍ନାତକ (ସମ୍ମାନ)ରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବି କମ୍ ଡିଗ୍ରୀ ପ୍ରଦାନ କରିଥିଲେ। କଲେଜର ସର୍ବୋଚ୍ଚ ମାର୍କ ରଖି ସଫଳତା ହାସଲ କରିଥିବା ଛାତ୍ରୀ ପି ଲୟାଙ୍କୁ ହେମଲତା ଛାତ୍ରବୃତ୍ତି ଓ କଲେଜର ସର୍ବୋଚ୍ଚ ମାର୍କ ରଖିଥିବା ତଥା ବିଶ୍ୱବିଦ୍ୟାଳୟ ଟପ୍ପର ଛାତ୍ର ମହେଶ ସାହୁଙ୍କୁ ନିର୍ଦ୍ଦେଶକ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ କଲେଜ ଅଧ୍ୟକ୍ଷ ପ୍ରଦୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲିଥିନ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଲାଠୋର,୨୭।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଅଧୀନ ରେଙ୍ଗାଲି ରାଜସ୍ୱ ସର୍କଲ ଅଞ୍ଚଳର ଗରିବ ଲୋକଙ୍କୁ ଭଙ୍ଗା ଘର ଢାଙ୍କିବା ପାଇଁ ସରକାରଙ୍କ ପକ୍ଷରୁ ପଲିଥିନ ଖଣ୍ଡେ ମିଳୁନାହିଁ। ଏହାକୁ ଦେବା ପାଇଁ ରାଜସ୍ୱ ବିଭାଗର କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ ହଇରାଣ କରୁଛନ୍ତି। ଫଳରେ ବାଧ୍ୟ ହୋଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି ବୋଲି ଖପ୍ରାଖୋଲ ବ୍ଲକ ଟଙ୍କପାଣି ଗ୍ରାମର ରମେଶ ହିଆଲ ଅଭିଯୋଗ କରିଛନ୍ତି। ରମେଶଙ୍କ ପରିବାର କହିଲେ ସ୍ତ୍ରୀ ଲତା ଏବଂ ଦୁଇ ଛୋଟ ପିଲା ସଞ୍ଜିତା ଓ ସଞ୍ଜୟ। ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ବହୁ କଷ୍ଟରେ ପରିବାର ଚଳାଇଥାନ୍ତି। ଆର୍ଥିକ ଅନାଟନରେ ରହିଥିବା ରମେଶ ଘର ଖଣ୍ଡେ କରି ନ ପାରି ଏକ ମାଟି ଖପର ଘରେ ପରିବାର ସହ ମୁଣ୍ଡ ଗୁଞ୍ଜିଛନ୍ତି। ଚଳିତବର୍ଷ ଲଗାଣ ବର୍ଷାରେ ତାଙ୍କ ଘରର ଗୋଟେ କାନ୍ଥ ଭାଙ୍ଗି ତଳେ ପଡି ଯାଇଥିବା ବେଳେ ଅନ୍ୟ କାନ୍ଥ ତଳେ ପଡ଼ିବା ସ୍ଥିତିରେ ରହିଛି। ବର୍ଷା ଦାଉରୁ ଘରକୁ ରକ୍ଷା କରିବା ପାଇଁ ରମେଶ ଗତ ୨୨ ତାରିଖ ଦିନ ରେଙ୍ଗାଲି ରାଜସ୍ୱ ନୀରିକ୍ଷକଙ୍କୁ ସାକ୍ଷାତ କରି ଘର ଢାଙ୍କିବା ଲାଗି ପଲିଥିନ ଖଣ୍ଡେ ପ୍ରଦାନ କରିବାକୁ ଦରଖାସ୍ତ ଦେଇ ନିବେଦନ କରିଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ପରେ ପଲିଥିନ ଦିଆଯିବ ବୋଲି କହି ଆଉ ତଦନ୍ତ କରିବାକୁ ଗଲେ ନାହିଁ। ଦରଖାସ୍ତ ଦେଇ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ରମେଶ ଶୁକ୍ରବାର ପାଟଣାଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣା ବିଷୟରେ ଅବଗତ ହେଲା ପରେ ଉପଜିଲାପାଳ ଖପ୍ରାଖୋଲ ତହସିଲଦାରଙ୍କୁ ଫୋନ କରି ପଲିଥିନ ପ୍ରଦାନ କରିବାକୁ କହିଥିବା ରମେଶ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁସାରେ ରାଜସ୍ୱ ବିଭାଗ ଘର ଭଙ୍ଗାର ତଦନ୍ତ କରି ପଲିଥିନ ଦେବା କଥା। ହେଲେ ପଲିଥିନ ଦେବା ପରିବର୍ତ୍ତେ ଲୋକଙ୍କୁ ହଇରାଣ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ରେଙ୍ଗାଲି ରାଜସ୍ୱ ନିରୀକ୍ଷକ ଭୋଜରାଜ ଧରୁଆଙ୍କୁ ପଚାରିବାରେ ତଦନ୍ତ ପାଇଁ ତାଙ୍କ ଘରକୁ ଯାଇ ପଲିଥିନ ଦେବୁ ବୋଲି କହିଛନ୍ତି। ଖପ୍ରାଖୋଲ ତହସିଲଦାର ଘଟଣାର ତଦନ୍ତ କଲେ କର୍ମଚାରୀମାନଙ୍କର ମନମାନୀ ପଦାକୁ ଆସିବା ସହ ଗରିବ ଲୋକ ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


ନିଜ ଭଙ୍ଗା ଘର ସମ୍ମୁଖରେ ରମେଶ।

# ବାଳିକା ସିଙ୍ଗଲ୍ସରେ ସମ୍ପଦା ଚାମ୍ପିୟନ, ଦୟା ରନର ଅପ୍



ଶନିବାର ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପର ତୃତୀୟ ଦିବସରେ ଅନୁଷ୍ଠିତ ଏକ ମ୍ୟାଚ୍।

ବଲାଙ୍ଗୀର,୨୭।୭(ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍**

- ଆଜି ପୁରୁଷ, ମହିଳା ଏବଂ ଭେଟେରାନ ବର୍ଗ ଫାଇନାଲ
- ୧୧ ବର୍ଗ ବାଳକ ସିଙ୍ଗଲ୍ସରେ ସମର୍ଥ ଚାମ୍ପିୟନ, ଅର୍ଣ୍ଣବ ରନର୍ସ ଅପ୍

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ତୃତୀୟ ଦିବସ ମଧ୍ୟାହ୍ନ ସୁଦ୍ଧା ୪ଟି କୋର୍ଟରେ ୭୦ରୁ ଉର୍ଦ୍ଧ୍ୱ ମ୍ୟାଚ ସମ୍ପୂର୍ଣ୍ଣ ହୋଇଥିଲା। ଶନିବାର ୧୭ ବୟସ ବର୍ଗ ସିଙ୍ଗଲ୍ସ ବାଳିକା ଫାଇନାଲରେ ସମ୍ପଦା ମହାନ୍ତି ଚାମ୍ପିୟନ ଓ ଦୟା ପଟେଲ ରନର୍ସ ଅପ୍ ହୋଇଥିଲେ। ୯ ବୟସ ବର୍ଗ ସିଙ୍ଗଲ ବାଳକ ବିଭାଗରେ ସମର ପାଢୀ ଚାମ୍ପିୟନ ଓ ଅର୍ଣ୍ଣବ ସାହୁ ରନର ଅପ୍ ହୋଇଛନ୍ତି। ୧୧ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ରିତା ଅଗ୍ରୱାଲ ଓ ଆଦ୍ୟାଶା ଆଚାର୍ଯ୍ୟ, ମହିଳା ସିଙ୍ଗଲ୍ସ ସିନିୟରରେ ସମ୍ପଦା ମହାନ୍ତି ଓ ଦୟା ପଟେଲ, ୧୯ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ଜୟସ୍ ଅଗ୍ରୱାଲ ଓ ଶ୍ରେୟାଂଶ କେଜିରିୱାଲ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହି ଚାମ୍ପିୟନଶିପରେ ବଲାଙ୍ଗୀର ଜିଲାର ପାଟଣାଗଡ, ତୁଷୁରା, କଣ୍ଟାବାଞ୍ଜି, ଟିଟିଲାଗଡ ସହ ଅନ୍ୟାନ୍ୟ ଅଞ୍ଚଳର ବିଭିନ୍ନ ବୟସ ବର୍ଗର ୩୦୦ ଜଣ ବ୍ୟାଡମିଣ୍ଟନ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଭୟ ବାଳକ ବାଳିକା ସବ୍‌ଜୁନିୟର, ଜୁନିୟର, ପୁରୁଷ ଓ ମହିଳା ସମେତ ଭେଟେରାନ ବୟସ ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ ଚାମ୍ପିୟନଶିପ୍‌କୁ ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ସୁଶାନ୍ତ ଚୋପଦାର, ବୁଲୁ ବେହେରା, ସୁଧୀର ପଣ୍ଡା, ସନ୍ଦୀପ ସାହାଣୀ, ଉନ୍ନୟନ କମିଟି ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଚାମ୍ପିୟନଶିପ୍‌ରେ ୧୨ ଜଣ ଅଫିସିଆଲସ୍ ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥୀ, ସିଦ୍ଧାର୍ଥ ମିଶ୍ର, ସୁଶାନ୍ତ ମହାନ୍ତି, ପବନ ସାହୁ, ବୈଷ୍ଣବ କବାଟ, ଉପେନ୍ଦ୍ର ଚନ୍ଦନ, ସୌରଭ ପ୍ରଧାନ, ସ୍ମରଣିକା ବେହେରା, ରୋଶନ ଜୈନ, ସୁରେନ୍ଦ୍ର ନେପାଳ, କବି ଠାକୁର, କାହ୍ନୁଲାଲ, ଆକ୍ରମ ଖାନଙ୍କ ସହ ଚିପ୍ ରେଫରି ହେମନ୍ତ ପ୍ରଧାନ, ଡେପୁଟି ଚିପ୍ ରେଫରି ଚନ୍ଦ୍ରଶେଖର ମିଶ୍ର ଖେଳ ପରିଚାଳନା କରୁଛନ୍ତି। ରବିବାର ଚାମ୍ପିଅନଶିପ୍ ଉଦ୍‌ଯାପିତ ହେବ।

### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗ ଟେକ୍ନିକାଲ କମିଟି ଗଠିତ

ବଲାଙ୍ଗୀର,୨୭।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଥିବା ସ୍ପୋର୍ଟସ୍ କାଉନସିଲର ଟେକ୍ନିକାଲ ଟିମ୍ ଗଠନ କରାଯାଇଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଅନୁମତି କ୍ରମେ ଗଠିତ ଏହି ଟେକ୍ନିକାଲ ଟିମ୍‌ରେ ୬ଜଣ ସଦସ୍ୟ ରହିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ବିଶ୍ୱଜିତ ବେହେରା, ଦୁଇବର୍ଷ ପାଇଁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସୁମିତ ରଞ୍ଜନ ପୁରୋହିତ ମନୋନୀତ ହୋଇଛନ୍ତି। ସଦସ୍ୟ ଭାବେ ସଞ୍ଜୀବ ସାହୁ, ନଳିନୀ ପ୍ରଧାନ, ବୈଷ୍ଣବ କବାଟ ଓ ସମୀର କୁମାର ସାହୁ ମନୋନୀତ ହୋଇଛନ୍ତି। ଏହି କାଉନସିଲ ବିଶ୍ୱବିଦ୍ୟାଳୟ ଅଧୀନରେ କାମ କରିବ ବୋଲି ସୂଚନା ମିଳିଛି।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଖପ୍ରାଖୋଲ,୨୭।୭(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ କୃଷି ଅଧିଦର୍ଶକ ଧରମ ସିଂ ସରାଫଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନିତ ଅତିଥି ଭାବେ ବେଲପଡା ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦୀନବନ୍ଧୁ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ କୃଷି ଅଧିଦର୍ଶକ ସରାଫଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଏଟିଏମ ମାନସ କୁମାର ଖମାରୀ, ପରେଶ ମେହେର,ଇପ୍ସିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅପର ସୁକତେଲ ଡ୍ୟାମ୍‌ରୁ ଜଳ ନିଷ୍କାସନ ଶୁଭାରମ୍ଭ

ଖପ୍ରାଖୋଲ,୨୭।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଅପର ସୁକତେଲ ଡ୍ୟାମରୁ ଚଳିତ ବର୍ଷାଋତୁରେ ପ୍ରଥମ କରି ବର୍ଷା ପାଣି କେନାଲରେ ଛଡାଯାଇଛି। ଶନିବାର ବିଭାଗୀୟ ସହକାରୀ ଯନ୍ତ୍ରୀ ପଞ୍ଚୁମାଝି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ଭାବେ ଯୁବ ଚାଷୀ ତାପସ ରଞ୍ଜନ ବେହେରା, ଜୟବର୍ଦ୍ଧନ ପଧାନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କେନାଲରେ ପାଣି ଛଡା ଯିବା ପୂର୍ବରୁ ମୁଖ୍ୟ ଗେଟ ନିକଟରେ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ଅତିଥିମାନେ ନଡ଼ିଆ ଭାଙ୍ଗି ଗେଟର ଚାବି ଖୋଲି ପାଣି ଛାଡ଼ିଥିଲେ। ଏହି ଅବସରରେ ଅପର ସୁକତେଲ ବିଭାଗର କର୍ମଚାରୀ ପୀତାମ୍ବର ଭୋଇ, ଲବ ଭୋଇ, ଗରୁଡ଼ଧ୍ୱଜ ସାହୁ, ତ୍ରିନାଥ ଠେଲା , ଇନ୍ଦ୍ର ପଧାନ, ଲୁକୁ ପଧାନ, ରବି ନାରାୟଣ ପଧାନ, ସୁରେଶ ପଧାନ ଓ ଚାଷୀମାନେ ଉପସ୍ଥିତ ଥିଲେ।


ଅପର ସୁକତେଲ ଡ୍ୟାମ୍‌ରେ ପାଣି ଛଡ଼ାଯାଉଛି।

# ବିଦ୍ୟାଳୟ ଆଗରେ ଅଭିଭାବକଙ୍କ ଧାରଣା

ଖପ୍ରାଖୋଲ,୨୭।୭(ଅଭୟ ତ୍ରିପାଠୀ)

**ଶିକ୍ଷକଙ୍କ ଡେପୁଟେଶନର ପ୍ରତିବାଦ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ହିଁଲି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି। ଏହାର ପ୍ରତିବାଦରେ ଅଭିଭାବକ ଓ ଗ୍ରାମବାସୀ ଶନିବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୧୧୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଥିବା ବେଳେ ପ୍ରଶାସନ ତରଫରୁ ଦୟାନନ୍ଦ ମେହେର ନାମକ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇ ପ୍ରତିବାଦ କରିବା ସହ ତୁରନ୍ତ ଡେପୁଟେଶନ ବାତିଲ କରିବାକୁ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ସୋମବାର ଦିନ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ସାହୁ, ଦୁଃଖି ସାହୁ, ଜଗବନ୍ଧୁ ବରିହା, ଡୋଳାମଣି ବରିହା, ଭୁବନେଶ୍ୱର ପୁଟେଲ, ସୁଦାମ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖପ୍ରାଖୋଲ ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଙ୍କୁ ପଚାରିବାରେ ଯେଉଁଠି ଛାତ୍ରୀଛାତ୍ର ଅନୁପାତ ରେ ଅଧିକ ଶିକ୍ଷକ ଅଛନ୍ତି ସେଠାରୁ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ନୂତନ ଶିକ୍ଷକ ନିଯୁକ୍ତି ପରେ ସମସ୍ୟା ସମାଧାନ କରାଯିବ। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ମଧ୍ୟ ବୁଝାଯାଇଛି ବୋଲି କହିଛନ୍ତି।


ବିଦ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

# ଦେଓଗାଁ ବ୍ରିଜ୍ ନିକଟରୁ ଲୁଟ୍ ଘଟଣାରେ ୫ ଗିରଫ

ଦେଓଗାଁ,୨୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବଙ୍ଗଳା ଛକ ସୋନଗଡ ନଦୀ ନିକଟରେ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଦୁଇଟି ବାଇକ୍, ଦୁଇଟି ଭୁଜାଲି, ତିନୋଟି ମୋବାଇଲ ଫୋନ ଓ ୧୩ ହଜାର ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ଗତ ଗୁରୁବାର ପୂର୍ବାହ୍ନରେ ଦେଓଗାଁର ଦୟାସାଗର ବର୍ଗତି କନ୍ଧକେଲଗାଁର ଏକ ହୋଟେଲରୁ ଟଙ୍କା ନେଇ ଆସୁଥିବା ବେଳେ ତାଙ୍କୁ ସୋନଗଡ ପୋଲ ନିକଟରେ ଦୁର୍ବୃତ୍ତମାନେ ଅଟକାଇ ମାରଣାସ୍ତ୍ର ଦେଖାଇ ୬୫ ହଜାର ୭୩୦ ଟଙ୍କା ଲୁଟି ନେଇ ଫେରାର ମାରିଥିଲେ। ଖବର ପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏସଡିପିଓ ପ୍ରଦିପ କୁମାର ସାହୁଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରି ପୋଲିସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରିଥିଲା। ଲୁଟ୍ ଘଟଣାରେ ସନ୍ଦେହ କରି ୪ ଜଣ ଯୁବକଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଥିଲା। ପରେ ଦେଓଗାଁର ଏକ ଦୋକାନରେ କାମ କରୁଥିବା କାହ୍ନା ସାହୁ ଟଙ୍କା ନେବା ଆଣିବା ସମ୍ପର୍କରେ ଅଭିଯୁକ୍ତମାନଙ୍କୁ ଖବର ଦେଇଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ପୋଲିସ କାହ୍ନାଙ୍କୁ ପଚରାଉଚୁରା କରିବା ପରେ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁର ଚନ୍ଦନ ରଣା (୨୨) ଓରଫ ଟିଟୁ, କାହ୍ନା ସାହୁ (୧୯) ଓରଫ ବୁଟ, ରୋଶନ ସାହୁ (୨୦), ସଦର ଥାନା ଅନ୍ତର୍ଗତ ଦାପକାନୀ ଗାଁର ଆଲୋକ ନାଗ (୨୧) ଓ ବିନୋଦ ନାଗ। ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ଯଥାଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି।


ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ।

**୩ ମୋବାଇଲ ଫୋନ ଓ ଦୁଇଟି ବାଇକ୍ ଜବତ**

# କାଦୁଅ ରାସ୍ତାରେ ଛାତ୍ରୀଛାତ୍ର ଯାଉଛନ୍ତି ଅଙ୍ଗନୱାଡ଼ି

ଅମରପାଲି,୨୭।୭(ପୀତାମ୍ବର ସାହୁ)

କାଦୁଅ ପଚପଚ ରାସ୍ତାଦେଇ ଯାଉଛନ୍ତି ଅଙ୍ଗନୱାଡ଼ି ଛାତ୍ରୀଛାତ୍ର। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଚିଙ୍ଗିରାନାଲି ଗ୍ରାମରେ। ଏହି ଗ୍ରାମରୁ ବିଶାଳପାଲି- ପାତରପାଲିକୁ ଯାଇଥିବା ରାସ୍ତାରେ ଅଛି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର। ମାତ୍ର ଏହି ରାସ୍ତା ପକ୍କା ରାସ୍ତାହୋଇ ନାହିଁ। ଏବେ ଲଗାଣ ବର୍ଷା ହେଉଥିବାରୁ ଏହି କଚ୍ଚା ରାସ୍ତା ଏବେ କାଦୁଅ ପଚପଚ ହୋଇ ପଡ଼ିଛି। ଏହି ଗ୍ରାମକୁ ଭାଲୁଡୁଙ୍ଗୁରୀରୁ ଚିଙ୍ଗିରାନାଲି ପର୍ଯ୍ୟନ୍ତ ଦୀର୍ଘଦିନ ହେଲା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ରହିଛି। ମାତ୍ର ଚିଙ୍ଗିରାନାଲି ଗ୍ରାମରୁ ପାତରପାଲି ପର୍ଯ୍ୟନ୍ତ ରାସ୍ତା କାମ ହୋଇନାହିଁ। ପ୍ରାୟ ଦେଢ଼ କିଲୋମିଟରର ରାସ୍ତାକୁ ପକ୍କା ରାସ୍ତା କିମ୍ବା ପିଚୁ ରାସ୍ତାରେ ସାମିଲ କରାଯାଇନାହିଁ। ଏହି ରାସ୍ତା ଦେଇ ଚିଙ୍ଗିରାନାଲି ଗ୍ରାମବାସୀ ସମେତ ବିଶାଳପାଲି ଓ ପାତରପାଲି ଗ୍ରାମର ଲୋକେ ଯିବା ଆସିବା କରନ୍ତି। ଏହି ରାସ୍ତା ଏବେ କାଦୁଅ ଓ ଖାଲଖମା ଥିବାରୁ ଲୋକେ ଯିବା ଆସିବା ସମୟରେ ଅନେକ ଦୁର୍ଘଟଣା ହେଉଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ପିଚୁ ରାସ୍ତା କିମ୍ବା ପକ୍କା ରାସ୍ତା କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପରିକି ପଞ୍ଚାୟତ ତରଫରୁ ମଧ୍ୟ ଏହି ରାସ୍ତା ପାଇଁ କୌଣସି ଅନୁଦାନ ଦିଆ ଯାଉନାହିଁ କି ମରାମତି କରାଯାଉନାହିଁ। ଉପାନ୍ତ ଅଞ୍ଚଳରେ ଥିବା ଏହି ଗ୍ରାମର ଏହି କାଦୁଅ ରାସ୍ତା ଯୋଗୁ ଗ୍ରାମର ସ୍କୁଲ ଓ କଲେଜ ପଢୁଆ ଛାତ୍ରୀଛାତ୍ରମାନେ ଖଣ୍ଡହତା ହାଇସ୍କୁଲ ଓ କଲେଜକୁ ଯାଇ ପାରୁନାହାନ୍ତି। ଏହା ସହିତ ବିଭିନ୍ନ ଜିନିଷ କିଣାବିକା ପାଇଁ ସୁବଳୟା ,ବୀରମହାରାଜପୁର ଓ ନିକଟସ୍ଥ ସାପ୍ତାହିକ ବଜାରକୁ ମଧ୍ୟ କେହି ଯାଇ ପାରୁ ନାହାନ୍ତି। ତେଣୁ ବିଭାଗ ଏହି ଗ୍ରାମର ଏହି କାଦୁଅ ରାସ୍ତାର ଅବସ୍ଥାକୁ ଦୃଷ୍ଟିଦେଇ ଯଥାଶୀଘ୍ର ମରାମତି କରିବା ସହିତ ପକ୍କା ରାସ୍ତା କରିବାକୁ ସାଧାରଣରେ ଦାବି ହେଉଛି।



କାଦୁଅ ରାସ୍ତାରେ ଅଙ୍ଗନୱାଡିକୁ ଯାଉଛନ୍ତି ଛାତ୍ରୀଛାତ୍ର।

## ସଂକ୍ଷେପରେ

### କୂଅରେ ପଡ଼ିଥିବା ଷଣ୍ଢକୁ ଉଦ୍ଧାର କଲା ବାଉଁଶୁଣୀ ଅଗ୍ନିଶମ ବାହିନୀ

ବାଉଁଶୁଣୀ,୨୭।୭(ଦେବାଶିଷ ନେପାକ)

ଶନିବାର ଅପରାହ୍ନ ୨ଟା ସମୟରେ ବୌଦ୍ଧ ବ୍ଲକ ବହିରା ଗ୍ରାମ ପଞ୍ଚାୟତ ତାଳପଡା ଗ୍ରାମର ଏକ କୂଅ ଭିତରେ ପଡି ଯାଇଥିବା ଷଣ୍ଢକୁ ବାଉଁଶୁଣୀ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି । ମିଳିଥିବା ସୂଚନା ଅନୁଯାୟୀ, ତାଳପଡା ଗ୍ରାମର ବିରେନ ବାରିକଙ୍କ ଏକ ଷଣ୍ଢ ଗ୍ରାମ ନିକଟରେ ଚରୁଥିବା ସମୟରେ ଅସାବଧାନତା ବଶତଃ ଏକ ପରିତ୍ୟକ୍ତ କୂଅ ଭିତରେ ଖସି ପଡିଥିଲା। ଏହା ଜାଣିବା ପରେ ଗ୍ରାମବାସୀ ବାଉଁଶୁଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଷଣ୍ଢକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

### ଏବିଭିପି ପାଳିଲା କାର୍‌ଗିଲ ବିଜୟ ଦିବସ

ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ନଳିନୀ ଛକ ଠାରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଏବିଭିପି ଓଡିଶାର ସେବାର୍ଥେ ବିଦ୍ୟାର୍ଥୀର ରାଜ୍ୟ ସଂଯୋଜକ ଶୁଭମ ପ୍ରସାଦ ମିଶ୍ର, ସୁବର୍ଣ୍ଣପୁର ଜିଲା ସହ ପ୍ରମୁଖ ପ୍ଳାବନ କୁମାର ମହାପାତ୍ର, ଜିଲା ସଂଯୋଜକ ସୁବ୍ରତ ରଣା, ଜିଲା ସହସଂଯୋଜକ ରାଜେଶ ଜେନା, ବିଭାଗ ସୋସିଆଲ ମିଡିଆ ସଂଯୋଜକ ସୁମନ୍ତ ଜଗଦଲା, ସୋନପୁର କଲେଜ ଛାତ୍ରନେତା ରୋହନ ସୁନା ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଗୋଦାମ ଗୃହ ଝରକା ଭାଙ୍ଗି ୩୦ ପ୍ୟାକେଟ ଚାଉଳ ଚୋରି

ଡୁଙ୍ଗୁରିପାଲି, ୨୭।୭(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମପଞ୍ଚାୟତ ଗୋଦାମ ଗୃହ ଝରକା ଭାଙ୍ଗି ୩୦ ପ୍ୟାକେଟ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ରୁଚିକାନ୍ତ ଭୋଇ, ଯୋଗାଣ ସହାୟକ ଜଗମୋହନ ଦାସ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଗୁରୁବାର ରାତିରେ ଗୋଦାମ ଗୃହର ଏଲଆଇ ଅଫିସ ପାର୍ଶ୍ୱରେ ଥିବା ଝରକା ଭାଙ୍ଗି ଚୋରମାନେ ଚାଉଳ ଚୋରି କରି ନେଇଥିବା ନେଇ ଶୁକ୍ରବାର ସକାଳେ ଯୋଗାଣ ସହାୟକ ଜଗମୋହନ ଦାସ ଓ ସ୍ଥାନୀୟ ଲୋକେ ଦେଖିଥିଲେ। ଶନିବାର ଗୋଦାମକୁ ଯାଇ ତଦନ୍ତ କରାଯାଇଥିଲା। ସାଇଣ୍ଟିଫିକ ଟିମ ଆସିଲେ ଚୋରି ସମ୍ପର୍କରେ ଅଧିକ ତଥ୍ୟ ଜଣାପଡିବ ବୋଲି ଏଏସଆଇ ମୋହନ ବରିହା ସୂଚନା ଦେଇଛନ୍ତି।

### ପାଲା ଗାୟକ ହାଡ଼ିବନ୍ଧୁ ପଧାନଙ୍କ ପରଲୋକ

ଅମରପାଲି,୨୭।୭(ପୀତାମ୍ବର ସାହୁ)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମର ବିଶିଷ୍ଟ ପାଲା ଗାୟକ ହାଡ଼ିବନ୍ଧୁ ପଧାନ(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ପକ୍ଷାଘାତ ରୋଗରେ ପୀଡିତ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ତାଙ୍କ ଲୁଡୁରପଙ୍କ ବାସଭବନକୁ ଅଣାଯାଇଥିଲା। ଜ୍ଞାତି କୁଟୁମ୍ବ, ଆତ୍ମୀୟ ସ୍ୱଜନ ଏବଂ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ ରୋହିତ, ରଜତ, ରଶ୍ମି ରଞ୍ଜନ, ରମଣୀ ରଞ୍ଜନ, ଏକ ମାତ୍ର ଝିଅ ରଶ୍ମିଶ୍ରୀ, ଜ୍ୱାଇଁ, ପୁତ୍ରବଧୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ରୋହିତ ପ୍ରଧାନ ମୁଖାଗ୍ନି ଦେଇଥିଲେ। ହାଡିବନ୍ଧୁ ଜଣେ ପ୍ରସିଦ୍ଧ ପାଲା ଗାୟକ ଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ସେ ସଚେତନଧର୍ମୀ ପାଲା ପରିବେଷଣ କରି ଲୋକଙ୍କୁ ସଚେତନ କରୁଥିଲେ। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରେ ମଧ୍ୟ ପାଲା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏଥିପାଇଁ ବିଭିନ୍ନ ସ୍ଥାନରେ ହାଡିବନ୍ଧୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ।

# ମୋବାଇଲ ଛଡ଼ାଇନେଇ ଆକ୍ରମଣ, ଜେଲଗଲେ ଯୁବକ

ଡୁଙ୍ଗୁରିପାଲି,୨୭।୭(ଦୀନବନ୍ଧୁ ସୁନା)

ମୋବାଇଲ ଛଡାଇନେଲେ। ପ୍ରତିବାଦ କରିବାରୁ କଟୁରିରେ ଆକ୍ରମଣ କଲେ। ଆକ୍ରମଣର ଶିକାର ଯୁବକ କୃଷ୍ଣ ବାଗଙ୍କ ଅଭିଯୋଗ ଆଧାରରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଶନିବାର ଦଶରଥ ଗୁରୁ(୨୪)ଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ ଗତ ୨୪ ତାରିଖ ଡୁଙ୍ଗୁରିପାଲି ଗ୍ରାମର କୃଷ୍ଣ ବାଗ ରାତି ପ୍ରାୟ ୮ଟାରେ ନିଜ ଜମି ପାଖ କଲେଜ ରୋଡ଼ ଛକ ସିମେଣ୍ଟ କାନ୍ଥ ଉପରେ ବସି ନିଜ ମୋବାଇଲ ଦେଖୁଥିଲେ। ଏହି ସମୟରେ କେନାଲ କଲେଜ ଛକ ନିକଟ ବେଡ୍ରାପଡ଼ାର ଦଶରଥ ଗୁରୁ ସେଠାକୁ ଆସି ହଠାତ ତାଙ୍କୁ ଠେଲି ଦେଇଥିଲେ। ସେ ତଳେ ପଡିଯିବା ପରେ ମୋବାଇଲ ନେଇ ସେଠାରୁ ଦଶରଥ ଦୌଡି ପଳାଇଥିଲେ। କୃଷ୍ଣ ତାଙ୍କୁ ପିଛା କରି କଲେଜ ଖେଳ ପଡିଆ ବାଲି ଖେଳକୁଦ ପର୍ଯ୍ୟନ୍ତ ଯାଇ ଦଶରଥଙ୍କୁ ଧରିଥିଲେ। ମୋବାଇଲ ମାଗିବା ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହି ସମୟରେ ଦଶରଥ ହଠାତ ପାଖରେ ରଖିଥିବା ଏକ କଟୁରିରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇ କୃଷ୍ଣ ସେଠାରୁ ପଳାଇ ଆସିଥିଲେ। ଏ ନେଇ କୃଷ୍ଣ ଗୁରୁବାର ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡୁଙ୍ଗୁରିପାଲି ଥାନା ପୋଲିସ ଦଶରଥଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲେ। ଶନିବାର ଦଫା ୩୦୯(୬) (ବିଏନଏସ) ୨୦୨୩ରେ ଏକ ମାମଲା (୧୭୫/୨୦୦୨୪)ରୁଜୁ କରି ଦଶରଥଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ପ୍ରେମରାଜ ସାହୁ କହିଛନ୍ତି।

# ସମ୍ବଲପୁରୀ ଦିନ୍‌ରେ ନୃତ୍ୟ ଗୀତ, ର୍‍ୟାମ୍ପ ଶୋ



କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)

ସମ୍ବଲପୁରୀ ସାହିତ୍ୟର ଜନକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିନ ଅଗଷ୍ଟ ୧ ତାରିଖକୁ ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯିବ। ସ୍ୱର୍ଗତ ବହିଦାର ସୁବର୍ଣ୍ଣପୁରରେ ଜନ୍ମଗ୍ରହଣ କରିଥିଲେ। ତେଣୁ ତନୁଶାନ ପରିବାର ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶନିବାର ଅପରାହ୍ନରେ ପଏଁରୀ ସଭାଗୃହ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଅଞ୍ଚଳର କଳା, ସଂସ୍କୃତି, ଶିକ୍ଷା ଓ ପରମ୍ପରାକୁ ଆଗକୁ ନେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଛି। ଏଥିରେ ସମ୍ବଲପୁରୀ/ କୋସଲି ନୃତ୍ୟ ଗୀତ, କୋସଲି କବିତା ପାଠ, ଆଲୋଚନାଚକ୍ର, ବିପିନ୍ ଜାଲ ଓ ସାଥିଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ଓ ସମ୍ବଲପୁରୀ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଛୋଟ ପିଲାମାନଙ୍କ ମଧ୍ୟରେ ର୍‍ୟାମ୍ପ ସୋ ଆୟୋଜିତ ହେବ। ସୋନପୁର ପଏଁରୀ ଅନୁଷ୍ଠାନ ଓ ବୀରମହାରାଜପୁର ଭୀମଭୋଇ କଳା ପରିଷଦର କଳାକାରଙ୍କ ଦ୍ୱାରା କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ ଶୀଧର ବାଗ୍ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଉପଦେଷ୍ଟା ଶାନ୍ତନୁ କୁମ୍ଭକାର, ପଏଁରୀ ସମ୍ପାଦକ ଚୌଧୁରୀ ବିଭାର, ଉପସଭାପତି ସନ୍ତୋଷିନୀ ନନ୍ଦ, ଯୁଗ୍ମ ସମ୍ପାଦକ ସ୍ୱର୍ଣ୍ଣପ୍ରଭା ମହାପାତ୍ର, କବି ଡ. ଅନିରୁଦ୍ଧ କୁରୁକୁରିଆ ଓ କୋଷାଧ୍ୟକ୍ଷ ମନୋରଞ୍ଜନ ନାଏକ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

ବୌଦ୍ଧ,୨୭।୭(ଅଜିତ କୁମାର ବାରିକ)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଶନିବାର ଦିନ ମହାବିଦ୍ୟାଳୟ ସ୍ତରରେ ଥିବା ଯୁବ ରେଡକ୍ରସର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲା ଯୁବ ରେଡକ୍ରସର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ଆରସିଦେଓ ହେମ୍ବ୍ରମ ଯୋଗଦେଇ ଜିଲାର ସମସ୍ତ ମହାବିଦ୍ୟାଳୟରେ ଏଚଆଇଭି, ଏଡ୍‌ସ, ଟିବି, ମ୍ୟାଲେରିଆ, ଡେଙ୍ଗୁ, ସିକିଲସେଲ ରୋଗ ପାଇଁ ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ। ଏହାସହ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତର ଅଭାବ ଦୂର କରିବାକୁ ଆହ୍ୱାନ କରିଥିଲେ । ସଭାରେ ଯୁବ ରେଡକ୍ରସର ସଂପାଦକ ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ବିବରଣୀ ପାଠ କରିଥିଲେ। ଜିଲା ସଂଯୋଜକ ଅଧ୍ୟାପକ ସୁରେଶ୍ୱର ଯୋଶୀ ସବୁ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସେମାନଙ୍କ ରାଜ୍ୟ ସହଯୋଗ ରାଶି ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ। ଜିଲା ତମାଖୁ ନିୟନ୍ତ୍ରଣ କେନ୍ଦ୍ରର ପରାମର୍ଶଦାତା ଆଲୋକ ମିଶ୍ର ସମସ୍ତ ମହାବିଦ୍ୟାଳୟରେ ତମାଖୁ ମୁକ୍ତ କାର୍ଯ୍ୟକ୍ରମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ ମୀନାକ୍ଷୀ କୁମୁରା ସମସ୍ତଙ୍କୁ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ନିଜର ମତ ବ୍ୟକ୍ତ କରିଥିଲେ। ଶେଷରେ ଜିଲା ସଂଯୋଜକ ଯୋଶୀ ଧନ୍ୟବାଦ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଛତରଙ୍ଗ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର




ଆଇନ ସଚେତନତା ଶିବିରରେ ବିଚାରପତି ଓ ଅନ୍ୟମାନେ।

ବୌଦ୍ଧ,୨୭।୭( ଅଜିତ କୁମାର ବାରିକ)

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଶନିବାର ଦିନ ହରଭଙ୍ଗା ବ୍ଲକର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରୀତିଶ କୁମାର ସାମଲ ଯୋଗଦେଇ ଶିଶୁମାନଙ୍କ ପ୍ରତି ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହାସହ ଶିଶୁମାନଙ୍କ ପାଇଁ ଆଇନରେ ଥିବା ସୁରକ୍ଷା ଓ ଯତ୍ନ ଉପରେ ପ୍ରୋଜେକ୍ଟ ମାଧ୍ୟମରେ ଦଣ୍ଡାଧିଶ ସାମଲ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଏହି ସଚେତନତା ଶିବିରରେ ଆଇନଜୀବୀ ବନମାଳୀ ଦାସ, ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ଏଏସଆଇ ଜିତନ୍ଦ୍ରେ ମେହେର, କୋର୍ଟ କର୍ମଚାରୀ ସୁମନ୍ତ ପ୍ରଧାନ, ପ୍ରଭୁଦତ୍ତ ଛତ୍ରିଆ, ଜିତେନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଅମରପାଲି,୨୭।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ନମିତା କରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନମିତା ହୋତା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଶିଶୁ ମାନସିକତାକୁ କିପରି ବୁଝିବାକୁ ହେବ, ଶିଶୁକୁ ଆଗକୁ ବଢାଇବାକୁ ହେଲେ ଜଣେ ମା'ର କ'ଣ ଓ କିପରି ଭୂମିକା ରହିଛି ସେନେଇ ବୁଝାଇଥିଲେ। ସହ ସମ୍ପାଦକ ପ୍ରଫୁଲ୍ଲ ଡାଙ୍ଗ, ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ, ଆଚାର୍ଯ୍ୟ ରଶ୍ମୀ ପାଣିଗ୍ରାହୀ, ସୁଜାତା ପୁରୋହିତ, ଅଳିଭା ଗଡ଼ୁଆ, ସେବିକା ଇନ୍ଦୁମତି ରଥ, ସେବତି ପୋଥାଲଙ୍କ ସମେତ ୮୦ ଜଣ ଅଭିଭାବିକା ଯୋଗଦେଇଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୭।୭(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ ଅବସରରେ ଶନିବାର ଦିନ ଇକୋ କ୍ଲବ ଦ୍ୱାରା ଆୟୋଜିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବିକା ଯୋଗଦେଇ ବିଦ୍ୟାଳୟ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ପୂର୍ବରୁ ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗଛ ଲଗାଇବା ଉପରେ ବିଭିନ୍ନ ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇଥିଲେ। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷା ପ୍ରଦାନ କରାଯାଉଛି। ଆସନ୍ତା ୨୯ ତାରିଖରେ ଏହି କାର୍ଯ୍ୟକ୍ରମ ଶେଷ ହେବା ନେଇ ପ୍ରଧାନଶିକ୍ଷକ ପଣ୍ଡା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବରଗଡ଼ ବିକାଶ ମଞ୍ଚର ସାଧାରଣ ସଭା

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)

ବରଗଡ ବିକାଶ ମଞ୍ଚର ଏକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଭିଜିତ ପ୍ରତିହାର ବିବରଣୀ ପ୍ରଦାନ କରିଥିଲେ। ରବିବାର ମଞ୍ଚ ପକ୍ଷରୁ ଚାରାରୋପଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୂତନ ସଦସ୍ୟା ନିବେଦିତା ପୂଜାରୀ, ଖୁସବୁ ଶର୍ମା, ଭାଗ୍ୟଲକ୍ଷ୍ମୀ ଦୋରା, ତୁଳସୀ ଚରଣ ଦାଶ, ଦେବୀ ପଟ୍ଟନାୟକ, ନବକୃଷ୍ଣ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଦାଶ, ମନୋରଞ୍ଜନ ପୂଜାରୀ, ରାମକୃଷ୍ଣ ମେହେର, ଆଶୁତୋଷ ରଥ, ମହମ୍ମଦ ଅସଲମ, ସନ୍ତୋଷ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଖୁସବୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ମେହେରୁଣି ନାଳରେ ୫ ଫୁଟର ବନ୍ୟାଜଳ ପ୍ରବାହିତ



ବାଉଁଶୁଣୀ,୨୭।୭(ଦେବାଶିଷ ନେପାକ)

ଶନିବାର ସକାଳ ୮ ଟା ସମୟରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମ ପଞ୍ଚାୟତର ଖମାର ନିକଟରେ ମେହେରୁଣି ନାଳରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିଲା। ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଅପରପାର୍ଶ୍ୱରେ ଥିବା ଦେମୁହାଣୀ, ଧେଣ୍ଡୋକୁଟୀ, ପୋଡମୁଣ୍ଡା ସହ ବହୁ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ଗତ ୫ ଦିନ ଧରି ଲଘୁଚାପ ଜନିତ ବର୍ଷା ହେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଉକ୍ତ ନାଳ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି । ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବା ଫଳରେ ପ୍ରତିବର୍ଷ ବର୍ଷା ଦିନେ ଏଭଳି ପରିସ୍ଥିତି ହେଉଛି। ଜିଲା ପ୍ରଶାସନ ସେତୁ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ**

## ବରପାଲିଠାରେ ଏକ ଦିବସୀୟ ଫଟୋଗ୍ରାଫି କର୍ମଶାଳା

ବରପାଲି, ୨୭।୭(ଚିତ୍ତରଞ୍ଜନ ସାହୁ)

ଏକ ଦିବସୀୟ ଫଟୋଗ୍ରାଫି କର୍ମଶାଳା କେନନ କମ୍ପାନୀ ଦ୍ୱାରା ବରଗଡ ଜିଲା ବରପାଲି ବଣିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନନ କମ୍ପାନୀର ମୋନିଟରଙ୍କ ଦ୍ୱାରା ଫଟୋଗ୍ରାଫି ବିଷୟରେ ଶିକ୍ଷା ଦାନ କରାଯାଇଥିଲା। ଫଟୋଗ୍ରାଫି କର୍ମଶାଳାରେ ବରପାଲି ଫଟୋଗ୍ରାଫର୍ ସଂଘର ସଭାପତି ସଚିନ ସାହୁ, ଉପସଭାପତି ମହେଶ ଦର୍ଜି, ସମ୍ପାଦକ ପ୍ରକାଶ କୁମାର୍ ସାହୁ, ଉପ ସମ୍ପାଦକ ବିଜନ ମେହେର, କୋଷାଧ୍ୟକ୍ଷ ରାହାସ ପାତ୍ର ତଥା ବରପାଲି ଫଟୋଗ୍ରାଫର୍ ସଂଘର ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ।

## ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ




ଶିକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷକ।

ଅମରପାଲି,୨୭।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସମସ୍ତ ସ୍କୁଲରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ କରାଯାଉଛି। ଅମରପାଲି ହାଇସ୍କୁଲରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଉଛି। ସ୍କୁଲର ସମସ୍ତ ଛାତ୍ରୀଛାତ୍ର,ଶିକ୍ଷକ ଓ କର୍ମଚାରୀ ଯୋଗଦେଉଛନ୍ତି। ସୋମବାର ଶିକ୍ଷଣ ସାମଗ୍ରୀ ଦିବସ ପାଳନ, ମଙ୍ଗଳବାର ଏଫଏଲଏନ ଦିବସ ପାଳନ, ବୁଧବାର କ୍ରୀଡା ଦିବସ ପାଳନ, ଗୁରୁବାର ସାଂସ୍କୃତିକ ଦିବସ ପାଳନ, ଶୁକ୍ରବାର ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ଶନିବାର ଇକୋ କ୍ଲବ /ସ୍କୁଲ ପୋଷଣ ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍କୁଲରେ ଶନିବାର ଏକ ସଭା ହୋଇଥିଲା। ଏଥିରେ ପିଲାଙ୍କୁ ଇକୋ କ୍ଲବର କାର୍ଯ୍ୟ ଏବଂ ଚାରା ରୋପଣର ଆବଶ୍ୟକତା ଉପରେ ଧାରଣ ପ୍ରଦାନ କରାଯାଇଥିଲା। ସଭା ପରେ ସ୍କୁଲ ପରିସରରେ ପ୍ରାୟ ଶହେରୁ ଅଧିକ ନିମ୍ବ, ଆମ୍ବ, ଜାମୁ, କରଞ୍ଜ, କଦମ୍ବ ଆଦି ପ୍ରଜାତିର ଛାତ୍ରୀ ଛାତ୍ର ଓ ଶିକ୍ଷକମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଏହା ସହିତ ରବିବାର ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ ହେବ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସବୁ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ସସ୍ମିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ ଏବଂ କର୍ମଚାରୀ ନଟବର ରଣା, ନଟିଆ ଚରଣ ସାହୁ, ଜଗନ୍ନାଥ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ମଧୁବୈଶ୍ୟ ସମାଜର ଶୋକ

**ରାଉରକେଲା,୨୭।୭(ଦିନେଶ ମିଶ୍ର):** ରାଉରକେଲା ମଧୁବୈଶ୍ୟ ସମାଜର ଉପଦେଷ୍ଟା ନିକୁଞ୍ଜ କିଶୋର ସାହୁଙ୍କ ୮୯ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ମଧୁବୈଶ୍ୟ ସମାଜର ସଭାପତି ନକୁଳ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧୁବୈଶ୍ୟ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ନିକୁଞ୍ଜଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ସାହୁ ଆଇଜିଏଚ୍‌ରେ ପାଥୋଲୋଜି ବିଭାଗରେ ୧୯୯୩ରେ କନିଷ୍ଠ ଏକଜିକ୍ୟୁଟିଭି ଭାବେ ଅବସର ନେଇଥିଲେ। ତାଙ୍କର ଏହି ଶୋକସଭାରେ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ସାହୁ, ସାଧାରଣ ସମ୍ପାଦକ କାଶୀନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, କଷ୍ଟଚନ୍ଦ୍ର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଉରକେଲାରେ ସକ୍ରିୟ ନିଶା ମାଫିଆ

**ରାଉରକେଲା,୨୭।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ଦିନକୁ ଦିନ ବେଆଇନ ନିଶା କାରବାର ବଢ଼ିବାରେ ଲାଗିଛି। ରାଉରକେଲା ଦେଇ ଓଡ଼ିଶା-ଝାଡଖଣ୍ଡ-ବିହାର ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ନିଶା ମାଫିଆ ଅନାୟାସରେ ଚଳାଉଛନ୍ତି ବେଆଇନ ନିଶା କାରବାର। ଏନ୍‌ଡିପିଏସ୍ ଆକ୍ଟ-୭ ଅନୁସାରେ, ୨୦୨୨-୨୩ରେ ମୋଟ ୧୫ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ୩ଶହ କିଲୋରୁ ଅଧିକ ପରିମାଣର ବେଆଇନ ଗଞ୍ଜେଇ ଅବକାରୀ ବିଭାଗ ଜବତ କରିଥିବାବେଳେ ୧୬ କେଜି ୭୫୦ ଗ୍ରାମ ଓଜନର ବ୍ରାଉନସୁଗାର ବାହ୍ୟ ରାଜ୍ୟକୁ ରପ୍ତାନି କରୁଥିବା ବେଳେ ବବୋ ସିଂ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିସହ ଅଭିଯୁକ୍ତଙ୍କ କାର ମଧ ଜବତ ହୋଇଥିଲା। ୨୦୨୪ ଜୁନ ସୁଦ୍ଧା ୩ ଜଣଙ୍କୁ ଜିଲା ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗ ସହରରେ ବେଆଇନ ନିଶା କାରବାର ଚଳାଉଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁଛି ସତ, ମାତ୍ର ବିଭିନ୍ନ କୋର୍ଟରେ ଅନେକ ମାମଲା ଗୁଡ଼ିକ ବିଚାରାଧୀନ ରହିବାରୁ ଦୋଷୀଙ୍କୁ ଆଇନଗତ ଦଣ୍ଡାଦେଶ ଶୁଣାଣି ପ୍ରକ୍ରିୟା ବିଳମ୍ବ ହେଉଛି। ମୋଟ ୧୮ଟି ମାମଲାରୁ ୧୭ ମାମଲା ରାଉରକେଲା ଅତିରିକ୍ତ ସେସନ୍ ଜଜ୍‌ଙ୍କ ପାଖେ ବିଚାରାଧୀନ ଥିବାବେଳେ ଗୋଟିଏ ମାମଲା ଏସ୍‌ଡିଜେଏମ୍ ବଣାଇଗଡ଼ରେ ବିଚାରାଧୀନ ଥିବା ସୂଚନା ମିଳିଛି। ତେବେ ରାଉରକେଲା ସହରରେ ବେଆଇନ ନିଶା କାରବାର ରୋକିବା ପାଇଁ ବିଭାଗୀୟ ପ୍ରଶାସନ ଆହୁରି ଯତ୍ନଶୀଳ ହେବା ସହ ଏଭଳି ଆପରାଧିକ ମାମଲାର ତୁରନ୍ତ ବିଚାର ହେବା ନିହାତି ଆବଶ୍ୟକ। ରାଉରକେଲା ଅବକାରୀ ବିଭାଗ ଅଧିକାରୀ ମୋହନ ପ୍ରଧାନଙ୍କୁ ପଚାରିବାରୁ, ୧୮ଟି ମାମଲାରୁ ସବୁ ମାମଲା କୋର୍ଟକୁ ଫରୱାର୍ଡ ହୋଇଯାଇଛି। ସବୁ ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ବିଭାଗ ଏଭଳି ଅନୈତିକ କାର୍ଯ୍ୟକଳାପ ରୋକିବାକୁ ଚେଷ୍ଟା ଚଳାଉଛି। ଏନ୍‌ଡିପିଏସ୍ ଆକ୍ଟ-୭ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ନିଶାଦ୍ରବ୍ୟ ଜବତ କରିବାରେ ଆମ ବିଭାଗ ସଫଳ ରହିଛି ବୋଲି କହିଥିଲେ। ଏନେଇ ରାଉରକେଲାର ବରିଷ୍ଠ ଆଇନଜୀବୀ ସୁରେଶ କୁମାର ଦାଶ କହିଛନ୍ତି, ରାଉରକେଲାର ପ୍ରତି ଗଳିକନ୍ଦିରେ ବେଆଇନ ନିଶାଦ୍ରବ୍ୟ କାରବାର ଚାଲିଛି। ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ନାରକୋଟିକ୍ ବିଭାଗର ସମ୍ପୃକ୍ତି ନିହାତି ଆବଶ୍ୟକ ହୋଇପଡ଼ିଛି। କେବଳ ସୂଚନା ଆଧାରରେ ନିଶା ମାଫିଆଙ୍କୁ କାବୁ କରିବାଟା ଯଥେଷ୍ଟ ନୁହେଁ, ଏଥିନିମନ୍ତେ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଟିକସ, ଜରିମାନାର ଏକକାଳୀନ ସମାଧାନ ଶିବିର



ଶିବିରରେ ପରିବହନ ବିଭାଗର ଅଧିକାରୀ ଓ ସଂଘ କର୍ମକର୍ତ୍ତା।

**ସୁନ୍ଦରଗଡ଼,୨୭।୭(ଜୟ ନାରାୟଣ ମେଣ୍ଡୁଲି)**

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଟିକସ ଓ ଜରିମାନା ଗୁଡିକର ଏକ କାଳୀନ ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଶୁକ୍ରବାର ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସରକାରଙ୍କ ତରଫରୁ ଗାଡ଼ି ଗୁଡିକର ଟିକସ ଓ ଜରିମାନା କେମିତି ଏକା ଥରକେ ସେଟେଲମେଣ୍ଟ ହେବ ଏବଂ ଗାଡ଼ି କାଗଜ ପତ୍ର କିପରି ଠିକ କରିପାରିବା ଏହାର ଉପକାରିତା ସମ୍ପର୍କରେ ଗାଡି ମାଲିକଙ୍କୁ ସଚେତନ କରାଯାଇଥିଲା। ଏହି ଶିବିରରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ ଏବଂ ଅଧିକାରୀ ଦେବେନ୍ଦ୍ର ଖରସେଲ ଉପସ୍ଥିତ ରହି ସରକାରଙ୍କ ତରଫରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରିଥିଲେ। ପରିବହନ ବିଭାଗର କର୍ମଚାରୀଙ୍କ ସମେତ ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ସଭାପତି ରିତେଶ ପଟେଲ, ସମ୍ପାଦକ ରମଣୀ ରଞ୍ଜନ ଯୋଶୀ, ନରେନ୍ଦ୍ର ସିଂ, ଲକ୍ଷ୍ମୀ ନାରାୟଣ ମିଶ୍ର, ସଞ୍ଜୟ ଦାନୀ, ଉଦୟ ଯାଦବ, ସୁବାଷ ପଣ୍ଡା, ଅରୁଣ ସାହୁ, ଅନିଲ ପଣ୍ଡା, ବୈଦ୍ୟନାଥ ସାହୁ, ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଂଘ ଗାଡ଼ି ମାଲିକମାନେ ଉପସ୍ଥିତ ଥିଲେ। ଶେଷରେ ସଂଘ ପକ୍ଷରୁ ରମଣୀ ରଞ୍ଜନ ଯୋଶୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

# ତରକେରା ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**କୁତ୍ରା,୨୭।୭(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ଅଧକ୍ଷତାରେ ଶନିବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଅଶୋକ କୁମାର ଲାକ୍ରା ଯୋଗଦେଇ ବୃକ୍ଷର ଉପକାରିତା ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିକ୍ଷକ ଡ.ବିଭିଷଣ ବାରିକ ଯୋଗଦେଇ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଗୋଟିଏ ଲେଖାଁଏ ଗଛ ଲଗାଇବା ପାଇଁ କହିବା ସହିତ ଗଛକୁ ଭଲ ପାଆନ୍ତୁ ଓ ଏହାର ଯତ୍ନ ନିଅନ୍ତୁ ବୋଲି କହିଥିଲେ। ସରପଞ୍ଚ ବୁଧବାରି ଏକ୍କା, ସମିତି ସଭ୍ୟା ସଞ୍ଜୁକ୍ତା ସୁନ୍ୟାନୀ, ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା,ସମାଜିକ କର୍ମୀ ବିଦ୍ୟାଧର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଶୁକାନ୍ତ ସେଖର ଦେଓ, କଟଙ୍ଗ ପ୍ରଧାନ ଶିକ୍ଷକ ନିତ୍ୟନନ୍ଦ ବେହେରା, ମହେନ୍ଦ୍ର ସିଂ, ଟିକଚାନ୍ଦ ସିଂ, ବନରକ୍ଷୀ ଦିପନ କୁମାର ପଟେଲ, ରଶ୍ମିତା ଛୁରା ପ୍ରମୁଖ ମଞ୍ଚାସୀନ ରହି ଚାରା ରୋପଣର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସଭା କାର୍ଯ୍ୟକୁ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ। ଶିକ୍ଷକ ଶୁଶିଲ ଲାକଡା, ଗଙ୍ଗାଧର କୁଜୁର, ବିଦ୍ୟାଧର ରାଉତ, ଲଳିତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସ୍କାଉଟସ ଗାଇଡସ, ଜୁନିୟର ରେଡକ୍ରସ, ସବୁଜବାହିନୀର ଛାତ୍ରୀଛାତ୍ର ଅତିଥିଙ୍କ ସହିତ ମିଳିତ ଭାବେ ଚାରା ରୋପଣ କରିଥିଲେ। କେଦାର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଉଛି।

# ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ପାଳନ



ଶିକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ।

**ସୁନ୍ଦରଗଡ଼,୨୭।୭(ଜୟ ନାରାୟଣ ମେଣ୍ଡୁଲି)**

ଜାତୀୟ ଶିକ୍ଷା ନୀତି -୨୦୨୦ର ଚତୁର୍ଥ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ ଶିକ୍ଷା ସପ୍ତାହ ପାଳନ ଉତ୍ସବ ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସୁନ୍ଦରଗଡ଼ ଶଙ୍କରାଠାରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷା ଲିପିକା ବେହେରାଙ୍କ ପୌରୋହିତ୍ୟରେ ଗତ ୨ଦିନ ଧରି ଏହା ପାଳିତ ହୋଇଥିଲା। ଉକ୍ତ ଉତ୍ସବରେ ଶିକ୍ଷାବିତ ଡ. ଧରଣୀଧର ପଟେଲ ମୁଖ୍ୟ ଅତିଥି, ରିଜର୍ଭ ପୋଲିସ କଲୋନୀ ପ୍ରୟୋଗ ଶାଳା ବିଦ୍ୟାଳୟ, ଗୌଡ଼ପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଅନୁଷ୍ଠାନର ଗୁରୁ ଛାତ୍ରୀଛାତ୍ର, ଶିକ୍ଷକ ପ୍ରଶିକ୍ଷକଙ୍କ ସମେତ ଜିଲାର ୪୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧକ୍ଷା ବେହେରା ଶିକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଡ. ଧରଣୀଧର ପଟେଲ ଏକବିଂଶ ଶତାବ୍ଦୀର ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଉନ୍ନତ ମାନର ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ପ୍ରୟୋଗ ବିଧି ସମ୍ପର୍କରେ କହିଥିଲେ। ଏହି ଅବସରରେ ଗୁରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶପଥ ପାଠ, ପୋଷ୍ଟର ପ୍ରତିଯୋଗିତା ଓ ଏକ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉକ୍ତ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହାପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ନାଏକ ଓ ମମତା ମାଝୀ ଶିକ୍ଷଣ ସାମଗ୍ରୀର ବ୍ୟବହାର ସମ୍ପର୍କରେ ଗୁରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପର୍ଯ୍ୟାୟ କ୍ରମିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶିକ୍ଷକ ପ୍ରଶିକ୍ଷକ ସୁଜ୍ଞାନ ନନ୍ଦ କୁସୁମ ଛାତ୍ରୀଛାତ୍ରଙ୍କୁ ମୋବାଇଲରେ ଇ-ଯାଦୁର ପିଟାରା ପ୍ରଦର୍ଶନ ସହ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଏହା କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦମୟନ୍ତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେମାନେ ଅନୁଷ୍ଠାନର ବାଲବାଟିକା ପ୍ରୟୋଗ ଶାଳା ପ୍ରଦର୍ଶନ କରି ଉପଲବ୍ଧ ଶିକ୍ଷଣ ସାମଗ୍ରୀର ବ୍ୟବହାର ବୁଝିଥିଲେ। ଶିକ୍ଷକ ପ୍ରଶିକ୍ଷିକା ଅନୁତୃଷ୍ଣା ସିଂଙ୍କ ତତ୍ତ୍ୱାବଧାନରେ ଗୁରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ କର୍ଣ୍ଣେଇ ପ୍ରଦର୍ଶନୀ ଆୟୋଜନ କରାଯିବା ପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସୁଜାତା କାଲୋ ଓ ସର୍ବେଶ୍ୱର ଦାସଙ୍କ ଦ୍ୱାରା ମୌଳିକ ସାକ୍ଷରତା ଜ୍ଞାନ ହାସଲରେ ଗୋଷ୍ଠୀ ସଂପୃକ୍ତି ଶୀର୍ଷକ ଉପରେ ପର୍ଯ୍ୟାୟ କ୍ରମିକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବୁଦ୍ଧ ରାମ କିସାନ ସଂଯୋଜନା ଓ ପରିଚାଳନା କରିବା ସହ ଶିକ୍ଷକ ପ୍ରଶିକ୍ଷିକା ବନ୍ଦିତାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅନ୍ୟ ଶିକ୍ଷକ ପ୍ରଶିକ୍ଷିକା ପ୍ରଶିକ୍ଷକ ପ୍ରିୟଦର୍ଶନୀ ପାତ୍ର, ନୀଳିମା ଲାକ୍ରା, ମାର୍ଟିନା ଶ୍ୟାମଳୀ ମଲ୍ଲୀ,ସୌମ୍ୟରଞ୍ଜନ ମହାଳିକ, କମ୍ପ୍ୟୁଟର ଶିକ୍ଷକ ସୁଧାର କୁମରଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

# ମଦ ବନ୍ଦ ପାଇଁ ସଙ୍ଗଠିତ ମହିଳାଙ୍କୁ ଧମକ

**ବଡ଼ଗାଁ,୨୭।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଡେମୁପଡ଼ା ଗ୍ରାମରେ ମଦ ବନ୍ଦ କରିବାକୁ ମହିଳାମାନେ ସଂଗଠିତ ହୋଇଛନ୍ତି। ସଭା କରି ପୋଲିସ ଓ ଅବକାରୀ ବିଭାଗକୁ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଜଣାଇଛନ୍ତି। ତେବେ ସଙ୍ଗଠିତ ମହିଳାଙ୍କୁ ସେହି ଗାଁର ଜଣେ ମଦ ବେପାରୀ ଧମକ ଚମକ ଓ ଗାଳିଗୁଲଜ କରିଥିବା ନେଇ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଡ଼ଗାଁ ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏନେଇ ସବ୍‌ଇନ୍ସପେକ୍ଟର ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି। ଘଟଣା ଅନୁଯାୟୀ, ଡେମୁପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ବାଗ ୨ଦିନ ତଳେ ଗ୍ରାମରେ ଅନୁଷ୍ଠିତ ହୋଇଥିବା ମଦ ବିରୋଧୀ ସଭାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହାକୁ ନେଇ ଗାଁର ମଦ ବେପାରୀ ପଟେଲ ମାଝୀ, ଅନ୍ୟ ଜଣେ ମଦ ବେପାରୀଙ୍କ ସ୍ତ୍ରୀ ଉମା ମାଝୀ ତାଙ୍କର ଝିଅ ସସ୍ମିତା ମାଝୀ ଲକ୍ଷ୍ମୀପ୍ରିୟାଙ୍କୁ ସର୍ବସମ୍ମୁଖରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଲକ୍ଷ୍ମୀପ୍ରିୟା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶଯୋଗ୍ୟ, ବଡ଼ଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅବାଧ ମଦ ବିକ୍ରି ହେଉଥିବା ଓ ଏହାକୁ ବିରୋଧ କଲେ ମହିଳାଙ୍କୁ ଧମକ ଦିଆଯାଉଥିବା ପୂର୍ବରୁ ମଧ ଅଭିଯୋଗ ରହିଛି।

# ମୋବାଇଲ ଦୋକାନରୁ ଚୋରି, ଥାନାରେ ଅଭିଯୋଗ

**ବଡ଼ଗାଁ,୨୭।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ବଜାର ଛକରେ ଥିବା ଏକ ମୋବାଇଲ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ବଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମୋବାଇଲ ଦୋକାନର ପ୍ରଥମେ ଶଟର ତାଲା ଭାଙ୍ଗିଥିଲେ। ପରେ ଛାତ ଆଜ୍‌ବେଷ୍ଟସ ଭାଙ୍ଗି ଦୋକାନ ଭିତରକୁ ପଶି ଦୋକାନରେ ଥିବା ୩ ବଡ଼ ମୋବାଇଲ, ୬ ଛୋଟ ମୋବାଇଲ, ୭ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଏନେଇ ଦୋକାନ ମାଲିକ ପ୍ରଶାନ୍ତ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଚୋରି ମୋବାଇଲ ମଧ୍ୟରୁ ଗୋଟିଏ ମୋବାଇଲ ପାମରା ଗ୍ରାମର ଜଣେ ଯୁବକ ବିକ୍ରି କରିବାକୁ ତୁଡାଲଗା ନେଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଧରି ପୋଲିସରେ ଜିମା ଦେଇଛନ୍ତି। ବଡ଼ଗାଁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ମାନମୁଣ୍ଡା ବିଦ୍ୟାଳୟରେ ଚାରା ରୋପଣ

**ସୁନ୍ଦରଗଡ,୨୭।୭(ଜୟ ନାରାୟଣ ମେଣ୍ଡୁଲି)**




ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ମାନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିନବ ପ୍ରୟାସ ସଂଗଠନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ, ସିଆରସିସି ଶ୍ରୀକାନ୍ତ ପଟେଲ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ତଥା ସଂଗଠନର ସଭ୍ୟାସଭ୍ୟ ମିଶି ବୃକ୍ଷ ରୋପଣ କରିଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସଭାପତି ବଚନ ଗରଡିଆ, ସମ୍ପାଦକ ସନ୍ତୋଷ ମଗର୍, ସଭ୍ୟ ମଧୁ ସୁଦନ ଲାରାଙ୍ଗ, ଧର୍ମେନ୍ଦ୍ର ସିଂ, ଯୋଗେଶ୍ୱର ବେସନ ଓ ସୁଧୀର ତାଜନ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ



କାରଗିଲ ବିଜୟ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

**ସୁନ୍ଦରଗଡ଼,୨୭।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ବୀରେନ୍ଦ୍ର କୁମାର ପଟେଲ ଅଧକ୍ଷତା କରି କାର୍‌ଗିଲ ବିଜୟ ଦିବସର ଇତିହାସ ଓ ଭାରତୀୟ ଯବାନଙ୍କ ବୀରଗାଥା, ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଦେଶମାତୃକାର ସେବା କରିବା ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. କୁଳମଣି ବେହେରା କାର୍‌ଗିଲ ଯୁଦ୍ଧରେ ଶହୀଦମାନଙ୍କ ତ୍ୟାଗ ଓ ବୀରତ୍ୱକୁ ସ୍ମରଣ କରାଇଥିଲେ। ସମସ୍ତ ଏନ୍‌ସିସି ସ୍ୱେଚ୍ଛାସେବୀ, ଅଧ୍ୟାପିକା ଅଧ୍ୟାପକମାନେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏନ୍‌ସିସି ଅଧିକାରୀ ମନୋଜ ଲାକ୍ରା, ସହକାରୀ ପ୍ରଫେସର ନୂତନ ଖମାରୀ, ଡକ୍ଟର ଅନୀମା ତିର୍କୀ, ପ୍ରକାଶ କୁମାର ସାହୁ, ଡକ୍ଟର ବସନ୍ତ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କାର୍‌ଗିଲ ବିଜୟ ଦିବସ

**ସୁନ୍ଦରଗଡ,୨୭।୭(ଜୟ ନାରାୟଣ ମେଣ୍ଡୁଲି)**

କାର୍‌ଗିଲ ବିଜୟ ଦିବସର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ଜିଲା ତରଫରୁ ବିଜୟ ଦିବସ ସ୍ଥାନୀୟ ଡିଆରଡିଏ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶର ଉପସଭାପତି ସଞ୍ଜୀବ କୁମାର ନାଏକ କାର୍‌ଗିଲ ଯୁଦ୍ଧରେ ଯୁଦ୍ଧ କରିଥିବା ବୀର ଯବାନଙ୍କ ଅଭିଜ୍ଞତା ଓ ସ୍ମୃତି ବିଷୟରେ କହିଥିଲେ। ସୁନ୍ଦରଗଡ଼ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ ଉପସ୍ଥିତ ରହି ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ମା' ଭାରତୀର ଅମର ପୁତ୍ରଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ସୁନ୍ଦରଗଡ଼ ସଂଗଠନ ସମ୍ପାଦକ ନାରାୟଣ ବେହେରା, ବିଭାଗ ସଂଯୋଜକ ଗୋପାଳ ନାଏକ, ଜିଲା ସଂଯୋଜକ ବାପୁନ ପଶାୟତ, ମହାବିଦ୍ୟାଳୟ ସହ ପ୍ରମୁଖ ଯୁବରାଜ କୌଶଳ ସିଂହ, ପରିଷଦର ଶୁଭେଚ୍ଛୁ ଅରବିନ୍ଦ ପଟେଲ ଓ ବିଭିନ୍ନ ମହାବିଦ୍ୟାଳୟର ବିଦ୍ୟାର୍ଥୀ ତପନ ମାଝୀ, ଉଷତ ମାଝୀ, କେଦାର କାଲୋ, ଜଗନ୍ନାଥ ନାୟକ, କାହ୍ନା ମେହେର, ଇନ୍ଦ୍ରମଣି ମହାନନ୍ଦିଆ, ରଞ୍ଜନ, ସୁମନ୍ତ, ସିନ୍ଧୁ, ପ୍ରଣବ ପ୍ରଧାନ, ସୁଶାନ୍ତ କରିଆଲି, ରିଙ୍କି ରାଣୀ ମହାନ୍ତ, ବନିତା ହେମ୍ବ୍ରମ, ସୁସ୍ମିତା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବିଭାଗ ସଂଯୋଜକ ଗୋପାଳ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି।

# ପାଇପ ଗ୍ୟାସ୍ ଯୋଗାଣ ପ୍ରକଳ୍ପ ବିଳମ୍ବ

**ରାଉରକେଲା,୨୭।୭ (ସଙ୍ଗୀତା ଜେନା)**

ରାଉରକେଲା ସହରରେ ୨୦୧୯ରୁ ପାଇପ ଯୋଗେ ଘରୋଇ ଗ୍ୟାସ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ଅଧିକାଂଶ ଲୋକଙ୍କ ଘରକୁ ପାଇପ ଓ ଯନ୍ତ୍ରପାତି ଆଦି ସଂଯୋଗ ହୋଇନାହିଁ। ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲାରେ ଉପଭୋକ୍ତାଙ୍କ ଘରକୁ ପାଇପ ଯୋଗେ ପେଟ୍ରୋଲିୟମ୍ ଆଣ୍ଡ ନ୍ୟାଚୁରାଲ୍ ଗ୍ୟାସ ରେଗୁଲେଟିଂବୋର୍ଡ ( ପିଏନ୍‌ଜିଆରବି) ସିଜିଡ଼ି ସେବା ବା ଘରୋଇ ଗ୍ୟାସ ପାଇପ ସେବା ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସହରର ୧୩ ହଜାର ଉପଭୋକ୍ତାଙ୍କ ଘରକୁ ପାଇପଲାଇନ୍ ଓ ଯନ୍ତ୍ରପାତି ଇନଷ୍ଟଲ କରାଯାଇଛି। ସେଥିରେ ମାତ୍ର ୨୫୦ ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଘରକୁ ଗ୍ୟାସ ଯୋଗାଣ ହେଉଛି। ଛେଣ୍ଡ ଫେଜ୍-୧ ଏଲସିଆର୍, କଳିଙ୍ଗବିହାର, କୋଏଲନଗର 'ଏ' ଓ 'ଇ' ବ୍ଲକର କେତେକ ଲୋକ ଏହି ସୁବଧା ପାଉଛନ୍ତି। ଅପରପକ୍ଷରେ, ଲୋକଙ୍କୁ ପାଇପ ଗ୍ୟାସ ଯୋଗାଣ ହେଲେ ପ୍ରଦୂଷଣ ହ୍ରାସ ସହ କମ୍ ଖର୍ଚ୍ଚରେ ଇନ୍ଧନ ପାଇପାରିବେ। କୋଭିଡ୍ ସମୟରେ ଉକ୍ତ ପ୍ରକଳ୍ପ ଲକ୍ଷ୍ୟ ଛୁଇଁ ଆସଥିବା ବେଳେ ସ୍ମାର୍ଟସିଟି ସୌନ୍ଦର୍ଯ୍ୟକରଣ ଯୋଗୁ ପାଇପ ଲାଇନ୍ ବିଛା କାର୍ଯ୍ୟ ବିଳମ୍ବ ଓ ଅନେକ ସ୍ଥାନରେ ନଷ୍ଟ ହୋଇଯାଇଥିଲା। ସେକ୍ଟର-୧୫ରୁ ଝିରପାଣି ପର୍ଯ୍ୟନ୍ତ ପ୍ରାୟ ୫.୪ କିମି ପାଇପ ବିଛାକାର୍ଯ୍ୟ ଶେଷ ହୋଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଅନ୍ୟ ନିର୍ମାଣ କାର୍ଯ୍ୟ ଯୋଗୁ ସେକ୍ଟର-୨୦ ହିଲଟପ୍ ଛକରୁ ସାନ୍‌ସବେରି ପର୍ଯ୍ୟନ୍ତ ପାଇପ ଲାଇନ ନଷ୍ଟ ହୋଇଯାଇଥିଲା। ସେହିପରି ଛେଣ୍ଡ ଓ ସିଭିଲଟାଉନଶିପ୍‌ରେ ପାଇପ ବିଛା କାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ଅଧିକାଂଶ ଲାଇନ୍ ଅନ୍ୟ କାମ ଯୋଗୁ ନଷ୍ଟ ହୋଇଥିଲା। ଏହାକୁ ପୁନର୍ବାର କରିବାକୁ ପଡ଼ିଥିଲା। ଏ ସମ୍ପର୍କରେ ଗେଲ୍ ଗ୍ୟାସ ବରିଷ୍ଠ ଯନ୍ତ୍ରୀ ପ୍ରତୀକ ତିଗା କହିଛନ୍ତି, ବାରମ୍ବାର ପାଇପ ବିଛା ହେବା ପରେ ସୌନ୍ଦର୍ଯ୍ୟକରଣ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଯୋଗୁ ଉକ୍ତ ପାଇପ ଗୁଡ଼ିକ ନଷ୍ଟ ହୋଇଯାଇଥିଲା। ଏହାକୁ ପୁନଃ ତିଆରି କରିବା ସମୟ ସାପେକ୍ଷ ହୋଇପଡ଼ିଥିଲା। ପ୍ରକଳ୍ପ ନିର୍ଦ୍ଧାରିତ ସମୟରୁ ଆହୁରି ବହୁତ ସମୟ ଆଗେଇ ଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କୋଏଲନଗର ଓ ଛେଣ୍ଡର କେତେକ ଅଞ୍ଚଳରେ ଲୋକଙ୍କୁ ପାଇପ ଗ୍ୟାସ ଯୋଗାଣ କରାଯାଉଛି। କେତେକ ଗ୍ରାହକ ଏହି ସେବା ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପାଇପ ଇନଷ୍ଟଲ ହୋଇସାରିଲେ ଏହାର ଚାର୍ଜ ପଏଣ୍ଟ ନିର୍ମାଣ କରାଯିବ। ବାଙ୍କିଆରେ ଥିବା ମୁଖ୍ୟ ଗ୍ୟାସ ଷ୍ଟେଶନରୁ ଏହା ସହସଂଯୋଗ କରାଯିବ। ସେହିପରି ଏନ୍‌ଆଇଟି ବ୍ୟାକପୋଷ୍ଟରେ ଚାର୍ଜିଂ ପଏଣ୍ଟ ନିର୍ମାଣ କରାଯିବ। ଯାହାଦ୍ୱାରା ଜଗଦା, ଶକ୍ତିନଗର, ଏନ୍‌ଆଇଟି ଆଦିକୁ ପରିଚାଳନା କରାଯିବ ବୋଲି ତିଗା କହିଥିଲେ। ପିଏନ୍‌ଜିଆରବି ଅନ୍ତର୍ଗତ ସିଜିଡି ପ୍ରକଳ୍ପ ଜରିଆରେ ଘରୋଇ, ବ୍ୟବସାୟିକ ଓ ଉଦ୍ୟୋଗ ଗୁଡ଼ିକୁ ପାଇପ ଗ୍ୟାସ ଯୋଗାଣ ଲକ୍ଷ୍ୟ ରଖାଯାଇଛି। ଜିଲାରେ ୧୨୧୩୦.୭୦ବର୍ଗ କିମି କ୍ଷେତ୍ରରେ ଲଢୁଣୀପଡ଼ା, ଲାଇକେରା, ହେମଗିରି, ଲେଫ୍ରିପଡ଼ା, ବାଲିଶଙ୍କରା, ଟାଙ୍ଗରପାଲୀ, ସୁନ୍ଦରଗଡ଼ ସଦର, ସବଡ଼େଗା, ବଡ଼ଗାଁ, କୁତ୍ରା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, ନୁଆଗାଁ, ବିଶ୍ରା, ଲାଠିକଟା, ଗୁରୁଣ୍ଡିଆ ଆଦିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଘରୋଇ ଯୋଗାଣ ପାଇଁ ୫ଶହ ଇଞ୍ଚର ନେଟୱାର୍କ ବିଛାଯିବ। ଜଗଦୀଶପୁର-ହଳଦିଆ- ଧାମରା -ବୋକାରୋରୁ ରାଉରକେଲାକୁ ଗ୍ୟାସ ଯୋଗାଣ କରାଯିବ ବୋଲି ସୂଚନା ମିଳିଛି।

# ବିଧାନସଭା ଉପ ବାଚସ୍ପତିଙ୍କ ବାଲିଶଙ୍କରା ଗସ୍ତ

**ବାଲିଶଙ୍କରା,୨୭।୭( ହୃଦାନନ୍ଦ ବାରିକ)**

ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ବାଲିଶଙ୍କରା ବ୍ଲକ ଗସ୍ତରେ ଆସି ବ୍ଲକର ବିଭିନ୍ନ ମନ୍ଦିର ପରିଦର୍ଶନ କରିଛନ୍ତି। ପ୍ରସିଦ୍ଧ ଶୈବ ପୀଠ ଶୁଖା ମହାଦେବ ମନ୍ଦିର, ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିର, ମା' କର୍ଲାଘାଟିଏନଙ୍କ ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଉପବାଚସ୍ପତି ହେବା ପରେ ଏହା ତାଙ୍କର ପ୍ରଥମ ଗସ୍ତ। ଏହା ପରେ ବାଲିଶଙ୍କରା ପଞ୍ଚାୟତ ସମିତି କଲେଜରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମା' ମାଟି ପାଇଁ ଗଛ ଟିଏ ଲଗାଇବାକୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ପଞ୍ଚାୟତ ସମିତି କଲେଜର ଅଧକ୍ଷ କୁଳମଣି ସାହୁଙ୍କ ନେତୃତ୍ୱରେ ଚାଲିଥିବା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୃଷକ ନେତା ରବିନ୍ଦ୍ର ପଟେଲ, ବାଲିଶଙ୍କରା ମଣ୍ଡଳ ସଭାପତି ଉଚ୍ଛବ ତନ୍ତୀ, ପୂର୍ବତନ ବ୍ଲକ ଅଧକ୍ଷା ତ୍ରିବେଣୀ ମାଝୀ, ଭାଜପା ନେତା ବୈକୁଣ୍ଠ କାଲୋ, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ, ଅଧ୍ୟାପକ ଯୁଗେଶ୍ୱର ସାହୁ, ଅଧ୍ୟାପିକା ଶୋଭା ସା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ମିଶି ବୃକ୍ଷରୋପଣ କରିଥିଲେ। ଶେଷରେ କଲେଜ ଅଧକ୍ଷ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ୧୨ ଜଣ ପରିଚାଳନା ସଦସ୍ୟଙ୍କ ସାମୂହିକ ଇସ୍ତଫା

ଦେବଗଡ଼,୨୭।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଗାଙ୍ଗଣେ ସେବା ସମବାୟ ସମିତି ଲିଃର ସଭାପତିଙ୍କ ମନୋମୁଖି କାର୍ଯ୍ୟର ପ୍ରତିବାଦରେ ଉକ୍ତ ସେବା ସମବାୟ ସମିତି ଲିଃର ୧୨ଜଣ ପରିଚାଳନା ସମିତି ସଦସ୍ୟ ସମୁହ ଭାବେ ଇସ୍ତଫା ଦେଇଥିବା ଜଣାପଡିଛି । ଉକ୍ତ ସେବା ସମବାୟ ସମିତିରେ ସଭାପତିଙ୍କୁ ମିଶାଇ ମୋଟ ୧୫ ଜଣ ପରିଚାଳନା ସମିତି ସଦସ୍ୟ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପରିଚାଳନା ସମିତି ସଦସ୍ୟ ଠକଲାଲ ଠାକୁର, ସାଧୁ ଚରଣ ବେହେରା, ନିରଞ୍ଜନ ରଞ୍ଜିତ, ଭାବଗ୍ରାହୀ ପ୍ରଧାନ, ଗଣେଶ୍ୱର ସ୍ୱାଇଁ, ଲଳିତ ମୋହନ ଗଡନାୟକ, ପଞ୍ଚାନନ ସ୍ୱାଇଁ, ଗଣେଶ୍ୱର ପ୍ରଧାନ, ପ୍ରସାଦୀ ସୁହୁଲା, ଚିତ୍ରସେନ ମହାନନ୍ଦ, ସୁଶୀଳ ସାହୁ ଓ ରଜନୀ ସ୍ୱାଇଁ ମିଳିତ ଭାବେ ଏକ ଇସ୍ତଫା ପତ୍ରରେ ଦସ୍ତଖତ କରିବା ସହ ଏହାକୁ ଦେବଗଡ଼ ମଣ୍ଡଳର ଏଆରସିଏସଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଗାଙ୍ଗନଣ ସେବା ସମବାୟ ସମିତିଲିଃର ପୂର୍ବମାସିକ ବୈଠକ ମାନଙ୍କରେ ପରିଚାଳନା କମିଟି ସଦସ୍ୟସଦସ୍ୟାମାନେ ଦେଇଥିବା ପ୍ରସ୍ତାବ ଗୁଡିକୁ ସଭାପତି ଗ୍ରହଣ କରୁ ନ ଥିବା ଓ ସର୍ବସମ୍ମତ ପ୍ରସ୍ତାବଗୁଡିକୁ ଖଣ୍ଡନ କରୁଥିବାରୁ ଏହାର ଦୃଢ ନିନ୍ଦା କରିବା ସହ ଏହି ଇସ୍ତଫାପତ୍ର ମାଧ୍ୟମରେ ସେମାନେ ସାମୂହିକ ଇସ୍ତଫା ଦେଉଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଏହି ଇସ୍ତଫା ପତ୍ରର ନକଲ ଦେବଗଡ ଡିଆରସିଏସ ଓ ଗାଙ୍ଗଣଣ ସେବା ସମବାୟ ସମିତି ଲିଃର ସମ୍ପାଦକଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡିଛି । ୧୫ ଜଣଙ୍କ ମଧ୍ୟରୁ ଏକକାଳୀନ ୧୨ ଜଣ ପରିଚାଳନା ସମିତି ସଦସ୍ୟଙ୍କ ଇସ୍ତଫା ଯୋଗୁଁ ଗାଙ୍ଗଣଣ ସେବା ସମବାୟ ସମିତି ଲିଃରେ ଅଚଳାବସ୍ଥା ସୃଷ୍ଟିହେବାର ଆଶଙ୍କା ଦେଖାଦେଇଛି ।

### ତରଭୁଜ ଚାଷ ପାଇଁ ଜଙ୍ଗଲ କାଟ ଅଭିଯୋଗ

ଦେବଗଡ,୨୭।୭(ଶଶାଙ୍କଶେଖର ଝାଙ୍କର)

ତରଭୁଜ ଚାଷ ପାଇଁ ଜଙ୍ଗଲ ହାଣି ଜମି ତିଆରି କରୁଛନ୍ତି ଚାଷୀ । ମାତ୍ର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦେବଗଡ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଏଭଳି ଅଭିଯୋଗ କରିଛନ୍ତି ରିଆମାଳ ବ୍ଲକ ଖିଲେଇ ଗ୍ରାମ ପଞ୍ଚାୟତ ଚୂଆଖୋଳ ଗ୍ରାମର ପିତବାସ ସାହ ନାମକ ଜଣେ ସଚେତନ ବ୍ୟକ୍ତି। ସାହୁଙ୍କ ଅଭିଯୋଗ ଅନୁଯାୟୀ ରିଆମାଳ ବନାଞ୍ଚଳର ଚୂଆଖୋଳ ଗ୍ରାମରେ ଥିବା ଜଙ୍ଗଲ ଓ ଶାଳ ବୁଦାକୁ ଉକ୍ତ ଗ୍ରାମର ୨ ଜଣ ବ୍ୟକ୍ତି ହାଣି ନଷ୍ଟ କରିବାସହ ତରଭୁଜ ଚାଷ ନିମନ୍ତେ ଜମି ତିଆରି କରୁଛନ୍ତି ଓ ଏବେ ମଧ୍ୟ ଜଙ୍ଗଲ ହଣା କାର୍ଯ୍ୟ ଜାରି ରହିଛି । ସମ୍ପୃକ୍ତ ବ୍ୟକ୍ତିମାନେ ଗତ ବର୍ଷ ମଧ୍ୟ ଜଙ୍ଗଲ ସଫା କରି ତରଭୁଜ ଚାଷ ନିମନ୍ତେ ଜମି ତିଆରି କରିଥିଲେ । ଏନେଇ ବନ ବିଭାଗ ନିକଟରେ ଲିଖିତ ଅଭିଯୋଗ ହେବାରୁ ବନ ବିଭାଗର ରେଞ୍ଜ ଅଫିସର ଓ ନୂଆଁଡିହୀ ଫରେଷ୍ଟର ଉକ୍ତ ଗ୍ରାମରେ ପହଂଚି ଭବିଷ୍ୟତରେ ଜଙ୍ଗଲ କିମ୍ବା ଶାଳ ବୁଦା ନଷ୍ଟ ନ କରିବାକୁ ଚୁକ୍ତିନାମା ଲେଖାଇଥିଲେ। ମାତ୍ର ବର୍ତ୍ତମାନ ସେଠାରେ ଜଙ୍ଗଲ ଓ ଶାଳ ବୁଦା କଟାଯିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସାହୁ ଜିଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିବା ସହ ଏ ଘଟଣାର ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

# ଏମ୍‌ସିସିକୁ ହରାଇଲା ଅନାମିକା କ୍ଲବ

## ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ୍

ସମ୍ବଲପୁର,୨୭।୭(ବି.ଶଙ୍କର)


ଶନିବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବଲପୁର ଜିଲାକ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗକୁ ଅତିଥିମାନେ ପୂଜାର୍ଚ୍ଚନା ପୂର୍ବକ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର ଜିଲାକ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ ତଥା ନକ୍ ଆଉଟ ପ୍ରତିଯୋଗିତା ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଅନାମିକା କ୍ଲବ ବନାମ ମହାତାଫ କ୍ରିକେଟ କ୍ଲବ(ଏମ୍‌ସିସି)ମଧ୍ୟରେ ହୋଇଥିଲା। ମ୍ୟାଚ ପ୍ରାରମ୍ଭରୁ ଅନାମିକା ଦଳର ଖେଳାଳିମାନେ ପ୍ରଭାବ ବିସ୍ତାର କରିଥିଲେ। ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ ଏମସିସି ଗୋଲପୋଷ୍ଟ ଉପରେ ତୁହାକୁ ତୁହା ଆକ୍ରମଣ କରିଥିଲେ। ଫଳସ୍ୱରୂପ ମ୍ୟାଚର ୧୫ତମ ମିନିଟରେ ଦଳର ମହମ୍ମଦ ଆସିଫ ଏକ ଗୋର ସ୍କୋର କରିଥିଲେ। ଏହାପରେ ମ୍ୟାଚର ୨୧, ୫୨, ୫୬, ୬୫ତମ ମିନିଟରେ ଅନାମିକା ଦଳର ଖେଳାଳିମାନେ ଗୋଲ ସ୍କୋର କରଥିଲେ। ତେଣୁ ଦଳ ୫–୦ଗୋଲରେ ଅଗ୍ରଣୀ ରହିଥିଲା। ଏହାପରେ ଏମସିସି ଖେଳାଳିମାନେ ରଣନୀତିରେ ପରିବର୍ତ୍ତନ କରିଥିଲେ। ଫଳରେ ମ୍ୟାଚ ୬୬ ଓ ୬୯ତମ ମିନିଟରେ ଏମସିସି ଖେଳାଳି ସମିର ମୁଣ୍ଡା ଓ ଶେଖ ଅଂଶୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଯଦ୍ୱାରା ଅନାମିକ କ୍ଲବ ୫–୨ ଗୋଲରେ ବିଜୟୀ ହୋଇ ପରିମର୍ଡି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ମ୍ୟାଚକୁ ପରେଶ ଭୋଇ, ପରେଶ ମିର୍ଦ୍ଧା, ଜୟନ୍ତ ପିଙ୍କ ଓ ଅରୁଣ ଭୋଇ ପରିଚାଳନା କରିଥିଲେ। ଜିଲାକ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଭାବ ଏନ୍‌ଏଲସି ଇଣ୍ଡିଆ ଲିମିଟେଡର ଚିଫ ଜେନେରାଲ ମ୍ୟାନେଜର ଚେରୁକୁ ଦୟାନନ୍ଦ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏନ୍‌ଏଲସି ଇଣ୍ଡିଆର ଏଚ୍‌ଆର ମୁଖ୍ୟ ସୁବ୍ରତ କୁମାର ବିଶ୍ୱାଳ, ଭାଜପାର ବରିଷ୍ଠ ନେତା ସରୋଜ ଦଳପତ ଓ ସୁଶାନ୍ତ ପୁରୋହିତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପସଭାପତି ସାବିର ଅହମ୍ମଦ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ହକି ସମ୍ପାଦକ ବିନୋଦ ଟପ୍ପୋ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥେଲଟିକ ସମ୍ପାଦକ ବିକାଶ ମିଶ୍ର, ଗେମ ସମ୍ପାଦକ ରାଜେଶ ସେଠଙ୍କ ସମେତ ଜିଲା କ୍ରୀଡ଼ା ସଂଘର କାଉନସିଲ ସଭ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ମୋଟ ୩୯ଟି ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ୨୪ ଦଳ ଅଂଶଗ୍ରହଣ କରିଛନ୍ତି । ଜୁଲାଇ ୨୭ରୁ ଫୁଟବଲ ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାକ୍ରୀଡା ସଂଘର ଫୁଟବଲ ସମ୍ପାଦକ ଗଫାର ସୂଚିତ କରିଛନ୍ତି।

# ଶହୀଦ କରୁଣାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ଶହୀଦ କରୁଣାକର ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଭାଜପା ଜିଲା ସଭାପତି।

ଝାରସୁଗୁଡା ୨୭।୭ (ସଞ୍ଜୟ ମାଲି)

କାରଗିଲ ବିଜୟ ଦିବସ ଅବସରରେ କୋଲାବିରାଠାରେ ଶହୀଦ କରୁଣାକର ସିଂ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ତା ପରେ ଶହୀଦ କରୁଣାକର ସିଂଙ୍କ ଘରେ ଏକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଭାଜପା ଜିଲା ସଭାପତି ସୁନୀଲ ପଣ୍ଡା, ରାଜେଶ ଦାସ, ବୀର ଅମରେନ୍ଦ୍ର ପ୍ରତାପ ସିଂ, ସମୀର ରାୟ, ତେଜରାଜ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିବା ସହ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁନୀଲ ପଣ୍ଡା ଏହି ଅବସରରେ ନିଜର ଅଭିଭାଷଣରେ କହିଥିଲେ ଦେଶ ମାତୃକା ଲାଗି ପ୍ରାଣବଳି ଦେଇଥିବା ଶହୀଦ ବୀର ଯବାନଙ୍କ ତ୍ୟାଗ ଓ ବଳିଦାନ ଆମ ଭିତରେ ଦେଶପ୍ରେମ ବୃଦ୍ଧି କରିବା ସହ ଦେଶ ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରେରିତ କରୁଛି । ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ପ୍ରତାପ ସିଂ, ସଂଜୟ ପୂଜାରୀ, ଅରୁଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ବିଧାୟକ ଟଙ୍କଧରଙ୍କୁ ସମ୍ବର୍ଦ୍ଧନା



ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବ୍ରଜରାଜନଗର, ୨୭।୭(ବିଜୟ ବରାଡ଼)

ଓଡ଼ିଶା ୟୁନିୟନ ଦ୍ୱାରା ଅନୁବନ୍ଧିତ ଝାରସୁଗୁଡ଼ା ଜିଲା ଖବରଦାତା ସଂଘ ପକ୍ଷରୁ ସରବାହାଲସ୍ଥିତ ଜେଡିଏସ୍ ହୋମିଓପଥିକ ହସ୍ପିଟାଲ କନଫରେନ୍ସ ହଲରେ ଶନିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିର୍ବାଚିତ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ାରେ ଓଡ଼ିଶାର ୨ୟ ବୃହତ ଷ୍ଟାଡିୟମ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି ବୋଲି ବିଧାୟକ ତ୍ରିପାଠୀ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଝାରସୁଗୁଡ଼ା ଡାକ୍ତରଖାନାରେ ଟ୍ରମା କେୟାର, ବର୍ଣ୍ଣ ୟୁନିଟ ଓ ଆଇସିୟୁ ଆରମ୍ଭ କରାଯିବ। ଝାରସୁଗୁଡ଼ା ଜିଲାର ରୋଗୀ ସେବା ପାଇଁ ବୁର୍ଲାରେ ଏକ ଅଫିସ କାର୍ଯ୍ୟ କରିବ ବୋଲି ତ୍ରିପାଠୀ ଘୋଷଣା କରିଥିଲେ। ସାମ୍ବାଦିକ ବୀମାକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ପିତା ମାତାଙ୍କୁ ସାମିଲ, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ସାମ୍ବାଦିକଙ୍କ ପାଇଁ ଅବସରକାଳୀନ ପେନସନ ପ୍ରଦାନ ଇତ୍ୟାଦି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ଘୋଷଣା କରିଥିଲେ। ସଂଘର ସଭାପତି ରିତେଶ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତ୍ରିଲୋଚନ ଦାଶ, ପୂର୍ବତନ ରାଜ୍ୟ ଉପସଭାପତି ଜୀବନ ମହାନ୍ତି ଓ ଉପନ ସାହୁ ନିଜର ମତାମତ ରଖିଥିଲେ। ଜିଲା ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ସଂଘ ପକ୍ଷରୁ ଉପସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ, ଶେଖର ବିଶି, ତ୍ରିଲୋଚନ ଦାଶ, ରିତେଶ ଶର୍ମା, ଜୀବନ ମହାନ୍ତି, ଉପନ ସାହୁ ପ୍ରମୁଖ ଉପଢ଼ୌକନ, ମାନପତ୍ର ଓ ଫୁଲତୋଡା ଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ସଂଘର ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ସାଏ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂଘର ସଦସ୍ୟ ଭୂପାଲ ବେହେରା, ସଞ୍ଜୟ ପାଣିଗ୍ରାହୀ, ସୁଶାନ୍ତ ସାହୁ, ସଞ୍ଜୟ ପୂଜାରୀ, କୀର୍ତ୍ତି ଚନ୍ଦ୍ର ବହିଦାର, ବିଜୟ ବରାଡ, ସୁମନ୍ତ ଶେଖର ବହିଦାର, ପ୍ରକାଶ ପଧାନ, ମନୋଜ ସାହୁ, କୁଞ୍ଜ ବିହାରୀ ପଟେଲ, ଅଜୟ ଶର୍ମା, ନୀଳାମ୍ବର ସାହୁ, ଭରତ ପାତ୍ର, ଭିକୁ ତିୱାରୀ, ଗାନ୍ଧିରମ ବେହେରା, ସବ୍ୟସାଚୀ ସାହୁ, ତିଲେଶ୍ୱର ବାଗ, ଦେବୁନ ବକ୍ସି, ରବି ସାହୁ, ବିଜୟ ସାହୁ, ବିରଞ୍ଚି ସ୍ୱାଇଁ, ସଞ୍ଜୟ ବାହୁ ବାଲେନ୍ଦ୍ର, ଲକ୍ଷ୍ମୀକାନ୍ତ ସାହୁ, ଆକୁଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଖବରଦାତାଙ୍କ ଦାବିପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ**

### ଆଳୁ ଦର ୪୦ ଟପିଲା: ଖାଉଟି ହସ୍ତତନ୍ତ

ଝାରସୁଗୁଡ଼ା, ୨୭।୭ (ସଞ୍ଜୟ ମାଲି)

ସହର ସମେତ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେବ ଆଳୁ ପିଆଜ ଦର ୪୦ ଓ ୪୫ ଟଙ୍କା ଟପିଥିବା ବେଳେ ଖାଉଟି ହସ୍ତତନ୍ତ ହେଉଥିବାର ଅଭିଯୋଗ ହେଉଛି। ମୋହନ ସରକାରଙ୍କ ଏହା ଏକ ବିଫଳତା ବୋଲି ଲୋକେ ଅଭିଯୋଗ କରିଛନ୍ତି। ସହରର ଟିଏମ ଡେଲି ମାର୍କେଟ, ପୁରୁଣା ବସଷ୍ଟାଣ୍ଡ ପଛପଟ ଡେଲି ମାର୍କେଟ, ଝଣ୍ଡାଛକ ଡେଲି ମାର୍କେଟ, ସରବାହାଲ ଡେଲି ମାର୍କେଟ, ସମେତ ବିଭିନ୍ନ ତେଜରାତି ଦୋକାନରେ ଆଳୁ ଦର ଚାଳିଶ ଟଙ୍କା ଟପିଥିବାବେଳେ କେତେକ ସ୍ଥାନରେ ୪୫ ରୁ ୫୦ ଟଙ୍କାରେ ବିକ୍ରି ହେଉଥିବାର ପରିଲକ୍ଷିତ ହେଉଛି। ଆଳୁ ଉପରେ ନିର୍ଭର କରୁଥିବା ଗରିବ ଲୋକେ ଆଳୁ କିଣିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏଭଳି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ରନ୍ଧାଶାଳରୁ ଆଳୁ ଖାଇବା ବେଶ କଷ୍ଟ ଦାୟକ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସହରର ବିଭିନ୍ନ ଆଳୁ ଗୋଦାମରେ ଆଳୁ ଷ୍ଟକ ନ ଥିବା ବେଳେ ଆଳୁ ଦର ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ ଗତ କିଛି ଦିନ ହେବ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ପରିବହନ ହେଉନାହିଁ। ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ରପ୍ତାନି ପାଇଁ ମନା କରି ଦେଇଥିବାରୁ ସୀମାନ୍ତରେ ଆଳୁ ବୋଝାଇ ଟ୍ରକଗୁଡ଼ିକ ଦୀର୍ଘ ଦିନରୁ ଠିଆ ହୋଇରହିଛି। ସହରର ବିଭିନ୍ନ ବ୍ୟବସାୟୀ ଛତିଶଗଡ଼ରୁ ଆଳୁ ଆଣି ବିକ୍ରି କରୁଛନ୍ତି। ଫଳରେ ଆଳୁ ଓ ପିଆଜ ଚଢ଼ା ଦରରେ ବିକ୍ରୀ ହେଉଛି। ଏହାର ଶିକାର ହେଉଛନ୍ତି ଗରିବ ନିରୀହ ଲୋକ। ଜିଲା ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସି ନ ଥିବା ଜଣେ ବ୍ୟବସାୟୀ କହିଛନ୍ତି। ଜିଲାରେ ଶୀତଳ ଭଣ୍ଡାର ସାଙ୍ଗକୁ ଜଳସେଚନର ବ୍ୟବସ୍ଥା ନ ଥିବାରୁ ମଧ୍ୟ ଆଳୁ ଦର ବୃଦ୍ଧି ପାଉ ଥିବାର ପରିଲକ୍ଷିତ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହୋଇଆସୁଛି।

### ବିଷାକ୍ତ ଛତୁ ଖାଇ ୩ ଜଣ ଗୁରୁତର

ଦେବଗଡ,୨୭।୭(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଅନ୍ତର୍ଗତ ଧଉରାଗୋଠ ଗ୍ରାମରେ ବିଷାକ୍ତ ଛତୁ ଖାଇ ୩ ଜଣ ଗୁରୁତର ଅସୁସ୍ଥ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗୁଣ୍ଡିଆପାଲି ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ସ୍ତ୍ରୀ ରୋଦନା ସାହୁ ଚାଷ କାର୍ଯ୍ୟରେ ସହଯୋଗ ପାଇଁ ନିକଟସ୍ଥ ଧଉରାଗୋଠ ଗ୍ରାମରେ ରହୁଥିବା ତାଙ୍କର ଝିଅ ଚୁନୀ ସାହୁଙ୍କ ଘରକୁ ଆସିଥିଲେ। ଶନିବାର ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଧାନ ବିଲରେ ପହ୍ଲା ରୋଇବା ପରେ ଘରକୁ ଫେରିଥିଲେ । ଚୁନୀଙ୍କ ଚାଳ ଘର ଉପରେ ୩ ଗୋଟି ଛତୁ ଫୁଟିଥିବା ବେଳେ ଏହାକୁ ପାଳଛତୁ ଭାବି ଚୁନୀ ତୋଳିବା ସହ ରୋଷେଇ କରିଥିଲେ। ଅପରାହ୍ନ ପ୍ରାୟ ୨ ଟା ସମୟରେ ଏହାକୁ ଚୁନୀ (୩୦), ତାଙ୍କ ସ୍ୱାମୀ ଦେବାଧି ସାହୁ (୪୦) ଓ ଚୁନୀଙ୍କ ମା’ ରୋଦନା ମଧ୍ୟାହ୍ନ ଭୋଜନ ସହ ଖାଇଥିଲେ । କିଛି ସମୟ ପରେ ସେମାନଙ୍କ ପେଟ ବ୍ୟଥା ଓ ଝାଡାବାନ୍ତି ହେବା ସହ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ଓ ଏବେ ମଧ୍ୟ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି ।

### ରାଜସ୍ୱମନ୍ତ୍ରୀଙ୍କ ଗସ୍ତ: ବିଭିନ୍ନ ପ୍ରକଳ୍ପ କଲେ ଉଦ୍‌ଘାଟନ


ଭୂମିହୀନମାନଙ୍କୁ ପଟା ବଣ୍ଟନ କରାଯାଇଛି।

ବ୍ରଜରାଜନଗର,୨୭।୭(ବିଜୟ ବରାଡ଼)

ନୂତନ ସରକାରର ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ସୁରେଶ ପୂଜାରୀ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ପ୍ରଥମେ ସମ୍ବଲପୁରରୁ ବାହାରି ରଂପେଲା ବ୍ରିଜ ଦେଇ ଲଖନପୁର ବ୍ଲକର ପାଣ୍ଡରୀ ଠାରେ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭ ଉଦଘାଟନ କରିଥିଲେ। ପରେ ଗୋବିନ୍ଦପୁରଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦଘାଟନ କରିବା ସହିତ ଭୂମିହୀନମାନଙ୍କୁ ପଟା ବଣ୍ଟନ କରିଥିଲେ।

# ବିଦ୍ୟାଳୟସ୍ତରୀୟ ପୋଷଣ ଦିବସ ପାଳନ

ଦେବଗଡ,୨୭।୭(ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟାଳୟ ସ୍ତରରେ ପାଳନ କରାଯାଉଥିବା ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମିଶନ ଜୀବନ ପାଇଁ ଇକୋ କ୍ଲବ ଏବଂ ପୋଷଣ ଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମେଶ୍ୱର ନାଏକଙ୍କ ସଭାପତିତ୍ୱରେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ ସଂଯୋଜକ ନାରାୟଣ ସିଂ ସମାଡ଼ ଯୋଗ ଦେଇ ଆମ ପରିବେଶରେ ମିଳୁଥିବା ବିଭିନ୍ନ ପ୍ରକାର ଅଦରକାରୀ ଖାଦ୍ୟ ବସ୍ତୁରୁ ନିଜକୁ ଦୁରେଇ ରଖି ପୌଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା କ୍ରୀଡା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ପୌରାଞ୍ଚଳ ସିଆରସିସି ଚୁଡାମଣି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଅଧିକାରୀ ଗାଇଡ଼, ଜେଆରସି ବିଭାଗର ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପରମେଶ୍ୱର ସିଂ, ପିଣ୍ଟୁ ସାହୁ, ଅନିଲ କୁମାର, ମନୋଜ କୁମାର ବେହେରା, ହିମାଂଶୁ ଦେହୁରୀ, ସଦାନନ୍ଦ ସ୍ୱାଇଁ, ତ୍ରିବେଣୀକାନ୍ତ ସାହୁ, ବିଭୁତି ଭୂଷଣ ଧଳ, ଦୁର୍ଯ୍ୟୋଧନ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର, ସାଫଲ୍ୟ ଆଚାର୍ଯ୍ୟ, ସୋନୁ ବିଶ୍ୱାଳ, ସୁଜିତ କୁମାର ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ପୋଷଣ ଦିବସ ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅତିଥି।

# ହୀରାକୁଦ ବିସ୍ଥାପିତଙ୍କୁ ଘରବାରି ପଟ୍ଟା ପ୍ରଦାନ ନେଇ ଦାବିପତ୍ର

ଝାରସୁଗୁଡ଼ା, ୨୭।୭(ସଞ୍ଜୟ ମାଲି)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମବାସୀ ଶନିବାର ଓଡ଼ିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୁରେଶ ପୂଜାରୀଙ୍କ ଗୋବିନ୍ଦପୁର ଗସ୍ତ ସମୟରେ ଗ୍ରାମବାସୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ୧୯୫୬ରେ ହୀରାକୁଦ ନଦୀ ବନ୍ଧ ନିର୍ମାଣ ପରେ ମୂଳ ଗାଁଟି ଜଳ ସମାଧି ନେବା ପରେ ଆମର ପୂର୍ବପୁରୁଷ ଉପରମୁଣ୍ଡକୁ ଚାଲି ଆସି ବସତି ସ୍ଥାପନ କରିଥିଲେ । ପର୍ଯ୍ୟାୟ କ୍ରମେ ଏହି ସ୍ଥାନରେ ଘର କରି ରହିବାକୁ ଲାଗିଲେ। ଏବେ ଗ୍ରାମବାସୀ ରହୁଥିବା ସ୍ଥାନଟିର ଘରବାରି ପଟ୍ଟା ସରକାର କିପରି ପ୍ରଦାନ କରିବେ, ସେଥିପାଇଁ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାର ହୋଇଛନ୍ତି ସାଗରପାଲିବାସୀ । ହେଲେ ମଧ୍ୟ ଆଜି ଯାଏଁ ଏହାର ପଟ୍ଟା ମିଳିପାରି ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ହେବା ପରେ ସାଗରପାଲି ଗ୍ରାମର ତତ୍କାଳୀନ ଲୋକେ ମାନେ ବସତି ସ୍ଥାପନ କରିଥିବା ଏହି ଜମିର କିସମ ଗ୍ରାମ୍ୟ ଜଙ୍ଗଲ ଅଟେ । ଯାହାଫଳରେ ଏହି ସ୍ଥାନରେ ରହୁଥିବା ତାଙ୍କର ବଂଶଜ ମାନେ ତିନିପିଢି ପରେ ମଧ୍ୟ ଘରର ପଟ୍ଟା ପାଇ ପାରି ନାହାନ୍ତି । ସରକାର ଏବେ ହୀରାକୁଦ ବିସ୍ଥାପିତଙ୍କୁ ଚିହ୍ନଟ କରି ୧୦ ଡେସିମିଲ ଲେଖାଁଏ ଜମି ପଟ୍ଟା ପ୍ରଦାନ କରୁଛନ୍ତି । ହେଲେ ସାଗରପାଲି ଗ୍ରାମବାସୀ ଏଥିରୁ ବଞ୍ଚିତ ଅଛନ୍ତି। ତେବେ ସାଗରପାଲି ଗ୍ରାମବାସୀମାନେ ରହୁଥିବା ଘରର ଘରବାରି ପଟ୍ଟା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବସୀମାନେ ଦାବି କରି ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନବେଳେ ଜଗଦୀଶ ପ୍ରଧାନ, ସୁଶାନ୍ତ ଡ଼ନସନା, ମନୋଜ ସେଟ, ବିଦ୍ୟାଧର ଭୋଇ, ରାଧେଶ୍ୟାମ ମେହେର, ଧନୁର୍ଜ୍ୟ ବଣିଆ, ମାନସ ସା ପ୍ରମୁଖ ଙ୍କସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।


ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସାଗରପାଲି ଗ୍ରାମବାସୀ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ମିଳିଲା ସହାୟତା

**ଖଡ଼ିଆଳ,୨୭।୭ (ସୁଜିତ କୁମାର ପ୍ରଧାନ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଜାଦ ଚୌକା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରିଛନ୍ତି। ବ୍ୟାଙ୍କର ଆଜାଦ ଚୌକ ଶାଖାରେ ମଞ୍ଜୁଲା ଗହିର ନାମ୍ନୀ ମହିଳା ଏକ ଖାତା ଖୋଲି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୪୩୬ଟଙ୍କା ପ୍ରଦାନ କରିଥିଲେ। କୌଣସି କାରଣରୁ ମଞ୍ଜୁଲାଙ୍କ ମୃତ୍ୟୁ ହେବା ପରେ ବ୍ୟାଙ୍କ ଖାତାରେ ନୋମିନି ଥିବା ତାଙ୍କ ସ୍ୱାମୀ ଭୋଳାନାଥ ଗହିରଙ୍କୁ ୨ଲକ୍ଷ ଟଙ୍କାର ଏକ ଚେକ୍ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ଚନ୍ଦନ ମିଶ୍ର ପ୍ରଦାନ କରିଛନ୍ତି।

### କଲମପୁର ବ୍ଲକ: ୧୬ ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଖାଦ୍ୟ ବନ୍ଦ

**ଚାଉଳ ଯୋଗାଣକାରୀ ସଂସ୍ଥାର ମନମାନି**

**କଲମପୁର, ୨୭।୭(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକରେ ସମୁଦାୟ ୭୯ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ୫,୮୭୫ଜଣ ଶିଶୁ ରହିଛନ୍ତି। ଏମାନଙ୍କୁ ଚାଉଳ ଯୋଗାଣକାରୀ ସଂସ୍ଥା ପ୍ରତି ତିନିମାସରେ ଥରେ ଚାଉଳ ଯୋଗାଇଥାନ୍ତି। ସଂସ୍ଥା ଠିକ୍ ସମୟରେ ଚାଉଳ ଯୋଗାଉ ନ ଥିବା ବେଳେ ପ୍ରତି ବସ୍ତାରେ ତିନିରୁ ଚାରିକେଜି କମ ରହୁଥିବା ନେଇ କର୍ମୀମାନେ ଅଭିଯୋଗ କରିଆସୁଛନ୍ତି। ଏପରିକି ଛତୁଆ ପ୍ରସ୍ତୁତି ପାଇଁ ଗହମ ଯୋଗାଇବାରେ ମଧ୍ୟ ମାନମାନି କାର୍ଯ୍ୟ କରୁଛନ୍ତି। ବଡକୁସ୍ତୁ ସେକ୍ଟରର ୧୬ ଓ କଲମପୁର ସେକ୍ଟରର ୨ଟି କେନ୍ଦ୍ରରେ ଚାଉଳ ଯୋଗାଣ ହୋଇପାରି ନ ଥିବାରୁ ମାସେ ହେଲା ରନ୍ଧାଖାଦ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ଏ ନେଇ କଲମପୁର ସିଡିପିଓ ନିର୍ବାସିନୀ ଦେଇଙ୍କୁ ପଚାରିବାରୁ ସମ୍ପୃକ୍ତ ସଂସ୍ଥା ଠିକ୍‌ଭାବେ ଚାଉଳ ଓ ଗହମ ଯୋଗାଉନାହିଁ। ଫଳରେ ଆମ କର୍ମୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମେ ଏ ବିଷୟରେ କଳାହାଣ୍ଡି ଜିଲାପାଳ ଓ ଡିଏସ୍‌ଡବ୍ଲ୍ୟୁଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି କହିଥିଲେ।

### ସିଆର୍‌ସିସି ପଦବୀରୁ ଅବ୍ୟାହତି ପରେ ସମ୍ବର୍ଦ୍ଧନା

**କୋକସରା,୨୭।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଦର୍ଲିପଡ଼ା କ୍ଲଷ୍ଟର ସିଆର୍‌ସିସି ସୁବାସ ଚନ୍ଦ୍ର ବାଗଙ୍କ ପଦବୀରୁ ଅବ୍ୟାହତି ନେଇଛନ୍ତି। ଶନିବାର ଦର୍ଲିପଡ଼ା କ୍ଲଷ୍ଟର ପକ୍ଷରୁ ତାଙ୍କୁ ଶିକ୍ଷକମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଦର୍ଲିପଡ଼ା ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଲିଙ୍ଗରାଜ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ଉପେନ୍ଦ୍ର କୁମାର ସାହୁ, ବିର କିଶୋର ନାଗ ପ୍ରମୁଖ ଯୋଗଦେଇ ଦୀର୍ଘ ୫ ବର୍ଷ ଧରି ସିଆର୍‌ସିସି ପଦବୀରେ ରହି ନିଜର ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିଥିବାରୁ ବାଗଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକ ଅଜିତ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ।

# ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭାଗ ନେଇଛନ୍ତି ୧୬୧ ପ୍ରତିଯୋଗୀ**

ଭବାନୀପାଟଣା,୨୭।୭ (ଉତ୍ତମ କୁମାର ଦାଶ)



ଅତିରିକ୍ତ ଜିଲାପାଳ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟନ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମଠାରେ ଶନିବାର ପବନ ଅଗ୍ରୱାଲ ମେମୋରିଆଲ ପଞ୍ଚମ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଓ ଜିଲା ପ୍ରଶାସନର ସହଯୋଗରେ ଏହା ଆୟୋଜନ ହେଉଛି। କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ ଓ ଅନ୍ୟତମ ଅତିଥି ଭାବରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ସନ୍ଦୀପ ମିଶ୍ର, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସିଓସି ଉପ ଅଧ୍ୟକ୍ଷ ମନୋରଞ୍ଜନ ଦାସ, ବରିଷ୍ଠ ଉପସଭାପତି ଅରୁଣ ରଥ, ଅନ୍ୟତମ ଉପସଭାପତି ସମୀର ସାହୁ, ପ୍ରଣତି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଶିବାଶିଷ ବିଶି ମଞ୍ଚ ପରିଚାଳନା କରିଥିଲେ।

ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସ୍ୱର୍ଗତ ପଓନ ଅଗ୍ରୱାଲଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମସ୍ତ ଅତିଥିଙ୍କୁ ସଂଘ ସଭାପତି ପ୍ରଦୀପ ଦାସ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସମସ୍ତ ସୁବିଧା ଓ ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨ଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ କଳାହାଣ୍ଡିର ବିଭିନ୍ନ ବ୍ଲକରୁ ସମୁଦାୟ ୧୬୧ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ଚାମ୍ପିୟନଶିପରେ ସଂଘର ସରୋଜ ମହାରଣା, ପରେଶ ପ୍ରଧାନ, ସାଇକୁମାର ସିଂ ସାମନ୍ତ, ରବି ସାହୁ, ଶକ୍ତି ଯୋଶୀ, ସନ୍ଦୀପ ଦାସ, ଅଶୋକ ପତି, ହେମନ୍ତ ମିଶ୍ର, ମାଣିକେଶ୍ୱରୀ ମହାପାତ୍ର, ବସନ୍ତ ଦୋରା, ସୁନୀଲ ଅଗ୍ରୱାଲ, ରଞ୍ଜିତ ସାହୁ, କମଲ ଅଗ୍ରୱାଲ, ଚତୁର୍ଭୁଜ ନାଏକ, ମନୀଷ ଦାସ ପ୍ରମୁଖ ସହଯୋଗ କରୁଛନ୍ତି। ରବିବାର ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

# ପାଇପ୍ ଲାଇନ ପୋତାରୁ ରାସ୍ତା ଶୋଚନୀୟ

କୋକସରା,୨୭।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତକୁ ମେଗା ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ପାଇଁ ଠିକାସଂସ୍ଥା ପକ୍ଷରୁ କାର୍ଯ୍ୟ ଜାରି ରହିଛି। ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଗାତ ଖୋଳି ପାଇପ ବିଛାଯାଉଛି। ରାସ୍ତାରେ ମାଟି ପଡୁଥିବାରୁ ବର୍ଷା ଦିନରେ ତାହା କାଦୁଅ ହୋଇ ଶୋଚନୀୟ ହୋଇପଡିଛି। ବ୍ଲକର ୨୬ନଂ. ଜାତୀୟ ରାଜପଥ କାଦୋପଦର ଛକରୁ ନୂଆଗୁଡାକୁ ଯାଇଥିବା ରାସ୍ତାକଡରେ ପାଇପ ପୋତା କାର୍ଯ୍ୟ ଯୋଗୁ କାଦୁଅ ରାସ୍ତାରେ ଯାତାୟାତ ବେଳେ ଲୋକେ ନାହିଁ ନ ଥିବା ଭୋଗୁଛନ୍ତି। ଏହି ରାସ୍ତା ଦେଇ ନୂଆଗୁଡା, କାଦୋପଦର, ଚିଲଡ଼ଙ୍ଗରି, ଫୁପଗାଁ, କାଶିବାହାଲ ଅଞ୍ଚଳର ଜନସାଧାରଣ ନିର୍ଭରଶୀଳ। ଠିକାସଂସ୍ଥା ପାଇପ ବିଛାଇବା ପରେ ଗାତକୁ ଭଲ ଭାବରେ ସମତୁଲ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କୋକସରା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଫନୀନ୍ଦ୍ର ଆର୍କାଙ୍କୁ ପଚାରିବାରୁ ଏହା ଆମ ବିଭାଗ ଅଧୀନରେ ଥିଲେ ମଧ୍ୟ ଏକ ଘରୋଇ କମ୍ପାନୀ କାର୍ଯ୍ୟ ସମ୍ପାଦନ କରୁଛି। ଠିକାସଂସ୍ଥାକୁ କହି ରାସ୍ତା ମରାମତି କରିବା ସହ ଯେମିତି ରାସ୍ତା ପାଇଁ ଲୋକେ ହଇରାଣ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ପାଇପ ବିଛାଇବା ପାଇଁ ରାସ୍ତା କଡରେ ଖୋଳାଯାଇଥିବା ମାଟି।

# ଲଗାଣ ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ

ଲାଞ୍ଜିଗଡ଼, ୨୭।୭ (ରମେଶ ଚନ୍ଦ୍ର ନାୟକ)

ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ପଞ୍ଚାୟତର ବଡ଼ପଡା ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ର ଓ ଜନସାଧାରଣ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଲାଞ୍ଜିଗଡ ପଞ୍ଚାୟତଠାରୁ ୧କି.ମି. ଦୂରରେ ବଡ଼ପଡା ଅବସ୍ଥିତ ଥିବାବେଳେ ଏଠାରେ ପ୍ରାୟ ୨୩୦ ପରିବାର ବସବାସ କରୁଛନ୍ତି। କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ପଡ଼ା ରାସ୍ତା ଖାଲଖମା ହେବା କାଦୁଅ ପଚ ପଚ ହୋଇଯାଇଛି। ଫଳରେ ଦୁଇଚକିଆ କିମ୍ବା ଚାରିଚକିଆ ଯାନବାହନ ଦୂରର କଥା ଚାଲିକରି ଯିବା କଷ୍ଟକର ହୋଇପଡିଛି। ଶେଷମୁଣ୍ଡରେ ଥିବା ସ୍କୁଲକୁ ରାସ୍ତା ନ ଥିବାରୁ ପାଠ ପଢୁଥିବା ୪୭ଜଣ ଛାତ୍ରୀଛାତ୍ର କାଦୁଅରେ ଚାଲି ଯିବାକୁ ବାଧ୍ୟ ହେଉଛନ୍ତି। ପୁଣି ସ୍କୁଲ ନିକଟରେ ଅଙ୍ଗନୱାଡି କେନ୍ଦ୍ର ଥିବାରୁ ସେଠାକୁ ଯିବା ମଧ୍ୟ ସମ୍ଭବ ହେଉନାହିଁ। କେବଳ ରାସ୍ତା ନୁହେଁ ପାନୀୟଜଳ ସମସ୍ୟା ମଧ୍ୟ ଲାଗିରହିଛି। ଦୁଇମାସ ହେଲା ପଡାକୁ ଜଳ ଯୋଗାଣ ବନ୍ଦ ହୋଇଥିବାରୁ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଡା ବାସିନ୍ଦା। ଗୋଟିଏ ନଳକୂପ ଉପରେ ପଡାବାସୀ ନିର୍ଭର କରୁଥିବାବେଳେ କାଦୁଅ ସରସର ରାସ୍ତାରେ ଯାଇ ମହିଳାମାନେ ବହୁ କଷ୍ଟରେ ପାଣିମୁନ୍ଦେ ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ରାସ୍ତା କାମପାଇଁ ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ନାଏବ ସରପଞ୍ଚଙ୍କୁ ମଧ୍ୟ କାମ କରିବା ପାଇଁ କୁହାଯାଇଛି। ବର୍ତ୍ତମାନ ରାସ୍ତା ପାର୍ଶ୍ୱରେ ପାଇପ୍ ଲାଇନ ବିଛା ଚାଲିଛି। ଏହି କାମ ସରିଲା ପରେ ରାସ୍ତା କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।



ପଡାରାସ୍ତା କାଦୁଅ ହୋଇଛି।

**ଛାତ୍ରୀଛାତ୍ର, ଜନସାଧାରଣ ଭୋଗୁଛନ୍ତି ଦୁର୍ଦ୍ଦଶା**

# କର୍ଲାମୁଣ୍ଡା: ପରିବା ଦର ଆକାଶଛୁଆଁ

ରିଷିଡ଼ା,୨୭।୭(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ସମେତ ଗଜବାହଲ, ପୋରକେଲା, ରେଗେଡା, କର୍ଲାମୁଣ୍ଡା, ଜୁରାଡବ୍ରାରା ଆଦି ବଜାରରେ ପରିବା ଦଳ ଆକାଶଛୁଆଁ ରହିଛି। ଶ୍ରାବଣ ମାସରେ ଲୋକେ ବେଶି ପରିବାର ଉପରେ ନିର୍ଭର କରିଥାନ୍ତି। ଏପରି ସମୟରେ ଉଚ୍ଚ ଦର ନେଇ ଲୋକେ ଚିନ୍ତାରେ ଅଛନ୍ତି। ବଜାରରେ ଏବେ ଟମାଟୋ ଓ ଫୁଲକୋବି କିଲୋ ଶହେଟଙ୍କା ଛୁଇଁଥିବାବେଳେ ପୋଟଳ ୮୦, ବନ୍ଧାକୋବି ୭୦, ଗାଜର ୮୦, ଆଳୁ ୫୦, ପିଆଜ ୪୦, ବିନ୍ସ ୬୦ ଟଙ୍କା ରହିଛି। ୫୦୦ ଟଙ୍କା ଧରି ବଜାରକୁ ଗଲେ ମଧ୍ୟ ବ୍ୟାଗ ଅଧା ହେଉନାହିଁ। ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଏହି ଦର ଚିନ୍ତାରେ ପକାଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ପରିବା ଦର ନିୟନ୍ତ୍ରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବେହେରାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବେହେରା, ୨୭।୭(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ଡ୍ରେନ୍‌ରୁ ପାଣି ବାହାରି ରାସ୍ତାରେ ଜମୁଛି। ଫଳରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଦୀର୍ଘ ଦିନରୁ ତିଆରି ହୋଇଥିବା ଡ୍ରେନ୍ କେଉଁଠି ପୋତି ହୋଇଯାଇଛି ତ କେଉଁଠି ଭାଙ୍ଗି ଯାଇଛି। ବିଶେଷକରି ଗାଁ ରାସ୍ତାରେ ଥିବା ଡ୍ରେନ ଅତି ସଂକୀର୍ଣ୍ଣ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ଜଳ ନିଷ୍କାସନ ହୋଇ ନ ପାରି ନିକଟସ୍ଥ ଘରଗୁଡିକୁ ପଶିଯାଉଛି। ପ୍ରତିବର୍ଷ ପଞ୍ଚାୟତ ତରଫରୁ ବର୍ଷା ପୂର୍ବରୁ ଡ୍ରେନ ସଫା କରାଯାଉଥିବା ବେଳେ ଚଳିତବର୍ଷ ଏଥିପ୍ରତି ଧ୍ୟାନ ଦିଆଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧି ଦୃଷ୍ଟି ଦେଇ ଯଥାଶୀଘ୍ର ଡ୍ରେନ୍ ପୁନଃରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି। ଡ୍ରେନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦଣ୍ଡପାଟ ସାମ୍ବାଦିକ ସଂଘ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ଅବଗତ କଲା ପରେ ଖୁବ୍‌ଶୀଘ୍ର ବେହେରାର ଯାହାସବୁ ସମସ୍ୟା ଅଛି ତା'ର ସମାଧାନ କରାଯିବ ବୋଲି ମତ ଦେଇଥିଲେ।



ଡ୍ରେନ୍ ପାଣି ରାସ୍ତାରେ ଭାସୁଛି।

# ଜୈବିକ ଖତ ପ୍ରସ୍ତୁତି ତାଲିମ

ନୂଆପଡ଼ା,୨୭।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକର ବିଲେଇଅଞ୍ଚର ସହଭାଗୀ ବିକାଶ ଅଭିଯାନ ଦ୍ୱାରା ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର ସହାୟତାରେ ଗଣ୍ଡାମେର ପଞ୍ଚାୟତ ଲର୍କି ଗାଁଠାରେ ଜୈବିକ ଖତ ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲିମଦାତାଙ୍କ କହିବା ଅନୁଯାୟୀ, ଜୈବିକ ଖତ ଚାଷୀ ନିଜେ ପ୍ରସ୍ତୁତ କରିପାରିବେ। ରାସାୟନିକ ସାରଠାରୁ କମ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ। ବାରମ୍ବାର ରାସାୟନିକ ସାର ପ୍ରୟୋଗ କଲେ ଜମିର ଉର୍ବର କମି ଅମଳ ହ୍ରାସ ପାଇବ। ଚାଷୀ ନିଜେ ପ୍ରସ୍ତୁତ କରି ମହଜୁଦ ରଖିବା ସହ ଦରକାର ସମୟରେ ପ୍ରୟୋଗ କରିପାରିବେ। ଚାଷୀଙ୍କୁ ଆଉ ସାର ଅଭାବ ଦେଖାଦେବ ନାହିଁ। ଗଣ୍ଡାମେର ପଞ୍ଚାୟତର ଲର୍କି, କଣ୍ଟାପାଲି, ଦାନୋଝଲା ଓ ଠିକପାଲି ପଞ୍ଚାୟତର ଶେମେଲପାଲି ଗାଁର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଉଛି। ତାଲିମଦାତା କୁବେର ବାଗ ଜୈବିକ ଖତ ପ୍ରସ୍ତୁତ କରି ଦେଖାଇବା ସହ ତା'ର ବ୍ୟବହାର ଓ ଉପକାରିତା ଉପରେ ତାଲିମ ପ୍ରଦାନ କରିଥିଲେ। ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

### ବିଧାନସଭାରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗ ଉଠାଇଲେ ବିଧାୟକ

ଖଡ଼ିଆଳ,୨୭।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ସିନାପାଲି ଓ ବୋଡ଼େନଠାରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ନେଇ ବିଧାନସଭାରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ଜମି ମାଲିକାନା ହସ୍ତାନ୍ତର ନେଇ ଏହି ଦୁଇ ବ୍ଲକର ଅଧିବାସୀ ୫୦କି.ମି. ଖଡିଆଳ ଆସି ଗୋଟିଏ ଦିନରେ ଫେରିବା ସମ୍ଭବ ହୋଇ ନ ଥାଏ। ପୁଣି ପଞ୍ଜିକରଣ ପାଇଁ ସ୍ଲଟ ଅଗ୍ରୀମ ବୁକ କରିବା ସମସ୍ୟା ରହିଛି।

# ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷା ସପ୍ତାହ

ଖଡ଼ିଆଳ,୨୭।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ, ନିର୍ଭୀକ ଭାବରେ ମତ ଉପସ୍ଥାପନ, ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା, ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଛି। ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଦାନ ବିଦ୍ୟାଳୟର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଶିକ୍ଷା ସପ୍ତାହ ପାଳନ ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଜଣେ ପ୍ରତିନିଧି ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଅବଲୋକନ କରି ତା'ର ସୁଧାର ଆଣିବା ନେଇ ଆଞ୍ଚଳିକ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରିବେ ବୋଲି କୁହାଯାଇଛି।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

# ଥୁଆମୂଳ ରାମପୁରରେ ସର୍ବାଧିକ ବର୍ଷା

**ଚାଷକାର୍ଯ୍ୟ ପ୍ରଭାବିତ**

ଭବାନୀପାଟଣା,୨୭।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଜାରିରହିଛି ଲଗାଣ ବର୍ଷା। ପ୍ରବଳ ବର୍ଷା ଯୋଗୁ ଜିଲାରେ ଚାଷ କାମ ପ୍ରଭାବିତ ହୋଇଛି। ଚାଷୀମାନେ ବୁଣିଥିବା ଧାନ, ପହ୍ଲା ଓ ରୋଇଥିବା ଧାନ ଉପରେ ବର୍ଷାପାଣି ଜମିରହିବା ଓ ସୂର୍ଯ୍ୟଙ୍କ କିରଣ ଅଭାବରୁ ଧାନ ବଢି ନ ପାରି ଏବେ ନଷ୍ଟ ହେଉଥିବା ଖବର ସାମ୍ନାକୁ ଆସିଛି। ଏହାକୁ ନେଇ ସ୍ଥାନୀୟ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଶୁକ୍ରବାର ସମୁଦାୟ ୩୨୦.୪ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡିଛି। ଏଥିରେ ଥୁଆମୂଳ ରାମପୁର ବ୍ଲକରେ ସର୍ବାଧିକ ୧୦୫ ମିମି ବର୍ଷା ହୋଇଥିବା ଜଣାପଡିଛି। ଶନିବାର ସକାଳୁ ଜିଲାରେ ପୁଣି ପ୍ରବଳ ବର୍ଷା ଜାରିରହିଛି। ଏହାର ପରିମାଣ ଶୁକ୍ରବାରଠାରୁ ଅଧିକ ହେବ ବୋଲି କୁହାଯାଉଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।



ଧାନ ତଳି ଥିବା ଜମିରେ ବର୍ଷା ପାଣି।

# ଗୋଟିଏପଟେ ଯାଞ୍ଚ, ଅନ୍ୟପଟେ ହାତଗୁଞ୍ଜା

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ।

ବରଗଡ଼ ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ଚର୍ଚ୍ଚା ଥମିବାର ନାଁ ନେଉ ନାହିଁ। ଦିନ ଯେଭଳି ଗଡ଼ି ଚାଲିଛି, ଏହି ପ୍ରସଙ୍ଗକୁ ନେଇ ସେଭଳି ନୂଆଁକଥା ସାମ୍ନାକୁ ଆସିବାରେ ଲାଗିଛି। ଦୀର୍ଘଦିନର ନୀରବତା ପରେ ଏଭଳି ଏକ ପ୍ରସଙ୍ଗରେ ଜିଲା ଶିକ୍ଷା ବିଭାଗ ପଦକ୍ଷେପ ଆରମ୍ଭ କରିଛି। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ରାଧାକାନ୍ତ ଛତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲାର ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ମାନେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ଶନିବାରରୁ ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିଯୁକ୍ତିପତ୍ର, ଶିକ୍ଷାଗତ ତଥା ଡିଗ୍ରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଭିନ୍ନକ୍ଷମ ପ୍ରମାଣପତ୍ର ଆଦି ଯାଞ୍ଚ ଆରମ୍ଭ ହୋଇଛି। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଉକ୍ତ ବ୍ଲକର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ରର ଏଭଳି ଯାଞ୍ଚ କାର୍ଯ୍ୟକ୍ରମ ରହିଛି।

ଯାଞ୍ଚ ପ୍ରକ୍ରିୟାର ପ୍ରଥମ ଦିବସରେ ପୂର୍ବତନ ସମ୍ବଲପୁର ଶିକ୍ଷା ମଣ୍ଡଳାଧୀଶ ସ୍ୱର୍ଗତ କୈଳାଶ ଗୁରୁଙ୍କ କାର୍ଯ୍ୟକାଳ ସମୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚ ପ୍ରକ୍ରିୟା ନ ସରୁଣୁ କିଛି ଲୋକ ନିଜକୁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିର ପରିଚୟ ଦେବା ସହିତ ବଡ଼ବଡ଼ିଆ ନେତା, ଅଧିକାରୀଙ୍କ ସହିତ ସେମାନଙ୍କ ଭଲ ସମ୍ପର୍କ ରହିଥିବା କହି କେତେକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନକଲି ବୋଲି କହି ଧମକଚମକ ଦେଇ ଆସୁଥିବା ସାଧାରଣରେ ଆଲୋଚିତ ହେଉଛି। ଏଭଳିସ୍ଥଳେ ସେଭଳି କେହି କୌଣସି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଫୋନ କରୁଛନ୍ତି ତ ଆଉ କେହି ବିଦ୍ୟାଳୟ କିମ୍ବା ସେମାନଙ୍କ ଘରକୁ ପହଞ୍ଚି ଯାଉଛନ୍ତି। ସେହିପରି କେତେଲୋକ ବାଟରେ ମଧ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଟକାଉ ଥିବା ଏବଂ ନାନା ଆଳରେ ଭୟଭୀତ କରି ମୋଟାଅଙ୍କର ଟଙ୍କା ଅସୁଲିର ମସୁଧା ଚଳାଉଥିବା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ତେବେ ନକଲି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉଠିବାବେଳେ ଗୋଟିଏ ପଟେ ଜିଲା ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱର ସହିତ ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଅନ୍ୟପଟେ ଧମକଚମକ ଦେଇ ଟଙ୍କା ଅସୁଲି ଭଳି ହୀନପ୍ରୟାସ କରୁଥିବା ଲୋକଙ୍କୁ ମଧ୍ୟ ଠାବ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ବାରମ୍ବାର ଉଠୁଛି। ଚିରାଚରିତ ଢ଼ଙ୍ଗରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଚାଲୁଛି। ତଥାପି ନକଲି ଶିକ୍ଷକଙ୍କ ମୁଖା ଖୋଲୁ ନ ଥିବା ଯୋଗୁ ପୁଣି ଏହି ପ୍ରସଙ୍ଗ ଉଠି ହଇଚଇ ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ନକଲି ଶିକ୍ଷକଙ୍କୁ ଠାବ କରିବା ସହିତ ଏହି ପ୍ରସଙ୍ଗରେ ହାତଗୁଞ୍ଜା ପାଇଁ ଧମକଚମକ ଦେଉଥିବା ତଥାକଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

**ବରଗଡ଼ରେ ନକଲି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ**

- ଧମକ ଦେଇ ହାତଗୁଞ୍ଜା ଅସୁଲି ଉଦ୍ୟମ
- ସମ୍ପୃକ୍ତ ଲୋକଙ୍କୁ ଠାବ କରିବାକୁ ଦାବି

# ପଦ୍ମପୁରଠାରେ ଆର୍‌ଟିଓ କାର୍ଯ୍ୟାଳୟ ଦାବି

ପଦ୍ମପୁର,୨୭।୭(ପ୍ରଦୀପ୍ତ ଦାଶ)


ପରିବହନ ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ପ୍ରିତେଶ ବହିଦାର।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଦୀର୍ଘ ୨୫ବର୍ଷ ଧରି ଲାଗିରହିଥିବା ଗମନାଗମନ ସମସ୍ୟା ବିଷୟରେ ଓଡ଼ିଶା ସରକାରଙ୍କ ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ଦାବି ଜଣାଇଛନ୍ତି ଭାଜପା ଯୁବନେତା ପ୍ରିତେଶ ବହିଦାର। ଦୀର୍ଘ ଦୁଇ ଦଶନ୍ଧି ଭିତରେ ଗମନାଗମନ ନିମନ୍ତେ ଏହି ନିର୍ବାଚନମଣ୍ଡଳୀର ପଦ୍ମପୁର ଉପଖଣ୍ଡ ମୁଖ୍ୟାଳୟଠାରେ ବସଷ୍ଟାଣ୍ଡର ସମସ୍ୟା ରହିଛି। ପଦ୍ମପୁରଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକୀୟ ସ୍ଥାନ ରହିଛି। ତେଣୁ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଉ ବୋଲି ଜନସାଧାରଣରେ ଦାବି ହେଉଛି। ଉପଖଣ୍ଡର ଝାରବନ୍ଧ ଭଡାଠାରୁ ବରଗଡ଼ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଦୂରତା ୧୫୦ କିମିରୁ ଊର୍ଦ୍ଧ୍ୱ। ଏତେଦୂର ଅତିକ୍ରମ କରି ଆରଟିଓ କାର୍ଯ୍ୟାଳୟକୁ ଗଲେ ଦୁଇଦିନ ସମୟ ଲାଗୁଛି। ଯାହା ସମୟ ସାପେକ୍ଷ ଓ ଖର୍ଚ୍ଚାନ୍ତ ହେବାସହ ବହୁ ହଇରାଣ ହରକତ ହେବାକୁ ପଡୁଛି। ଫଳରେ ପଦ୍ମପୁରଠାରେ ଏକ ଉପଖଣ୍ଡ ଆର୍‌ଟିଓ କାର୍ଯ୍ୟାଳୟ ଖୋଲିବା ପାଇଁ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ଏହାସହ ପଦ୍ମପୁରରୁ ରାଜଧାନୀ ଭୁବନେଶ୍ୱରକୁ ବରଗଡ଼ ସମ୍ବଲପୁର ରେଢ଼ାଖୋଲ ହୋଇ ରାଜଧାନୀ ବସ ଚଳାଚଳ କରିବାକୁ ଆଲୋଚନା କରିଛନ୍ତି। ଯାହାର ସମାଧାନ ହେଲେ ପଦ୍ମପୁର ଉପଖଣ୍ଡର ଉପାନ୍ତ ଅଞ୍ଚଳର ଜନସାଧାରଣ ସିଧାସଳଖ ଉପକୃତ ହୋଇପାରିବେ। ଏନେଇ ପରିବହନ ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ପ୍ରିତେଶ ବହିଦାର।

## ସଂକ୍ଷେପରେ

### ସୂର୍ଯ୍ୟନଗର ରାସ୍ତାରେ ଟ୍ରାଫିକ୍ ଜାମ୍, ସାଧାରଣରେ ଅସନ୍ତୋଷ



**ପଦ୍ମପୁର, ୨୭।୭(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାର ପଛ ପାର୍ଶ୍ୱରେ ଥିବା ସୂର୍ଯ୍ୟନଗର ପଡାରେ ଶନିବାର ଦିନ ୧୦ଟାରୁ ଟ୍ରାଫିକ ଜାମ ହେବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଡାବାସିନ୍ଦା କହିବା ଅନୁସାରେ ଏଠାରେ ଅନେକ ଡାକ୍ତର ଭଡା ଘରେ ରହି କ୍ଲିନିକ ଚଳାଉଛନ୍ତି। ଡ଼ାକ୍ତରଙ୍କ ପାଖକୁ ଅନେକ ରୋଗୀ ଅଟୋ ଏବଂ ଚାରିଚକିଆରେ ଆସୁଛନ୍ତି। ଏହି ଗଳି ରାସ୍ତା ସଂକିର୍ଣ୍ଣ ହୋଇଥିବାରୁ ଏବଂ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଗାଡି ରହୁଛି। ପଡାବାସିନ୍ଦା ତଥା ବିଶେଷକରି ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଅଧିକାରୀ ସହିତ ସ୍ଥାନୀୟ ପୋଲିସର ହସ୍ତକ୍ଷେପ ପାଇଁ ପଡା ବାସିନ୍ଦା ଦାବି କରିଛନ୍ତି।

### ଶତାୟୁ ମହିଳାଙ୍କ ପରଲୋକ



**ସରଣ୍ଡା, ୨୭।୭(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମର ଶତାୟୁ ମହିଳା ବସନ୍ତ ପତିଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ୧୦୧ ବର୍ଷ ବୟସରେ ପରଲୋକ ହୋଇଥିବା ବସନ୍ତ ଲୋକଙ୍କ ସହ ବେଶ ହସଖୁସିରେ ଜୀବନ ଅତିବାହିତ କରୁଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ସେ ତାଙ୍କ ପଛରେ ୭ ପୁଅ ଓ ୩ ଝିଅଙ୍କ ସମେତ ନାତିନାତୁଣୀ ପଣନାତୁଣୀନାତି ଛାଡିଯାଇଛନ୍ତି। ତାଙ୍କ ବଡ଼ ପୁଅ ନନ୍ଦିଘୋଷ ପତି ମୁଖାଗ୍ନି ଦେଇଥିଲେ।

# କଳାକାର ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)


ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିବା ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ପ୍ରତିନିଧିବୃନ୍ଦ।

ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ମୋହନ ଚରଣ ମାଝିଙ୍କୁ ଫେରାଦ ହୋଇ ସେମାନଙ୍କ ସମସ୍ୟା ଅବଗତ କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ପ୍ରତିନିଧି ଦଳ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟର ଆହୁରି ୧ଲକ୍ଷ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନାରେ ସାମିଲ କରିବା, ପ୍ରତି ଜିଲାରେ ଲୋକକଳା ଭବନ ନିର୍ମାଣ ପାଇଁ ଜମି, ଅନୁଦାନ ଯୋଗାଇବା, ମୁଖ୍ୟମନ୍ତ୍ରୀ କଳାକାର ସ୍ୱାସ୍ଥ୍ୟକାର୍ଡ଼ ପ୍ରଚଳନ, ଲୋକକଳାର ବିକାଶ ପାଇଁ ପଦକ୍ଷେପ ନିଆଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଏହା ସହିତ ବରଗଡ଼ରେ ପଶ୍ଚିମ ଓଡ଼ିଶା କଳାକର ମହାସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ପଶ୍ଚିମାଞ୍ଚଳ ଲୋକକଳା ମହୋତ୍ସବରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ବରିଷ୍ଠ କଳାକାର ବାସୁଦେବ ପ୍ରଧାନ, ସଂଯୋଜକ ପ୍ରମୋଦ ଦାଶ, ସନ୍ତୋଷ ସାହୁ, ନରେନ୍ଦ୍ର କଣ୍ଟା, ମମତା ଅଗ୍ରୱାଲ, ଖଗେଶ୍ୱର ସାହୁ, ଗଣେଶ୍ୱର ସାହୁ, ମାନଭଞ୍ଜନ ଜାଲ, ନିଳାଚଳ କୁମ୍ଭାର, ଅନନ୍ତ ସୂରଜାଲ, ବିପ୍ରଚରଣ ଜୟପୁରିଆ ପ୍ରମୁଖ ଏହି ପ୍ରତିନିଧି ଦଳରେ ଥିଲେ।

# ପଦ୍ମପୁର ଟାଉନ କ୍ଲବ ତରଫରୁ କାରଗିଲ ବିଜୟ ଦିବସ


ଟାଉନ କ୍ଲବରେ କାରଗିଲ ଦିବସ ପାଳନ ମୁହୂର୍ତ୍ତ।

ପଦ୍ମପୁର, ୨୭।୭(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଟାଉନ କ୍ଲବଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ୫୨୭ଜଣ ସଂଗ୍ରାମୀ ଶହୀଦ ଯବାନଙ୍କୁ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟାଉନ କ୍ଲବ ସଭାପତି ଯୁବନେତା ପ୍ରିତେଶ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାରଗିଲ ବିଜୟ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ମୁଖ୍ୟବକ୍ତା ଶିକ୍ଷାବିତ ଡ. ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବରେ ଟାଉନ କ୍ଲବର ପୂର୍ବତନ ସଭାପତି ଶିରିଶ କୁମାର ବହିଦାର, ପୂର୍ବତନ ସମ୍ପାଦକ ପ୍ରତାପ ମିଶ୍ର, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦାନ ଦେଇ କାରଗିଲ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଟାଉନ କ୍ଲବ ସମ୍ପାଦକ କୁନାଲ ପାଣିଗ୍ରାହୀ ସମ୍ପାଦନା କରିଥିବାବେଳେ କ୍ଲବର ଉପସଭାପତି ଅଶୋକ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ବିଜୟ ଦିବସ ଅବସରରେ ୨ଜଣ ସୈନିକ ଲଳିତ ପ୍ରଧାନ ଏବଂ ପ୍ରଶାନ୍ତ ସାହୁଙ୍କୁ କ୍ଲବ ତରଫରୁ ଉପଢୌକନ ଏବଂ ସ୍ମୃତି ଉଦ୍ଦେଶ୍ୟରେ ଦୁଇଟି ଗଛ ଉପହାର ସଦୃଶ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପଦ୍ମପୁର ସହରର ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଯୋଗଦାନ ଦେଇଥିଲେ। ହରି ସିଂ, ଆଦିତ୍ୟ ରଥ, ସୁନୀଲ ଅଗ୍ରୱାଲ, ନରେଶ ସୁନ୍ଦର ସାହୁ, ଅମିତ ଗର୍ଗ, ଦୀନେଶ ବାରିକ, ଅଖିଳ ପଟ୍ଟନାୟକ,ମଣ୍ଟୁ ପାଣ୍ଡେ, ସୁରେଶ ସାହୁ, ସୁରଜ ସୁନା, ଅଜୟ ଅଗ୍ରୱାଲ, ଦୀପକ ବାରିକ, ଶଙ୍କର ରାଉଥ,ରୋହିତ ସେଠ, ରବୀନ ମେହେର, ଅନିଲ ଗୁର୍ଲା, ଉଧ, ଶିବମ ପଟ୍ଟନାୟକ, ଆଦେଶ ସାହୁ, ପ୍ରତ୍ୟୁଷ ଦାସ, ବିନୀତ ପାତ୍ର, ଆୟୁଷ ଓ କ୍ଲବର ସମସ୍ତ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**

# ନବୋଦୟ ବିଦ୍ୟାଳୟରେ ‘ଗଛଟିଏ ମା’ ପାଇଁ କାର୍ଯ୍ୟକ୍ରମ

ପାଇକମାଳ, ୨୭।୭(ବଡ ଶତପଥି)

ବରଗଡ଼ ଜିଲା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ‘ସାମ୍ପ୍ରଦାୟିକର ଯୋଗଦାନ ଦିବସ’ ଶନିବାର ପାଳିତ ହୋଇଯାଇଛି। ଏହି ଦିବସରେ ‘ଗଛଟିଏ ମା’ପାଇଁ’ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ର ମା’ମାନେ ଯୋଗ ଦେଇ ବିଦ୍ୟାଳୟ ତଥା ଆଖପାଖରେ ବୃକ୍ଷ ରୋପଣ କରିଥିଲେ। ଯାହାକି ଏକ ବର୍ଣ୍ଣାଢ୍ୟ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀ ଶିକ୍ଷା ସପ୍ତାହ ଦିବସର ମହତ୍ତ୍ୱ ସାଙ୍ଗକୁ ମଣିଷ ଜୀବନରେ ଗଛର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ତଥା ବିଦ୍ୟାଳୟର ଇକୋ କ୍ଲବ ଅଧିକାରୀ ସୁରେଶ କୁମାର ମିଶ୍ର ଏବଂ ଇତିସ୍ମିତା ମିଶ୍ର ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନମେଳା

ପାଇକମାଳ, ୨୭।୭(ବଡ ଶତପଥି)

ବରଗଡ଼ ଜିଲା ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଙ୍କ ସହଯୋଗରେ ବିଜ୍ଞାନ ମେଳା ସୁଚାରୁ ରୂପେ ପ୍ରଦର୍ଶିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ପାଇକମାଳ କେନ୍ଦ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ ବାଗ, ଅବସରପ୍ରାପ୍ତ ଶିକ୍ଷକ ଡୋଳାମଣି ମାହାର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ଆଦି ବିଭାଗରେ ପ୍ରାୟ ୬୧ଟି ପ୍ରକଳ୍ପ କୁନି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବରିଷ୍ଠ ଶିକ୍ଷକ ମାଧବ କୁମାର ସାହୁ, ଶିକ୍ଷକ ସନ୍ଧ୍ୟାକାନ୍ତ ଧରୁଆ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ବିଭାଗ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।

# ଗୋଡ଼ଭଗାରେ କାରଗିଲ ବିଜୟ ଦିବସ



ସରଣ୍ଡା, ୨୭।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ଦୁର୍ଗାପୂଜା ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ରାତ୍ରିରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଗୋଡ଼ଭଗା ମା’ ଦୁର୍ଗାପୂଜା କମିଟି ଓ ଲାଇନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ କୁଳମଣି ପ୍ରଧାନ ଅଧକ୍ଷତା କରିଥିଲେ। ଦେବବ୍ରତ ରଥ ସଭା ପରିଚାଳନା କରିଥିଲେ। କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ୮୪ ଦିନ ନିଜ ଜୀବନକୁ ବାଜି ଲଗାଇ ଦେଶକୁ ସୁରକ୍ଷା ଦେଇ କାରଗିଲ ବିଜୟ ଦେଇଥିବା ସମସ୍ତ ସୈନିକଙ୍କୁ ସଲାମ ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲାଇନ୍ସ କ୍ଲବ ଗୋଡ଼ଭଗା ରୋୟାଲର ସଭାପତି ଡ଼. ଚିତ୍ତରଞ୍ଜନ ଜେନା, ଭାଜପା ବରିଷ୍ଠ ନେତା ମଧୁସୂଦନ ଶର୍ମା, ମା’ ଦୁର୍ଗାପୂଜା କମିଟି ସମ୍ପାଦକ ରାମକୃଷ୍ଣ ଅଗ୍ରୱାଲ, ସୁରେଶ ଦାଶ, ଅନିରୁଦ୍ଧ ଖମାରୀ ପ୍ରମୁଖଙ୍କ ସମେତ ବାହୁ ସଦସ୍ୟ ଯୋଗଦେଇ କାରଗିଲ ବିଜୟ ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ।

# ଅବସରପ୍ରାପ୍ତ କିରାଣିଙ୍କୁ କାରାଦଣ୍ଡାଦେଶ

ସୋହେଲା,୨୭।୭(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକର ଅବସରପ୍ରାପ୍ତ ବରିଷ୍ଠ କିରାଣି ଦୁକାଲୁ ଧରୁଆଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଧରୁଆଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାର ବିଚାର କରି ଶନିବାର ସମ୍ବଲପୁର ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍ ଏହି ରାୟ ଦେଇଛନ୍ତି। ଧରୁଆ ସୋହେଲା ବ୍ଲକରେ କାର୍ଯ୍ୟ କରୁଥିବାବେଳେ ସରକାରୀ ଅର୍ଥ ତୋଷାରପାତ ନେଇ ଭିଜିଲାନ୍ସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ଉମେଶ ଚନ୍ଦ୍ର ପଣ୍ଡା ଏହି ମାମଲାର ତଦନ୍ତ କରିଥିଲେ। ସେହିପରି ସମ୍ବଲପୁର ଭିଜିଲାନ୍ସର ସ୍ପେଶାଲ ପି.ପି ଶୋଭନ ଆନନ୍ଦ ଗୁରୁ ଉକ୍ତ ମାମଲାର ପରିଚାଳନା କରୁଥିଲେ।

# ପଲସଦା ସ୍କୁଲ ଗୃହ କାନ୍ଥ ଭୁଶୁଡ଼ିଲା

ପାଇକମାଳ, ୨୭।୭(ବଡ ଶତପଥି)


କାନ୍ଥ ଭୁଶୁଡ଼ି ପଡ଼ିଛି।

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମ ପଞ୍ଚାୟତ ଉପ୍ରା ବିଦ୍ୟାଳୟର ଗୋଟିଏ କୋଠରୀର କାନ୍ଥ ଶୁକ୍ରବାର ରାତିରେ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ ତାହା ରାତ୍ରିରେ ଘଟିଛି। ନ ହେଲେ ବଡ଼ ଧରଣର ଅଘଟଣ ଘଟିଆନ୍ତା। ଘର କାନ୍ଥରେ ପିଇବା ପାଣି ଟେପ, ହାତ ମୁହଁ ଧୋଇବା ପାଣି ଟେପ ଲଗାଯାଇଥିଲା। ଏହା ଅତି ନିମ୍ନମାନର ନିର୍ମାଣ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ଅବସରରେ ଗତ ୨୫ ଓ ୨୬ତାରିଖ ୨ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠାନର ଅଧକ୍ଷ ରଜନୀକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶିକ୍ଷଣ ଉପକରଣ ଏବଂ ଏହାର ବ୍ୟବହାରିକ ଦିଗ ଉପରେ ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ବାରିକ ଏବଂ ପରଦେଶୀ ବାରିକ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଟିଏଲ୍‌ଏମ୍ ଏବଂ ଏଫଏଲ୍‌ଏମ୍ ପ୍ରଦର୍ଶନୀ ସହିତ ଯାଦୁପେଡ଼ି ପ୍ରଦର୍ଶନ ହୋଇଥିଲା। ପ୍ରଶିକ୍ଷକ ବେଣୁଧର ବରିହା, ସୀମାଞ୍ଜଳି ସାହୁ, ସସ୍ମିତା ସାହୁ, ଜନକ ସେଟ୍, ଗଗନ ବେହେରା, ରୀମାରାଣୀ ଭୋଇ, ବରୁଣ କୁମ୍ଭକାର, ରଶ୍ମିତା ସୁନା, ତନୁଶ୍ରୀ ତନୁଜା ନାଗ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅଧକ୍ଷ, ପ୍ରଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀମାନେ।

# ସମ୍ପୂର୍ଣ୍ଣତା ଅଭିଯାନର ସମୀକ୍ଷା କଲେ ଜିଲାପାଳ

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)


ବରଗଡ଼ ଜିଲାପାଳ ସମ୍ପୂର୍ଣ୍ଣତା ଅଭିଯାନର ସମୀକ୍ଷା କରୁଛନ୍ତି।

ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନର ସମୀକ୍ଷା କରିଛନ୍ତି। ଜିଲାପାଳ ଗୋୟଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରାମ ଚୌହାନ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ମଞ୍ଚାସୀନ ଥିଲେ। ସେହିପରି କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଜୀବିକା ମିଶନ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କର ଜିଲା ଓ ପାଇକମାଳ ବ୍ଲକ ଅଧିକାରୀଙ୍କ ସମେତ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର, ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ।

ଏଠାରେ ଉଲ୍ଲେଖନୀୟ, ଗତ ୬ତାରିଖ ପାଇକମାଳ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମର ୬ଟି ସୂଚାଙ୍କ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ବିକାଶ, ପୋଷଣ ଏବଂ କୃଷିକ୍ଷେତ୍ରରେ ବିକାଶ ପାଇଁ ସମସ୍ତ ବିଭାଗରେ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡ଼ା ଅନୁଯାୟୀ ଜିଲାପାଳ ଅଭିଯାନର ପ୍ରଗତି ସମୀକ୍ଷା କରିଥିଲେ। ଆକାଂକ୍ଷା ବ୍ଲକସ୍ତରରେ ସ୍ୱାସ୍ଥ୍ୟ ଏବଂ ପୋଷାକ ତତ୍ତ୍ୱ ଅନ୍ତର୍ଗତ ଗର୍ଭବତୀ ମହିଳାଙ୍କ ପ୍ରସବ ପର୍ଯ୍ୟନ୍ତ ଯତ୍ନ ନେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଆଧାରିତ ତଥ୍ୟ ସଂଗ୍ରହ, କୃଷିକ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବିତରଣର ତଥ୍ୟ, ୯ରୁ ୧୨ମାସର ଶିଶୁଙ୍କ ଟିକାକରଣ ବିବରଣୀ, ବିଦ୍ୟାଳୟଗୁଡ଼ିକରେ ବିଜୁଳି ସଂଯୋଗ କରିବା, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ଉପଲବ୍ଧ କରାଇବା, ସମସ୍ତ ଘରେ ପାନୀୟଜଳ ଯୋଗାଣ, ମଧୁମେହ, ଉଚ୍ଚ ରକ୍ତଚାପ ପରୀକ୍ଷା କରୁଥିବା ଲୋକଙ୍କ ବିବରଣୀ ଲିପିବଦ୍ଧ କରିବା, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ରିଭଲଭିଙ୍ଗ ଫଣ୍ଡ୍ ପ୍ରଦାନ କରିବା ଭଳି ବିଭିନ୍ନ ମାନଦଣ୍ଡଗୁଡ଼ିକର ପ୍ରଗତି ବିଷୟରେ ଜିଲାପାଳ ଗୋୟଲ ଆଲୋଚନା କରିବା ସହିତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ।

## ସଂକ୍ଷେପରେ

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା,୨୭।୭(ଦିନେଶ ମିଶ୍ର):** ପାନପୋଷ ରେଲୱେ ଓଭରବ୍ରିଜ ଧାରଣାରୁ ରଘୁନାଥପାଲି ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ଶବକୁ ଉଦ୍ଧାର କରିଛି। ମୃତ ବୃଦ୍ଧଙ୍କ ବୟସ ପାଖାପାଖି ୬୨ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ରାତି ୯ଟା ୩୦ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, ପାନପୋଷ ରେଲୱେ ଓଭବ୍ରିଜ ରେଳ ଧାରଣ ନିକଟରେ ଜଣେ ବୃଦ୍ଧଙ୍କ ମୃତ ଦେହ ପଡଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକେ ଫୋନ ଯୋଗେ ପୋଲିସକୁ ଅବଗତ କରିଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ଶବକୁ ଉଦ୍ଧାର କରି ପୋଲିସ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥଇଲେ। ଏନେଇ ରଘୁନାଥପାଲି ପୋଲିସ( ନଂ. ୮୯/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଉଡିଲାନି ବିମାନ, ଯାତ୍ରୀ ନିରାଶ

**ରାଉରକେଲା,୨୭।୭(ସଙ୍ଗୀତା ଜେନା):** ରାଜ୍ୟରେ ଲଘୁଚାପ ଯୋଗୁ ବର୍ଷା ହେଉଛି। ଏ ନେଇ ପାଣିପାଗ ବିଭାଗ ବିଭିନ୍ନ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସୁନ୍ଦରଗଡ଼ ସମେତ ରାଉରକେଲାକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି। ଏହାର ପ୍ରଭାବ ଯୋଗୁ ଶନିବାର ଦିନ ତମାମ ବର୍ଷା ଲାଗି ରହଥିଲା। ଏଥିରେ ରାଉରକେଲାରୁ ଭୁବନେଶ୍ୱର ବିମାନ ଚଳାଚଳ ପ୍ରଭାବିତ ହୋଇଛି। ରାଉରକେଲାରୁ ଅନ୍ୟତ୍ର ଯିବା ପାଇଁ ୫୩ ଜଣ ଯାତ୍ରୀ ନିରାଶ ହୋଇଛନ୍ତି। ଯାତ୍ରୀମାନଙ୍କୁ ଉଡାଣ ବାତିଲ ହେବା ସୂଚନା ମ୍ୟାସେଜ ମାଧ୍ୟମରେ ଦିଆଯାଇଛି। ତେବେ ରବିବାର ଯଦି ସମାନ ପାଣିପାଗ ଜାରି ରହିବ ତେବେ ଉଡାଣ ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ବୋଲି ରାଉରକେଲା ଏୟାର ପୋର୍ଟ ଅଥରିଟି କର୍ତ୍ତୃପକ୍ଷ ରାହୁଲ ସିଂହ ସୂଚନା ଦେଇଛନ୍ତି।

### ରାସ୍ତାରେ ପଡ଼ିଥିବା ଅସହାୟ ମହିଳା ଉଦ୍ଧାର

**ସୁନ୍ଦରଗଡ,୨୭।୭(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ବନଦୁର୍ଗା ମନ୍ଦିର ପଛପଟ ବାଇପାସ ରୋଡ ସେମନା ଛକଠାରେ ଅସହାୟ ଅବସ୍ଥାରେ ପଡିଥିବା ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅସହାୟ ଅବସ୍ଥାରେ ପଡ଼ିଥିବା ଏହି ମହିଳାଙ୍କୁ ବିଜେଡି ଜିଲା ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ବିଜେଡି ଯୁବନେତା ଅଜିତ ତିର୍କୀ ଦେଖି ଟାଉନ ଥାନାକୁ ଖବର ଦେଇଥିଲେ। ଟାଉନ ଥାନାର କର୍ମଚାରୀଙ୍କ ସହାୟତାରେ ମହିଳାକୁ ଆସ୍ଥା ଗୃହକୁ ପଠେଇବା ସହିତ ଶନିବାର ପୁଣି ବିଜେଡିନେତାମାନେ ଆସ୍ଥା ଗୃହକୁ ଯାଇ ଗୃହର ମୁଖ୍ୟ ପରିଚାଳକ ସ୍ନେହଲତା ପଟେଲଙ୍କୁ ସାକ୍ଷାତ କରି ଉକ୍ତ ମହିଳାଙ୍କୁ ଭେଟିବା ପରେ ତାଙ୍କର ଚିକିତ୍ସା ବ୍ୟବସ୍ଥା ଓ ଠିକଣା ବିଷୟରେ ସବୁ ପଚାରି ବୁଝିଥିଲେ। ମହିଳା ଜଣକ ଦୁର୍ବଳ ଥିବା ଓ ତାଙ୍କର ମୁହଁ, ହାତ, ପିଠିରେ ଘା ହୋଇଯାଇଛି। ତାଙ୍କର ଚିକିତ୍ସା କରାଯାଉଛି। ଉକ୍ତ ମହିଳାଙ୍କୁ ଯାହା ପଚାରିଲେ ମଧ୍ୟ ସେ କିଛି କହୁ ନ ଥିବା ଜଣାପଡିଛି।

# ନକଲି ଡାକ୍ତରଙ୍କ ହାତରେ ରୋଗୀ ସେବା

■ ଯାଞ୍ଚ ହେଉନି ଯୋଗ୍ୟତା ପ୍ରମାଣପତ୍ର
■ ଠକାମିର ଶିକାର ହେଉଛନ୍ତି ରୋଗୀ

**ରାଉରକେଲା,୨୭।୭(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ଆର୍‌ଜିଏଚ୍ ଓ ଶିଳ୍ପାଞ୍ଚଳବାସୀ ଆଇଜିଏଚ୍ ଉପରେ ନିର୍ଭର କରିଥାନ୍ତି। ହେଲେ ସହରର ଅନେକ ସ୍ଥାନରେ କେତେକ ଡାକ୍ତର ନିଜର ପ୍ରାଇଭେଟ କ୍ଲିନିକ ଖୋଲି ରୋଗୀ ସେବା କରୁଛନ୍ତି। କ୍ଲିନିକରେ ନକଲି ଡାକ୍ତରଙ୍କ ହାତରେ ରୋଗୀଙ୍କ ଚିକିତ୍ସା କରାଯାଉଥିବା ଅଭିଯୋଗ ହେଉଛି। ଅର୍ଥ ଉପାର୍ଜନ ନାଁରେ ସେମାନେ ମେଡିକାଲ ପ୍ରମାଣପତ୍ର ଆଧାରରେ କ୍ଲିନିକ ଖୋଲୁଛନ୍ତି। ଏନେଇ ପୂର୍ବରୁ ପୂର୍ବତନ ଜିଲା ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ଅବଗତ କରାଯାଇଥିଲା। ସେହି ସମୟରେ ମିଶ୍ର ସହରରେ ପ୍ରାଇଭେଟ କ୍ଲିନିକଗୁଡ଼ିକରେ କାର୍ଯ୍ୟରତ ଥିବା ଡାକ୍ତରଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ସହିତ କ୍ଲିନିକଗୁଡ଼ିକ ଯାଞ୍ଚ କରିବା ପାଇଁ ଧାର୍ଯ୍ୟ କରିଥିଲେ। ଏହାପରେ ରାଜଗାଙ୍ଗପୁର ଅଞ୍ଚଳରୁ ଏହିଭଳି କିଛି ପ୍ରାଇଭେଟ କ୍ଲିନିକରୁ ନକଲି ଡାକ୍ତରଙ୍କୁ ଚିହ୍ନଟ କରିଥିଲା ଜିଲା ସ୍ୱାସ୍ଥ୍ୟ ବିଭାଗ। ଉକ୍ତ ଅଞ୍ଚଳର ନକଲି ଡାକ୍ତରମାନେ ସ୍ୱାସ୍ଥ୍ୟବିଭାଗର ଆଭିମୁଖ୍ୟ ବିଷୟରେ ଜାଣି ଚତୁରତାର ସହ ରାଜଗାଙ୍ଗପୁର ଅଞ୍ଚଳରୁ ରାଉରକେଲାକୁ ଖସି ଆସି କ୍ଲିନିକ ଖୋଲିଲେ। ମାତ୍ର ପରିତାପର ବିଷୟ ସେହି ସମୟରେ ମିଶ୍ର ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦାୟିତ୍ୱରୁ ଅବସର ନେଇଗଲେ। ଏହାପରେ ଅଭିଯାନ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ବର୍ତ୍ତମାନ ଏହି ଅଭିଯାନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କାହ୍ନୁ ଚରଣ ନାଇକଙ୍କ ହାତରେ ନ୍ୟସ୍ତ ରହିଛି। ଇତିମଧ୍ୟରେ ଖୋଦ ଆର୍‌ଜିଏଚ୍‌ରେ ନକଲି ପ୍ରମାଣପତ୍ର ଆଧାରରେ ଡାଏଲିସିସ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦୀର୍ଘ ବର୍ଷ ଧରି କାମ କରୁଥିବା ନକଲି ଡାକ୍ତରଙ୍କ କଥା ଜଣାପଡ଼ିବା ପରେ ଧୀରେ ଧୀରେ ସବୁ ଗୁମର ଖୋଲୁଛି। ତେଣୁ ପ୍ରମାଣପତ୍ର ଆଧାରରେ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟସେବାରେ ନିଯୁକ୍ତ ଥିବା ଡାକ୍ତରଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ହେଲେ ସହରରେ ନକଲି ଡାକ୍ତର ଆଉ ରହିବେ ନାହିଁ ଏବଂ ରୋଗୀ ଠକାମିରୁ ମୁକ୍ତି ପାଇବେ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାହ୍ନୁଚରଣ ନାଇକଙ୍କୁ ପଚାରିବାରୁ, ଜିଲା ସମେତ ରାଉରକେଲା ସହରର ପ୍ରାଇଭେଟ କ୍ଲିନିକ ଅନୁମୋଦନ ପତ୍ର ସହ ପ୍ରାଇଭେଟ ଓ ସରକାରୀ ଡାକ୍ତରଙ୍କ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ ହେବ। ଏ ବିଷୟରେ ପ୍ରାକ୍ତନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସରୋଜ କୁମାର ମିଶ୍ରଙ୍କ ସହ ବିଚାର ବିମର୍ଶ କରିଛି। ଖୁବ୍‌ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ବର୍ଷା ସତ୍ତ୍ୱେ ଚାଲିଛି ବସ୍ତି ଉଚ୍ଛେଦ



**ରାଉରକେଲା,୨୭।୭(ଦିନେଶ ମିଶ୍ର)**

ରାଉରକେଲାରେ ରେଲୱେ ବିଭାଗ ପକ୍ଷରୁ ତୃତୀୟ ରେଳ ଲାଇନ ମରାମତି କାର୍ଯ୍ୟ ଚାଲିଛି। ରେଲୱେ ପ୍ରଶାସନ ପକ୍ଷରୁ ରେଳ ଲାଇନ୍ କଡରେ ବାସ କରୁଥିବା ବସ୍ତିବାସୀଙ୍କୁ ଉଚ୍ଛେଦ କରାଯାଉଛି। ଏହିକ୍ରମରେ ଶନିବାର ବାସନ୍ତୀ କଲୋନୀ ସ୍ଥିତ ରେଳ ଫାଟକ ନିକଟରେ ଥିବା କୁମ୍ଭାରପଡା ବସ୍ତିକୁ ଉଚ୍ଛେଦ କରାଯାଇଥିଲା। ରେଲୱେ ବିଭାଗର କର୍ମଚାରୀମାନେ ଉଚ୍ଛେଦ କରୁଥିବା ବେଳେ ବସ୍ତିବାସୀଙ୍କୁ ଏହାକୁ ବିରୋଧ କରିଥିଲେ। ବର୍ଷାଦିନ ହୋଇଥିବାରୁ ଆଉ ଏକ ମାସ ପର୍ଯ୍ୟନ୍ତ ବସ୍ତି ଉଚ୍ଛେଦ ପ୍ରକ୍ରିୟାକୁ ଘୁଞ୍ଚାଇବାକୁ ବସ୍ତିବାସୀ ରେଲୱେ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ସହରରେ ଲଗାଣ ବର୍ଷା ଜାରି ରହିଥିବାବେଳେ ବସ୍ତି ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବସ୍ତିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଘଟଣା ସ୍ଥଳରେ ଜିଆରପି ପୋଲିସ ପହଞ୍ଚି ସ୍ଥାନୀୟ ବସ୍ତିବାସୀଙ୍କୁ ବୁଝାସୁଝା କରିଥିଲେ। ଏଥିସହ ରେଳ ଧାରଣାକଡ ଠାରୁ ୪୦ ମିଟର ପରିସରରେ ଥିବା ଘର ଗୁଡିକୁ ଉଚ୍ଛେଦ କରାଯାଇଥିଲା। ଏନେଇ ରେଲୱେ ବିଭାଗର ଚିଫ୍ କମରସିଆଲ ଇନ୍‌ପେକ୍ଟର(ସିସିଆଇ) ଅତୁଲ କୁମାର ଘୋଷଙ୍କୁ ପଚାରିବାରୁ, ତୃତୀୟ ରେଳ ଧାରଣା ନିର୍ମାଣ ପାଇଁ ଉକ୍ତ ବସ୍ତିବାସୀଙ୍କୁ ୬ମାସ ପୂର୍ବେ ବସ୍ତି ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ଏହି ନୋଟିସ ଜାରି ପରେ ମଧ୍ୟ ବସ୍ତିବାସୀ ନିଜେ ନ ହଟି ବସ୍ତି ଭିତରେ ପୂର୍ବପରି ଜୋରଜବରଦସ୍ତି ରହି ଆସୁଥିଲେ। ବାଧ୍ୟ ହୋଇ ରେଲୱେ ବିଭାଗ ଏଭଳି ପଦକ୍ଷେପ ନେଇଛି। ଆଗକୁ ତୃତୀୟ ରେଳ ଲାଇନ ସଂପ୍ରସାରଣ ପାଇଁ ରେଳ ଧାରଣା କଡରେ ଥିବା ଅନେକ ବସ୍ତି ଉଚ୍ଛେଦ କରାଯିବ ବୋଲି ସିସିଆଇ ଘୋଷ ମତ ପ୍ରକାଶ କରିଥିଲେ।

# ସାମଗ୍ରୀ ପ୍ରବନ୍ଧନ ସୁରକ୍ଷା ତାଲିମ ନେଲେ ୫୦ ଠିକା ଶ୍ରମିକ




ତାଲିମ ନେଇଥିବା ଠିକା ଶ୍ରମିକ ଓ ଅନ୍ୟମାନେ।

**ରାଉରକେଲା,୨୭।୭(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର ଦୀକ୍ଷାଠାରେ ସାମଗ୍ରୀ ପ୍ରବନ୍ଧନ ସୁରକ୍ଷା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ବିଭିନ୍ନ ବିଭାଗରେ ନିୟୋଜିତ ମୋଟ ୫୫ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଏହାର ବିଭିନ୍ନ ଅଧିବେଶନରେ ସାଧାରଣ ସୁରକ୍ଷା ଓ ସାମଗ୍ରୀ ପ୍ରବନ୍ଧନ ସମୟରେ ଅନୁପାଳନୀୟ ସୁରକ୍ଷା ନିୟମାବଳୀ ଏବଂ କରଣୀୟ ଓ ବର୍ଜନୀୟ ବିଷୟ ଆଦି ସୁରକ୍ଷାଗତ ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା। ସାମଗ୍ରୀ ପ୍ରବନ୍ଧନ ଉପରେ ପ୍ରାକ୍ଟିକାଲ ତାଲିମ କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଥିଲା। ଅଧିବେଶନ ଗୁଡିକ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟଧୀନ ଡିଟିଏନବିଡବ୍ଲ୍ୟୁଇର ଆଞ୍ଚଳିକ ନିର୍ଦ୍ଦେଶାଳୟର ଏସ.ଆର ଗୋଚ୍ଛାୟତ ଓ ସୁରକ୍ଷା ଇନିୟରିଙ୍ଗ ବିଭାଗର ଆସିଷ୍ଟାଣ୍ଟ୍ ମ୍ୟାନେଜର ପି. ପାତ୍ରଙ୍କ ଦ୍ୱାରା କୃତକାର୍ଯ୍ୟ ହୋଇଥିଲା। ତାଲିମ ଶେଷ ହେବା ପରେ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ସହକାରୀ ପ୍ରବନ୍ଧକ ବିଜ୍ଞାନ ପାତ୍ର ଏବଂ କାର୍ମିକ ସିଏଲସି ବିଭାଗୀୟ ଦଳ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରିବା ଦିଗରେ ଦକ୍ଷତାକୁ ସମୃଦ୍ଧ କରିବା ପାଇଁ ଠିକା ଶ୍ରମିକ ଓ ସ୍ଥାନୀୟ ଜନତାଙ୍କୁ ତାଲିମ ପ୍ରଦାନ କରିବା କେନ୍ଦ୍ରର ମୂଲ୍ୟ ଲକ୍ଷ୍ୟ ରହିଛି। ତାଲିମ ପ୍ରଦାନ ସହ ରାଉରକେଲା ଓ ଏହାର ଆଖପାଖରେ ସୁରକ୍ଷା କ୍ଷେତ୍ରରେ ଦକ୍ଷ କୁଶଳୀ ବ୍ୟକ୍ତିଙ୍କ ଏକ ସମୂହ ସୃଷ୍ଟି କରିବା କେନ୍ଦ୍ରର ମୂଳ କର୍ତ୍ତବ୍ୟ ରହିଛି।

### ସହରରେ ଲଗାଣ ବର୍ଷା: ବସ୍ତି ଓ ଘରେ ପଶିଲା ପାଣି

**ରାଉରକେଲା,୨୭।୭(ଦିନେଶ ମିଶ୍ର)**

ରାଉରକେଲା ସହରରେ ଲଗାଣ ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ବର୍ଷାଜଳ ପଶିଥିବା ଜଣାପଡିଛି। ଷ୍ଟେସନ ରୋଡ ସ୍ଥିତ ମଛଲି ବସ୍ତି, ପାନପୋଷ ଗାଡାଟୋଲା ବସ୍ତି ଓ କୁଷ୍ଠକଲୋନୀ ବସ୍ତିରେ ଲୋକଙ୍କ ଘରେ ବର୍ଷାଜଳ ପଶିଛି। ଶନିବାର ସକାଳ ସମୟରୁ ସହରରେ ଲଗାଣ ବର୍ଷା ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବର୍ଷା ଲାଗି ରହିଥିବାରୁ ସହରରେ ଥିବା ବିଭିନ୍ନ ଡ୍ରେନେଜ ଓ ରାସ୍ତା ଉପରେ ପାଣି ଭାସୁଥିଲା। ସହରର ଏସ୍‌ଟିଆଇ ଓଭରବ୍ରିଜ ଉପରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପାଣି ଜମି ରହି ଯାତାୟତରେ ବାଧାସୃଷ୍ଟି ହୋଇଥିଲା। ସେହିଭଳି ରେଲୱେ ସାଇଡିଙ୍ଗ ସ୍ଥିତ ମଛଲି ବସ୍ତି ଅଞ୍ଚଳରେ ଥିବା ଡ୍ରେନଜ ଗୁଡିକ ଚଳିତ ବର୍ଷ ବର୍ଷାଦିନ ପୂର୍ବରୁ ଆରଏମ୍‌ସି ପକ୍ଷରୁ ସଫେଇ ହୋଇ ନ ଥିବାରୁ ଲଗାଣ ବର୍ଷାହେବା ଯୋଗୁ ଉକ୍ତ ବସ୍ତିରେ ଅନେକଙ୍କ ଘରେ ପାଣି ପଶିଯାଇଥିଲା। ସେହିଭଳି ପାନପୋଷ ସ୍ଥିତ ଗାଡାଟୋଲା ବସ୍ତିରେ ଲଗାଣ ବର୍ଷା ହେବାଯୋଗୁ ବସ୍ତି ରାସ୍ତା ଉପରେ ପାଣି ଜମି ରହିବା ସହ ବିଭିନ୍ନ ଦୋକାନରେ ପାଣି ପଶି ଯାଇଥିଲା। ସେହିପରି ବାସନ୍ତୀ କଲୋନୀ ସ୍ଥିତ କୁଷ୍ଠ ବସ୍ତି ଦୁର୍ଗାପୁର ପାହାଡ ତଳେ ଗଢ଼ି ଉଠିଥିବାରୁ ବର୍ଷା ଯୋଗୁ ପାଣି ଲୋକଙ୍କ ଘରେ ପଶି ଯାଇଥିଲା।

# ଖବରଦାତାଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ




ଏଡିଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୨୭।୭(ସଙ୍ଗୀତା ଜେନା)**

ଖବରଦାତାଙ୍କ ସମସ୍ୟାକୁ ନେଇ ଶନିବାର ରାଉରକେଲା ମିଡିଆ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲା ଏଡିଏମ୍ ତଥା ରାଉରକେଲା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କ ଜରିଆରେ ଶନିବାର ଏହା ପ୍ରଦାନ କରାଯାଇଛି। ଏକ ମାସରୁ ରାଜ୍ୟରେ ଭାଜପା ନେତୃତ୍ୱରେ ସରକାର ଗଠନ ଶେଷ ହୋଇଛି। ଏହା ସହ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ମଧ୍ୟ ପାରିତ ହୋଇସାରିଛି। ରାଜ୍ୟ ସରକାର ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଆଗେଇଛନ୍ତି। କିନ୍ତୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ କୌଣସି ବୈଠକ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଯାହା ପୂର୍ବରୁ ଥିଲା ସେହି ଅବସ୍ଥା ଏବେ ମଧ୍ୟ ଜାରି ରହିଛି। ଗଣମାଧ୍ୟମ ପ୍ରତିନିଧିଙ୍କ ୩ଟି ପ୍ରମୁଖ ଦାବି ରହିଛି। ପ୍ରଥମତଃ ସାମ୍ବାଦିକ ସୁରକ୍ଷା ଆଇନ ଆଗାମୀ ବିଧାନସଭା ଅଧିବେଶନରେ ପାରିତ ହେବା ନିତ୍ୟାନ୍ତ ଆବଶ୍ୟକ, ଯାହା ପଡ଼ୋଶୀ ରାଜ୍ୟରେ ପାରିତ ହୋଇସାରିଛି। ଦ୍ୱିତୀୟତଃ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଗଣମାଧ୍ୟମ ପ୍ରତିନିଧିଙ୍କ ପେନ୍‌ସନ ବ୍ୟବସ୍ଥା, ଖବରଦାତାଙ୍କୁ ପ୍ରଦାନ କରାଯାଇଥିବା ୫ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମାରେ ପିତା ଓ ମାତାଙ୍କୁ ଅନ୍ତର୍ଭୁକ୍ତ, ହିନ୍ଦୀ ଖବରକାଗଜକୁ ସ୍ୱୀକୃତି ପ୍ରଦାନ ବ୍ୟବସ୍ଥା, ଖବରଦାତାମାନଙ୍କୁ ଘରଡିହ ଯୋଗାଣ, ସେମାନଙ୍କ ସନ୍ତାନଙ୍କୁ ଉନ୍ନତ ଶିକ୍ଷା ବ୍ୟବସ୍ଥା, ମୃତ୍ୟୁକାଳୀନ ବୀମା ରାଶି ୪ ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ଆଦି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। କ୍ଲବର ସଭାପତି ପୀତବାସ ମିଶ୍ର, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଦିଲୀପ ଶର୍ମା, ଉମେଶ ସିଂହ, ଅକ୍ଷୟ ଧଳ, ସୁରଥ ବାରିକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିକୁ ମିଳିଲା ଓଡ଼ିଶା ସିଏସ୍‌ଆର, ସ୍ଥାୟିତ୍ୱ ଉତ୍କର୍ଷ ପୁରସ୍କାର

**ରାଉରକେଲା,୨୭।୭(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଗୋଷ୍ଠୀ ଉନ୍ନୟନର ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ବିକାଶ ପରିଷଦ ଠାରୁ ଆରଏସପିକୁ ମିଳିଛି ସିଏସଆର ଏବଂ ସଷ୍ଟେନେବିଲିଟି ଏକ୍ସଲେନ୍ସ ପୁରସ୍କାର। ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଶିଳ୍ପ,ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ରାଜ୍ୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ପୁରସ୍କାର ଆରଏସପିକୁ ପ୍ରଦାନ କରିଥିଲେ। ଆରଏସପି ପକ୍ଷରୁ ଏହି ପୁରସ୍କାରକୁ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି.କେ ସ୍ୱାଇଁ ଓ ସିଏସଆର ବିଭାଗ ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର ଗ୍ରହଣ କରିଥିଲେ। ପୁରସ୍କାର ଗ୍ରହଣ ସମାରୋହରେ ରାଉରକେଲାର ଆସୋସିଏଟ ଡିନ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ଏବଂ ଏନଆଇଟି,ରାଉରକେଲାର ଇନଷ୍ଟ୍ରକ୍ଟର ଗୋକୁଳ ମିଞ୍ଜ ମଧ୍ୟ ସମ୍ମିଳିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସିଏସଆର ଏବଂ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ, ବ୍ୟବସାୟର କର୍ପୋରେଟ ଦାୟିତ୍ୱ ଏବଂ ସ୍ଥାୟିତ୍ୱ ଭଳି ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରୁଛି। ଆରଏସପିର ସିଏସଆର ବିଭାଗ ଓ ଏନଆଇଟି,ରାଉରକେଲାର ମିଳିତ ସହଯୋଗରେ ଚାଲିଥିବା ଅନନ୍ୟ ସ୍ଥାୟୀ ଜୈବିକ କୃଷି ତାଲିମ କାର୍ଯ୍ୟକ୍ରମ ପାଇଁ ଏହି ପୁରସ୍କାର ଆର୍‌ଏସପିକୁ ମିଳିଛି। କାର୍ଯ୍ୟକ୍ରମ ଦ୍ୱାରା ପାର୍ଶ୍ୱାଞ୍ଚଳ ଗ୍ରାମ ଏବଂ ପୁନର୍ବସତି କଲୋନୀରୁ ବହୁ ମହିଳା ଚାଷୀମାନେ ଉପକୃତ ହେଉଛନ୍ତି।




ଆରଏସପି ସିଜିଏମ ଓ ଜିଏମ ପୁରସ୍କାର ଗ୍ରହଣ କରୁଛନ୍ତି।

# ବିପ୍ଳବୀ ବହ୍ନିକନ୍ୟା ମାଳତୀଙ୍କ ଜନ୍ମଜୟନ୍ତୀ ପାଳିତ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ବିପ୍ଳବୀ ବହ୍ନିକନ୍ୟା, ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ୧୨୦ତମ ଜନ୍ମଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଜଗଦା ସ୍ଥିତ ନବଜୀବନ ମଣ୍ଡଳ ଆନୁକୂଲ୍ୟରେ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସଭାପତି କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଇଂ ଅଭୟ ଦାଶ, ମନୋରଞ୍ଜନ ଦାଶ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜରେ ନାରୀଶିକ୍ଷା, ସମାଜର ବିଭିନ୍ନ ଅସଙ୍ଗତ ଚଳଣି ଓ ପରମ୍ପରାକୁ ସଂଶୋଧନ କରିବା, ନିଶାମୁକ୍ତି ଆଦି ଦିଗରେ ମାଳତୀ ଚୌଧୁରୀଙ୍କ ପ୍ରମୁଖ ଭୂମିକା ରହିଥିଲା। ସ୍ୱଚ୍ଛତା ଅଭିଯାନ ତଥା ନାରୀଶିକ୍ଷା ପ୍ରତି ବିଶେଷ ଅନୁଗ୍ରହ ରଖୁଥିବା ମାଳତୀଙ୍କ ପଥକୁ ଏବେ ଯୁବପିଢ଼ୀ ଅନୁସରଣ କରିବା ଉଚିତ୍। ତାଙ୍କ କାଳଜୟୀ କାର୍ଯ୍ୟକଳାପ ଲୋକଙ୍କ ମାନସରେ ଜୀବିତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଞ୍ଜୀବ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଳାସିନୀ ଅଧିକାରୀ ଓ ଅନ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଭା କାର୍ଯ୍ୟପରେ ଅନୁଷ୍ଠାନର ୮ମ ବ୍ୟାଚ ନିଃଶୁଳ୍କ ସିଲେଇ ପ୍ରଶିକ୍ଷଣରେ ୨୫ ଜଣ ତାଲିମ ଗ୍ରହଣ କରୁଥିବା ଛାତ୍ରୀଛତ୍ରଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସେହିପରି ପରିତ୍ୟକ୍ତ ବସ୍ତ୍ରରୁ ପ୍ରସ୍ତୁତ ଘର ସାଜସଜ୍ଜା ସାମଗ୍ରୀ ତାଲିମ ଗ୍ରହଣ କରୁଥିବା ୩ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନବଜୀବନ ମଣ୍ଡଳର ଖାଦି ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ଅନୁଷ୍ଠାନର ଆବାହିକା ସୁନନ୍ଦା ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୀମା ସିଂହ, ରୁବ ପଣ୍ଡା, ନିରୂପମା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୀର୍ତ୍ତିଲତା ନନ୍ଦ, ବୀଣାପାଣି ପଟ୍ଟନାୟକ, ପ୍ରଭାତ ମହାନ୍ତି, କରୁଣାକର ସାହୁ, ଧର୍ମାନନ୍ଦ ପୃଷ୍ଟି ସମେତ ଶତାଧିକ ବୁଦ୍ଧିଜୀବୀ ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ।




ତାଲିମ ଗ୍ରହଣ କରିଥିବା ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

### ଗୋମାଂସ ଜବତ, ଅଭିଯୁକ୍ତ ଫେରାର

**କୁଆଁରମୁଣ୍ଡା,୨୭।୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଜୋର ପଞ୍ଚାୟତ ତେନ୍ତ୍ରାବାହାଲ ଗ୍ରାମର ଜଣଙ୍କ ଘର ପଛପଟେ ଶନିବାର ସକାଳେ ଏକ ବଳଦ କଟାଯିବା ସ୍ଥାନୀୟ ବଜରଙ୍ଗଦଳର ସଦସ୍ୟମାନେ ଖବର ପାଇଥିଲେ। ଏହାପରେ ସେମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ଫାଣ୍ଡିକୁ ଖବର ଦେଇଥିଲେ। ଏହା ଜାଣି ବଳଦ କାଟୁଥିବା ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଓ କୁଆଁରମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ କୁଇଣ୍ଟାଲ ଗୋମାଂସ ଜବତ କରି ନିକଟସ୍ଥ ଏକ ପଡ଼ିଆରେ ପୋତି ଦେଇଛନ୍ତି। ଥାନାରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରହିଛି ।

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ବର୍ଷକରେ ୨ ମାଇକ୍ରୋଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ମାମଲା**

**ରାଉରକେଲା,୨୭।୭(ସଙ୍ଗୀତା ଜେନା)**

ଓଡ଼ିଶା- ଝାଡଖଣ୍ଡ ସୀମାନ୍ତ ବିଶ୍ରା ଥାନା ଅଞ୍ଚଳରେ ବର୍ଷକ ମଧ୍ୟରେ ୨ଟି ମାଇକ୍ରୋଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ହୋଇଛି। ହେଲେ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳିପାରିନାହିଁ। ପ୍ରଥମ ମାମଲା ୨୦୨୪ ଫେବୃଆରୀରେ ହୋଇଥିବା ବେଳେ ଚଳିତ ମାସ ୨୫ ତାରିଖରେ ଦ୍ୱିତୀୟ ସମାନ ଘଟଣା ହୋଇଥିଲା। ଉଭୟ ମାମଲା ଉକ୍ତ ଥାନାରେ ରୁଜୁ ହୋଇଛି। ଉଭୟ ମାମଲାରେ ସମାନ ମାଇକ୍ରୋଫାଇନାନ୍ସ କମ୍ପାନୀ( ଭାରତ ଫାଇନାନ୍ସ) ସହ ହୋଇଛି। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳି ପାରୁ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅପରପକ୍ଷରେ, ବିଶ୍ରା ଥାନା ଝାଡଖଣ୍ଡ ସୀମାନ୍ତରେ ରହିଛି। ଏଥିରେ ଲୁଟେରା ଗ୍ୟାଙ୍ଗମାନେ ଅପରାଧ ଘଟାଇ ଉକ୍ତ ରାଜ୍ୟକୁ ଜଙ୍ଗଲ ରାସ୍ତାରେ ପଳାଇଯାଉଛନ୍ତି। ଏପରିକି ସିସିଟିଭି ଓ ଅନ୍ୟ ପ୍ରମାଣ ଅଭାବ ଯୋଗୁ ଏପରି ଲୁଟେରା ଗ୍ୟାଙ୍ଗକୁ ଧରାଯାଇ ପାରୁନାହିଁ ବୋଲି ବିଶ୍ରା ଥାନା ପକ୍ଷରୁ କୁହାଯାଉଛି। ଏହି ପରିପ୍ରେକ୍ଷୀରି ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ, ସମାନ ଫାଇନାନ୍ସ କମ୍ପାନୀ ସହ ଏପରି ହୋଇଛି। ଫାଇନାନ୍ସ କମ୍ପାନୀ ନିୟମ ପାଳନ କରୁନାହାଁନ୍ତି। ଏସ୍‌ଓପି ଅନୁସାରେ ମାଇକ୍ରୋଫାଇନାନ୍ସର ସଂଗୃହୀତ ଅର୍ଥକୁ ବ୍ୟାଙ୍କ ଗୁଡିକରେ ଦିନ ୨ଟା ସୁଦ୍ଧା ଜମା କରିବା ନିୟମ ରହିଛି। ହେଲେ ଏଜେଣ୍ଟମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାହକ ମାନଙ୍କ ଟଙ୍କାକୁ ଧରି ବୁଲୁଛନ୍ତି। ଜଙ୍ଗଲିଆ ସ୍ଥାନ ଦେଇ ବାରମ୍ବାର ଯାଆସ କରୁଛନ୍ତି। ସମ୍ଭବତଃ କିଛି ଅପରାଧିକ ଗୋଷ୍ଠୀ ସେମାନଙ୍କୁ ଟାର୍ଗେଟ କରିଥାଇପାରନ୍ତି। ତେବେ ସିସିଟିଭି ଏବଂ ଅନ୍ୟ ପ୍ରମାଣ ଦ୍ୱାରା ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ। ସୂଚନାଯୋଗ୍ୟ, ବିଶ୍ରା ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ମାଇକ୍ରୋଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା, ମୋବାଇଲ ଆଦି ଦୁର୍ବୃତ୍ତ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ଏ ନେଇ ସମ୍ପୃକ୍ତ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ମାମଲା(ନଂ. ୧୩୧/୨୪) ରୁଜୁ କରିଛି। ମାଇକ୍ରୋଫାଇନାନ୍ସ କର୍ମଚାରୀ ଦେବରାଜ ସାହୁ ଥାନାରେ ଏତଲା କରିଛନ୍ତି। ଏତଲା ଅନୁଯାୟୀ, ଦେବରାଜ ବୁଧବାର ସନ୍ଧ୍ୟାରେ ନିଜ ବାଇକରେ ସୋରଡ଼ାରୁ ରାଉରକେଲାକୁ ଫେରୁଥିଲେ। ବାଗଡ଼େଗା ଏବଂ ରେଲାପୋଷ ଗ୍ରାମ ନିକଟରେ ୩ଟି ବାଇକରେ ୬ଜଣ ହେଲମେଟ୍ ପିନ୍ଧା ଦୁର୍ବୃତ୍ତ ତାଙ୍କ ହାତରୁ ୧ଲକ୍ଷ ୭୮ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। କିଛି ଦୂରରେ ଉକ୍ତ ମୋବାଇଲକୁ ଫୋପାଡ଼ି ଦୁର୍ବୃତ୍ତ ମାନେ ଚାଲିଯାଇଥିଲେ। ପରେ ପୋଲିସ ଯାଞ୍ଚ ସମୟରେ ଉକ୍ତ ମୋବାଇଲ ଜବତ ହୋଇଥିଲା। ସେହିପରି ଗତ ଫେବୃଆରୀରେ ଜଣେ ମାଇକ୍ରୋଫାଇନାନ୍ସ ଏଜେଣ୍ଟଙ୍କ ଠାରୁ କେତେକ ଦୁର୍ବୃତ୍ତ ୫୮ ହଜାର ଟଙ୍କା ଲୁଟ୍ କରିନେଇ ଫେରାର ହୋଇଯାଇଥିଲେ।

# ଡେବ୍ରିଗଡ଼ ଅଭିନନ୍ଦନ ଅଭିଯାନର ଶୁଭାରମ୍ଭ


ଡେବ୍ରିଗଡ଼ ଅଭିନନ୍ଦନ ଅଭିଯାନର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

- ୩୬ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଦିଆଯିବ ଜଙ୍ଗଲ ସଂରକ୍ଷଣ ଓ ବନ୍ୟଜନ୍ତୁ ସୁରକ୍ଷା ପ୍ରଶିକ୍ଷଣ
- ଭାଗନେଲେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଓ ଶିକ୍ଷକ

**ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)**

ଆଗାମୀ ପିଢ଼ୀଙ୍କୁ ପରିବେଶ ସୁରକ୍ଷା ଓ ବନ୍ୟଜନ୍ତୁ ସଂରକ୍ଷଣକୁ ନେଇ ସଚେତନ କରିବା ଲକ୍ଷ୍ୟରେ ଡେବ୍ରିଗଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷ 'ଡେବ୍ରିଗଡ଼ ଅଭିନନ୍ଦନ' ଶୀର୍ଷକ ଏକ ପ୍ରାକୃତିକ ଶିକ୍ଷାଦାନ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆଗାମୀ ଏକ ବର୍ଷ ମଧ୍ୟରେ ଅଭୟାରଣ୍ୟ ସଂଲଗ୍ନ ଓ ସୀମାନ୍ତରେ ଥିବା ପ୍ରାୟ ୪୮ଟି ଗ୍ରାମର ୩୬ଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ନିକଟସ୍ଥ ବେଲବାହାଲି ଏବଂ ଖଜୁରିଆ ବିଦ୍ୟାଳୟରେ ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଉପସ୍ଥିତିରେ 'ଡେବ୍ରିଗଡ଼ ଅଭିନନ୍ଦନ' ଅଭିଯାନ ଉଦ୍‌ଘାଟିତ ହୋଇଥିଲା। ଏକ ବର୍ଷ ଧରି ଚାଲିବାକୁ ଥିବା ଥିବା ଏହି ଅଭିଯାନରେ ଛାତ୍ରୀଛାତ୍ରଙ୍କୁ କ୍ଷେତ୍ର ପରିଦର୍ଶନ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅଭୟାରଣ୍ୟ କର୍ତ୍ତପକ୍ଷ ସୂଚନା ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦେବ୍ରିଗଡ଼ ଅଭୟାରଣ୍ୟର ଆମ୍ବାସଡ଼ର ଭାବେ ଯୁବ ସ୍ୱେଚ୍ଛାସେବୀଙ୍କୁ ଚୟନ କରି ସେମାନଙ୍କୁ ଜଙ୍ଗଲ, ବନ୍ୟଜନ୍ତୁ ସଂରକ୍ଷଣ ଓ ପରିବେଶ ଅନୁକୂଳ ସ୍ୱଚ୍ଛତା ଅବଲମ୍ବନ ଦିଗରେ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ମଧ୍ୟ ଲାଭଦାୟକ ହେବ। ଶିକ୍ଷକମାନେ ଅଭୟାରଣ୍ୟରେ ବନ୍ୟଜନ୍ତୁ, ଡେବ୍ରିଗଡ଼ର ଇତିହାସ ଓ ଏହାର ଅଧିବାସୀଙ୍କ ସମ୍ପର୍କରେ ଅବଗତ ହେବାର ସୁଯୋଗ ପାଇବେ। ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ଓ ଅଭୟାରଣ୍ୟ ବନ୍ୟଜନ୍ତୁଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହ ଉଭୟଙ୍କ ମଧ୍ୟରେ ରହିଥିବା ବିବାଦର ଅନ୍ତ ହୋଇପାରିବ ବୋଲି କର୍ତ୍ତୃପକ୍ଷ ଆଶାପୋଷଣ କରିଛନ୍ତି।

ଏହି ଅଭିଯାନରେ ୪୮ ଗ୍ରାମର ସମସ୍ତ ୩୬ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭୟାରଣ୍ୟ ଆଧାରିତ ଚିତ୍ରାଙ୍କନ, କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହିତ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯିବା ବ୍ୟବସ୍ଥା ହୋଇଛି। ଉଦ୍‌ଘାଟନୀ ଦିବସରେ ବେଲବାହାଲି ଓ ଖଜୁରିଆ ବିଦ୍ୟାଳୟରେ ଡେବ୍ରିଗଡ଼ ଅଭୟାରଣ୍ୟ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି, ଏହି ଅଭିଯାନରେ ଅଞ୍ଚଳରେ ଥିବା ୩୬ଟି ମଧ୍ୟରୁ ୨୪ଟି ବିଦ୍ୟାଳୟରେ ଅଭୟାରଣ୍ୟର ବନ୍ୟଜନ୍ତୁ, ପକ୍ଷୀ, ହୀରାକୁଦ ଅର୍ଦ୍ଧଭୂମି ଆଦିଙ୍କ ଫଟୋ ଥିବା ବଡ଼ ଆକାରର ଡିସପ୍ଲେ ବୋର୍ଡ ଲଗାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ସମସ୍ତ ୪୮ଟି ଗାଁରେ ଇକୋ ଡେଭଲପମେଣ୍ଟ କମିଟି(ଇଡିସି) ଗଠନ କରାଯାଇ ଗତ ୨୦୨୩ ମସିହାରୁ ବିଭିନ୍ନ ଗ୍ରାମରେ ସୌର ଚାଳିତ ଷ୍ଟ୍ରିଟ୍‌ଲାଇଟ୍ ଲଗାଯିବ। ଏଥିସହ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଲୋକଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସ୍କ୍ୱାଡମାନ ଗଠନ କରାଯାଇଛି।

# ମୁଖ୍ୟରାସ୍ତାରେ ପାଣି, ଯାତାୟାତ ବାଧାପ୍ରାପ୍ତ


ରାସ୍ତାରେ ପାଣି ଜମିଛି।

**ଜମନକିରା,୨୭।୭(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ଜାତୀୟ ରାଜପଥ ୫୩ ମୁଖ୍ୟ ଛକଠାରୁ ଜଗନ୍ନାଥ ପଡ଼ାକୁ ଯାଉଥିବା ରାସ୍ତାରେ ପାଣି ଜମୁଛି। ବର୍ଷା ପରେ ସମ୍ପୃକ୍ତ ପଥରେ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜମନକିରା ପଞ୍ଚାୟତ ଅଧୀନରେ ଥିବା ଏହି ରାସ୍ତା ବହୁ ବର୍ଷ ତଳେ କଂକ୍ରିଟକରଣ କରାଯାଇଥିଲା। ହେଲେ ପଞ୍ଚାୟତ ପକ୍ଷରୁ ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ମାଟି ବାଲି ରାସ୍ତା ଉପରେ ଜମି ରହିଛି। ରାସ୍ତା କଡ଼ରେ ଥିବା ନାଳ ଠିକ୍‌ରେ ସଫା ହେଉ ନ ଥିବାରୁ ପାଣି ନିଷ୍କାସିତ ହୋଇ ନ ପାରି ଜାମି ରହୁଛି। ଜଗନ୍ନାଥ ପଡ଼ା ଲୋକଙ୍କ ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏବେ ଅଳ୍ପ ବର୍ଷାରେ ପାଣିରେ ରାସ୍ତା ଉପରେ ପାଣି ଜମି ରହୁଛି। ଛାତ୍ରୀଛାତ୍ରମାନେ ପାଣିରେ ପଶି ସ୍କୁଲ ଯାଉଛନ୍ତି। ବାଇକ, ସ୍କୁଟି ଏବଂ ସାଇକେଲରେ ଯାଉଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଟଙ୍କା ଚୋରି ମାମଲାରେ ଜଣେ ଗିରଫ

**କୁଚିଣ୍ଡା,୨୭।୭(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ସହରର ମନ୍ଦିର ଛକ ଆଧାର କେନ୍ଦ୍ରରୁ ଚୋରି ଘଟଣାରେ ସ୍ଥାନୀୟ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ କୁଚିଣ୍ଡା ମନ୍ଦିର ଛକର ଅଲି ଖାନ୍(୨୬)। ଆଧାର କେନ୍ଦ୍ର ପରିଚାଳକ ଟୁନା ମାଝୀଙ୍କ ରିପୋର୍ଟକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ରାତିରେ ମନ୍ଦିର ଛକ ଆଧାର କେନ୍ଦ୍ରରେ ୭ହଜାର ଟଙ୍କା ଚୋରି ହୋଇଥିଲା। ଅଲି ଖାନ୍‌ଙ୍କଠାରୁ ୬ହଜାର ଚୋରି ଟଙ୍କା ଜବତ କରି ଏତଲାକାରୀଙ୍କୁ ପୋଲିସ ହସ୍ତାନ୍ତର କରିଛି।

### ମାନଧାତା ବାବା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୭।୭(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ମାନଧାନା ବାବା ମହାବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାନଧାତା ବାବାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ମହାବିଦ୍ୟାଳୟର ବିକାଶ ଦିଗରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନେଶ୍ୱର ତହସିଲଦାର ଜ୍ୟୋତ୍ସାରାଣୀ ସାହୁ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଅଧ୍ୟାପକ ମୁରଲୀ ଧର ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଥିବା ସୂର୍ଯ୍ୟକୁମାର ପୁରୋହିତ ହୀରାଲାଲ ବାରିକ, ମହାବିଦ୍ୟାଳର ସଂଗ୍ରାମପୂର୍ଣ୍ଣ ଅତୀତ ବିଷୟରେ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୨ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ରଖିଥିବା ଦୁଇ ଛାତ୍ରୀଛାତ୍ର ହେମ କୁମାର ମହାକୁର ଓ ଅନୁସୂୟା ଖଟେଇଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହ ସଭାକୁ ଅଧ୍ୟାପକ ତୋଷଧର ବାରିକ ପରିଚାଳନା କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଧର୍ମେନ୍ଦ୍ର ଦାସ, ପ୍ରଦୀପ ସାହୁ, ପ୍ରକାଶ ହୋତା, ପଦ୍ମନ ଗୁରୁ ଚକ୍ରପାଣି ଛତର, ପିଣ୍ଟୁ ରାଉତ ଓ ଅମ୍ବିକା ମିସ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲା କେନ୍ଦୁପତ୍ର କର୍ମଚାରୀ ସଂଘ

**ସମ୍ବଲପୁର,୨୭।୭(ଭବାନୀ ଶଙ୍କର ଭୋଇ)**

ଚଳିତ ବଜେଟରେ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳି ଯୋଜନାରେ ୧୦୦କୋଟି ଟଙ୍କାର ଆର୍ଥିକ ପ୍ରାବଧାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କୃତଜ୍ଞତା ଜ୍ଞାପନ କରିଛି। ସଂଘ ସଭାପତି ବିଜୟ ମହାନ୍ତି କହିଛନ୍ତି, କେନ୍ଦୁପତ୍ର ଉପରେ ଜିଏସ୍‌ଟି ଲାଗୁ କରାଯିବ, ଜଳବାୟୁ ପରିବର୍ତ୍ତନ, କେନ୍ଦୁପତ୍ର ଉତ୍ପାଦନ ଏରିଆ ହ୍ରାସ ପ୍ରଭୃତି କାରଣରୁ କେନ୍ଦୁପତ୍ର ସହ ଜଡିତ ଲୋକଙ୍କର ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। କେନ୍ଦୁପତ୍ର ବିକ୍ରିମୂଲ୍ୟ ହ୍ରାସ ପାଉଥିବାରୁ କାର୍ଯ୍ୟରତ ରାଜ୍ୟର ଲକ୍ଷଲକ୍ଷ ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ମୂଳକ ଆର୍ଥିକ ସହାୟତା ଏବଂ ବୋନସ ପ୍ରଦାନରେ ଆର୍ଥିକ ଅନାଟନ ଦେଖାଦେଇଛି। ଏପରି ଅବସ୍ଥାରେ ରାଜ୍ୟ ସରକାରଙ୍କ ବଜେଟରୁ ଆର୍ଥିକ ସହାୟତାରୁ ଜରୁରୀ ଆବଶ୍ୟକତା ରହିଥିଲା। ଏଥିପାଇଁ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଗତ ୩ରୁ ୪ ବର୍ଷ ହେବ ରାଜ୍ୟ ସରକାର ରାଜ୍ୟ ବଜେଟରେ ଏଥିପାଇଁ ୨୦୦ କୋଟି ଟଙ୍କାର ଆର୍ଥିକ ପ୍ରାବଧନ କରିବାକୁ ଦାବି କରିଆସୁଥିଲା। ପୂର୍ବ ସରକାର ପ୍ରଥମେ ଏହା ଅନୁଭବ କରି ୫୦ କୋଟି ଟଙ୍କାର ବଜେଟ ପ୍ରାବଧନ କରିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ତଥା ଅର୍ଥ ଓ ଜଙ୍ଗଲ ବିଭାଗ ଏହାର ଆବଶ୍ୟକତା ଅନୁଭବ କରି ବଜେଟରେ ୧୦୦ କୋଟି ଟଙ୍କାର ପ୍ରାବଧନ କରିଛନ୍ତି । ଏହା ଦ୍ୱାରା ଲକ୍ଷ ଲକ୍ଷ ତୋଳାଳି, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀମାନେ ସାମାଜିକ ନିରାପତ୍ତା ତଥା ବୋନସ ପାଇବା କ୍ଷେତ୍ରରେ ଉପକୃତ ହେବେ ବୋଲି ମହାନ୍ତି ଆଶା ପ୍ରକାଶ କରିଛନ୍ତି।


**ଭିଆଇପି ରାସ୍ତା:** ସମ୍ବଲପୁର ଜିଲାପାଳଙ୍କ ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

# ଗଣମାଧ୍ୟମକୁ ହୀରାକୁଦ ବନ୍ଧକୁ ଛାଡ଼ିବାକୁ ଦାବି

## ପ୍ରଥମ ବନ୍ୟାଜଳ ଛଡ଼ାଯିବ ଆଜି

**ସମ୍ବଲପୁର,୨୭।୭ (ଭବାନୀ ଶଙ୍କର ଭୋଇ)**

ପୂର୍ବରୁ ପ୍ରତିବର୍ଷ ହୀରାକୁଦ ବନ୍ଧର ପ୍ରଥମ ବନ୍ୟାଜଳ ନିଷ୍କାସନ କରିବା ସମୟରେ ଗଣମାଧ୍ୟମକୁ ନିମନ୍ତ୍ରଣ କରାଯାଉଥିଲା। ତେବେ ବିଗତ କିଛି ବର୍ଷ ହେବ ସୁରକ୍ଷା କାରଣ ଦର୍ଶାଇ ଗଣମାଧ୍ୟମକୁ ହୀରାକୁଦ ବନ୍ଧ ପରିସରକୁ ଛଡାଯାଉନାହିଁ। ସାମାଜିକ ଗଣମାଧ୍ୟମରେ ହୀରାକୁଦ ବନ୍ଧର ଅନେକ ଭିଡିଓ ଏବଂ ଫଟୋ ଘୁରି ବୁଲୁଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କଟକଣାକୁ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ରବିବାର ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡାଯିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବନ୍ଧ ପରିସରକୁ ଛଡାଯିବାକୁ ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି ଖବର ଏବଂ ଚିତ୍ର ସଂଗ୍ରହ କରିବାରେ କୌଣସି ଅସୁବିଧା ନ ହେବା କଥା ବୋଲି ଡ ରଥ କହିଛନ୍ତି ।

# ସିଆର୍‌ପିଏଫ୍‌ର ୮୬ତମ ପ୍ରତିଷ୍ଠା ଦିବସ


ସମ୍ବଲପୁର ଜିଲା ବସନ୍ତପୁର ସ୍ଥିତ ଗ୍ରୁପ୍ ସେଣ୍ଟରଠାରେ ଶନିବାର ସିଆର୍‌ପିଏଫ୍‌ର ୮୬ ତମ ପ୍ରତିଷ୍ଠା ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ସମ୍ବଲପୁର,୨୭।୭(ବି.ଶଙ୍କର)**

ଦେଶର ସର୍ବଶ୍ରେଷ୍ଠ ତଥା ଗୌରବମୟ ପାରା– ମିଲିଟାରୀ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ)ର ୮୬ ତମ ପ୍ରତିଷ୍ଠା ଦିବସ ସମ୍ବଲପୁର ଜିଲା ବସନ୍ତପୁର ସ୍ଥିତ ଗ୍ରୁପ ସେଣ୍ଟରରେ ପାଳିତ ହୋଇଯାଇଛି। ସମ୍ବଲପୁରର ଗ୍ରୁପ ସେଣ୍ଟରରେ ଡେପୁଟି ଇନ୍ସପେକ୍ଟର ଜେନେରାଲ ଦାଲିପ ସିଂ ଆମ୍ବେସ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମସ୍ତ ସୈନିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରତିଷ୍ଠା ଦିବସରେ ଅଭିନନ୍ଦନ ଜଣାଇଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ ଆମ୍ବେସ ସାହସିକତା ଏବଂ ବଳିଦାନର ଇତିହାସ ବିଷୟରେ ଉଲ୍ଲେଖ କରିଥିଲେ। ଯେଉଁଥିରେ ହଟ ସ୍ପ୍ରିଙ୍ଗ ଲଦାଖରେ ଚୀନ ବାହିନୀ ଏବଂ ସର୍ଦ୍ଦାର ପୋଷ୍ଟକୁ ପୁଁଛରେ ପାକିସ୍ତାନୀ ସୈନ୍ୟଙ୍କୁ ପରାସ୍ତ କରିବାର ବିଜୟ କାହାଣୀ ମୁଖ୍ୟତଃ ଉଲ୍ଲେଖ କରି ସହିଦମାନଙ୍କୁ ସ୍ମରଣ କରାଯାଇଥିଲା। ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ସିଆରପିଏଫର କର୍ତ୍ତବ୍ୟ ଏବଂ ସଫଳତା ବିଷୟରେ ଉପସ୍ଥିତ ସୈନିକମାନଙ୍କୁ ସମସ୍ତ ବ୍ୟଖାନ କରିଥିଲେ। ସନ୍ଧ୍ୟାରେ ସୈନିକମାନଙ୍କ ମଧ୍ୟରେ ଏକ ଭଲିବଲ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ରାତିରେ ଏକ ବଡ଼ ରାତ୍ରୀ ଭୋଜନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଅଗଷ୍ଟ ୧୦ରୁ ସମ୍ବଲପୁରରେ ଫାଇଲେରିଆ ଔଷଧ ସେବନ

**ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)**


ପ୍ରସ୍ତୁତି ବୈଠକରେ ମହାନଗର ନିଗମ କମିଶନର, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ।

ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ମଧ୍ୟରେ ସମ୍ବଲପୁର ଜିଲାରେ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ପ୍ରସ୍ତୁତି ପାଇଁ ନଗର ସ୍ୱାସ୍ଥ୍ୟ ସମିତି, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମ୍ବଲପୁର ପକ୍ଷରୁ ଦ୍ୱିତୀୟ ମହାନଗରସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ କମିଶନର ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଏଡିୟୁ ପିଏଚ୍‌ଓ ଡା. ପ୍ରଦୀପ କୁମାର ହୋତା, ମହାନଗର ନଗମ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, ପିପିଏମ୍ ଡା. ମୌସୁମୀ ମିଶ୍ର, ପଡବ୍ଲ୍ୟୁଏଚ୍‌ଓ ଡା. ଶ୍ୟାମବନ୍ଧୁ ରଥ ଯୋଗଦେଇ ସମ୍ବଲପୁର ମହାନଗର ଅଞ୍ଚଳରେ ଶତ ପ୍ରତିଶତ ଫାଇଲେରିଆ ଔଷଧ ସେବନ ପାଇଁ ବିଭିନ୍ନ ରୂପରେଖ ନିର୍ଦ୍ଧାରଣ କରାଯାଇଥିଲା। ନିକୁ ରଞ୍ଜନ ପ୍ରତିହାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଫାଇଲେରିଆ ନିରାକାରଣ ପାଇଁ ସାମୂହିକ ଔଷଧ ସେବନକୁ ନେଇ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କାର୍ଯ୍ୟାଳୟ, କଲୋନୀ, ଆପାର୍ଟମେଣ୍ଟ ତଥା ବସ୍ତି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଚେତନତା ପାଇଁ ତୃଣମୂଳ ସ୍ତରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଲୋକଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ଜାଗ୍ରତ ସହିତ ସେମାନଙ୍କୁ ଔଷଧ ଖୁଆଇବାକୁ ନିଶ୍ଚିତ କରିବା ପାଇଁ ଗଠିତ ହୋଇଥିବା ମୋବାଇଲ ଟିମ୍ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବୈଠକରେ ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ, ସାମୂହିକ ଔଷଧ ସେବନ ଗୁରୁତ୍ୱ, ଏହାର କାର୍ଯ୍ୟକାରିତାର ସମୀକ୍ଷା, ମାଇକ୍ରୋପ୍ଲାନିଂ ପ୍ରଶିକ୍ଷଣ ଉପରେ ଆଲୋଚନା ହୋଇଥିଲା।

# ମଧୁବନ ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

**ନାକଟୀଦେଉଳ,୨୭।୭(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳସ୍ଥିତ ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ନାକଟୀଦେଉଳ ବ୍ଲକ ବିଜଗଡ ଉପରମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଷା ଆସର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ମଧୁବନ ସାହିତ୍ୟ ସଂସ୍କୃତି ସଂସଦ ସକ୍ରିୟ ସଦସ୍ୟା ଗୀତାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ର ପାଠ ପଢା ସହ ଭଲ ନାଗରିକ ହେବା ଉପରେ ଆଲୋକପାତ କରିଥିଲେ। ପିଲାମାନେ ସାହିତ୍ୟ ପ୍ରତି ରୁଚି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସଂସଦ ସମ୍ପାଦକ ସୁଶାନ୍ତ କୁମାର ସାହୁ, ସଭ୍ୟା ତେଜସ୍ୱିତା ସାହୁ, ବିଦ୍ୟାଳୟ ଶିକ୍ଷୟିତ୍ରୀ ସସ୍ମିତା ନାୟକ, ସୁଷମା ପ୍ରଧାନ, ଜୀବନ୍ତି ଦେହୁରୀ, ସନ୍ତୋଷିନୀ ନାୟକ, ସୁଜିତ କୁମାର ସାହୁ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ବିଦ୍ୟାଳୟ ପଞ୍ଚମ ଶ୍ରେଣୀର ଛାତ୍ରୀ ପ୍ରତିଜ୍ଞା ସାହୁ ଏବଂ ଅଙ୍କିତା ବେହେରା କବିତା ପାଠ କରିବା ସହ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।

# ଜମନକିରା ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଅଧ୍ୟକ୍ଷ, ଅଧ୍ୟାପକ ଓ ବିଦ୍ୟାର୍ଥୀ।

**ଜମନକିରା,୨୭।୭(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ବୃକ୍ଷ ଛେଦନ ଦାରା ବାୟୁମଣ୍ଡଳରେ ଉପୁଜୁଥିବା ଅଭାବନୀୟ ପରିସ୍ଥିତି ଏବଂ ବୃକ୍ଷ ରୋପଣ ଦ୍ୱାରା କିପରି ସେହି ପରିସ୍ଥିତିରୁ ମୁକ୍ତି ପାଇପାରିବା ସେ ସମ୍ବନ୍ଧରେ ନିଜ ବାର୍ତ୍ତା ରଖିଥିଲେ। ଖେଳ ଅଧ୍ୟାପକ ରଞ୍ଜନ କୁମାର ମହାକୁଡ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଚାରାରୋପଣ କରିବା ନିମନ୍ତେ ପ୍ରେରଣା ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଅଙ୍କିତାରାଣୀ କର୍ଣ୍ଣ, ଭାବଗ୍ରାହୀ ବାର୍ଗେ, ସତ୍ୟ ନାରାୟଣ ପଟ୍ଟନାୟକ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତୃପ୍ତିମୟୀ ମଲ୍ଲିକ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଦିପ୍ତିମୟୀ ବିଶ୍ୱାଳ ଓଡ଼ିଆ ଅଧ୍ୟାପିକା ମନିଷା ପରିଡ଼ା, ଇଂଲିଶ ବିଭାଗ ଅଧ୍ୟାପକ ମିନକେତନ କୁମ୍ଭାର ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଚାରାରୋପଣ ସହ ଯତ୍ନ ନେବାକୁ ଶପଥ

**ସମ୍ବଲପୁର,୨୭।୭(ବି.ଶଙ୍କର)**


ପୁରୁଣା ବଳାରଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ।

## ବଳାରଙ୍ଗା ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅର୍ନ୍ତଗତ ପୁରୁଣା ବଳାରଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହର ଷଷ୍ଠଦିନରେ ଇକୋକ୍ଲବ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ମା'ମାନେ ଚାରାରୋପଣ କରିଥିଲେ । ପ୍ରଧାନଶିକ୍ଷକ ଦୀପାଳି ଚୌଧୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ଓ ଭେଜିଟିକ୍ରା, କୀର୍ତ୍ତିପୁର, ବଳାରଙ୍ଗା ଗ୍ରାମରେ ୨୦ଟି ଚାରା ସେମାନଙ୍କ ମା'ମାନଙ୍କ ନାମରେ ଲଗାଇଛନ୍ତି। ଏହି ଗଛଗୁଡ଼ିକର ଯତ୍ନ ନେଇ ସହ ତା'ର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଇକୋ କ୍ଲବର ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ସରସ୍ୱତୀ ସେଠୀ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗତ ୨୨ ତାରିଖରୁ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ କରାଯାଉଛି। ପ୍ରଥମରୁ ପଞ୍ଚମ ଦିନ ଭିତରେ ଯଥାକ୍ରମେ ଭାଷା ଓ ସଂଖ୍ୟାଜ୍ଞାନ ଦିବସ, ଖେଳ ଦିବସ, ସାଂସ୍କୃତିକ ଦିବସ, କୌଶଳ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଯାଇଛି। ଚଳିତମାସ ୨୯ତାରିଖରେ ବିଦ୍ୟାଳୟରେ ତିଥିଭୋଜନର କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ଆଲୁମ୍‌ନି ଓ ବ୍ୟକ୍ତିବିଶେଷ ଯୋଗଦେଇ ଶିକ୍ଷା ସପ୍ତାହର ଉଦ୍‌ଯାପନ କରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ସୂଚିତ କରିଛନ୍ତି।

**ଗଛରେ ପିଟିହୋଇ ବସ୍ ଦୁର୍ଘଟଣାଗ୍ରସ୍ତ**

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳରେ ଶନିବାର ଏକ ଘରୋଇ ବସ୍ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା କ୍ରମେ ଅପରାହ୍ନ ପ୍ରାୟ ୩ଟା ସମୟରେ ମା’ ଜଗତଜନନୀ ନାମକ ବସ୍ ନର୍ଲାଠାରୁ ବାହାରି ମ ରାମପୁରକୁ ଯାଉଥିଲା। ବାଗପୁର ଗ୍ରାମ ନିକଟରେ ବସ୍‌ଟି ଏକ ବରଗଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ବସ୍ ଚାଳକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସୂଚନା ପାଇ ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

**ସଙ୍କଟରେ ବାଦ୍ୟ କାରିଗରଙ୍କ ଜୀବନ ଜୀବିକା**

# ଚାହିଦା ଅଛି, ପ୍ରୋତ୍ସାହନ ନାହିଁ

ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ, ଲୋକଗୀତ ଓ ଲୋକବାଦ୍ୟର ସବୁଠି ଆଦର ରହିଛି। ଏହି ମହାନ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ କଳାକାରଙ୍କ ସହିତ ଲୋକବାଦ୍ୟ ତିଆରି କରୁଥିବା କାରିଗରଙ୍କ ବଡ ଭୂମିକା ରହିଛି। କିନ୍ତୁ ମଞ୍ଚ ଉପରେ ନିଜର କଳା ପରିବେଷଣ କରୁଥିବା କଳାକାରଙ୍କୁ ଯେତିକି ସମ୍ମାନ ମିଳେ ପାରମ୍ପରିକ ଲୋକବାଦ୍ୟ ତିଆରି କରୁଥିବା କାରିଗରଙ୍କୁ ତାହା ମିଳେନି। ପାରମ୍ପରିକ ଲୋକବାଦ୍ୟର ଖୁବ୍ ଚାହିଦା ଥିବା ବେଳେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରୁନି। କୌଳିକ ବୃତ୍ତିକୁ ଆପଣେଇ ମୃଦଙ୍ଗ, ଢୋଲ, ମାଦଳ, ତାସା, ନାଲ ଓ ନିସାନ ଆଦି ବାଦ୍ୟ ତିଆରି କରୁଥିବା ଶିଳ୍ପୀଙ୍କ ଜୀବନ ଜୀବିକା ଏବେ ସଙ୍କଟରେ। ଲୋକକଳାକୁ ବଞ୍ଚାଇ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ହାତଗଣତି ବାଦ୍ୟ କାରିଗରଙ୍କୁ ସରକାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଓ ମୁଖ୍ୟମନ୍ତ୍ରୀ କାରିଗର ସହାୟକ ଯୋଜନାରେ ସାମିଲ କରିବା ପାଇଁ କଳା ଓ ସଂସ୍କୃତି ପ୍ରେମୀମାନେ ଅନୁରୋଧ କରିଛନ୍ତି।

ନାମ ସଂକୀର୍ତ୍ତନ, ଦାସ କାଠିଆ, ଦଣ୍ଡନୃତ୍ୟ ଓ ପାଲା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ମୃଦଙ୍ଗ ହେଉଛି ପ୍ରମୁଖ ବାଦ୍ୟ। ବେକରେ ମୃଦଙ୍ଗ ଟିଏ ଧରି ବାଦ୍ୟକାର ବିଭିନ୍ନ ଶୈଳୀରେ ବଜଉ ଥିବା ବେଳେ ଦର୍ଶକମାନେ ଖୁବ୍ ମଜା ନେଇଥାନ୍ତି। ସେହିପରି କରମସାନୀ ନୃତ୍ୟରେ ମାଦଳ ହେଉଛି ପ୍ରମୁଖ ବାଦ୍ୟ। ସମ୍ବଲପୁରୀ ନୃତ୍ୟରେ ଢୋଲ, ତାସା ଓ ନିସାନ୍‌ର ବ୍ୟବହାର ହୋଇଥାଏ। ତେବେ ଏହି ସବୁ ଲୋକବାଦ୍ୟ ତିଆରି ପଛର ପ୍ରକୃତ ଶିଳ୍ପୀଙ୍କୁ କେହି ଜାଣି ପାରନ୍ତି ନାହିଁ। ଯାହାର ହାତ ସ୍ପର୍ଶରେ ଏତେ ସୁନ୍ଦର ବାଦ୍ୟ ଯନ୍ତ୍ରଟିଏ ତିଆରି ହୋଇ ପାରିଛି ସେ କେବେ ଖୋଜା ପଡନ୍ତି ନାହିଁ। କୌଳିକ ବୃତ୍ତିକୁ ଆପଣେଇ ଥିବା ଏହି କାରିଗରଙ୍କ ଅର୍ଥନୈତିକ ସ୍ଥିତି କେବେ ସୁଧୁରି ପାରୁନାହିଁ। ସରକାରୀ ବିଧିବ୍ୟବସ୍ଥା ଭିତରେ କିଏ ଆବେଦନ କରି କଳାକାର ଭତ୍ତା ପାଇଥିବା ବେଳେ କିଏ ଘରେ ବାଦ୍ୟ ତିଆରି କରି ନିଜର ଗୁଜୁରାଣ ମେଣ୍ଟାଉଛି। ଆଉ କିଏ ଗାଁ ଗାଁ ବୁଲି ମୃଦଙ୍ଗ, ଢୋଲ ଓ ମାଦଳ ସଜାଡି ନିଜର ପରିବାର ପ୍ରତିପୋଷଣ କରୁଛି। ଖରା ହେଉ ଅବା ବର୍ଷା କେଉଁ ଗାଁକୁ ଯାଇ ମୃଦଙ୍ଗ ମରାମତି ନକଲେ ଘରେ ଚୁଲି ଜଳିବା ମୁସ୍କିଲ ହୋଇଯାଉଛି।

ସୋନପୁର ବ୍ଲକ ଖଲିଆପାଲି ଗ୍ରାମର ପ୍ରାଣବନ୍ଧୁ ସୁନା(୪୫) ହେଉଛନ୍ତି ଜଣେ ସୁନାମଧନ୍ୟ ବାଦ୍ୟ କାରିଗର। ସେ ତବଲା, ମୃଦଙ୍ଗ, ମାଦଳ, ନାଲ, ତବଲା ଓ ଢୋଲ ଭଳି ପାରମ୍ପରିକ ବାଦ୍ୟ ନିର୍ମାଣ କରନ୍ତି। ମାଟି ହାଣ୍ଡି ଓ ଚମଡାକୁ ନେଇ ସେ ସୁନ୍ଦର ବାଦ୍ୟ ପ୍ରସ୍ତୁତ କରିପାରନ୍ତି। ୧୭ ବର୍ଷ ଧରି ସେ ଏହି କାମ କରି ଆସୁଛନ୍ତି। ପରିବାର ଲୋକେ ତାଙ୍କୁ ଏଥିରେ ସହାୟତା କରୁଛନ୍ତି। ବାଦ୍ୟ ତିଆରି ପାଇଁ ଫୁଲବାଣୀ, ଫିରିଙ୍ଗିଆ, ସମ୍ବଲପୁର, କଳାହାଣ୍ଡି, ଦେବଗଡ, କୁଚିଣ୍ଡା ଓ ସୁନ୍ଦରଗଡ ଜିଲାରୁ ଲୋକେ ତାଙ୍କ ପାଖକୁ ଆସନ୍ତି। ମାଦଳ ଗୋଟିକୁ ସର୍ବାଧିକ ୭ ହଜାର ୫୦୦ଟଙ୍କାରେ ବିକ୍ରି କରୁଥିବା ବେଳେ ମୃଦଙ୍ଗ ଗୋଟିକୁ ୫ ହଜାର ୫୦୦ଟଙ୍କା, ତବଲା ୪ହଜାର ୫୦୦ଟଙ୍କା ଓ ନାଲ ୩ହଜାର ଟଙ୍କାରେ ବିକ୍ରି କରନ୍ତି। ସମସ୍ତ ଖର୍ଚ୍ଚ ଯିବା ପରେ ମଜୁରି ବାବଦରେ ୧ ହଜାରରୁ ଦେଢହଜାର ଟଙ୍କା ପାଉଥିବା ପ୍ରାଣବନ୍ଧୁ କୁହନ୍ତି। ତେବେ ତାଙ୍କୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନ ଥିବା ସେ କହିଛନ୍ତି। ସେହିପରି ମହଦା ଗ୍ରାମର କ୍ଷେତ୍ର ବରର୍ଗା ଜଣେ ସୁନାମଧନ୍ୟ ମୃଦଙ୍ଗ ଓ ମାଦଳ କାରିଗର। କେଉଁ ସଂକୀର୍ତ୍ତନ ଦଳର ମୃଦଙ୍ଗରେ ଓ କରମସାନୀ ନୃତ୍ୟ ଦଳର ମାଦଳରେ ସମସ୍ୟା ହେଲେ କ୍ଷେତ୍ରଙ୍କୁ ଖୋଜାପଡେ। ଠିକ୍ ସମୟରେ ପହଞ୍ଚି ନିଜ ଦାୟିତ୍ୱ ନିର୍ବାହ କରିବାରେ ସେ କେବେ ଅବହେଳା କରନ୍ତି ନାହିଁ। ତେବେ ଆର୍ଥିକ ଦୃଷ୍ଟିରୁ ସେ ସ୍ୱଚ୍ଛଳ ନୁହନ୍ତି। ଆମେ ଏହି କାମ ଛାଡି ଦେଲେ ମୃଦଙ୍ଗ ଓ ମାଦଳ ତିଆରି ତଥା ସଜାଡିବା ପାଇଁ ଲୋକେ ବହୁ ସମସ୍ୟା ଭୋଗିବେ ବୋଲି କ୍ଷେତ୍ର କୁହନ୍ତି। ତେବେ ସଂକୀର୍ତ୍ତନ, ଦଣ୍ଡ ଓ ସମ୍ବଲପୁରୀ ଲୋକନୃତ୍ୟ ଆଦିରେ ଆଧୁନିକ ବାଦ୍ୟର ଅତ୍ୟଧିକ ପ୍ରୟୋଗ ଦ୍ୱାରା ଏହି ପାରମ୍ପରିକ ବାଦ୍ୟ ଗୌଣ ହୋଇଯାଉଛି ବୋଲି ସେ କ୍ଷୋଭର ସହ କହିଛନ୍ତି। ସୋନପୁର ବ୍ଲକର ଖାରୀ, ମଲ୍ଲିକମୁଣ୍ଡା, ତରଭା ବ୍ଲକର ଦେଉଳପଦର ଓ ବିନିକା ବ୍ଲକର ସିଲାଟିରେ କିଛି ପରିବାର ପାରମ୍ପରିକ ବାଦ୍ୟ ତିଆରି କରୁଛନ୍ତି। ଏହି କାରିଗରମାନଙ୍କୁ ଚିହ୍ନଟ କରି ପ୍ରୋତ୍ସାହନ ଯୋଗାଇ ଦେବାକୁ ସଂସ୍କୃତି ଗବେଷକ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗଦାଧର ବାରିକ ଅନୁରୋଧ କରିଛନ୍ତି।


ଖଲିଆପାଲିର କାରିଗରମାନେ ମୃଦଙ୍ଗ ଓ ଢୋଲ ତିଆରି କରୁଛନ୍ତି।

**ତିଆରି ହେଉଛି ତବଲା, ମୃଦଙ୍ଗ, ମାଦଳ, ଢୋଲ ଓ ନାଲ୍**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବଳରାମ


@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିତ୍ୟକ୍ତ କୂଅରେ ଖସିପଡ଼ି ବାଳକଙ୍କ ମୃତ୍ୟୁ

ଭବାନୀପାଟଣା,୨୭।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଜେନାଖାଲ ପଡ଼ାର ଏକ ପରିତ୍ୟକ୍ତ କୂଅରେ ଖସିପଡି ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରିନ୍ସ ନାଏକ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ପ୍ରିନ୍ସ ଓ ସ୍ଥାନୀୟ ଜଣେ ଶିଶୁ ଖେଳୁଥିବା ସମୟରେ ଦୁହେଁ କୂଅରେ ପଡ଼ିଯାଇଥିଲେ। ଅନ୍ୟ ଶିଶୁ କୌଣସିମତେ ବାହାରି ଆସିଥିବାବେଳେ ପ୍ରିନ୍ସ ବାହାରିପାରି ନ ଥିଲେ। ବାହାରି ଆସିଥିବା ଶିଶୁ ଖବର ଦେବା ପରେ ପ୍ରିନ୍ସଙ୍କ ପରିବାର ସେଠାରେ ପହଞ୍ଚିଥିଲେ। ସୂଚନା ପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପ୍ରିନ୍ସଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାସ୍ତା ସମସ୍ୟା: ଧାନତଳି ରୋଇ ପ୍ରତିବାଦ


ଗ୍ରାମବାସୀ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରୁଛନ୍ତି।

କୋକସରା,୨୭।୭(ଦୁଷ୍ମନ୍ତ କୁମାର ପାଟଯୋଷୀ)

ଉପାନ୍ତ ଅଞ୍ଚଳରେ ଏମିତି ଅନେକ ଗ୍ରାମ ରହିଛି ଯେଉଁଠିକୁ ଭଲ ରାସ୍ତା ନାହିଁ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ସାନ ପୋଡାଗୁଡା ପଞ୍ଚାୟତର ମଙ୍ଗଳପୁର ଗାଁରେ। ଗାଁକୁ ପକ୍କା ରାସ୍ତା ନ ଥିବାରୁ ବର୍ଷର ବାରମାସ ମାଟି ରାସ୍ତାରେ ଗ୍ରାମବାସୀ ଯାତାୟାତ କରୁଛନ୍ତି। ବର୍ଷାଦିନ ଆସିଲେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଏ। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ପରେ ମଧ୍ୟ ରାସ୍ତା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ଶନିବାର ଗ୍ରାମର ଶତାଧିକ ମହିଳାପୁରୁଷ କାଦୁଅ ପଚ ପଚ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରିଥିଲେ। ଏଥିରେ ଗ୍ରାମର ମଙ୍ଗରାଜ ନାଗ, ଗୌରଚନ୍ଦ୍ର ନାଗ, କେଶବଲାଲ ବିହାରୀ, ବେଣୁଧର ବିହାରୀ, ହରିଶଙ୍କର ନାଗ, ନରେନ୍ଦ୍ର ନିଆଁଲ, ମୋହିନୀ ନାଗ, ଗୌରୀ ବିହାରୀ, ନୁପୁର ବାଗ, କାମିନୀ ବାଗ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ରାସ୍ତା ପାଇଁ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଚାରାରୋପଣ ମାଧ୍ୟମରେ ପ୍ରତିଷ୍ଠା ଦିବସ

କୁଚିଣ୍ଡା,୨୭।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ(ସିଡି)ର ୩୫ତମ ପ୍ରତିଷ୍ଠା ଦିବସ ଜଳଡିହିଠାରେ ଚାରାରୋପଣ ମାଧ୍ୟମରେ ପାଳିତ ହୋଇଯାଇଛି। ସିଡି ଟିମ ଲିଡର ଡୋଳାମଣି ଷଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ (ଓଟିଇଏଲପି ପ୍ଲସ ) ଆଇଟିଡିଏ କୁଚିଣ୍ଡାର ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ସେବାରେ ସିଡି ଅନୁଷ୍ଠାନର ଭୂମିକା, କାର୍ଯ୍ୟଦକ୍ଷତା, ଭାଗିଦାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ସଙ୍ଘ କୁକମ, ରେଙ୍ଗାଲି, ଜଳଡିହି, ବଡମୁଣ୍ଡା ଲୋଇ, ସାଲେଖମନର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଅତିଥିଙ୍କ ଦ୍ୱାରା ଜଳଡିହିଠାରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ଜ୍ୟୋସ୍ନାରାଣୀ କିଷାନ ଓ ଆକଉଣ୍ଟାଣ୍ଟ ଧରଣୀଧର କିଷାନ ପରିଚାଳନା କରିଥିଲେ।

# ମରିସସ୍ ଚିତ୍ର ପ୍ରଦର୍ଶନୀରେ ମନୋଜଙ୍କ ସମ୍ବଲପୁରୀ ଚିତ୍ର

ସମ୍ବଲପୁର,୨୭।୭(ଭବାନୀ ଶଙ୍କର ଭୋଇ)

ମରିସସ୍‌ର ବେଲେମାରେ ରଆର୍ଟ ଇନ୍ସପାୟାର ଇଣ୍ଟରନ୍ୟାଶନାଲ କଳାକେନ୍ଦ୍ରରେ ଚାଲିଥିବା ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସମ୍ବଲପୁରର ଚିତ୍ରଶିଳ୍ପୀ ମନୋଜ ଚୌଧୁରୀ ମା’ ସମଲେଇଙ୍କ ଚିତ୍ର କରି ପ୍ରଶଂସିତ ହୋଇଛନ୍ତି। ମନୋଜ ସବୁ ବେଳେ ନିଜ କଳାରେ ସମ୍ବଲପୁରୀ ସଂସ୍କୃତି ପ୍ରଦର୍ଶିତ କରିବାକୁ ଚେଷ୍ଟା କରିଥାନ୍ତି। ସେଥିପାଇଁ ମରିସସର ଆର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସୁଯୋଗ ପାଇବା ପରେ ସମ୍ବଲପୁରୀ ଡିଜାଇନକୁ ପ୍ରଦର୍ଶନ କରିବାକୁ ପଛାଇ ନାହାନ୍ତି । ଚିତ୍ରଶିଳ୍ପୀ ମନୋଜଙ୍କ ଘର ସମ୍ବଲପୁର ଲକ୍ଷ୍ମୀନାରାୟଣ ଗଲିରେ। ସେ ଅତୀତରେ ସମ୍ବଲପୁରର ବିଭିନ୍ନ ବରପୁତ୍ରମାନଙ୍କ ଚିତ୍ରଆଙ୍କି ଲୋକପ୍ରିୟ ହୋଇଥିଲେ। ମନୋଜ କୁହନ୍ତି, ସମ୍ବଲପୁରୀ ସଂସ୍କୃତି ବିଗତ କିଛିବର୍ଷ ହେଲା ଦେଶର ସୀମା ଡେଇଁ ବିଦେଶରେ ବେଶ ଲୋକପ୍ରିୟ ହୋଇପାରିଛି। ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାରତରୁ ୯ ଜଣ ଚିତ୍ରଶିଳ୍ପୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ମନୋଜ ଚୌଧୁରୀ ଓଡ଼ିଶାରୁ ଜଣେ ମାତ୍ର ଚିତ୍ରଶିଳ୍ପୀ। ନିଜ ଲାଇଭ ଚିତ୍ରକଳାରେ ସମଲେଇଙ୍କ ଚିତ୍ର ମରିସସ୍‌ର ଲିମୋରୀ ପାହାଡରେ ଆଙ୍କିବା ନେଇ ଅନେକ କଳାକାର ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ତେବେ ମନୋଜ କହଛନ୍ତି ମା’ ସମଲେଇ ଜଗତ ଜନନୀ। ସେଥିପାଇଁ ତାଙ୍କୁ ସେ ଲିମୋରୀ ପାହାଡରେ ଆବିର୍ଭୂତ କରିଛନ୍ତି। ଏହାସହ ତାଙ୍କ ଦ୍ୱାରା ଅଙ୍କାଯାଇଥିବା ଜଗନ୍ନାଥଙ୍କ ପଟ୍ଟଚିତ୍ର ମଧ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସମାରୋହରେ ଭାଗନେବା ପାଇଁ ପୂର୍ବରୁ ସେ ନୂଆଁଖାଇ ଉପରେ ପଠାଇଥିବା ପେଣ୍ଟିଂ ବିଚାରକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ମରିସସ୍‌ରେ ସମ୍ବଲପୁରୀ ସଂସ୍କୃତି ଉପରେ ଅନ୍ୟ ଚିତ୍ରଶିଳ୍ପୀମାନେ ବେଶ ଆଗ୍ରହର ସହ ଜାଣିବାକୁ ଚାହୁଁଥିବା ମନୋଜ ପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।


ମରିସସ୍ ଚିତ୍ର ପ୍ରଦର୍ଶନୀରେ ମା’ ସମଲେଇଙ୍କ ଚିତ୍ର ଆଙ୍କୁଛନ୍ତି ଚିତ୍ରଶିଳ୍ପୀ ମନୋଜ।

# ସର୍ବୋଚ୍ଚସ୍ତରରେ ପ୍ରତିନିଧିତ୍ୱ ମିଳିଲେ ସମାନତା ଆସିବ

**ସୈରିନ୍ଧ୍ରୀ ନାୟକ ଶ୍ରାଦ୍ଧବାର୍ଷିକୀ ସ୍ମାରକୀ ବକ୍ତୃତା**

ସମ୍ବଲପୁର,୨୭।୭(ବି.ଶଙ୍କର)

ଲୋକ ସଭା ଓ ରାଜ୍ୟ ସଭାରେ ଆଇନ ପ୍ରଣୟନ ସଭାରେ ମହିଳା ସଦସ୍ୟାଙ୍କ ଯଥାର୍ଥ ଭାଗିଦାରୀ ଦ୍ୱାରା ଲିଙ୍ଗଗତ ପ୍ରଭେଦକୁ ଦୂର କରିବାରେ ସଫଳତା ହାସଲ କରିହେବ । ଶନିବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ପୂର୍ବତନ ବିଧାୟିକା ସୈରିନ୍ଧ୍ରୀ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ହୋତା କହିଛନ୍ତି। ସେ କହିଛନ୍ତି,ସଂପ୍ରତି ମହାକାଶ ଯାତ୍ରାଠାରୁ ଆରମ୍ଭ କରି ଯାବତୀୟ କାର୍ଯ୍ୟରେ ମହିଳାମାନେ ଆଗଭର ଅଛନ୍ତି। ରାଜନୀତି କ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳରେ ମହିଳା ସଦସ୍ୟାଙ୍କ ସଂଖ୍ୟା ଦୃଷ୍ଟିରୁ ହେଉ କିମ୍ବା ତ୍ରିସ୍ତରୀୟ ପଞ୍ଚାୟତରେ ମହିଳାମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। କିନ୍ତୁ ଲୋକ ସଭା ଓ ବିଧାନ ସଭା ନିର୍ବାଚନରେ ଟିକଟ ଦେବା ବେଳେ ପୁରୁଷମାନେ ମହିଳାଙ୍କୁ ସ୍ଥାନ ଛାଡ଼ିବାକୁ ଚାହୁଁନାହାନ୍ତି। ଯଦି ଲୋକ ସଭା ଓ ରାଜ୍ୟ ସଭା ଭଳି ସର୍ବୋଚ୍ଚ ସ୍ତରରେ ଯଥାର୍ଥ ପ୍ରତିନିଧିତ୍ୱ ସୁଯୋଗ ମିଳିବ ନାହିଁ ତେବେ ସମାନତା ଆସିବ ନାହିଁ। ବହୁ ବାକ୍ ବିତଣ୍ଡା ପରେ ସ୍ଥାନ ଆରକ୍ଷଣ କରାଯାଇଛି। ଏହା ଲାଗୁ ହେଲାପରେ ସ୍ଥିତିରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମ ଭୋଇ ଚେୟାରର ପ୍ରଫେସର ପ୍ରଦୀପ ପଣ୍ଡା କହିଲେ ଯେ, ସ୍ୱର୍ଗୀୟା ସୈରିନ୍ଧ୍ରୀ ନାୟକ ପାଠ ପଢି ସାମାଜିକ ଜୀବନକୁ ଆସି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିଲେ। ସେ ମହିଳାମାନଙ୍କୁ ଘରୁ କାଢି ସମାଜରେ ସକ୍ରିୟ କରିବାରେ ଭୂମିକା ଗ୍ରହଣ କରିଥିଲେ। ରାଜନୀତିର ସର୍ବୋଚ୍ଚ ସ୍ତରରେ ମହିଳାଙ୍କ ଯଥାର୍ଥ ଭାଗିଦାରୀ ପାଇଁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ଫଳବତୀ ହେବାକୁ ଯାଉଛି। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ସଭାପତି ଡ.ନିରୁପମା ବଡ଼ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ରବିନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରାଦ୍ଧ ବାର୍ଷିକୀ ସ୍ମାରକୀ ବକ୍ତୃତାରେ ଅତିଥି ଓ ବକ୍ତା।

# ଗଛ ପଡ଼ି ଜାତୀୟ ରାଜପଥ ଅବରୋଧ

**୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ**

ନୂଆପଡ଼ା/କୋମନା,୨୭।୭ (ମକାରୁ ବେମାଲ/ସୋବିନ ଛତ୍ରିଆ)

ଗଞ୍ଜାମ ଜିଲା ଗୋପାଳପୁରଠାରୁ ଛତିଶଗଡ଼ ରାଜ୍ୟ ରାୟପୁରକୁ ସଂଯୋଗ କରୁଥିବା ୩୫୩ ନମ୍ବର ଜାତୀୟ ରାଜପଥର ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ଝାଳକୁସୁମ ଛକରେ ଏକ ବିରାଟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟି ସଫା କରିବାର ୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ କରିଥିଲେ।

ଗ୍ରାମବାସୀଙ୍କ କହିବା ମୁତାବକ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ଅତ୍ୟଧିକ ବର୍ଷା ସାଙ୍ଗକୁ ପବନ ହୋଇଥିଲା । ସେହି ସମୟରେ ରାଜପଥ କଡ଼ରେ ଥିବା ବହୁ ପୁରାତନ ବିଜା ଗଛ ଉପୁଡି ରାସ୍ତା ଉପରେ ପଡିଥିଲା । କୌଣସି ଗାଡିମୋଟର ଯାଉ ନ ଥିବାରୁ କାହାରି କିଛି କ୍ଷତି ହୋଇ ନ ଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଅତ୍ୟଧିକ ବର୍ଷା ଓ ଅନ୍ଧାର ରାତି ଯୋଗୁ ଗଛ କାଟିବା କାମ ମନ୍ଥର ଗତିରେ ଚାଲିଥିଲା। ଶନିବାର ସକାଳେ ବର୍ଷା ଚାଲିଥିଲେ ମଧ୍ୟ ସେମାନେ ଗଛ କାଟି ରାସ୍ତା ସଫା କରିଥିଲେ। ପରେ ପୂର୍ବାହ୍ନ ୧୦ଟା ସମୟରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା ବୋଲି କୋମନା ଅଗ୍ନିଶମ ବିଭାଗ ମୁଖ୍ୟ ଆଗ୍ନିକ ଚୂଡାମଣି ସାହୁ ପ୍ରକାଶ କରିଛନ୍ତି। ଅଗ୍ନିଶମ ବିଭାଗର ରବୀନ୍ଦ୍ର ବାଗ, ନକୁଳ ଥାନାପତି, ବିଶ୍ୱମ୍ବର ପ୍ରଧାନୀ, ନରେଶ ବାରାଣ୍ଡିଆ, ଡାକ୍ତର ନାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟି ବାହାର କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ସୁପର ବିଳାସପୂର୍ଣ୍ଣ ଘର ଚାହିଦା ବୃଦ୍ଧି



**ନୂଆଦିଲ୍ଲୀ,୨୭।୭**

କ୍ରମାଗତ ଭାବେ ଭାରତରେ ବିଳାସପୂର୍ଣ୍ଣ ରିଅଲ ଇଷ୍ଟେଟର ସଂଖ୍ୟା ବଢୁଥିବାବେଳେ ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକର ଚାହିଦା ମଧ୍ୟ ଅସାଧାରଣ ବୃଦ୍ଧି ଘଟିଛି। ଏପରିକି ଧନିକ ଶ୍ରେଣୀର କ୍ରେତାମାନେ ସଫଳତା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଥିବା ସମ୍ପତ୍ତି ପ୍ରତି ଆକର୍ଷିତ ହେଉଛନ୍ତି। ବିଶେଷକରି ଆମେ ଯଦି କୋଲକାତା ବଜାର ସମ୍ପର୍କରେ କଥା ହେବା ତେବେ ଜାଣିବାକୁ ପାଇବା ଯେ ଫୋରମ ଆଟ୍‌ମୋସ୍ପିୟର ଓ ଚୌରଙ୍ଗୀ ରୋଡ୍‌ଠାରେ ଥିବା ୪୨ ନଂ. ଭଳି ପ୍ରକଳ୍ପ ଗତ ଦଶନ୍ଧିରେ ସୁପର ବିଳାସପୂର୍ଣ୍ଣ ଜୀବନଯାପନ ଲାଗି ସହରର ପ୍ରମୁଖ ହବ୍‌ରେ ପରିଣତ ହୋଇଛି। ଏପରିକି ଏହି ବିକାଶ ଗୁଡ଼ିକ ବିଶ୍ୱର ପ୍ରଥମ ଆବାସିକ ଭାସମାନ ଓ ସହରର ଉଚ୍ଚତମ ଆବାସିକ ଟାୱାର ପରି ଉଲ୍ଲେଖନୀୟ ବୈଶିଷ୍ଟ୍ୟ ସହ ଜୀବନଶୈଳୀକୁ ମଧ୍ୟ ନୂଆ ରୂପ ଦେଉଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ କୋଲକାତାଠାରେ ୧.୫କୋଟିରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟର ବିକ୍ରି ଦ୍ୱିଗୁଣିତ ହୋଇଛି। ସେହିଭଳି ୨୦୧୯ ଜାନୁଆରୁ ମାର୍ଚ୍ଚ ମଧ୍ୟରେ ୧୫୦ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ବିକ୍ରିକରି କୋଲକାତାଠାରେ ପ୍ରିମିୟମ ଡେଭଲପରମାନେ ଚଳିତ ବର୍ଷରେ ୩୮୦ ୟୁନିଟ୍‌ରୁ ୧୫୩% ଅଭିବୃଦ୍ଧି ହାସଲ କରିଛନ୍ତି। ଗଲ୍ଫ କୋର୍ସ ରୋଡ୍‌ଠାରେ ଥିବା ଗୁରୁଗ୍ରାମର କ୍ୟାମେଲିଆରେ ୧୧୦୦୦ ବର୍ଗଫୁଟ ବିଶିଷ୍ଟ ଏକ ଅତ୍ୟାଧୁନିକ ବିଳାସପୂର୍ଣ୍ଣ ଫ୍ଲାଟ୍ ୧୧୪ କୋଟିରେ ବିକ୍ରିହୋଇ ଗତ କିଛି କ୍ୱାର୍ଟରରେ ଏହିପରି କାରବାର ମଧ୍ୟରୁ ଗୋଟିଏକୁ ଦର୍ଶାଇଥିଲା। ୧ମାସ ଭିତରେ ଭାରତର ସର୍ବବୃହତ୍ ତାଲିକାଭୁକ୍ତ ରିଏଲ ଇଷ୍ଟେଟ ଡେଭଲପର ଡିଏଲ୍‌ଏଫ୍ ଦ୍ରୁତ ବିକଶିତ ହୋଇଛି ଓ ଏହା କ୍ୟାମେଲିଆରେ ୯୫ କୋଟିର ଏକ ବାସସ୍ଥାନ ଆଣିଥିଲା ଯାହା ଉବେର ଲକ୍ସୁରି ହୋମ୍ ଭାବେ ପରିଚିତ।

ବିଳାସପୂର୍ଣ୍ଣ ଓ ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକର ଏହି ଚାହିଦାକୁ ଦୃଷ୍ଟିଦେଇ ଡିଏଲ୍‌ଏଫ୍ ଗୋଆ ଓ ଗୁରୁଗ୍ରାମଠାରେ ସୁପର ବିଳାସପୂର୍ଣ୍ଣ ପ୍ରକଳ୍ପ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଗୋଆରେ ଏହା ୫୦ କୋଟି ଓ ଅଧିକ ମୂଲ୍ୟରେ ପ୍ରକଳ୍ପ ଲଞ୍ଚ କରିବ।

କିନ୍ତୁ ଏହି ବୃଦ୍ଧି ଗୁରୁଗ୍ରାମଠାରୁ ବିସ୍ତାର ହୋଇଛି, ଯେପରି ମୁମ୍ବାଇରେ ଦେଖାଯାଇଛି ଯେ ଅଗ୍ରଣୀ ଫ୍ୟାଶନ ଡିଜାଇନର ଭ୍ରାଟିକା ଗୁପ୍ତା ୧୧୬.୪୨କୋଟି ଟଙ୍କା ମୂଲ୍ୟରେ ଥ୍ରୀ ସିକ୍ସଟି ୱେଷ୍ଟ ଟାୱାରରେ ସମୁଦ୍ର ଦୃଶ୍ୟ ବିଳାସପୂର୍ଣ୍ଣ ଘର ହାସଲ କରିବା ସହ ହେଡ୍‌ଲାଇନ ପ୍ରସ୍ତୁତ କରିଥିଲେ।

ଏହି ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକ ଗୁରୁଗ୍ରାମର ଡିଏଲ୍‌ଏଫ୍ ଗଲ୍ଫ ଲିଙ୍କ୍ ମଧ୍ୟରେ ଅବସ୍ଥିତ ରହିଛି। କ୍ୟାମେଲିଆସ୍ ପ୍ରାୟ ୧୦ରୁ୧୫ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ୪୨୯ ଅଭିଜାତ ପରିବାରର ଘର । ବିଳାସପୂର୍ଣ୍ଣ ସ୍ଥାନରେ ଏହି ପ୍ରକଳ୍ପକୁ ଏକ ହେଡ୍ ଟର୍ନର ଭାବେ ପରିଣତ କରିଛି। ଏହାର ୧୬୦,୦୦୦ ବର୍ଗଫୁଟର ବୃହତ୍ କ୍ଲବ୍ ହାଉସ, ଯାହା ଏହାକୁ ବିଶ୍ୱର ବୃହତମ ଘରୋଇ ଆବାସିକ କ୍ଲବ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି।

# ୟୁବିଆଇର ମେଗା ଏମ୍ଏସ୍ଏମ୍ଇ ଅଭିଯାନ




**ଭୁବନେଶ୍ୱର,୨୭।୭**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ରାୟଗଡ଼ା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଛି। ଏପରିକି ଜିଲାର ଉଦ୍ୟୋଗୀଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ସହ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏମ୍ଏସ୍ଏମ୍ଇ)ଙ୍କ ପାଇଁ ରାୟଗଡ଼ାର ଲୋଟସ ପାରାଡାଇଜ୍‌ଠାରେ ମେଗା ଏମ୍ଏସ୍ଏମ୍ଇ ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୟୁବିଆଇ କେନ୍ଦ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଜିତେନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ରାୟଗଡ଼ା କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ କୁନ୍ଦନ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଉଦ୍ୟୋଗୀ ଓ ବ୍ୟବସାୟୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶର୍ମା ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ଋଣ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସେମାନଙ୍କୁ ବ୍ୟାଙ୍କରେ ସାମିଲ ରହି ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ପାଇବା ପାଇଁ ଆହ୍ୱାନ ଦେଇଥିଲେ। ସେହିଭଳି ୟୁବିଆଇ ଏମ୍ଏସ୍ଏମ୍ଇ ଲୋନ୍ ପଏଣ୍ଟ ମୁଖ୍ୟ ଅନିଲ ବେହେରା ଗ୍ରାହକମାନଙ୍କୁ ସେମାନଙ୍କର ଆବେଦନପତ୍ରକୁ ତୁରନ୍ତ ମଞ୍ଜୁରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ୟୁବିଆଇ ରାୟଗଡ଼ା କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ କ୍ଷେତ୍ରୀୟ ମୁଖ୍ୟ ପ୍ରଭାତ ସିହ୍ନା ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ବଜାରରେ ବିଏମ୍‌ଡବ୍ଲ୍ୟୁର ନୂଆ ମିନି କାର




**ନୂଆଦିଲ୍ଲୀ,୨୭।୭**

ଦେଶର ପ୍ରମୁଖ ପ୍ରିମିୟମ ଅଟୋମୋବାଇଲ ବ୍ରାଣ୍ଡ ତଥା ବିଏମଡବ୍ଲୁ ଇଣ୍ଡିଆର ନୂଆ ମିନି କୁପର ଏସ ଓ ନୂଆ ଅଲ୍-ଇଲେକ୍ଟ୍ରିକ ମିନି କଣ୍ଟ୍ରିମ୍ୟାନ୍‌ର ଶୁଭାରମ୍ଭ ହୋଇଯାଇଛି। ଏପରିକି ବ୍ରାଣ୍ଡର ଅଲ୍-ନ୍ୟୁ ବିଏମଡବ୍ଲୁ୫ ସିରିଜ ଲଙ୍ଗ୍ ହ୍ୱିଲ୍‌ବେସ୍‌ର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଭାରତରେ ଏହି କାର୍‌କୁ ବିଏମଡବ୍ଲୁ ଡିଲରସିପ୍‌ଗୁଡିକରେ ବୁକ୍ କରାଯାଇପାରିବ। ସେହିଭଳି ଏହି କାର୍‌ଗୁଡିକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ହେବ ଏବଂ ଏହାକୁ ଦେଶବ୍ୟାପୀ ସମସ୍ତ ମିନି ଅଥୋରାଇଜ୍‌ଡ ଡିଲରରେ ବୁକ୍ କରାଯାଇପାରିବ। ଉଭୟ ବିଏମଡବ୍ଲୁ୫ ସିରିଜ ଲଙ୍ଗ୍ ହ୍ୱିଲ୍‌ବେସ୍ ଏବଂ ମିନି କାରର ଡେଲିଭରି ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବ। ଏ ସମ୍ପର୍କରେ ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆର ପ୍ରେସିଡେଣ୍ଟ ତଥା ସିଇଓ ବିକ୍ରମ ପାୱା କହିଛନ୍ତି, ଏକ ଶୁଦ୍ଧ ଡିଜାଇନ, ଏକ ନିମଜ୍ଜିତ ଉପଭୋକ୍ତା ଅନୁଭୂତି, ଏକ ଦାୟିତ୍ୱପୂର୍ଣ୍ଣ ଆଭିମୁଖ୍ୟ ଓ ସୁନ୍ଦର ସରଳତା ସହିତ ନୂଆ ମିନି ପରିବାର ଡ୍ରାଇଭିଂ ଆନନ୍ଦକୁ ଏକ ନୂତନ ଯୁଗକୁ ନେଇଛି।

# ଜେଏସ୍‌ପିକୁ ଆସୋଚାମ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ




**ଭୁବନେଶ୍ୱର,୨୭।୭**

କ୍ରୀଡ଼ାର ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି)କୁ ସମ୍ମାନଜନକ ଆସୋଚାମ୍ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ୍ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଆସୋଚାମ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଉପମହାନିର୍ଦ୍ଦେଶକ (ସି) ଏ.ଟି.ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଜେଏସପିର ସିଏସ୍‌ଆର୍ ଟିମ୍‌କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଭାରତୀୟ କ୍ରୀଡ଼ା କ୍ଷେତ୍ରର ଭବିଷ୍ୟତକୁ ବିଶ୍ୱସ୍ତରୀୟରେ ସୁଦୃଢ କରିବା ନିମନ୍ତେ ଆମେ ନିରନ୍ତର ପ୍ରୟାସ କରୁଛୁ। ଏହି ପୁରସ୍କାର ଗ୍ରାମାଞ୍ଚଳର ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ ଫିଟନେସ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପିର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯାହାଦ୍ୱାରା ସମାଜର ଉନ୍ନତି ତଥା ସାମଗ୍ରିକ ଅଭିବୃଦ୍ଧି ଉପରେ ସକରାତ୍ମକ ପ୍ରଭାବ ପଡିଥାଏ। ଏହି ପୁରସ୍କାର ପାଇଁ ସେ ଆସୋଚାମକୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ଛୋଟ ବେଳୁ ପିଲା ଓ କିଶୋରମାନଙ୍କୁ କ୍ରୀଡ଼ାରେ ନିୟୋଜିତ କରି ଆମେ ସେମାନଙ୍କ କ୍ରୀଡ଼ା ଦକ୍ଷତାକୁ ଉତ୍କର୍ଷ କରିବା ନିମନ୍ତେ ଆମେ ପ୍ରୟାସରତ ବୋଲି ଜେଏସପିର ସଭାପତି ତଥା ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି। ସେହିପରି ଜେଏସପିର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ଜରିଆରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଂଚଳ ଗୁଡିକରେ ହକି, ଉସୁ, କବାଡି, ଫୁଟବଲ, ତୀରନ୍ଦାଜୀ ସମେତ ବିଭିନ୍ନ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଛି କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ, କ୍ରୀଡ଼ା ପ୍ରଶିକ୍ଷଣ ଓ ଶିକ୍ଷା ନିମନ୍ତେ ସହାୟତା ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକୁ ସହାୟତା କରି କମ୍ପାନି ଗ୍ରାମୀଣ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁଛି ।

# ରୋଜଗାର ମେଳା ଯୁବବର୍ଗଙ୍କ ସ୍ୱପ୍ନକୁ ସାକାର କରିଛି: ରଘୁବର




**ଭୁବନେଶ୍ୱର,୨୭।୭**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ନିଯୁକ୍ତି ମେଳା ୨୦୨୪ ଗ୍ରାଣ୍ଡ ଲୁ ମିନି କନଭେନ୍‌ସନ୍‌ରେ ବହୁତ ଉତ୍ସାହ ଓ ଉଦ୍ଦୀପନାରେ ଆରମ୍ଭ ହୋଇଛି। ଆଇସିସି ଦକ୍ଷତା ଓ ଶିକ୍ଷା କମିଟି ଆବାହିକା ସିକତା ଦାସଙ୍କ ତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ମହାମହିମ ରାଜ୍ୟପାଳ ରଘୁବର ଦାସ ଉଦ୍ଘାଟନ କରି କହିଥିଲେ ଯେ ଏହି ରୋଜଗାର ମେଳା ଚାକିରୀ ଖୋଜୁଥିବା ଉତ୍‌ପ୍ରେରକ ଭାବେ ଯୁବକ ଯୁବତୀମାନଙ୍କୁ ସଶକ୍ତିକରଣ କରିଛି। ଏହା ରାଷ୍ଟ୍ରୀୟ ବିକାଶ ନିମନ୍ତେ ସାର୍ଥକ ଅବସର ପ୍ରଦାନ କରୁଛି। ରୋଜଗାର ମେଳା ଯୁବବର୍ଗଙ୍କ ସ୍ୱପ୍ନକୁ ସାକାର କରିବାର ଏକ ସଶକ୍ତ ମାଧ୍ୟମ ହୋଇଛି । ବର୍ତ୍ତମାନ ଭାରତ ସବୁଠୁ ତୀବ୍ର ବେଗରେ ବଢୁଥିବା ଅର୍ଥ ବ୍ୟବସ୍ଥାକୁ ନେଇ ଆଗକୁ ବଢ଼ିବା ସହ ସ୍କିଲଠାରୁ ନେଇ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ରୋଜଗାର ଦେବାର ସକ୍ଷମ ହୋଇ ପାରିଛି । ଓଡିଶାରେ ଦକ୍ଷତା ବିକାଶ ବୃଦ୍ଧି ପାଉଛି । ଯୁବକ ଯୁବତୀମାନେ କୁଶଳୀ ହୋଇପାରିଛନ୍ତି। ଓଡିଶାରେ ବଡ଼ ବଡ଼ ସାମୁଦ୍ରିକ ଅବବାହିକା ରହିଛି । ଏହାର ଆହୁରି ଉନ୍ନତିକରଣ କରାଯାଇପାରିବ। ରୋଜଗାର ମେଳା ସହ ହସ୍ତତନ୍ତ, ହସ୍ତଶିଳ୍ପ ଉପରେ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉ । ଏହା ଦ୍ୱାରା ଅନେକ ଚାକିରୀ ସୃଷ୍ଟି ହୋଇପାରିବ। ସେହିପରି ଓଡିଶାର ପାରାଦୀପରେ ବୃହତ ବନ୍ଦର ରହିଛି। ଏହାର ଉନ୍ନତି ପାଇଁ ମୁଁ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରିବି ଏହା ସହ ଆଇସିସିକୁ ଧନ୍ୟବାଦ ଜଣାଇବା ସହ ଚାକିରି ପାଇବାକୁ ଥିବା ଆଶାୟୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଇସିସି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେବି ପାଣିଙ୍କ ଅଧ୍ୟକ୍ଷତାରେ ଉପ ଅଧ୍ୟକ୍ଷ ରାଜୀବ ଏସ୍‌ସାହୁ, ଆଇସିସି ଦକ୍ଷତା ଶିକ୍ଷା କମିଟି ଉପଦେଷ୍ଟା ବଦ୍ରି ଏନ୍ ପଟ୍ଟନାୟକ, ଏସଏନଏମ୍ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଓ ଆଇସିସି ଆଳିକ ନିର୍ଦ୍ଦେଶକ ଜେପି ପାଲ ଉପସ୍ଥିତ ଥିଲେ। ଉଦ୍ଘାଟନର ପ୍ରଥମ ଦିନରେ ଏକ ପ୍ରଶଂସନୀୟ ଭିଡ଼ ଲକ୍ଷ୍ୟ କରାଯାଇଥିଲା। ଯେଉଁଥିରେ ୧ହଜାରରୁ ଉର୍ଦ୍ଧ୍ୱ ଆବେଦନକାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିରେ ତିନିଟି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଅଧିବେଶନ ଥିଲା, ଯାହା ପ୍ରାର୍ଥୀମାନଙ୍କର ନିଯୁକ୍ତିଯୋଗ୍ୟତା ଦକ୍ଷତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲା। ପ୍ରଥମ ଅଧିବେଶନ 'ନିଯୁକ୍ତି ସାକ୍ଷାତକାରର ପରିଚୟ' ନିଯୁକ୍ତି ପାର୍ଥୀମାନଙ୍କୁ ନିଜର ବ୍ୟକ୍ତିତ୍ୱ ପ୍ରଦର୍ଶନ ଦିଗରେ ମୂଲ୍ୟବାନ ପରାମର୍ଶ ଏବଂ ପଦ୍ଧତି ଶିକ୍ଷା ଦେଇଥିଲା। ଦ୍ୱିତୀୟ ଅଧିବେଶନ ରେଜୁମେ ଏବଂ ଆବରଣ ପତ୍ରର ସୁଦୃଢ଼ୀକରଣ ଉପରେ କେନ୍ଦ୍ରିତ ଥିଲା,ଯାହା ପ୍ରାର୍ଥୀମାନଙ୍କୁ ଆକର୍ଷଣୀୟ ରେଜୁମେ ଏବଂ ଆବରଣ ପତ୍ର ତିଆରି କରିବା ଦିଗରେ କୌଶଳ ପ୍ରଦାନ କରିଥିଲେ। ଅନ୍ତିମ ଅଧିବେଶନ 'ଟେକ୍ନିକାଲ୍ ସାକ୍ଷାତ୍କାର ପ୍ରସ୍ତୁତି ଥିଲା ଯାହା ପ୍ରାର୍ଥୀମାନଙ୍କୁ ବୈଷୟିକ ସାକ୍ଷାତକାର ପାଇଁ କିପରି ପ୍ରସ୍ତୁତ ହେବା ଏବଂ ସଫଳ ହେବା ଦିଗରେ ଗୁରୁତ୍ୱ ପ୍ରଦାନ କରିଥିଲା।


# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer Bangalore, Father Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact Whatsapp-9438479926. D-783

**GROOM WANTED**

ବୟସ 29 Primary Schoolରେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-75344



REAL ESTATE

**SALE**

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75765

30ft. Road, Boundary, Gharabari plot sale, East College, Nakhara. 9776866520. D-75978

ରବିଟକିଜ୍ ଛକରୁ ମାତ୍ର ପାଞ୍ଚ କିଲୋମିଟର ଦୂର ରଙ୍ଗବଜାର ଛକରେ **3BHK Duplex** ବିକ୍ରୟ ହେବ । **BDA** ଓ **RERA** ଦ୍ୱାରା ପଞ୍ଜୀକରଣ ହୋଇଅଛି । **Bank Loan** ସୁବିଧା ଅଛି । ହସ୍ତାନ୍ତର ସମୟ ବର୍ଷେ । ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ । **9438220432, 8144658008.** D-826

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**1000sqft. Hall available in Samantarapur on High Way for rent. Contact No.- 7978097047.** D-856

**Commercial Office building Ground Floor Chandrasekharpur, Bhubaneswar 14 Rooms. 9437008388.** D-862

**3BHK flat available in Reeta Valley near Gudiapokhari. Contact No.- 9438143108.** D-855




Kerala body Massage best Therapist Bhubaneswar. 9337672475. D-849

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

Fully relaxed body massage trained therapist. Central SPA. 9556483961. D-75763

**AFFIDAVIT**

I, Ranjeet Kumar Singh, S/o- Parikshan Singh, resident of IB pit, P.O.- Lamtibahal, P.S.- Brajrajnagar, Dist.- Jharsuguda, Odisha, PIN- 768216 declare by the affidavit No.- 4800 dtd. 26.07.2024 that now onwards I shall be known as Ranjit Kumar Singh for all future purposes. D-860

I, Sangeeta Singh, W/o- Ranjit Kumar Singh, resident of IB pit, P.O.- Lamtibahal, P.S.- Brajrajnagar, Dist.- Jharsuguda, Odisha, PIN- 768216 declare by the affidavit No.- 4801 dtd. 26.07.2024 that now onwards I shall be known as Sangita Singh for all future purposes. D-861

By the virtue of an affidavit I Tilotama Pradhan, D/o- Sri Fakira Pradhan, resident of At- Masedikia, P.O.- Raikia, P.S.- Raikia, Dist.- Kandhmal, Odisha bearing Aadhaar Card No- xxxx xxxx 0053 declare that wrongly my name and DOB recorded in my Aadhaar Card as Nirupama Pradhan, DOB- 22.06.1993 instead of my actual name Tilotama Pradhan, DOB- 10.06.1983 I swear this affidavit as it is require to produce before the competent authority for correction of my Aadhaar Card and their record and reference. D-859

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ସ୍ୱାତୀ ସରକାର**

ଆର୍ବିଭାବ- ୦୨.୦୯.୧୯୬୯
ତିରୋଧାନ: ୧୩.୦୭.୨୦୨୪

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପତିତପାବନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ସୁଭାଶିଷ ସରକାର, ପୁତ୍ର- ସ୍ନେହାଶିଷ ସରକାର, ବୋହୂ- ରୂପାଳି ସରକାର, ଝିଅ- ଶ୍ୱେତରୂପା ସାହା, ଜ୍ୱାଇଁ- ଶିବାୟନ ସାହା ଓ ଆତ୍ମୀୟସ୍ୱଜନ

ଧ-୮୪୭

**ଏକାଦଶାହ ଉପଲକ୍ଷେ**



**✓ହରପ୍ରିୟା ପଟ୍ଟନାୟକ**

ସ୍ଥାନ: ଲିଙ୍ଗିପୁର, ଭୁବନେଶ୍ୱର
ଆର୍ବିର୍ଭାବ: ୦୬।୦୨।୧୯୪୦
ତିରୋଧାନ: ୧୮।୦୭।୨୦୨୪

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ: ନବକିଶୋର ପଟ୍ଟନାୟକ, ପୁଅ: ଟୁଟୁନ, ବୋହୂ: ଛବି ଏବଂ ନାତି, ନାତୁଣୀ , ବନ୍ଧୁ ଓ ପରିବାରବର୍ଗ ।

ଧ-୮୪୮

# ୟୁପି ବାୱରିୟା ଗ୍ୟାଙ୍ଗର ଆଉ ଜଣେ ଗିରଫ

ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍‌ପାଟ କରି ଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶ ବାୱରିୟା ଗ୍ୟାଙ୍ଗର ଆଉଜଣେ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଧରିଛି। ସେ ହେଲେ ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଅଞ୍ଚଳର ରାମ କୁମାର (୩୮)। ତାଙ୍କଠାରୁ ଦୁଇଟି ଚୋରି ସୁନାଚେନ୍ ଓ ବାଇକ୍ ଜବତ ହୋଇଛି। ଏକ ଚେନ୍ ଲୁଟ ମାମଲାରେ ଖାରବେଳନଗର ଥାନା ପୋଲିସ ଗ୍ୟାଙ୍ଗ୍ ଲିଡର ରାମ୍‌ଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରାମ୍‌ଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଚେନ୍ ଲୁଟ୍ ମାମଲା ରହିଛି। ୨୦୨୩ ମେ’ରେ ବାୱରିୟା ଗ୍ୟାଙ୍ଗର ୪ଜଣଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପ୍ରୟାସ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

୨୦୨୪ ଏପ୍ରିଲ ୮ରେ ଅଭିଯୋଗକାରୀ ଚକ୍ରଧର ବେହେରାଙ୍କ ସ୍ତ୍ରୀ ନଳିନୀ ପ୍ରଭା ଗେଚ୍ଛାୟତ ଖାରବେଳନଗର ୟୁନିଟ-୯ ରୋଡ୍ ନଂ.୭ରେ ପ୍ରାତଃଭ୍ରମଣରେ ଯାଉଥିବାବେଳେ ରାମ କୁମାର ତାଙ୍କୁ ଟାର୍ଗେଟ୍ କରିଥିଲେ। ସେ ଜଣେ ସହଯୋଗୀଙ୍କ ସହ ବାଇକରେ ଆସି ନଳିନୀଙ୍କ ବେକରୁ ସୁନା ଚେନ୍ ଝିମ୍ପି ଫେରାର ହୋଇଯାଇଥିଲେ। ଏନେଇ ସ୍ୱାମୀ ଚକ୍ରଧରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୮୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ରାମ୍ କିଛିଦିନ ହେଲା ଲୁଟ୍ କରିବାକୁ ଭୁବନେଶ୍ୱର ଆସିଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ବାଓ୍ୱେରିୟା ଜନଜାତିର ଲୋକେ ଉତ୍ତରପ୍ରଦେଶର ସାମ୍‌ଲି ଜିଲାରେ ରହୁଥିବାବେଳେ ସେମାନେ ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ସହରକୁ ଯାଇ ଲୁଟ୍‌ପାଟ କରନ୍ତି। ଏପରିକି ସେମାନେ ବିଭିନ୍ନ ସ୍ଥାନରେ ବିଶେଷକରି ରାସ୍ତା ପାର୍ଶ୍ୱରେ ତମ୍ବୁ ଟାଣି ରୁହନ୍ତି। ସେମାନେ ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସୁନାଚେନ୍ ଲୁଟ୍‌ପାଟ କରି ଫେରାର ହୋଇଯାଆନ୍ତି। ପରେ ଉକ୍ତ ଚୋରି ସୁନାଚେନ୍‌କୁ ଉତ୍ତରପ୍ରଦେଶରେ ବିକ୍ରି କରି ୧୫ରୁ ୨୦ ଦିନ ଭିତରେ ପୁଣି ଅପରାଧ କରିବାକୁ ଫେରିଆସନ୍ତି। ଅଭିଯୁକ୍ତମାନେ ପ୍ରଥମେ ବାଇକ ଚୋରି କରି ସେଥିରେ ବୁଲାବୁଲି କରି ଲୁଟ୍ କରନ୍ତି। ପୋଲିସ ନଜରରୁ ବର୍ତ୍ତିବା ଲାଗି ଉକ୍ତ ବାଇକ୍‌କୁ ବିଭିନ୍ନ ପାର୍କିଂ ସ୍ଥଳରେ ରଖି ନିଜେ କେତେବେଳେ ତମ୍ବୁ ତଳେ ତ ଆଉ କେତେବେଳେ ଲଜ୍‌ରେ ଲୁଚି ରୁହନ୍ତି।


ଗିରଫ ରାମ କୁମାର

# ଏସ୍‌ଏଫ୍‌ଏସ୍‌ଏଲ୍‌କୁ ଗଲା ଜବତ ମୋବାଇଲ

## ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁସ୍ମିତାଙ୍କ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁସ୍ମିତା ପରିଡ଼ା ଓରଫ ଚିନୁ ଆତ୍ମହତ୍ୟା କରିବା ମାମଲାରେ କମିଶନରେଟ ପୋଲିସ ଅଧିକ ଖୋଳତାଡ଼ କରୁଛି। ଜେଲ ଯାଇଥିବା ଅଭିଯୁକ୍ତ ସ୍ୱାମୀ ଶ୍ରୀଧର ଜେନା ବାହାଘର ପରେ ମଧୁସ୍ମିତାଙ୍କୁ ଅଣଦେଖା କରି ଆସୁଥିଲେ। ଏପରିକି ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖି ତାଙ୍କୁ ଛାଡ଼ପତ୍ର ଦେବାକୁ ଧମକ ଦେଉଥିଲେ। ତେବେ ଶ୍ରୀଧର କେଉଁମାନଙ୍କ ସହ ସମ୍ପର୍କରେ ଥିଲେ ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଏଥିପାଇଁ ଶ୍ରୀଧରଙ୍କଠୁ ଜବତ ହୋଇଥିବା ମୋବାଇଲକୁ ପୋଲିସ ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଇଛି। ଏନେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ମାମଲାର ଅନୁସନ୍ଧାନବେଳେ ଯାହା ବାହାରିବ ସେହି ଅନୁସାରେ ତଦନ୍ତ ଆଗକୁ ଯିବ। ଯେଉଁମାନଙ୍କୁ ପଚରାଉଚରା କରିବାକୁ ଆବଶ୍ୟକ ପଡ଼ିବ, ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବାୟୁ ସେନାର ଜଣେ ଅଧିକାରୀ ଭୁବନେଶ୍ୱରରେ ପହଞ୍ଚି ଧଉଳି ପୋଲିସ ନିକଟରୁ ମାମଲା ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ନେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧ରେ ବିବାହ ପରେ ମଧୁସ୍ମିତା ଓ ଶ୍ରୀଧର ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଇନ୍ଦିରା କଲୋନୀରେ ଘରଭଡ଼ା ନେଇ ରହୁଥିଲେ। ଗତ ବୁଧବାର ସନ୍ଧ୍ୟାରେ ମଧୁସ୍ମିତା ଶିଶୁଭବନ ନିକଟ ଟ୍ରେନ୍ ଲାଇନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଛାଡ଼ିଥିଲେ। ଯେଉଁଥିରେ ଶ୍ରୀଧର ଏକାଧିକ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ସହ ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଆସୁଥିବା କହିଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ: ୮ ଗିରଫ


ଗିରଫ ୮ ଅଭିଯୁକ୍ତ।

## ୩୦ ହଜାର ଟଙ୍କା, କାର, ବାଇକ୍ ଜବତ

ସୁନ୍ଦରଗଡ଼,୨୭।୭ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଶନିବାର ସହରର ଏକ ଲଜ୍‌ରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ଗାଁ ରେଙ୍ଗାଲମାଲ ଗ୍ରାମର ସୁବାସ ବାରିକ(୨୮),ସୁନ୍ଦରଗଡ ଟାଉନ ଥାନା ମସଜିଦ ପଡାର ରାଜା ଓରଫ ନଜରୁଲ ହୁସେନ(୩୫),କୁତ୍ରା ଥାନା ପଞ୍ଝୋରା ଗ୍ରାମର ଭୁଲା କାଲୋ (୬୧),ସୁନ୍ଦରଗଡ ଖମାରୀପଡାର ପଙ୍କଜ କୁମାର(୩୫), ବଡ଼ଗାଁର ମନୋଜ କୁମାର ଦାସ(୪୬),କୁତ୍ରା ପଞ୍ଝୋରାର ଆଲୋକ କୁମାର ନାଏକ(୩୬),ସୁନ୍ଦରଗଡ ରାଣୀ ବଗିଚାର ବବଲୁ ବିଶ୍ୱକର୍ମା(୩୨),ସୁନ୍ଦରଗଡ ପତ୍ରାପଡାର କଲିମ ଅନସାରୀ(୩୫) ଓ ଲଜର ମ୍ୟାନେଜର ସଞ୍ଜୟ ନାଏକ। ପୋଲିସ ସେମାନଙ୍କ ନିକଟରୁ ନଗଦ ୩୦ହଜାର ୭୨୦ଟଙ୍କା, ୮ଟି ତାସ ପୁଡ଼ିଆ, ୯ଟି ମୋବାଇଲ ଫୋନ, ୨ଟି ବାଇକ୍, ଗୋଟିଏ କାର୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ, ପୁରୁଣା ସିନେମା ହଲ ରାସ୍ତାରେ ଥିବା ଏକ ଲଜରେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ସୂଚନା ପାଇଥିଲା। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଆଇଆଇସି ଆଦିତ୍ୟ କୁମାର ମହାକୁଲଙ୍କ ତତ୍ତ୍ୱାବଧାନରେ ଏସଆଇ ଡୋଳାମଣି ନାଏକ,ଏଏସ ଆଇ ପାଣ୍ଡବ ହେମ୍ବ୍ରମ, ଏ .କେ.ସାମଲ ସଦଳବଳ ଲଜର ୧୧୧ନମ୍ବର କୋଠରିରେ ଚଢ଼ାଉ କରି ଏହି ଜୁଆଡୀମାନଙ୍କୁ ଗିରଫ କରିଥିଲେ।

# ୨ ଦୋଷୀଙ୍କୁ ୩ ବର୍ଷ ଜେଲଦଣ୍ଡ

## ନାବାଳିକା ଅପହରଣ, ଅନୈତିକ କାର୍ଯ୍ୟରେ ଲଗାଇବା ପ୍ରସଙ୍ଗ

କେନ୍ଦୁଝର,୨୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଫାଷ୍ଟଟ୍ରାକ୍ କୋର୍ଟରେ ନାବାଳିକା ଅପହରଣ ଏବଂ ଅନୈତିକ କାର୍ଯ୍ୟରେ ଲଗାଇବା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ଶୁଣାଣି କରି ଚେପନ ମୁଖୀ ଓ ମିନା ମୁଖୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ମାମଲାରେ ଜଡିତ ୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ଚେପନ ମୁଖୀ କେନ୍ଦୁଝର ମ୍ୟୁନିସିପାଲିଟିରେ କାର୍ଯ୍ୟ କରୁଥିଲେ। ସେ ଢାଙ୍ଗରପଡ଼ାରେ ଭଡ଼ାରେ ରହୁଥିବା ବେଳେ ପୀଡ଼ିତାଙ୍କୁ ଘଟଗାଁ ବୁଲାଇବା ପାଇଁ କହି ନେଇଥିଲେ। ଅନ୍ୟ ଜଣେ ସାଙ୍ଗଙ୍କ ସହାୟତାରେ ଘଟଗାଁ ନ ନେଇ କେଶଦୁରାପାଳ ନେଇଥିଲେ। ମିନା ମୁଖୀଙ୍କ ସହାୟତାରେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ସହ ତାଙ୍କୁ ଧମକ ଦେଉଥିଲେ। ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ପରେ ପୀଡ଼ିତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ଅଧିକାରୀ ଏକ ଅପହରଣ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୭।୭(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଦୋଷୀ ଗଙ୍ଗାଧର ଜେନାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ୨୦୨୩ ଡିସେମ୍ବର ୧ତାରିଖରେ ନାବାଳିକାଜଣକ ଶୌଚ ହେବାକୁ ନିକଟସ୍ଥ ପୋଖରୀ ଆଡ଼ିକୁ ଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ପାଇ ଦୋଷୀ ଗଙ୍ଗାଧର ତାଙ୍କୁ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ଏପରିକି କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ନାବାଳିକା ଜଣକ ଘରକୁ ଆସି ନିଜର ମା’ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୁକ୍ତ ଗଙ୍ଗାଧରଙ୍କ ବିରୋଧରେ ସିମୁଳିଆ

## ନାବାଳିକା ବଳାତ୍କାର ମାମଲା

ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ୧୪ଜଣ ସାକ୍ଷୀ ଏବଂ ୨୩ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ

ରାଉରକେଲା,୨୭।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ଚାକିରିରୁ ବହିଷ୍କାର କରାଯିବା ପରେ ତାଙ୍କୁ କେତେକ ସର୍ତ୍ତ ପାଳନ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସର୍ତ୍ତ ମୁତାବକ ସେ ସମସ୍ତ ଦାୟିତ୍ୱ ଜୁନିୟର ଆସିଷ୍ଟାଣ୍ଟ ଜୋସ୍ନା ବାରିକଙ୍କୁ ହସ୍ତାନ୍ତର କରିବେ। ଏଥିସହ ସେ ରହୁଥିବା କ୍ୱାର୍ଟର୍ସ ଖାଲି କରିବେ। ଏହି କ୍ୱାର୍ଟର୍ସର ଭଡା, ପାଣି ବିଲ, ବିଦ୍ୟୁତ୍ ବିଲ ପୈଠ କରିବେ। ଆର୍‌ଜିଏଚ୍‌ର ସମସ୍ତ ବିଭାଗରୁ ସେ ନୋ ଅବଜେକ୍ସନ ସାର୍ଟିଫିକେଟ୍ (ଏନ୍‌ଓସି) ଆଣି ବାରିକଙ୍କୁ ହସ୍ତାନ୍ତର କରିବେ। ଏହା ସହ ରାଉରକେଲା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିକଟରେ ଏକ ସତ୍ୟପାଠ କରିବେ। ଉକ୍ତ ଦୁର୍ନୀତି ଘଟଣାର ସମସ୍ତ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ସହ ଯଦି ସେ ନିଜର ହ୍ୱାଟସଆପ୍ ନମ୍ବର, ମୋବାଇଲ ନମ୍ବର, ଇମେଲ ନମ୍ବର ପରିବର୍ତ୍ତନ କରିବେ ତେବେ ତାହା ତଦନ୍ତକାରୀ ଅଧିକାରୀଙ୍କୁ ଅବଗତ କରିବେ ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ମୋହିତ ଆର୍‌ଜିଏଚ୍‌ର ମର୍ଗ ହାଉସ୍‌ରେ ଥିବା ଫ୍ରିଜର୍ କିଣାବିକା ଦୁର୍ନୀତି ସାଙ୍ଗକୁ ଗୋଟିଏ ସିକ୍ୟୁରିଟି ସଂସ୍ଥାକୁ ବାରମ୍ବାର ପିସି ନେଇ ଟେଣ୍ଡର ଦେବା ଓ ଡାକ୍ତରଖାନାର ଲଣ୍ଡ୍ରିବିଭାଗରେ ଦୁର୍ନୀତି ଭଳି ଏକାଧିକ ଘଟଣାରେ ସମ୍ପୃକ୍ତ ଥିବା ଯୋଗୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

# ଠିପିଖୋଲା ବାର୍‌ରେ ନକଲି ମଦ ବିକ୍ରି ସନ୍ଦେହ

## ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ଅବକାରୀ କମିଶନର

ଯାଜପୁର,୨୭।୭ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଅବକାରୀ ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ଅଧିକାଂଶ ଠିପିଖୋଲା ମଦ ଦୋକାନ(ବାର୍)ଗୁଡ଼ିକରେ ୯୦ ମିଲିଲିଟର (ମି.ଲି.), ୧୮୦ ମି.ଲି. ଓ ୩୭୫ ମି.ଲି. ବୋତଲ ବିକ୍ରି ହେଉଛି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ଅବକାରୀ କମିଶନର ସମ୍ପୃକ୍ତ ବାର୍ ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୨୪।୭।୨୦୨୪ରେ ଯାଜପୁର ଜିଲାର ସମସ୍ତ ରେଞ୍ଜ ଇନ୍ସପେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଧର୍ମଶାଳା ଅବକାରୀ ବିଭାଗ ଅଧୀନରେ ଥିବା ଜାରକା, ଚଢ଼େଇଧରା, ବାଜବାଟୀ, ଚଣ୍ଡିଖୋଲ, ବଡ଼ଚଣା, ଛତିଆ, ଚମ୍ପାପୁର, ଭାକୁଡ଼, ନଳୀପୁର ଏବଂ ବାଲିଚନ୍ଦ୍ରପୁରଠାରେ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ଖୋଲା ମଦ ଦୋକାନ ରହିଛି। ଏହିସବୁ ମଦ ଦୋକାନରେ ୭୫୦ ମି.ଲି. ବିଶିଷ୍ଟ ବୋତଲ ଖୋଲି ସେଥିରୁ ଗ୍ରାହକଙ୍କ ଇଚ୍ଛା ଅନୁସାରେ ବିକ୍ରି କରିବାର ନିୟମ ରହିଛି। କିନ୍ତୁ ଏଠାରେ ଠିପି ବନ୍ଦ ଥିବା ଉପରୋକ୍ତ ପରିମାଣର ବୋତଲଗୁଡ଼ିକ ବିକ୍ରି କରାଯାଉଛି। ଏହାବାଦ୍ ଜିଲା ସାରା ଏଭଳି ଭାବେ ମଦ ବିକ୍ରିରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଗତ ମାର୍ଚ୍ଚରୁ ଅବକାରୀ ବିଭାଗ ପକ୍ଷରୁ ତାହାକୁ ନିଷିଦ୍ଧ କରାଯାଇଥିବାବେଳେ ବାର୍ ମାଲିକମାନେ ମାନୁନାହାନ୍ତି। ଅନ୍ୟପକ୍ଷରେ ବାର ମାଲିକମାନେ ଛୋଟ ମଦ ବୋତଲଗୁଡ଼ିକୁ କେଉଁଠୁ ଆଣୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ଏଠାରେ ନକଲି ମଦ ବିକ୍ରି ହେଉଥିବା ସନ୍ଦେହ କରାଯାଉଛି। ତେବେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ବାର୍‌ଗୁଡ଼ିକରେ ଚଢ଼ାଉ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଭିନ୍ନକ୍ଷମ ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)

ଜଣେ ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲାର ବିଚାର କରି ସମ୍ବଲପୁର ପୋକ୍‌ସୋ ଅଦାଲତ ଅଭିଯୁକ୍ତ ସୁବାସ ମୁଣ୍ଡା(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଶନିବାର ମାମଲାର ରାୟ ଶୁଣାଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୁହାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଅଇଁଠାପାଲି ଥାନା ଅନ୍ତର୍ଗତ କେନାଲପଡ଼ାରେ ପୀଡ଼ିତା ଭିନ୍ନକ୍ଷମ(ମୂକ, ବଧିର) ନାବାଳିକା ତାଙ୍କ ମା’ ଓ ସାନଭାଇଙ୍କ ସହିତ ରହୁଥିଲେ। ୨୦୨୦ ମେ’ ୨୯ ତାରିଖ ସକାଳେ ଘର ଭିତରେ ଉଭୟ ଭଉଣୀ ଭାଇ ଶୋଇଥିଲେ। ତାଙ୍କ ମା’ ଘର ବାହାରୁ ତାଲା ପକାଇ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିଲେ। କିଛି ସମୟ ପରେ ସେ ଘରକୁ ଫେରିବା ପରେ ତାଙ୍କ ଘର ତାଲା ଭଙ୍ଗାଯାଇ ତଳେ ପଡ଼ିଥିବା ଦେଖିଥିଲେ। ଘର ଭିତରକୁ ଗଲା ପରେ ସେହିପଡ଼ାର ସୁବାଷ ତାଙ୍କ ଝିଅକୁ ଅସଦାଚରଣ କରୁଥିବା ଦେଖିଥିଲେ। ସେ ଚିତ୍କାର କରିବା ପରେ ଅଭିଯୁକ୍ତ ସେଠାରୁ ଖସି ପଳାଇ ଯାଇଥିଲେ। ହେଲେ ଗଲାବେଳେ ସୁବାସ ତାଙ୍କ ଚପଲ ଓ ଗାମୁଛା ସେଠାରେ ଛାଡ଼ି ଯାଇଥିଲେ। ପୀଡ଼ିତାଙ୍କ ମା’ ପଡ଼ାବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ପଡ଼ୋଶୀଙ୍କ ସହ ଯାଇ ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଥାନାରେ ଦଫା ୩୭୬(୩), ୪୫୦, ପୋକ୍‌ସୋ ଆଇନ ଦଫା ୬ରେ ଏକ ମାମଲା(୨୨୫/୨୦୨୦) ରୁଜୁ କରି ପୋଲିସ ସୁବାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ପୋକ୍‌ସୋ ଅଦାଲତକୁ ଆସିବା ପରେ ବିଚାରପତି ସେନାପତି ମୋଟ ୨୦ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦଫା ୩୭୬(୩)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଓ ଦଫା ୪୫୦ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଉଭୟ ଦଣ୍ଡାଦେଶ ସମାନ୍ତରାଳ ଭାବେ ଭୋଗିବାକୁ ବିଚାରପତି ରାୟ ଦେଇଛନ୍ତି। କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।

# ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନ୍‌ରେ ନିଆଁ


ପୁରୀ ଷ୍ଟେଶନରେ ଅଟକିଥିବା ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନ୍।

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନରେ ଶନିବାର ନିଆଁ ଲାଗିଛି। ତେବେ ରେଳ କର୍ମଚାରୀଙ୍କ ସହାୟତାରେ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିବାରୁ ବଡ଼ଧରଣର କ୍ଷୟକ୍ଷତି ଘଟିନାହିଁ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି।

ପୂର୍ବାହ୍ନ ୧୧ଟା ୫୫ରେ ମାଳତୀପାଟପୁର ଷ୍ଟେଶନରେ ଏହି ଟ୍ରେନ ଆସି ପହଞ୍ଚିଥିଲା। ପରେ ସେଠାରୁ ପୁରୀ ଅଭିମୁଖେ ବାହାରିଥିଲା। ଏହି ସମୟରେ ଟ୍ରେନ ପଛ ଇଞ୍ଜିନ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଟ୍ରେନରେ ଥିବା କର୍ମଚାରୀମାନେ ଏ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ଟ୍ରେନ ନିକଟରେ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଟ୍ରେନ୍‌ର ବ୍ରେକ ରବର ଘଷିହୋଇ ନିଆଁ ବାହାରିଥିବା ସେମାନେ ଜାଣିବାକୁ ପାଇଥିଲେ। ରେଲୱେ କର୍ମଚାରୀମାନେ ନିଆଁକୁ ସଙ୍ଗେସଙ୍ଗେ ଆୟତ୍ତ କରିଥିଲେ। ପରେ ସୁରକ୍ଷିତ ଭାବେ ଏହି ଟ୍ରେନ୍ ପୁରୀ ରେଲୱେ ଷ୍ଟେଶନରେ ପହଞ୍ଚିଥିଲା। ଏଠାରେ ଯାତ୍ରୀମାନେ ଓହ୍ଲାଇଥିଲେ। ଖବର ପାଇ ବୈଷୟିକ କମିଟି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏନେଇ ପୁରୀ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କ ସୂଚନା ଅନୁଯାୟୀ, ପୁରୀ ଷ୍ଟେଶନ ପୂର୍ବରୁ ହୁଲୁହୁଲିଆ ପୋଲଠାରେ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ହୁଇଲର ଟ୍ୟାକ୍ସସନ ମୋଟରରେ କିଛି ସମସ୍ୟା ଉପୁଜିଥିଲା, ଫଳରେ ନିଆଁ ଲାଗିଯାଇଥିଲା। ରେଳ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। କୌଣସି କ୍ଷୟକ୍ଷତି ହୋଇନାହିଁ। ଏହା ବଡ଼ଧରଣର ଅଘଟଣ ନୁହେଁ। ସେହିପରି ଜଣେ ରେଳ ଅଧିକାରୀଙ୍କ କହିବା ଅନୁଯାୟୀ, ଟ୍ରେନ୍ ଚାଲିରେ ବ୍ରେକ ବାଇଣ୍ଡିଙ୍ଗ୍ ଗରମ ହୋଇଥାଏ। ତେଣୁ ନିଆଁ ଲାଗି ଧୂଆଁ ବାହାରିବା ସାଧାରଣ ଘଟଣା।

# ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଜୟପୁର ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର ଜୟନଗର ଗାଦବାସାହିର ଅକ୍ଷୟ ପଟ୍ଟନାୟକ (୩୫)। ଅକ୍ଷୟ ୨୦୨୩ରେ ସମ୍ପୃକ୍ତା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅକ୍ଷୟଙ୍କ ସମ୍ପୃକ୍ତି ସ୍ପଷ୍ଟହେବା ପରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# ୭୦ କେଜି ଗଞ୍ଜେଇ ଜବତ, ୭ ଗିରଫ

## ଢେଙ୍କାନାଳ ଜିଲା ଅବକାରୀ ବିଭାଗକୁ ବଡ଼ ସଫଳତା

କାମାକ୍ଷାନଗର,୨୭।୭ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି। ଚୋରା ଗଞ୍ଜେଇ ଚାଲାଣ ବେଳେ ଗଞ୍ଜେଇ ମାଫିଆଙ୍କ ସମେତ ୭ଜଣଙ୍କୁ ମାଡିବସିଛି କାମାକ୍ଷାନଗର ଅବକାରୀ ବିଭାଗ। ଏଥିସହ ୩ଟି ବୋଲେରୋ, ଗୋଟିଏ କାର୍ ଓ ୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହୋଇଥିବା ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଚୋରା ବ୍ୟବସାୟୀମାନେ ବୌଦ୍ଧ ଓ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଢେଙ୍କାନାଳ ଜିଲା ସମେତ ଯାଜପୁର ଜିଲାରେ ବିକ୍ରି କରିଥାନ୍ତି। ଶୁକ୍ରବାର କନ୍ଧମାଳ ଓ


ଜବତ ଗଞ୍ଜେଇ ସହ ଅଭିଯୁକ୍ତମାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ହାଜର କରାଯାଇଛି।

ବୌଦ୍ଧ ଅଞ୍ଚଳରୁ ଏପରି ଚୋରାରେ ଗଞ୍ଜେଇ ଅଣାଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାପରେ କାମାକ୍ଷାନଗର, ପରଜଙ୍ଗ ଓ ଭୁବନ ଅବକାରୀ ବିଭାଗ କର୍ମଚାରୀଙ୍କୁ ନେଇ ୨୫ଜଣିଆ ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩ ବୋଲେରୋ ଓ ଗୋଟିଏ କାର୍‌ରେ ଆସୁଥିବା ପ୍ରାୟ ୭୦ କେଜି ଗଞ୍ଜେଇକୁ ଉକ୍ତ ଟିମ୍ ଜବତ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ସମେତ ୩ ଜଣ ସ୍ଥାନୀୟ ବେପାରୀଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।





# ବର୍ଷାରେ ଫୋନ୍

**ବ**ର୍ଷା ସମୟରେ ବିଶେଷକରି ବିଜୁଳି, ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ ବ୍ୟବହାର ଯୋଗୁ ଅନେକ ଧନ ଜୀବନ ହାନି ହେଉଥିବା ଘଟଣା ବାରମ୍ବାର ଶୁଣିବାକୁ ମିଳୁଛି। ତଥାପି ମଧ୍ୟ ଏ ଦିଗରେ ଅନେକ ସଚେତନ ହେଉନାହାନ୍ତି। ହେଲେ ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ବର୍ଷାବେଳେ ମୋବାଇଲ୍ ବ୍ୟବହାରକୁ ନେଇ ବିଭିନ୍ନ ସତର୍କତା ଅବଲମ୍ବନ କରିବା ଜରୁରୀ......

**ମୋବାଇଲ୍ ଫୋନ୍ ବର୍ତ୍ତମାନ ସଭିଙ୍କ ପାଇଁ ଅତି ଆବଶ୍ୟକ ସାମଗ୍ରୀ ପାଲଟିଛି। ହେଲେ ଏହାର ବ୍ୟବହାର କେତେକଙ୍କ ଲାଗି ଏମିତି ନିଶା ପାଲଟିଛି ଯେ, ପ୍ରବଳ ବର୍ଷା, ବିଜୁଳି, ଘଡ଼ଘଡ଼ି ସମୟରେ ବି ସେମାନଙ୍କ ହାତରୁ ଅଲଗା ହେଉନି ଫୋନ୍। ଯଦ୍ଦ୍ୱାରା କେହି କେହି ବିଭିନ୍ନ ଅଘଟଣର ଶିକାର ହେଉଥିବା ଘଟଣା ଦିନକୁଦିନ ବଢ଼ିବାରେ ଲାଗିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ବର୍ଷାବେଳେ ମୋବାଇଲ୍ ବ୍ୟବହାରକୁ ନେଇ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**

**ରୁହନ୍ତୁନି ବାହାରେ:** ବର୍ଷା, ଘଡ଼ଘଡ଼ି ବେଳେ ବାଲ୍‌କୋନି କିମ୍ବା ବଡ଼ ଗଛମୂଳରେ ଠିଆ ହୋଇ ଅନେକେ କଥା ହେଉଥିବା ଦେଖିବାକୁ ମିଳେ। ହେଲେ ଏହାଦ୍ୱାରା ଯଦିଓ ସେମାନେ ବର୍ଷା ପାଣି ସଂସ୍ପର୍ଶରେ ଆସିବାରୁ ରକ୍ଷା ପାଇଯାଆନ୍ତି, ହେଲେ ବିଜୁଳି ଓ ଘଡ଼ଘଡ଼ି ସମୟରେ ଏଭଳି ସ୍ଥାନରେ ଠିଆ ହେବା କିମ୍ବା ଫୋନ୍‌ରେ କଥା ହେବା ଆଦୌ ନିରାପଦ ନୁହେଁ। ତେଣୁ ଯଥାସମ୍ଭବ ଘର ଭିତରକୁ କିମ୍ବା କୌଣସି ନିରାପଦ ସ୍ଥାନକୁ ଚାଲିଯିବା ଭଲ।

**ବନ୍ଦ ରଖନ୍ତୁ ଫୋନ୍:** ଅନେକେ ଭାବନ୍ତି ବର୍ଷାବେଳେ ବାହାରେ ଠିଆ ହୋଇ କଥା ହେଲେ ମୋବାଇଲ ଓଦା ହୋଇ ନଷ୍ଟ ହୋଇଥାଏ କିମ୍ବା ବିଜୁଳି, ଘଡ଼ଘଡ଼ି ସଂସ୍ପର୍ଶରେ ଆସିବାର ଡରଥାଏ। ତେଣୁ ସେମାନେ ଏ ସମୟରେ ଘର ଭିତରେ ଅବା ବନ୍ଦ ଗାଡ଼ି ଭିତରେ ବସି କଥା ହେବା ନିରାପଦ ଭାବନ୍ତି। ହେଲେ ମନେରଖନ୍ତୁ, ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେଉଥିଲେ ଘର ଭିତରେ ଥିଲେ ସୁଦ୍ଧା ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିଯାଇପାରେ। ଫଳରେ ବ୍ୟବହାରକାରୀଙ୍କ କାନର ଅଡିଓ ସେନ୍ସୋରି ନର୍ଭସ୍ ସିଷ୍ଟମ ଖରାପ ହୋଇ ସାରା ଜୀବନ ଲାଗି ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଏହା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହୋଇଥିବାର ବି ନଜିର ରହିଛି। ତେଣୁ ବର୍ଷା ସମୟରେ ମୋବାଇଲ୍ ବ୍ୟବହାର ଆଦୌ ନ କରିବା ଭଲ।

**ଓଦା ହେଲେ କାଢ଼ନ୍ତୁ ବ୍ୟାଟେରି:** ହଠାତ୍ ବର୍ଷା ହେଲେ ଯଥାଶୀଘ୍ର କଲ୍ ଏବଂ ଇଣ୍ଟରନେଟ୍ ବନ୍ଦ କରିଦିଅନ୍ତୁ। ପାଣି ମୋବାଇଲ ଭିତରକୁ ଯାଇଥିଲେ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ମୋବାଇଲ ଓଦା ହୋଇଗଲେ ତାହାକୁ ହେୟାର ଡ୍ରାୟର ସାହାଯ୍ୟରେ ଶୁଖାଇବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏପରି କରିବା ବିପଦପୂର୍ଣ୍ଣ ହୋଇପାରେ।







**ଇୟରଫୋନ୍ ବି ନୁହେଁ ସୁରକ୍ଷିତ:** ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ଘଡ଼ଘଡ଼ି, ବିଜୁଳି ମାରୁଥିବା ସମୟରେ ଫୋନ ନ ଧରି ଇୟରଫୋନ୍ କିମ୍ବା ହେଡ୍ ଫୋନ୍ ଲଗାଇ କଥା ହେବା ନିରାପଦ। ହେଲେ ଏହା ମଧ୍ୟ ସେତିକି ବିପଦପୂର୍ଣ୍ଣ। ତେଣୁ ଏ ସମୟରେ ଆଦୌ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ। ନିହାତି ଜରୁରିକାଳୀନ ପରିସ୍ଥିତିରେ ଏହାକୁ ହ୍ୟାଣ୍ଡସ ଫ୍ରି ମୋଡ୍‌ରେ ରଖି ବ୍ୟବହାର କରନ୍ତୁ।

**ଓଦା ଫୋନ୍ କରନ୍ତୁନି ଚାର୍ଜ:** ଓଦା ଫୋନ୍‌କୁ ଚାର୍ଜରେ ବସାନ୍ତୁ ନାହିଁ କିମ୍ବା ଚାର୍ଜରେ ବସାଇ କଥା ହୁଅନ୍ତୁ ନାହିଁ। ଓଦା ଫୋନ୍‌କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଆଦୌ ଫୋନ୍ ଚାର୍ଜ କଲେ ବ୍ଲାଷ୍ଟ ହୋଇପାରେ, ଯାହାକି ଜୀବନ ପ୍ରତି ବିପଦ।

**ରିଲ୍ସ ନିଶା ବିପଦପୂର୍ଣ୍ଣ:** ବର୍ତ୍ତମାନ ଅନେକଙ୍କୁ ଘାରିଛି ରିଲ୍ସ ନିଶା। ବିଭିନ୍ନ ସମୟରେ ସେଲ୍ଫି ନେବା, ଭିଡିଓ କରିବା, ବିଶେଷକରି ଲାଇଭ୍ ଭିଡିଓ କରିବା ଯେମିତି ଏକ ଟ୍ରେଣ୍ଡ୍ ପାଲଟି ଗଲାଣି। ହେଲେ ଘଡ଼ଘଡ଼ି ସହ ବର୍ଷା ହେଉଥିବା ସମୟରେ ଏଭଳି ଭୁଲ ଯୋଗୁ ଅନେକ ଅଘଟଣ ଘଟିଥିବାର ନଜିର ରହିଛି। ସୁସ୍ଥ ଏବଂ ନିରାପଦ ଭାବେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଲାଗି ଏଥିପ୍ରତି ବିଶେଷ ଭାବେ ସଜାଗ ରହିବା ଦରକାର।



## ଏ ସପ୍ତାହର ପ୍ରଶ୍ନ

୧– ଯୁବପିଢ଼ିଙ୍କୁ ଚାକିରି ଯୋଗାଇଦେବା ଲାଗି ........ ରାଜ୍ୟ ସରକାରଙ୍କ ପକ୍ଷରୁ ଲଡ୍‌କା ଭାଉ ଯୋଜନା ଆରମ୍ଭ କରାଯାଇଛି?
୨– ନିକଟରେ......... ଦେଶର ବୈଜ୍ଞାନିକମାନେ ଜୀବନ୍ତ ଚର୍ମ ବ୍ୟବହାର କରି ଏକ ରୋବଟ୍ ଫେସ୍ ପ୍ରସ୍ତୁତ କରିଛନ୍ତି?
୩– 'ଅପରେଶନ୍ ନହ୍ନେ ଫରିସ୍ତେ' ............ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୪– ନିକଟରେ.......... ଠାରେ ନ୍ୟାଶନାଲ୍ ଲ୍ୟାଣ୍ଡ ସ୍ଲାଇଡ୍ ଫୋର୍‌କାଷ୍ଟିଂ ସେଣ୍ଟର ସ୍ଥାପନ କରାଯାଇଛି?
୫– ସାଉଥ୍ କୋରିଆର ଜାତୀୟ ପଶୁ ଦି .................. ?

## ଗତ ଥରର ଉତ୍ତର

୧ ସାଙ୍ଘାଇ ମାଗ୍‌ଲେଭ୍
୨ ସଞ୍ଜୀବ ଜୋଶୀ
୩ ମହାରାଷ୍ଟ୍ର
୪ ମିନିଷ୍ଟ୍ରି ଅଫ୍ କଲ୍‌ଚର
୫ ବେଜିଂ

## ଉତ୍ତରଦାତା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ନରେଶ କର, ତେଲେଙ୍ଗାନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ କୃତ୍ରିମ ଦ୍ୱୀପ

୧– ଫ୍ଲେଭୋପୋଲ୍ଡର(୯୭୦ ବର୍ଗ କିମି.)........... ଫ୍ଲେଭୋଲାଣ୍ଡ, ନେଦରଲାଣ୍ଡ
୨– ୟସ୍ ଆଇଲାଣ୍ଡ(୨୫ ବର୍ଗ କିମି.)...................... ଆବୁଧାବି, ୟୁଏଇ
୩– କନ୍‌ସାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୧୦.୬୮ବର୍ଗ.କି.ମି.)....ଓସାକା, ଜାପାନ
୪– ହଂକଂ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୯.୪୦ ବର୍ଗ କିମି.)....... ହଂକଂ
୫– ପାମ୍ ଯେବେଲ୍ ଅଲି(୮.୦ ବର୍ଗ କିମି.).................. ଦୁବାଇ, ୟୁଏଇ
୬– ଚୁବୁ ସେଣ୍ଟ୍ରେର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୬.୮୦ ବର୍ଗ କିମି.)... ଟୋକୋନେମ୍, ଜାପାନ
୭– ପାମ୍ ଜୁମେଇରା (୬.୫୦ ବର୍ଗ କିମି.).............. ଦୁବାଇ, ୟୁଏଇ
୮– ରୋକୋ ଆଇଲାଣ୍ଡ(୫.୮୦ ବର୍ଗ କିମି.)........... କୋବ୍, ଜାପାନ
୯– ଫଣ୍ଡାଓ ଆଇଲାଣ୍ଡ(୫.୨୩ ବର୍ଗ କିମି.).......... ରିଓ ଡି ଜେନେରିଓ, ବ୍ରାଜିଲ୍
୧୦– ୱେଲିଂଡନ୍ ଆଇଲାଣ୍ଡ(୫.୨୦ ବର୍ଗ କିମି.).......... ପୋର୍ଟ, ନାଭାଲ୍ ବେସ୍

**ୟୁବ ପ୍ରତିଭା**

# ନୃତ୍ୟ, ଅଭିନୟପ୍ରେମୀ ସୌମ୍ୟରଞ୍ଜନ



**ଓ**ଡ଼ିଶୀ ଓ ବିଭିନ୍ନ କ୍ଲାସିକାଲ୍ ନୃତ୍ୟ ହେଉ ଅବା ନିଖୁଣ ଅଭିନୟ ଚାତୁରୀରେ ସେ ବାନ୍ଧି ରଖନ୍ତି ଦର୍ଶକଙ୍କୁ। ମାତ୍ର ୫ ବର୍ଷ ବୟସରୁ ନିଜ ଗାଁରେ ଅନୁଷ୍ଠିତ ସରସ୍ୱତୀ ପୂଜା ଉତ୍ସବରୁ ନୃତ୍ୟ ଆରମ୍ଭ କରି ବର୍ତ୍ତମାନ ସେ ଯାଇ ପହଞ୍ଚି ପାରିଛନ୍ତି ରାଜ୍ୟସ୍ତରୀୟ ଉତ୍ସବରେ। ଯେଉଁଥିପାଇଁ ସେ ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। କେବଳ ନୃତ୍ୟ ଓ ଅଭିନୟ ନୁହେଁ, ପାଠପଢ଼ାରେ ମଧ୍ୟ ସେ ଖୁବ୍ ଭଲ। ଏହା ବ୍ୟତୀତ ବିଦ୍ୟାଳୟ ଏନ୍‌ସିସିରେ ବି ସେ ହାସଲ କରିଛନ୍ତି 'ଏ' ସାର୍ଟିଫିକେଟ। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ବଜାର ସାହି ଅଞ୍ଚଳର ସୌମ୍ୟରଞ୍ଜନ ବେହେରା।

ମା' ସରସ୍ୱତୀ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ହରିଶ୍ଚନ୍ଦ୍ର ବେହେରା ଜଣେ ଅଟୋରିକ୍ସା ଚାଳକ। ମାତ୍ର ୫ ବର୍ଷ ବୟସରେ ସୌମ୍ୟ ନିଜ ଗାଁରେ ଅନୁଷ୍ଠିତ ସରସ୍ୱତୀ ପୂଜାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଲ ନାଚୁଥିବାର ଦେଖି ବାପା ତାଙ୍କୁ ମଇତାପୁର ଭାରତ ସେବାନିଧି କଳା ନିକେତନରେ ନାମ ଲେଖାଇଥିଲେ। ପରେ ସେ ମାର୍କୋଣାସ୍ଥିତ ସାଧନା କଳା ବିକାଶ କେନ୍ଦ୍ରରେ ଯୋଗ ଦେଇ ଗୁରୁ ସମରେନ୍ଦ୍ର ଜେନା ଓ ଗୁରୁ ଅଭୀଲିପ୍ସା ବେହେରାଙ୍କଠାରୁ ଓଡ଼ିଶୀ ଓ ଅନ୍ୟ କ୍ଲାସିକାଲ ନୃତ୍ୟଶୈଳୀ ଶିକ୍ଷା କରିଥିଲେ। ବିଦ୍ୟାଳୟ ଓ ଜିଲାସ୍ତରୀୟ ସୁରଭି ଶିଶୁ ମହୋତ୍ସବରୁ ଆରମ୍ଭ କରି ସିମୁଳିଆ ମହୋତ୍ସବ, ଭଦ୍ରକ ଜିଲା ମହୋତ୍ସବ, ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ପ୍ରତିଭା ମହୋତ୍ସବରେ 'ନୃତ୍ୟ ସମ୍ମାନ', ୨୦୧୮ ମସିହାରେ ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ମଞ୍ଚସ୍ଥ ନାଟକ 'ମାଟି ଲଣ୍ଠନ' ଓ ୨୦୧୯ରେ ମଞ୍ଚସ୍ଥ ନାଟକ 'ମଞ୍ଚ ପାଗଳ' ପାଇଁ 'ଅଭିନୟ କଳିକା ସମ୍ମାନ'ରେ ସମ୍ମାନିତ ହୋଇଥିଲେ। ଏହା ବ୍ୟତୀତ ସେ ଜୀ ସାର୍ଥକ ଟିଭି, ତରଙ୍ଗ ଟିଭି, ସିଦ୍ଧାର୍ଥ ଟିଭିରେ ପ୍ରସାରିତ ବିଭିନ୍ନ ରିୟଲିଟି ଶୋ'ରେ ଅଂଶଗ୍ରହଣ କରି ଅନୁଷ୍ଠିତ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂରେ ମଧ୍ୟ ଭାଗ ନେଇଥିଲେ। ଯେକୌଣସି ଚରିତ୍ରକୁ ସଙ୍ଗେସଙ୍ଗେ ଉପସ୍ଥାପନ କରିବାର କୌଶଳ ପାଇଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ମାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସୌମ୍ୟ ଜଣେ ପ୍ରସିଦ୍ଧ କଳାକାର ହେବାର ଲକ୍ଷ୍ୟ ରଖିଛନ୍ତି।

– ସନ୍ତୋଷ କୁମାର ନାୟକ

**ୟୁଥ୍ ଆଲର୍ଟ**

# ଷ୍ଟାର୍ଟଅପ୍ ଆରମ୍ଭ କରୁଥିଲେ



**ବର୍ତ୍ତମାନର ଅନେକ ଯୁବତୀ ଯୁବକ ବିଭିନ୍ନ ଷ୍ଟାର୍ଟଅପ୍ ବିଜ୍‌ନେସ୍ ଆରମ୍ଭ କରି ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ହାତଗଣତି କେତେଜଣ ସଫଳ ହୋଇଥାନ୍ତି। ତେବେ ଅନ୍ୟମାନେ କାହିଁକି ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ ହେଉଛନ୍ତି, ଜାଣନ୍ତୁ ଏହାର କାରଣ ଓ ସମାଧାନ ସମ୍ପର୍କରେ...**

⏩ପ୍ରଥମ କଥା ହେଉଛି, ଅନ୍ୟ କାହାକୁ କୌଣସି ଷ୍ଟାର୍ଟଅପ୍ କରି ସଫଳ ହେଉଥିବା ଦେଖି କପି କରିବାକୁ ଚେଷ୍ଟା କରନ୍ତୁ ନାହିଁ। ନିଜେ କେଉଁ କାର୍ଯ୍ୟ କରିପାରିବେ ତାହାକୁ ନେଇ ବିଜ୍‌ନେସ୍ ପ୍ଲାନିଂ କରନ୍ତୁ। ଆବଶ୍ୟକ ସ୍ଥଳେ ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

⏩ଯେକୌଣସି ଷ୍ଟାର୍ଟଅପ୍ ଆରମ୍ଭ କରିବା ପୂର୍ବରୁ ଏହା ସମ୍ପର୍କରେ ଭଲ ଭାବେ ଜାଣିଥିବା କେତେଜଣଙ୍କୁ ନେଇ ଏକ ମଜ୍‌ଭୁତ ଟିମ୍ ଗଠନ କରିବା ଆବଶ୍ୟକ। ଯେଉଁମାନେ ଏପରି ନ କରି କେବଳ ନୂଆ କର୍ମଚାରୀଙ୍କୁ ନେଇ କାମ ଆରମ୍ଭ କରିଦିଅନ୍ତି, ସେମାନଙ୍କ କ୍ଷେତ୍ରରେ ସଫଳତା ପାଇବା ସମ୍ଭାବନା କମ୍।

⏩କେତେ ଟଙ୍କା ଖର୍ଚ୍ଚ କରିବେ, ଏମ୍ପ୍ଲୟୀମାନଙ୍କୁ କେତେ ଦରମା ଦେବେ ଇତ୍ୟାଦି ପୂର୍ବରୁ ନିର୍ଦ୍ଧାରିତ କରି ରଖନ୍ତୁ। ଏହି ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡ କରି ଜମା ରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ। ଯେଉଁମାନେ ଏପରି ନ କରନ୍ତି, ସେମାନେ ଆବଶ୍ୟକ ସ୍ଥଳେ ଅର୍ଥ ଯୋଗାଡ଼ କରିପାରନ୍ତି ନାହିଁ ଏବଂ ଷ୍ଟାର୍ଟଅପ୍ ଏହି କାରଣରୁ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳେ।

⏩ଅନେକେ ବ୍ୟାଙ୍କ୍ କିମ୍ବା ଅନ୍ୟସୂତ୍ରରୁ ଋଣ ନେଇ ଷ୍ଟାର୍ଟଅପ୍ ଆରମ୍ଭ କରିଦିଅନ୍ତି, ହେଲେ ଠିକ୍ ସମୟରେ ଶୁଝି ନ ପାରିବାରୁ ଏହାକୁ ଆଗକୁ ଚଳାଇପାରନ୍ତି ନାହିଁ। ହେଲେ ମନେରଖନ୍ତୁ, ସର୍ବପ୍ରଥମେ ନିଜ ଷ୍ଟାର୍ଟଅପ୍ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ପରେ ହିଁ କାମ ଆରମ୍ଭ କରନ୍ତୁ। ଯଦି କୌଣସି ବ୍ୟାଙ୍କ୍ ଅବା ସଂସ୍ଥାରୁ ଲୋନ୍ ଆଣୁଛନ୍ତି, ତେବେ ଠିକ୍ ସମୟରେ ଶୁଝିଦେବାକୁ ଚେଷ୍ଟା କରନ୍ତୁ। ଏପରି କଲେ ସେମାନେ ଆପଣଙ୍କୁ ବିଶ୍ୱାସ କରିବା ସହ ଭବିଷ୍ୟତରେ ବିଜ୍‌ନେସ୍ ବୃଦ୍ଧି ପାଇଁ ଅଧିକ ଅର୍ଥ ଯୋଗାଇ ଦେବେ।



# ଆଶା ଦେଲେ ମନୁ ଭାକର

## ପ୍ରଥମ ଥର ଅଲିମ୍ପିକ୍ସ ଫାଇନାଲରେ

ପ୍ୟାରିସ୍,୨୭।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ପ୍ରଥମ ଦିନରେ ଭାରତୀୟ ଶୁଟରଙ୍କ ପାଇଁ ଅତ୍ୟନ୍ତ ସାଧାରଣ ରହିଥିବା ବେଳେ ଫାଇନାଲରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଛନ୍ତି ମନୁ ଭାକର। ଦ୍ୱିତୀୟ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ମନୁ ପ୍ରଥମ ଥର ଏକ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୩ ବର୍ଷ ତଳେ ବନ୍ଧୁକରେ ବୈଷୟିକ ତ୍ରୁଟି କାରଣରୁ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିବା ମନୁ ଶନିବାର ଫାଇନାଲରେ ପ୍ରବେଶ କରିବା ସହ ଭାରତୀୟ ଶିବିରରେ ସାମାନ୍ୟ ଆଶ୍ୱସ୍ତି ଦେଖିବାକୁ ମିଳିଛି। ହରିୟାଣାର ଏହି ଶୁଟର ଜଣକ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିଲେ। ୫୮୦ ପଏଣ୍ଟ ଅର୍ଜନ କରି ଯୋଗ୍ୟତା ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ସେ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ହଙ୍ଗେରୀର ଅଭିଜ୍ଞ ଭେରୋନିକା ମେଜର ୫୮୨ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ରିଦମ୍ ସାଙ୍ଗୱାନ ୫୭୩ ପଏଣ୍ଟ ସହ ୧୫ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।

ସିରିଜ୍-୧ରେ ମନୁ ୯୭ ପଏଣ୍ଟ ସ୍କୋର କରି ଚମତ୍କାର ଆରମ୍ଭ କରିଥିଲେ। ଦ୍ୱିତୀୟ ସିରିଜ୍‌ରେ ମଧ ସମାନ ୯୭ ପଏଣ୍ଟ ସହ ଚତୁର୍ଥ ସ୍ଥାନ ହାସଲ କରିଥିଲେ ଭାକର। ଅନ୍ୟ ପକ୍ଷରେ ରିଦମ୍ ୨୬ ନମ୍ବର ସ୍ଥାନକୁ ଖସି ଆସିଥିଲେ। ତେବେ ତୃତୀୟ ସିରିଜ୍‌ରେ ୯୮ ପଏଣ୍ଟ ସହ ଟପ୍-୨କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଞ୍ଚମ ସିରିଜ୍‌ରେ ଏକ ଖରାପ ଶଟ୍ ସହ ୮ ପଏଣ୍ଟ ସ୍କୋର କରି ଭାକର ତୃତୀୟ ସ୍ଥାନକୁ ଖସି ଆସିଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରି ପାରିଥିଲେ। ରବିବାର ଅପରାହ୍ନ ୩.୩୦ ମିନିଟରେ ମନୁଙ୍କ ଫାଇନାଲ ମ୍ୟାଚ୍ ଖେଳାଯିବ।

୧୦ ମିଟର ଏୟାର ପିସ୍ତଲ ଓ ଏୟାର ରାଇଫଲ ଇଭେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଉଭୟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଏଲାଭେନିଲ ଭାଲାରିଭାନ-ସନ୍ଦୀପ ସିଂ ଓ ରମିତା ଜିନ୍ଦଲ-ଅର୍ଜୁନ ବବୁତା ଯୋଡ଼ି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ରମିତା-ଅର୍ଜୁନ ୬୨୮.୭ ପଏଣ୍ଟର ସ୍କୋର ସହ ଷଷ୍ଠ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ଏଲାଭେନିଲ-ସନ୍ଦୀପଙ୍କ ଯୋଡ଼ି ୬୨୬.୩ ପଏଣ୍ଟ ସହ ୧୨ତମ ସ୍ଥାନରେ ଫିନିଶ କରିଥିଲେ। ରମିତା-ଅର୍ଜୁନଙ୍କ ଯୋଡ଼ି ମାତ୍ର ୧ ପଏଣ୍ଟ ପଛରେ ରହି ମେଡାଲ ରାଉଣ୍ଡ କଟ୍ ଅଫ୍‌ରୁ ବାଦ ପଡିଥିଲେ।

ଅନ୍ୟପକ୍ଷରେ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସରବଜୋତ୍ ସିଂ ଅଳ୍ପକେ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ସରବଜୋତ୍ ଓ ଜର୍ମାନୀର ରବିନ୍ ୱାଲଟର ସମାନ ୫୭୭ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ତେବେ ଅଧିକ ଇନର ୧୦ ସ୍କୋର କରିଥିବା କାରଣରୁ ରବିନ୍ ଫାଇନାଲରେ ପ୍ରବେଶ କରିଥିଲେ। ରବିନ୍ ୧୭ ଓ ସରବଜୋତ୍ ୧୬ଟି ଇନର୍ ୧୦ ସ୍କୋର କରିଥିଲେ। ଅନ୍ୟତମ ଭାରତୀୟ ଅର୍ଜୁନ ସିଂ ଚିମା ୫୭୨ ପଏଣ୍ଟ ସ୍କୋର କରିଥିଲେ। ସେ ୧୦ ପର୍ଫେକ୍ଟ ୧୦ ସ୍କୋର ସହ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ, ତେବେ ଖରାପ ପ୍ରଦର୍ଶନ କରିବା ସହ ୧୮ତମ ସ୍ଥାନରେ ରହିଥିଲେ।



୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଅବସରରେ ଭାରତର ମନୁ ଭାକର।



ପ୍ୟାରିସ୍ ଅଲିମ୍ପିକ୍ସର ରୋଇଂ ସିଙ୍ଗଲ ସ୍କଲରେ ଭାରତ ପାଇଁ ଆଶା ସଞ୍ଚାର କରିଥିବା ବଲରାଜ ପନୱର।

# ରୋଇଂ: ରିପିଚେଜ୍‌ରେ ବଲରାଜ ପନୱର

ପ୍ୟାରିସ୍,୨୭।୭(ପି.ଟି.)

ଭାରତୀୟ ରୋୟର ବଲରାଜ ପନୱର ରୋଇଂ ସିଙ୍ଗଲ୍ସ ସ୍କଲ ପ୍ରତିଯୋଗିତାର ରିପିଚେଜ୍ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୫ ବର୍ଷୀୟ ଆର୍ମି ମ୍ୟାନ୍ ବଲରାଜ ଚମତ୍କାର ପ୍ରଦର୍ଶନ କରି ହିଟ୍-୧ରେ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ୭:୦୭.୧୧ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ନ୍ୟୁଜିଲାଣ୍ଡର ଥୋମାସ୍ ମାକିନ୍‌ଟୋଶ ୬:୫୫.୯୨ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଫାନୋସ ଏନ୍‌ଟୋସ୍କୋସ (୭:୦୧.୭୯) ଓ ଆବଦେଲଖାଲେକ ଏଲବାନ୍ନା (୭:୦୫.୦୬) ସେକେଣ୍ଡର ଟାଇମିଂ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତ୍ୟେକ ହିଟରେ ପ୍ରଥମ ୩ ସ୍ଥାନରେ ଥିବା ଖେଳାଳି ସିଧାସଳଖ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ରିପିଚେଜ୍ ରାଉଣ୍ଡରେ ଭଲ ପ୍ରଦର୍ଶନ କଲେ ବଲରାଜଙ୍କ ନିକଟରେ ସେମି ଫାଇନାଲ ଅଥବା ଫାଇନାଲ ପ୍ରବେଶର ସୁଯୋଗ ରହିବ। ଉଲ୍ଲେଖଯୋଗ୍ୟ ଯେ, ବଲରାଜ ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏହା ବ୍ୟତୀତ କୋରିଆର ରେଗାଟାରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଅଲିମ୍ପିକ୍ସରେ ଖେଳିବା ଲାଗି ଆଙ୍ଗୁଠି କାଟିଦେଲେ

ସିଡ୍‌ନୀ, ୨୭।୭

ପ୍ୟାରିସ ଅଲିମ୍ପିକ୍ସରେ ଖେଳିବା ଲାଗି ଅଷ୍ଟ୍ରେଲିଆର ଜଣେ ଫିଲ୍ଡ ହକି ଖେଳାଳି ମ୍ୟାଟ୍ ଡସନ ତାଙ୍କର ଏକ ଆଙ୍ଗୁଠି କାଟିଦେବାକୁ ପଛାଇ ନାହାନ୍ତି। ଦୁଇ ସପ୍ତାହ ପୂର୍ବେ ପର୍ଥରେ ଟ୍ରେନିଂ ନେଉଥିବା ବେଳେ ତାଙ୍କ ଡାହାଣ ହାତର ଏକ ଆଙ୍ଗୁଠିରେ ଗଭୀର ଆଘାତ ଲାଗିଥିଲା। ଏଥିରୁ ଉପସମ ପାଇଁ ତାଙ୍କୁ କିଛି ମାସ ସମୟ ଲାଗିଥାନ୍ତା। ମାତ୍ର ତୃତୀୟ ଥର ଅଲିମ୍ପିକ୍ସରେ ଭାଗ ନେବା ଲାଗି ତାଙ୍କର ଏତେଟା ଆଗ୍ରହ ଥିଲା ଯେ ଏଥିଲାଗି ସବୁ ପ୍ରକାର ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ସେ ତୁରନ୍ତ ଜଣେ ପ୍ଲାଷ୍ଟିକ ସର୍ଜନଙ୍କ ସହ ପରାମର୍ଶ କରିଥିଲେ। ଡାକ୍ତର ଜଣକ ତାଙ୍କୁ କହିଥିଲେ ପ୍ଲାଷ୍ଟିକ ସର୍ଜରୀ ଚିକିତ୍ସା ପାଇଁ ବହୁ ଦିନ ଲାଗିବ। ଏହି ଚିକିତ୍ସାରେ ଆଙ୍ଗୁଠି ପୂର୍ବଭଳି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। କିନ୍ତୁ ଆଙ୍ଗୁଠିଟିକୁ କାଟି ବାହାର କରିଦେଲେ ୩୦ ବର୍ଷୀୟ ତାଙ୍କର ଆଘାତପ୍ରାପ୍ତ ୧୦ଦିନ ଭିତରେ ସେ ଖେଳିବାକୁ ସକ୍ଷମ ହୋଇ ପାରିବେ। ତାଙ୍କ ସ୍ତ୍ରୀ ତରବରିଆ ଭାବେ ଭାବ ପ୍ରବଣ ହୋଇ କୌଣସି ନିଷ୍ପତି ନ ନେବା ଲାଗି ଡସନଙ୍କୁ ସତର୍କ କରାଇ ଦେଇଥିଲେ। ଏହା ସତ୍ତ୍ୱେ ଅଷ୍ଟ୍ରେଲୀୟ ହକି ଖେଳାଳି ଜଣକ ଆଙ୍ଗୁଠିଟିକୁ କାଟି ବାହାର କରିଦେବା ଲାଗି ନିଷ୍ପତ୍ତି ନେଇଥିଲେ। ଡସନ ୧୬ ଦିନ ପୂର୍ବେ ଆଘାତପ୍ରାପ୍ତ ହୋଇଥିଲେ। ଏବେ ସେ ଫିଟ୍ ଅନୁଭବ କରୁଛନ୍ତି ଶନିବାର ଆର୍ଜେଣ୍ଟିନା ବିପକ୍ଷରେ ତାଙ୍କ ଦଳର ଓପନିଂ ମ୍ୟାଚରେ ସେ ଖେଳିବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆ ହକି ଅଧିନାୟକ ଆରାନ ଜାଲେସ୍କି କହିଛନ୍ତି ଡସନଙ୍କ ନିଷ୍ପତ୍ତି ଦଳର ସଦସ୍ୟମାନଙ୍କ ବ୍ୟଥିତ କରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ତାଙ୍କୁ ସମର୍ଥନ କରିଥିଲେ।



ମ୍ୟାଟ୍ ଡସନ

## ଭାରତର କାର୍ଯ୍ୟସୂଚୀ (ରବିବାର)

**ଶୁଟିଂ:** ୧୦ ମିଟର ଏୟାର ରାଇଫଲ ମହିଳା ଦଳ ଯୋଗ୍ୟତା ପର୍ଯ୍ୟାୟ(ସମୟ : ଅପରାହ୍ନ ୧୨.୪୫)
ଏଲାଭେନିଲ ଭାଲାରିଭାନ-ରମିତା ଜିନ୍ଦଲ
୧୦ ମିଟର ଏୟାର ରାଇଫଲ ପୁରୁଷ ଦଳ ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୨.୪୫)
ସନ୍ଦୀପ ସିଂ, ଅର୍ଜୁନ ବବୁତା
୧୦ ମିଟର ଏୟାର ପିସ୍ତଲ ମହିଳା ଫାଇନାଲ(ଅପରାହ୍ନ ୩.୩୦)
ମନୁ ଭାକର।
**ବ୍ୟାଡ୍‌ମିଣ୍ଟନ :** ମହିଳା ସିଙ୍ଗଲ୍ସ (ସମୟ: ଅପରାହ୍ନ ୧୨.୦୦)
ପି.ଭି. ସିନ୍ଧୁ ବନାମ ଫାଥିମାଥ୍ ନବାହ ଅବଦୁଲ ରଜାକ
ଏଚ୍. ଏସ୍. ପ୍ରଣୟ ବନାମ ଫାବିଆନ୍ ରୋଥ୍( ସମୟ ରାତି ୮.୦୦)
**ଟେବୁଲ ଟେନିସ୍ :** ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ
ଶ୍ରୀଜା ଆକୁଳା ବନାମ କ୍ରିଷ୍ଟିନା କାଲବର୍ଗ(ଅପରାହ୍ନ ୨.୧୫)
ଅଚନ୍ତା ଶରଥ କମଲ ବନାମ ଡେନି କୋଜୁଲ(ଅପରାହ୍ନ ୩.୦୦)
ମନିକା ବାତ୍ରା ବନାମ ଆନ୍ନା ହର୍ସେ(ଅପରାହ୍ନ ୪.୩୦)
**ବକ୍ସିଂ :** ୫୦ କିଗ୍ରା ମହିଳା ପ୍ରଥମ ରାଉଣ୍ଡ
ନିଖତ୍ ଜରିନ୍ ବନାମ ମାକ୍ସି କରିନା କ୍ଲୋଏଟଜର (ଅପରାହ୍ନ ୩.୫୦)
**ରୋଇଂ :** ପୁରୁଷ ସିଙ୍ଗଲ୍ସ ସ୍କଲ୍ସ(ରିପିଚେଜ୍-୨)
ବଲରାଜ ପନୱର(ସମୟ: ଅପରାହ୍ନ ୧.୧୮)
**ସନ୍ତରଣ :** ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍(ହିଟ୍-୨)
ଶ୍ରୀହରି ନଟରାଜ, ସମୟ: ଅପରାହ୍ନ ୩.୧୬
ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ(ହିଟ୍-୧)
ଧିନିଧି ଦେଶିଂଘୁ, ସମୟ: ଅପରାହ୍ନ ୩.୩୦
**ଆର୍ଚେରୀ :** ମହିଳା ଦଳ କ୍ୱାର୍ଟର ଫାଇନାଲ
ଅଙ୍କିତା ଭକତ, ଭଜନ କୌର ଓ ଦୀପିକା କୁମାରୀ,
ସମୟ: ଅପରାହ୍ନ ୫.୪୫




ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ସହିତ ପାର୍ଟନରଶିପ୍‌ର ଅଂଶବିଶେଷ ସ୍ୱରୂପ ପ୍ୟାରିସ୍‌ରେ ଶନିବାର ରିଲାଏନ୍ସ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଇଣ୍ଡିଆ ହାଉସ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ଉପସ୍ଥିତ ଅଛନ୍ତି ଆଇଓସି ସଦସ୍ୟା ତଥା ରିଲାଏନ୍ସ ଫାଉଣ୍ଡେଶନର ଚେୟାରପର୍ସନ ନୀତା ଅମ୍ବାନୀ, ଆଇଓସି ସଦସ୍ୟ ସର ମିଆଙ୍ଗ ଏନ୍‌ଜି, ଆଇଓଏ ସଭାପତି ପି.ଟି. ଉଷା, ଫ୍ରାନ୍ସରେ ଅବସ୍ଥାପିତ ଭାରତ ରାଷ୍ଟ୍ରଦୂତ ଜାୱେଦ ଅଶ୍ରଫ, ବିସିସିଆଇ ସମ୍ପାଦକ ଜୟ ଶାହା ଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ।





ପ୍ୟାରିସ୍ ଅଲିମ୍ପିକ୍ସର ଶନିବାର ଅନୁଷ୍ଠିତ ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ଚାଇନା(ବାମ) ଓ ଆମେରିକା ପ୍ରତିଯୋଗୀଙ୍କ ନିଆରା ସେଲିବ୍ରେଶନ।

# ଡାଇଭିଂରେ ଚାଇନାର ସ୍ୱର୍ଣ୍ଣ ଅଭିଯାନ ଆରମ୍ଭ

ସେଣ୍ଟ-ଡେନିସ (ଫ୍ରାନ୍ସ)

ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଚାଇନା କେବଳ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିନାହିଁ ବରଂ ପ୍ରଥମ ୨ଟି ଯାକ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିବାରେ ସକ୍ଷମ ହୋଇଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ପରେ ଅନୁଷ୍ଠିତ ଡାଇଭିଂ ଇଭେଣ୍ଟରେ ମଧ୍ୟ ଏହାର ପ୍ରତିଯୋଗୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅଲିମ୍ପିକ୍ସରେ ମୋଟ ୮ଟି ଡାଇଭିଂ ଇଭେଣ୍ଟ ଅନୁଷ୍ଠିତ ହେବ। ଚାଇନା ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡରେ ଚାମ୍ପିୟନ ହୋଇଥିବାରୁ ଅବଶିଷ୍ଟ ୭ଟି ଯାକ ଇଭେଣ୍ଟ ଜିତି କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଚାଙ୍ଗ ୟାନି ଓ ଚେନ୍ ୟିୱେନଙ୍କୁ ନେଇ ଗଠିତ ଚାଇନା ମହିଳା ଟିମ୍ ୫ ଡାଇଭରେ ୩୩୭.୬୮ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛି। ଅଲିମ୍ପିକ୍ସରେ ଚାଇନାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ଏହି ଇଭେଣ୍ଟରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ସାରା ବାକୋନ୍ ଓ କାସିଡି କୁକ୍‌ଙ୍କୁ ନେଇ ଗଠିତ ଆମେରିକା ଦଳ ୩୧୪.୬୪ ଓ ଜସ୍‌ମିନ ହାର୍ପର ଓ ସ୍କାର୍ଲେଟ ମେଉ ଜେନସେନଙ୍କୁ ନେଇ ବ୍ରିଟିଶ୍ ଟିମ୍ ୩୦୨.୨୮ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛି। ଚାଇନାର ଚାଙ୍ଗ ୟାନି ଓ ଚେନ୍ ୟିୱେନ ଗତ ୩ଟି ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଫଳରେ ଅଲିମ୍ପିକ୍ସ ଚାମ୍ପିୟନ ହେବାକୁ ଦୃଢ଼ ଦାବିଦାର ହୋଇଯାଇଥିଲେ। ଅଲିମ୍ପିକ୍ସରେ ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡ ଇଭେଣ୍ଟ ୨୦୦୦ ମସିହାରେ ଡେବ୍ୟୁ କରିଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଅନୁଷ୍ଠିତ ୭ ଗେମ୍ସ ମଧ୍ୟରୁ ୬ ଥର ଚାଇନା ପ୍ରତିଯୋଗୀମାନେ ହିଁ ସ୍ୱର୍ଣ୍ଣ ପଦକ ଜିତି ଆସୁଛନ୍ତି। କେବଳ ୨୦୦୦ରେ ରୁଷିଆ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୩ ବର୍ଷ ପୂର୍ବେ ଟୋକିଓ ଅଲିମ୍ପିକ୍ସରେ ଚାଇନାର ଶି ଟିଙ୍ଗମାଓ ଓ ୱାଙ୍ଗ୍ ହାନ୍ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୪ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଚାଇନା ପ୍ରଥମଥର ପାଇଁ ଡାଇଭିଂରୁ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହାପରେ ଡାଇଭିଂରେ ୬୪ ପଦକ ପାଇଁ ମୁକାବିଲା ହୋଇଥିବାବେଳେ ଚାଇନା ୪୭ଟିରେ ବାଜି ମାରିଛି। ଏହା ବ୍ୟତୀତ ୨୩ଟି ରୌପ୍ୟ ଓ ୧୦ଟି ବ୍ରୋଞ୍ଜ ପଦକ ମଧ୍ୟ ପାଇଛି।

# ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ପାଲେକେଲ୍,୨୭।୭(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ପାଲେକେଲରେ ଖେଳା ଯାଇଥିବା ବେଳେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି ନବନିଯୁକ୍ତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଶ୍ରୀଲଙ୍କା ୧୩ ଓଭରରେ ୧ ଉଇକେଟ ହରାଇ ୧୩୧ ରନ୍ କରିଛି। ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଏହା ଭାରତର ପ୍ରଥମ ମ୍ୟାଚ୍ ଅଟେ।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଶୁବମନ ଗିଲ୍ (୪୦) ଓ ଯଶସ୍ୱୀ ଜୟସ୍ୱାଲ(୩୪) ଓପନ କରି ପ୍ରଥମ ଉଇକେଟରେ ୭୪ ରନ୍ ଯୋଡ଼ିଥିଲେ। ଗିଲ୍ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିବା ବେଳେ ଜୟସ୍ୱାଲ ୨୧ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଉଭୟ ଖେଳାଳି ଲଗାତାର ବଲ୍‌ରେ ଆଉଟ ହେବା ସହ ଭାରତ ସଙ୍କଟରେ ପଡ଼ିଥିଲା। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ସହିତ ତୃତୀୟ ଉଇକେଟରେ ୭୬ ରନ୍ ଯୋଡ଼ିଥିଲେ। ମାତ୍ର ୨୬ ବଲ୍ ଖେଳି ସୂର୍ଯ୍ୟକୁମାର ୮ ଚୌକା ଓ ୨ ଛକା ସହ ୫୮ ରନ୍ କରିଥିଲା। ରିଷଭ ପନ୍ତ ଆରମ୍ଭରୁ ସାମାନ୍ୟ ଧୀମା ବ୍ୟାଟିଂ କରି ୩୩ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୪୯ ରନ୍ କରିଥିଲେ। ତେବେ ପରବର୍ତ୍ତୀ ୩ ବ୍ୟାଟର ହାର୍ଦ୍ଦିକ ପାଣ୍ଡ୍ୟା(୯), ରିୟାନ ପରାଗ(୭) ଓ ରିଙ୍କୁ ସିଂ(୧) ରନ୍‌ରେ ଆଉଟ ହେବା କାରଣରୁ ଭାରତ ୨୧୩/୭ରେ ସୀମିତ ରହିଥିଲା। ଶ୍ରୀଲଙ୍କା ପକ୍ଷରୁ ମଥିଷା ପଥିରାନା ଚମତ୍କାର ବୋଲିଂ କରି ୪୦ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିଲଶାନ ମଦୁଶନକା, ଆସିଥା ଫର୍ନାଣ୍ଡୋ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୧୩/୭ (ସୂର୍ଯ୍ୟକୁମାର ଯାଦବ-୫୮, ରିଷଭ ପନ୍ତ-୪୯, ଯଶସ୍ୱୀ ଜୟସ୍ୱାଲ-୪୦, ମଥିଶା ପଥିରାନା-୪/୪୦, ୱାନିନ୍ଦୁ ହସରଙ୍ଗା-୧/୨୮, ଦିଲଶାନ ମଦୁଶନକା-୧/୪୫)।

**ମହିଳା ଟି୨୦ ଏସିଆ କପ୍**

## ୮ମ ଟାଇଟଲ ଲକ୍ଷ୍ୟରେ ଭାରତ

ଦାମ୍ବୁଲା, ୨୭।୭ (ପି.ଟି.)

ମହିଳା ଟି୨୦ ଏସିଆ କପ୍ କ୍ରିକେଟ ଫାଇନାଲରେ ଭାରତ ରବିବାର ଆୟୋଜକ ଶ୍ରୀଲଙ୍କାକୁ ଭେଟିବ। ୭ଥର ଚାମ୍ପିୟନ ଭାରତ ଏହି ମ୍ୟାଚ ଜିତି ଟୁର୍ନାମେଣ୍ଟରେ ଏହାର ଆଧିପତ୍ୟ ବିସ୍ତାର କରିବାକୁ ଚାହିଁବ। ଏହି ମହାଦେଶୀୟ ଇଭେଣ୍ଟରେ ଭାରତ ଏଥର ପାକିସ୍ତାନକୁ ୭ଉଇକେଟରେ ହରାଇବା ସହ ୟୁଏଇ(୭୮ରନ), ନେପାଳ (୮୨ରନ) ଓ ବାଂଲାଦେଶ (୧୦ଉଇକେଟ)ରେ ହରାଇ ସାରିଛି। ଟୁର୍ନାମେଣ୍ଟରେ ଭାରତର ଟପ୍ ଅର୍ଡର ଓ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଓପନର ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ୧୪୦ରୁ ଅଧିକ ଷ୍ଟ୍ରାଇକ ରେଟ୍ ସହ ୧୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। ବିଶେଷ କରି ଦୀପ୍ତି ଶର୍ମା ଓ ରେଣୁକା ସିଂ ଯେପରି ଭାବେ ବୋଲିଂ କରୁଛନ୍ତି ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଖୁସି ଅଛନ୍ତି। ଦୀପ୍ତି ଇଭେଣ୍ଟରେ ୯ ଉଇକେଟ ସହ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ରହିଛନ୍ତି। ରେଣୁକା ୭ ଉଇକେଟ ସହ ତାଲିକାର ୭ମ ସ୍ଥାନରେ ଅଛନ୍ତି। ଉଭୟ ବୋଲରଙ୍କ ଇକୋନୋମି ରେଟ୍ ଅତି ଚମତ୍କାର ରହିଛି।

## କାଜାଖସ୍ତାନକୁ ପ୍ରଥମ ପଦକ


ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ପଦକ ଜିତିଛି କାଜାଖସ୍ତାନ। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ କାଜାଖସ୍ତାନର ଆଲେକଜାଣ୍ଡ୍ରା ଲୀ ଓ ଇସଲାମ ସତପେଭ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି।

## ଭାରତ ବିପକ୍ଷ ମ୍ୟାଚରେ ରିବୋଲଙ୍କ ସ୍ଥାନରେ ମନଫିଲ୍ସ

ପ୍ୟାରିସ୍, ୨୭।୭ (ପି.ଟି.)

ଭାରତର ରୋହନ ବୋପାନ୍ନା ଓ ଏନ୍. ଶ୍ରୀରାମ ବାଲାଜୀଙ୍କ ବିପକ୍ଷ ପୁରୁଷ ଡବଲ୍ସ ମ୍ୟାଚରେ ଫାବିଏନ ରିବୋଲଙ୍କ ସ୍ଥାନରେ ଏଡୁଓ୍ୱାର୍ଡ ରୋଜର-ଭେସ୍‌ଲିନଙ୍କ ପାର୍ଟନର ହୋଇ ଖେଳିବେ ଗେଲ୍ ମନଫିଲ୍ସ। ରିବୋଲ ଶନିବାର ଇଞ୍ଜୁରୀ ଯୋଗୁ ମ୍ୟାଚରୁ ଓହରିଯାଇଥିଲେ। ସୂଚନାଯୋଗ୍ୟ, ବୋପାନ୍ନା ପୂର୍ବରୁ ଫ୍ରେଞ୍ଚ ଯୋଡ଼ି ରିବୋଲ ଓ ରୋଜର-ଭେସ୍‌ଲିନଙ୍କ ପାଇଁ ତାଙ୍କ ରଣକୌଶଳ ପ୍ରସ୍ତୁତ କରିଥିଲେ। ଶେଷ ମୁହୂର୍ତ୍ତରେ ମନଫିଲ୍ସଙ୍କ ପ୍ରବେଶ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ସୂଚନାଯୋଗ୍ୟ, ବିଶ୍ୱର ୩୦ ନମ୍ବର ମାନ୍ୟତାପ୍ରାପ୍ତ ମନଫିଲ୍ସ ୱିମ୍ବେଲଡନ ତୃତୀୟ ରାଉଣ୍ଡରେ ପ୍ରବେଶ କରି ଗ୍ରିଗୋର ଦିମିତ୍ରିଭଙ୍କଠାରୁ ହାରିଯାଇଥିଲେ। ୩ୟ ରାଉଣ୍ଡ ପଥରେ ଏହି ୩୭ ବର୍ଷୀୟ ଷ୍ଟାଇଲିଶ ଶଟ୍ ମେକର ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କାଙ୍କୁ ହରାଇ ଦେଇଥିଲେ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨ | ୦ | ୦ | ୨ |
| ବେଲଜିୟମ | ୧ | ୦ | ୧ | ୨ |
| ଅଷ୍ଟ୍ରେଲିଆ | ୧ | ୦ | ୦ | ୧ |
| ଜାପାନ | ୧ | ୦ | ୦ | ୧ |
| ବ୍ରିଟେନ | ୦ | ୧ | ୧ | ୨ |
| ଆମେରିକା | ୦ | ୧ | ୧ | ୨ |
| ଇଟାଲୀ | ୦ | ୧ | ୦ | ୧ |
| ଦ.କୋରିଆ | ୦ | ୧ | ୦ | ୧ |
| ମଙ୍ଗୋଲିଆ | ୦ | ୧ | ୦ | ୧ |
| ଫ୍ରାନ୍ସ | ୦ | ୦ | ୧ | ୧ |
| କାଜାଖସ୍ତାନ | ୦ | ୦ | ୧ | ୧ |
| ସ୍ୱିଡେନ | ୦ | ୦ | ୧ | ୧ |

(ରାତି ୧୦ଟା ସୁଦ୍ଧା)

## ଅଭିଜ୍ଞତା ହାସଲ କରି ଫେରିଲେ ଆର୍ଯ୍ୟନ

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ରାଜ୍ୟର ପ୍ରତିଭାସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ଆଉ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭୁବନେଶ୍ୱର ଫେରିଛନ୍ତି। ଗତ ୧୩ରୁ ୨୬ ପର୍ଯ୍ୟନ୍ତ ଜୋର୍ଡାନର ଅମାନଠାରେ ଅନୁଷ୍ଠିତ ଏସୀୟ ଜୁନିୟର ବାଳକ ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତାରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଅଭିଜ୍ଞତା ହାସଲ କରିଛନ୍ତି। ଜୁନିୟର ସ୍ତରରେ ଆର୍ଯ୍ୟନଙ୍କ ଏହା ଅନ୍ତର୍ଜାତୀୟ ପ୍ରତିଯୋଗିତା। ଏଣିକି ତାଙ୍କୁ ସିନିୟର ବର୍ଗରେ ଭାଗନେବାକୁ ପଡ଼ିବ। ତେଣୁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ଆର୍ଯ୍ୟନ ପ୍ରକାଶ କରିଛନ୍ତି। ଗତ ମେ ମାସରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସୀୟ ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଭୁବନେଶ୍ୱର ବିମାନବନ୍ଦରରେ ଆର୍ଯ୍ୟନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡ୍‌ବଲ ସଂଘର ସାଧାରଣ ସମ୍ପାଦକ ମାନସ କୁମାର ସିଂ ଓ କ୍ରୀଡ଼ାପ୍ରେମୀ ସ୍ୱାଗତ କରିଥିଲେ।


ଅଲିମ୍ପିକ୍ସର ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରଥମ ରାଉଣ୍ଡ ଅବସରରେ ଲକ୍ଷ୍ୟ ସେନ୍।

## ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡରେ

### ରାଉଣ୍ଡ ଅଫ୍ ୬୪ରେ ହରମିତ୍

ପ୍ୟାରିସ୍,୨୭।୭(ପି.ଟି.)

ପ୍ୟାରିସ୍ ୨୦୨୪ରେ ଭାରତୀୟ ବ୍ୟାଡମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଗୁଆଟେମାଲାର କେଭିନ୍ କର୍ଡନଙ୍କୁ ୨୧-୮ ଓ ୨୨-୨୦ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌କୁ ସହଜରେ ଜିତିବା ପରେ ଦ୍ୱିତୀୟ ସେଟ୍ ୨୦-୨୦ ସ୍ଥିତିରେ ରହିଥିଲା। ତେବେ ଅଭିଜ୍ଞତାର ଫାଇଦା ଉଠାଇ ଲକ୍ଷ୍ୟ ୨୨-୨୦ରେ ବିଜୟୀ ହୋଇଥିଲେ। ଟେବୁଲ ଟେନିସ୍‌ରେ ଭାରତର ହରମିତ୍ ସିଂ ବିଜୟରୁ ଅଭିଯାନ ଆରମ୍ଭ କରି ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଛନ୍ତି। ଜୋର୍ଡାନର ଜାଦ ଅମନଙ୍କୁ ଭେଟିଥିବା ହରମିତ୍ ୪-୦ରେ ବିଜୟୀ ହୋଇଥିଲେ। ୧୧-୭, ୧୧-୯, ୧୧-୫ ଓ ୧୧-୫ରେ ଏକ ପାଖିଆ ଭାବରେ ସେ ଜିତି ନେଇଥିଲେ। ପରବର୍ତ୍ତୀ ରାଉଣ୍ଡରେ ଫ୍ରାନ୍ସର ଫେଲିକ୍ସ ଲେବ୍ରନଙ୍କୁ ଭେଟିବେ ହରମିତ୍।

## ନିନୋଙ୍କ ବିରଳ ରେକର୍ଡ

### ୧୦ଥର ମହିଳା ଅଲିମ୍ପିଆନ



ଚାଟେରକ୍ସ (ଫ୍ରାନ୍ସ), ୨୭।୭ (ଏପି)

ଦଶ ଥର ଅଲିମ୍ପିକ ଗେମ୍ସରେ ଅଂଶଗ୍ରହଣ କରିବାରେ ଜର୍ଜିଆନ ଶୁଟର ନିନୋ ସାଲୁକଭେଜ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ସେ ପ୍ରଥମେ ଅବିଭାଜିତ ସୋଭିଏଟ୍ ୟୁନିୟନ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୫୫ବର୍ଷୀୟା ସାଲୁକ୍‌ଭେଜ୍ ୧୯୮୮ରୁ ପ୍ରତିଟି ଗ୍ରୀଷ୍ମ ଅଲିମ୍ପିକ୍ସରେ ଭାଗ ନେଇ ଆସୁଛନ୍ତି। ୧୯ ବର୍ଷ ବୟସରେ ସୋଭିଏଟ୍ ୟୁନିୟନ ତରଫରୁ ଭାଗ ନେଇ ସେ ସ୍ୱର୍ଣ୍ଣ ଜିତିଥିଲେ। ଶନିବାର ମହିଳା ୧୦ ମିଟର ଏୟାର ପିସ୍ତଲ କ୍ୱାଲିଫିକେଶନ ପାଇଁ ଶୁଟିଂ ରେଞ୍ଜରେ ଅବତୀର୍ଣ୍ଣ ହୋଇ ସେ ନୂଆ ରେକର୍ଡ କରିଛନ୍ତି। ସାଲୁକ୍‌ଭେଜ୍ ୩୮ତମ ସ୍ଥାନରେ ରହିବାରୁ ରବିବାରର ଫାଇନାଲକୁ ସେ ଉନ୍ନୀତ ହୋଇପାରି ନ ଥିଲେ। ସାଲୁକ୍‌ଭେଜ ତାଙ୍କ ୫ ଦଶନ୍ଧି ବିଶିଷ୍ଟ କ୍ୟାରିୟରରେ ତିନୋଟି ପୃଥକ ଅଲିମ୍ପିକ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ପ୍ରଥମେ ୧୯୯୮ରେ ସୋଭିଏଟ୍ ୟୁନିୟନ ଏବଂ ପରେ ସୋଭିଏଟ୍ ୟୁନିୟନର ବିପର୍ଯ୍ୟୟ ପରେ ୧୯୯୨ରେ ବାର୍ସିଲୋନାରେ ପୂର୍ବତନ ସୋଭିଏଟ୍ ଆଥ୍‌ଲେଟମାନଙ୍କୁ ନେଇ ଗଠିତ ୟୁନିଫାଇଡ୍ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଜର୍ଜିଆ ସ୍ୱାଧୀନ ହେବାପରଠାରୁ ସେ ଗ୍ରୀଷ୍ମ ଅଲିମ୍ପିକ୍ସରେ ନିଜ ଦେଶ ତରଫରୁ ଗତ ୮ଥର ହେଲା ଭାଗ ନେଇ ଆସୁଛନ୍ତି।

# ଓଡ଼ିଶା ରାଜ୍ୟ ସିନିୟର ଫିଡେରେଟିଂ ଚେସ୍ ଉଦ୍‌ଘାଟିତ

ଢେଙ୍କାନାଳ,୨୭।୭ (ରତନ ନାୟାର)

୬୪ତମ ଓଡ଼ିଶା ରାଜ୍ୟ ବରିଷ୍ଠ ଫିଡେରେଟିଂ ଓପନ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ସହରସ୍ଥିତ ମହିଷାପାଟ ନିକଟ ହୋଟେଲ ନିରୁପମା ପରିସରେ ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ଜିଲା ଚେସ୍

### ପ୍ରତିଯୋଗିତାରେ ସାମିଲ ହେଲେ ୧୨୨ ପ୍ରତିଯୋଗୀ

ଆସୋସିଏଶନ ପକ୍ଷରୁ ରାଜ୍ୟ ଚେସ୍ ଆସୋସିଏଶନ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଶନିବାର ମଧ୍ୟାହ୍ନ ୧୨ଟାରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଡା. ଅବିନାଶ ସାମଲ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଢେଙ୍କାନାଳରେ କିପରି ଆଗାମୀ ଦିନରେ ପ୍ରତିଭାବାନ ଖେଳାଳି ସୃଷ୍ଟି ହୋଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବେ, ସେଥିପାଇଁ ଏଭଳି ଚେସ୍ ପ୍ରତିଯୋଗିତା ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ହେବ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଚେସ୍ ଖେଳାଳି ସ୍ୱୟଂଶୁ ସତ୍ୟପ୍ରଜ୍ଞ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଚେସ୍ ଆସୋସିଏଶନର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ସନ୍ଦୀପ ସାମନ୍ତରାୟ ଉପସ୍ଥିତ ଥିଲେ। ରାଜ୍ୟ ଏବଂ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ । ସନ୍ଦିପ ଷଡଙ୍ଗୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୧୨୨ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭୬ଜଣ ରେଟିଂ ମାନ୍ୟତା ପ୍ରତିଯୋଗୀ। ରାଜ୍ୟର ୨୦ଟି ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ବେଳେ ଢେଙ୍କାନାଳ ଜିଲାରୁ ୩୫ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରଥମ ରାଉଣ୍ଡରେ ଟପ୍ ସିଡ୍‌ରେ କୌସ୍ତୁଭ ଦାସ ଅଛନ୍ତି। ପ୍ରଥମ ରାଉଣ୍ଡ ଶେଷରେ କୌସ୍ତୁଭ ଦାସ ପ୍ରଥମ, ହରସିତ୍ ରଞ୍ଜନ ସାହୁ ଦ୍ୱିତୀୟ ଓ ଜ୍ୟୋସ୍ନାଭ ତାଲୁକଦାର ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ୯ ରାଉଣ୍ଡ ଖେଳ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରୁ ମନୋନୀତ ପ୍ରଥମ ୪ଜଣ ପ୍ରତିଯୋଗୀ ହରିୟାଣାଠାରେ ଆୟୋଜିତ ଜାତୀୟ ଚେସ୍ ପ୍ରତିଯୋଗିତାରେ ଭାଗ ନେବେ। ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଜିଲା ଚେସ୍ ସଂଘ କର୍ମକର୍ତ୍ତା ସାଗରିକା ମିଶ୍ର, ପ୍ରିୟଦର୍ଶିନୀ ପଟ୍ଟନାୟକ, ନିର୍ମଳ ନନ୍ଦ, ଅଶୋକ ମିଶ୍ର, ସୁଶାନ୍ତ ଦାସ, ରାଜେନ୍ଦ୍ର ସାମଲ, ସମୀର ମହମ୍ମଦ, ପ୍ରିୟଙ୍କା ରାଉତ, ସ୍ୱର୍ଣ୍ଣଲତା ମିଶ୍ର, ସ୍ମିତାରାଣୀ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ପ୍ରଥମ ଦିବସରେ ପ୍ରତିଯୋଗୀମାନେ ଖେଳରେ ମଗ୍ନ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ